
# ଅନ୍ୟର ଆଇନାରେ

ସହଦେବ ସାହୁ



# ଅନ୍ୟର ଆଇନାରେ

(ପ୍ରଥମ ଭାଗ)

ଶ୍ରୀ ସହଦେବ ସାହୁ

ଓଡ଼ିଶା ବୁକ୍ ଷ୍ଟୋର

ଅନ୍ୟର ଆଇନାରେ (ପ୍ରାସଙ୍ଗିକ ପ୍ରବନ୍ଧ)
(ପ୍ରଥମ ଭାଗ)

ଲେଖକ
ଶ୍ରୀ ସହଦେବ ସାହୁ, ଆଇ.ଏ.ଏସ୍

ପ୍ରକାଶକ
ଶ୍ରୀ ବିଜୟ ଶଙ୍କର ପାତ୍ର
**ଓଡ଼ିଶା ବୁକ୍ ଷ୍ଟୋର**
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ : ଡିସେମ୍ବର, ୧୯୯୮

ପ୍ରଚ୍ଛଦ : ବିଜୟ ପ୍ରଧାନ

ଲେଜରଟାଇପ୍ : ଷ୍ଟାମ୍ପସ୍ ଏଣ୍ଡ ଷ୍ଟାମ୍ପସ୍,
ଡି-୩, ବି.ଜେ.ବି. ନଗର, ଭୁବନେଶ୍ୱର-୧୪

ମୁଦ୍ରଣ
ମଜ୍‌ଦୁର ପ୍ରିଣ୍ଟର୍ସ, କଟକ-୨

ପ୍ରତିଷ୍ଠାତା ପ୍ରକାଶକ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
*ଓଡ଼ିଶା ବୁକ୍ ଷ୍ଟୋର*
ସ୍ଥାପିତ-୧୯୫୯

**ANYAR AINARE**
( In The Mirror of Others )
A Collection of Essays on
International Politics

BY
**Sri Sahadeva Sahoo**, I. A.S

Published by
**Sri Bijoy Shankar Patra**
ORISSA BOOK STORE
Binode Behari
Cuttack-753 002

1st Edition-**1998**

PRICE : Rs. **40/-**
ISBN 81-7400-254-5

# ମୁଖବନ୍ଧ

ମୁଖବନ୍ଧ ନ କହି ମୁଖବନ୍ଦ କହିବାର କାରଣ ଜାଣିବାକୁ ଚାହାନ୍ତି ? ଶୁଣନ୍ତୁ !

ରାଜନୈତିକ କାରବାରରେ ଦଳର ନେତାମାନେ କିପରି ଅନୈତିକ ଓ ଅଗଣତାନ୍ତ୍ରିକ ବ୍ୟବହାର କରୁଛନ୍ତି, ଲୁଟାଛପା ପାଣ୍ଠି ସଂଗ୍ରହ କରି ନିଜର ଚରିତ୍ରକୁ ବଳି ଦେଇ ଜାତିର ଚରିତ୍ରକୁ ନିମ୍ନସ୍ତରକୁ ଟାଣି ନେଉଛନ୍ତି, ରାଷ୍ଟ୍ରର ସେବା ଆତ୍ମସେବାଠାରୁ ନ୍ୟୁନ ହୋଇ ପଡିଛି, ତହିଁର କେତୋଟି ବିଦେଶୀ ନଜିର ଦେବା ଏ ପୁସ୍ତକର ଉଦ୍ଦେଶ୍ୟ । ପୁସ୍ତକର ଲେଖାଗୁଡିକ ଦୈନିକ ଧରିତ୍ରୀ ସମ୍ବାଦପତ୍ରରେ ଏକ ପାକ୍ଷିକ ସ୍ତମ୍ଭ *ଆନ୍ତର୍ଜାତୀୟ ଦର୍ପଣ* ରେ ପ୍ରକାଶିତ ହୋଇସାରିଛି । ସିଧାସଳଖ ଆକ୍ରମଣ ନ କରି ବିଦେଶୀ ଉଦାହରଣ ଦେଲେ ଭାରତୀୟ ରାଜନୀତିରେ କ୍ରମବର୍ଦ୍ଧିଷ୍ଣୁ ବିକାରକୁ ପୂରାପୂରି ପଦାରେ ପକାଇ ହେବ କି ବୋଲି କେତେକ ପାଠକବନ୍ଧୁ ମୋତେ ପଚାରିଥିଲେ । ଆମ ଦେଶର ପ୍ରକୃତ ଘଟଣା ଉଲ୍ଲେଖ ନ କରି ଆନ୍ତର୍ଜାତୀୟ କ୍ଷେତ୍ରରେ କ'ଣ ଘଟୁଛି, ତାହାରି ତାଞ୍ଚାରେ ଆମ ଭିତରର ରାଜନୈତିକ ପଟ୍ଟଭୂମିକୁ କି ଭଳି ମପାଯାଇପାରେ ତାକୁ ଅନୁଶୀଳନ କରିବା *ଆନ୍ତର୍ଜାତୀୟ ଦର୍ପଣ* ସ୍ତମ୍ଭର ଉଦ୍ଦେଶ୍ୟ । ସେମାନଙ୍କ ଦର୍ପଣରେ ଆମେ ଆମର ଛବି ଦେଖିଲେ ଆମର ଆବିଳତାର ପରିମାଣ କଳନା କରିପାରିବା । ଆମ ଦେଶର ଘଟଣାଗୁଡିକୁ ଉଦାହରଣ ରୂପେ ସିଧାସଳଖ ଉଠାଇଲେ କେଜାଣି କେତେ ନେତାଙ୍କ ଶରବ୍ୟ ହୋଇ ପଡିବା, କେଜାଣି କେତେ ମାନହାନି ମକଦ୍ଦମାରେ ପଡିଯିବା, ଏପରିକି ଅଦାଲତ ଅବମାନନା ମାମଲାରେ ଜଡିତ ହୋଇଯିବା – ଆଦିର ସମ୍ଭାବନା ରହିଛି । ନେତାମାନଙ୍କ ଅସହିଷ୍ଣୁତା କେତେ ଦୂର ଅତ୍ୟାଚାରୀ ହୋଇପାରେ, ବହିଟିର ବେଶି ଭିତରକୁ ନ ଯାଇ *ଗଣତନ୍ତ୍ର ଓ ଖବରକାଗଜର କଷ୍ଟ* ଅଧ୍ୟାୟଟି ପଢନ୍ତୁ, ଜାଣିପାରିବେ ନେତାମାନେ କିପରି କଳାକୁ ଧଳା କରିପାରନ୍ତି ଏବଂ ସମାଲୋଚକ ଲାଗି ସମାଲୋଚନା କରିବାର ମୂଲ୍ୟ କେତେ ହୋଇପାରେ (ତାକୁ ନିଶ୍ଚିହ୍ନ କରାଯାଇ ପାରେ, ସେ ଆଶଙ୍କାକୁ ଭୁଲିଗଲେ ବି) ! ସମାଲୋଚନାକୁ ସହ୍ୟ ନ କରିବା ଗୁଣ ଏକ ଭାରତୀୟ ଦୋଷ ନୁହେଁ, ଏ ହେଉଛି ଏସୀୟ ଚରିତ୍ର । ତେଣୁ ବିଦେଶରେ ଘଟୁଥିବା ଘଟଣାପ୍ରବାହକୁ କିଞ୍ଚିତ୍ ବର୍ଣ୍ଣନା କରି ସେ ଦେଶମାନଙ୍କର ରାଜନୈତିକ ବ୍ୟବହାରରେ ଆମ ଦେଶର ଦୋଷ-ତ୍ରୁଟିକୁ ତଉଲିବାରେ ପାଠକମାନଙ୍କୁ ସାହାଯ୍ୟ କରିବା ଲାଗି ବହିର ନାମ ଏପରି ରଖାଯାଇଛି *ଅନ୍ୟର ଆଇନାରେ* ।

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧. | ଆମେ କଣ ଗଣତନ୍ତ୍ର ପାଇଁ ଯୋଗ୍ୟ ନୋହୁଁ ? | ୧ |
| ୨. | ଗଣତନ୍ତ୍ର ଓ ଖବରକାଗଜର କଣ୍ଠ | ୭ |
| ୩. | ନିର୍ବାଚନ ଖର୍ଚ୍ଚର ନିୟନ୍ତ୍ରଣ | ୧୧ |
| ୪. | ଆମେରିକାରେ ରାଜନୀତି ଏକ ଶିଳ୍ପ | ୧୪ |
| ୫. | ସବୁ ପଲିଟିସିଆନ୍ ସମାନ, ବିଲାତୀ ହେଲେ କଣ ହେଲା ? | ୧୮ |
| ୬. | ଗଣତନ୍ତ୍ରରେ ରାଜନୈତିକ ସମ୍ପର୍କ ହିଁ କୋଟିପତିମାନଙ୍କ ପୁଞ୍ଜି | ୨୦ |
| ୭. | ସରକାରର ଭୂମିକା ସମ୍ପର୍କରେ ମାର୍କିନ ବାଦାନୁବାଦ | ୨୩ |
| ୭. | ପ୍ରଶାସନିକ ଦୃଢ଼ତା ହିଁ ଆଇନଶୃଙ୍ଖଳା ରକ୍ଷାକରେ | ୨୯ |
| ୮. | ଅଫିସରମାନେ ପୁରୁଣାକାଳିଆ ହୋଇପଡୁଛନ୍ତି | ୩୪ |
| ୯. | ବିଦେଶୀ କମ୍ପାନୀର ବିଜୁଳି ଯୋଗାଣ | ୩୭ |
| ୧୦. | ବିଦ୍ୟୁତ ବୋର୍ଡ, ବିଦେଶୀ ପୁଞ୍ଜି ଓ ରାଜ୍ୟ ଯୋଜନା ! | ୪୨ |
| ୧୧. | ୱାଶିଂଟନ ଡି.ସି. ଏବଂ ନଗରାଞ୍ଚଳ ସମସ୍ୟା | ୪୭ |
| ୧୨. | କୋଆଲିସନ ସରକାର | ୫୩ |
| ୧୩. | ବାପାମାନଙ୍କ କାମନିଶା ପିଲାଙ୍କୁ ବାଳୁଙ୍ଗା କରେ | ୫୮ |
| ୧୪. | ଆମେରିକୀୟ ଦାଦାଗିରି | ୬୧ |
| ୧୫. | କୋରିଆର ନିର୍ବାଚନ ଓ ଲାଞ୍ଚ | ୬୫ |
| ୧୬. | ରାଜନୀତିର ଗ୍ଲାନି ଓ ଭୋଟରଙ୍କ ନିଷ୍କ୍ରିୟତା | ୬୮ |
| ୧୭. | ନିର୍ବାଚନ ରଣରେ ବିଜୟ ଲାଗି ଆଞ୍ଚଳିକ ମନୋଭାବ ଦରକାର ନାହିଁ | ୭୩ |
| ୧୮. | ଘରୋଇ ପୁଞ୍ଜି ଲଗାଣରେ ବି ଦାରିଦ୍ର୍ୟ ଦୂରୀକରଣ ସମ୍ଭବ | ୭୯ |
| ୧୯. | ପ୍ରାକୃତିକ ସମ୍ପଦ ସତ୍ତ୍ୱେ ଦାରିଦ୍ର୍ୟ କାହିଁକି ? | ୮୫ |
| ୨୦. | ବିଶ୍ୱ ବ୍ୟାଙ୍କର ଋଣ ନୀତିରେ ଭ୍ରଷ୍ଟାଚାର ବିରୋଧି ସର୍ତ୍ତ ରହିବ ! | ୯୨ |
| ୨୧. | ବିଶ୍ୱ ବ୍ୟାଙ୍କର ନାଲିଫିତା : କୋଉ କମ୍ ଅମଲାତାନ୍ତ୍ରିକ କି ? | ୯୬ |
| ୨୨. | ପରିବେଶ ଶୁଦ୍ଧିକରଣ : ଆବର୍ଜନାର ଓ ରାଜନୀତିର | ୯୯ |
| ୨୩. | ବିଦେଶୀ କମ୍ପାନୀଙ୍କ ଆଖିରେ ଆମ ଲୋକ ଦ୍ୱିତୀୟ ଶ୍ରେଣୀ ନାଗରିକ | ୧୦୨ |
| ୨୪. | ଘରୋଇକରଣ ଧିମେଇ ଯାଉଛି କି ? | ୧୦୬ |
| ୨୫. | ସବୁ ଉପହାର ଯଦି ପ୍ରଦର୍ଶିତ ହୁଅନ୍ତା | ୧୦୯ |
| ୨୬. | ବାଙ୍ଗଲାଦେଶର କାମ ବି ଅନୁକରଣୀୟ | ୧୧୨ |
| ୨୭. | ମାର୍କିନ ନ୍ୟାୟ : ଗୋଟିଏ ଅପରାଧର ଦୁଇଥର ବିଚାର | ୧୧୫ |
| ୨୮. | ଆମେରିକାରେ ନ୍ୟାୟାଳୟର ପ୍ରଭୁତ୍ୱ (ଜୁଡିସିଆଲ ଆକ୍ଟିଭିଜିମ୍ ) | ୧୧୯ |

# ଆମେ କଣ ଗଣତନ୍ତ୍ର ପାଇଁ ଯୋଗ୍ୟ ନୋହୁଁ ?

ଦକ୍ଷିଣ କୋରିଆରେ ଦୁଇ ଦୁଇ ଜଣ ପୂର୍ବତନ ରାଷ୍ଟ୍ରମୁଖ୍ୟ ଭ୍ରଷ୍ଟାଚାର ଲାଗି କଡା ଦଣ୍ଡ ପାଇଲେ, ଭାରତରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଏବଂ କାବିନେଟ୍ ପାହ୍ୟାର କେତେକ ପୂର୍ବତନ ମନ୍ତ୍ରୀ ଗୁରୁତର ଭ୍ରଷ୍ଟାଚାର ଅଭିଯୋଗରେ ଏ ଯାବତ୍ କୌଣସି ଦଣ୍ଡ ପାଇନାହାନ୍ତି । ଅବଶ୍ୟ ଅଦାଲତର ସମ୍ମୁଖିନ ହୋଇଛନ୍ତି । ଶ୍ରୀମତୀ ବେନଜିର୍ ଭୁଟ୍ଟୋଙ୍କୁ ତଡି ପାକିସ୍ଥାନରେ ଯେଉଁ ଅନ୍ତର୍ବର୍ତ୍ତୀ ସରକାର ଗଢା ହୋଇଥିଲା ତହିଁରେ ଭ୍ରଷ୍ଟାଚାର ବିରୋଧର ଉପଦେଷ୍ଟା ଭାବେ କାମ କରୁଥିବା ନଜମ ସେଠୀ ରାଷ୍ଟ୍ରପତି ଲେଘାରୀଙ୍କ କାବିନେଟ୍‌ର ନିଷ୍ପତ୍ତିକୁ ଉଦ୍ଧାର କରି କହିଥିଲେ, ଶ୍ରୀମତୀ ବେନଜିର୍ ଭୁଟ୍ଟୋ ୧୩୬ ଦିନରେ ୫୦ଟି ଦେଶ ଗସ୍ତ କରି ପ୍ରାୟ ୩୩ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି, ଏଥିରୁ ପାକିସ୍ଥାନର ପଇସାଟାଏ ବି ଲାଭ ହୋଇନାହିଁ । ପୃଥିବୀରେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ପାକିସ୍ଥାନ ଦ୍ୱିତୀୟ ସ୍ଥାନ ପାଇବା ଏ ଭଳି ରାଜନୈତିକ ନେତାଙ୍କ ଯୋଗୁ ସମ୍ଭବ ହୋଇଛି । ଆକାଶଛୁଆଁ ଭ୍ରଷ୍ଟାଚାର ଅଭିଯୋଗରେ ରାଷ୍ଟ୍ରପତି ଲେଘାରୀ ଶ୍ରୀମତୀ ବେନଜିର୍ ଭୁଟ୍ଟୋଙ୍କ ସରକାରକୁ ବହିଷ୍କାର କରିଥିଲେ; ଶ୍ରୀମତୀ ଭୁଟ୍ଟୋ ଏହା ବିରୋଧରେ ପାକିସ୍ଥାନର ସୁପ୍ରିମ୍ କୋର୍ଟର ଦ୍ୱାରସ୍ଥ ହେଲେ । ଶ୍ରୀମତୀ ଭୁଟ୍ଟୋଙ୍କ ଅର୍ଜିର ଉତ୍ତରରେ ରାଷ୍ଟ୍ରପତି ଲେଘାରୀ ସୁପ୍ରିମ୍ କୋର୍ଟରେ ୨୦୨ ପୃଷ୍ଠାର ଏକ ରିପୋର୍ଟ ପେଶ୍ କରି ଶ୍ରୀମତୀ ଭୁଟ୍ଟୋଙ୍କ ବିଭିନ୍ନ ପ୍ରକାରର ଦୁର୍ନୀତିର ଉଲ୍ଲେଖ କରିଥିଲେ ।

ଏପରି ଅନେକ ଉଦାହରଣ ଏସୀୟ ଦେଶମାନଙ୍କରେ ମିଳେ । କେବଳ ଭ୍ରଷ୍ଟାଚାର ନୁହେଁ, ଜାତିଗତ ଦଙ୍ଗା ବି ବହୁତ । ଆଫ୍ରିକାର ଦେଶମାନଙ୍କ କଥା ନ କହିଲେ ଭଲ । ବୁରୁଣ୍ଡି ଓ ରୁଆଣ୍ଡାରେ ହୁଟୁ ତଥା ଟୁଟ୍‌ସି ମାନଙ୍କ ମଧ୍ୟରେ ଜାତିଗତ ଦଙ୍ଗା ଲାଗିଛି; ଗଣତନ୍ତ୍ର ନାମରେ ଶାସକ ଗୋଷ୍ଠୀ ଗୋଟିଏ ଗୋଟିଏ ଜାତିର ଗଣହତ୍ୟା କରିବାରେ ଲାଗିଛନ୍ତି । ଆଲ୍‌ଜେରିଆରେ ମୁସଲମାନ୍ ମୌଳବାଦୀ ଓ ଧର୍ମନିରପେକ୍ଷ ଶାସକଗୋଷ୍ଠୀ ମଧ୍ୟରେ ଗୃହଯୁଦ୍ଧ । ସୋମାଲିଆ ଓ ଲାଇବେରିଆରେ ଗୋଷ୍ଠୀ ବିବାଦ ଲାଗି ରହିଛି । ଲୋକ ପ୍ରତିନିଧିମାନେ ବହୁ ସମୟରେ, ବିଶେଷତଃ ନିର୍ବାଚନ ପ୍ରଚାର ସମୟରେ, ଗୋଷ୍ଠୀ ବା


ଜାତି କନ୍ଦଳରେ ମାତନ୍ତି । ଆମ ଦେଶରେ ଧର୍ମନିରପେକ୍ଷ ନୀତିକୁ ଗ୍ରହଣ କରିଥିବା ଦଳମାନେ ମଧ୍ୟ ଧର୍ମର ଦ୍ୱାହି ଦେଇ, ଆଞ୍ଚଳିକ ଅସମତାର ଆଳ ଦେଖାଇ ଲୋକଙ୍କ ଭିତରେ ହିଂସା ସୃଷ୍ଟି କରୁଛନ୍ତି । ହିଂସା କାଣ୍ଡ ଗଣତନ୍ତ୍ରର ପରିପନ୍ଥୀ । ଆମେ ତ ପୁଣି ମଝିରେ ମଝିରେ ହିନ୍ଦୁ ମୁସ୍‌ଲିମ୍ ବିବାଦରେ ରାଜନୀତିକୁ କଳୁଷିତ କରୁଁ । ଏ ସବୁ ଦେଖି ପାଶ୍ଚାତ୍ୟ ଦେଶର କେତେକ ସମାଲୋଚକ କହୁଛନ୍ତି, ପାଶ୍ଚାତ୍ୟ ଲୋକଙ୍କ ରକ୍ତରେ ଗଣତନ୍ତ୍ର ଅଛି, ଏସୀୟ-ଆଫ୍ରିକୀୟଙ୍କର ନାହିଁ । ବିଜ୍ଞାନର ଭାଷାରେ ଆମ ଜିନ୍‌ରେ (ବଂଶଗୁଣ ବହନ କରୁଥିବା କଣିକାକୁ ଜିନ୍ କୁହାଯାଏ) ଗଣତନ୍ତ୍ର ନାହିଁ । ଅର୍ଥାତ୍ ଏ' ଟା ଆମ ବଂଶ ତଥା ସଭ୍ୟତାର ଦୋଷ ।

ଆଗେ ଆମେ ଶୁଣିଥିଲୁ ଯେ କର୍କଟ ଓ ବହୁମୂତ୍ର ରୋଗ ବଂଶଗତ, ମଝିରେ ଶୁଣିଛୁଁ ମଦ ଆସକ୍ତି ଓ ଅତ୍ୟଧିକ ଧୂମ ପାନ ବି ମଣିଷର ବଂଶଗତ । ପରେ ଶୁଣିଲୁ ଅପ୍ରାକୃତିକ ଯୌନ କ୍ରିୟା, ଧର୍ଷଣ ଭଳି ଅପରାଧପ୍ରବଣତା ବି ଜିନ୍‌ର ଦୋଷ । ଏବେ ଶୁଣିଲୁଣି ଗଣତନ୍ତ୍ର ବି ବଂଶଗତ ! ସତେ ଯେମିତି ମଣିଷ ରାଜରାଜୁଡା ଚାହୁଁଛି କି ଏକଛତ୍ରବାଦ ଚାହୁଁଛି କି ଗଣତନ୍ତ୍ର ଚାହୁଁଛି, ତାହା ଆଗରୁ ଠିକ୍ ହୋଇ ରହିଛି ! ଏସିଆ ଓ ଆଫ୍ରିକାର କେତେକ ଦେଶରେ ରାଜନୈତିକ ଅସ୍ଥିରତା ଦେଖି, ଲୋକପ୍ରତିନିଧି ବା ନେତାମାନଙ୍କ ଅଗଣତାନ୍ତ୍ରିକ ବ୍ୟବହାର ଲକ୍ଷ୍ୟ କରି ପାଶ୍ଚାତ୍ୟ ଦେଶର କେତେକ ଆଲୋଚକ କହୁଛନ୍ତି, ଆଫ୍ରୋଏସୀୟ ଦେଶର ଲୋକଙ୍କ ଜିନ୍‌ରେ ଗଣତନ୍ତ୍ର ନାହିଁ । ଯେଉଁମାନଙ୍କ ଜିନରେ ଗଣତନ୍ତ୍ର ନାହିଁ, ସେମାନଙ୍କ ଦେଶରେ ଗଣତନ୍ତ୍ର ଉଧେଇବ ନାହିଁ । ପ୍ରାଚ୍ୟ ଦେଶମାନଙ୍କରେ ଦୈନନ୍ଦିନ ଘଟୁଥିବା ବ୍ୟଭିଚାର ଓ ଦୁର୍ନୀତି ଉପରେ ସମ୍ବାଦପତ୍ରମାନଙ୍କରେ ଏତେ ବେଶି ଖବର ବାହାରୁଛି ଯେ ତାହାହିଁ ଏହି ସମାଲୋଚକମାନଙ୍କୁ ଏଭଳି ଚିନ୍ତା କରିବାର ଖୋରାକ ଯୋଗାଇଛି । ତାହା ହେଲେ କଣ ପାଶ୍ଚାତ୍ୟ ଦେଶର ଲୋକମାନଙ୍କଠାରେ ଗଣତନ୍ତ୍ରର ଜିନ୍ ଅଛି ?

ବାପା ଭଳି ପୁଅ ବ୍ୟବହାର ଦେଖାଇଲେ ଆମେ କହୁ ପୁଅଦେହରେ ବାପାର ରକ୍ତ ପ୍ରବାହିତ ହେଉଛି । ସେହି ଅର୍ଥରେ ଗଣତନ୍ତ୍ର ପାଶ୍ଚାତ୍ୟ ଲୋକଙ୍କ ପୂର୍ବପୁରୁଷର ରକ୍ତରେ, ସେମାନଙ୍କ ପ୍ରାଚୀନ ସଭ୍ୟତାରେ, ଥିଲା କି ? ପ୍ରତ୍ୟେକ ସଭ୍ୟତାର କେତେଗୁଡିଏ ନିର୍ଦ୍ଦିଷ୍ଟ ଗୁଣ ଥାଏ, ପ୍ରତ୍ୟେକ ପିଢିର କାର୍ଯ୍ୟରେ ସେହି ଗୁଣ ପ୍ରତିଫଳିତ ହୋଇଥାଏ । ଆମେରିକାର 'ଫରେନ୍ ଆଫାୟାର୍ସ' ନାମକ ପତ୍ରିକାର ଗ୍ରୀଷ୍ମ ସଂଖ୍ୟାରେ ଶ୍ରୀ ସାମୁଏଲ୍ ହଣ୍ଟିଙ୍ଗଟନ୍ 'ଦି କ୍ଲାଷ୍ ଅଫ୍ ସିଭିଲାଇଜେସନ୍‌ସ' ଶିରୋନାମାର ପ୍ରବନ୍ଧରେ ଧାରଣା ଦେଇଛନ୍ତି ଯେ କେବଳ ପାଶ୍ଚାତ୍ୟ ସଭ୍ୟତା ଗଣତନ୍ତ୍ରର ସହାୟକ । ସେ ପୃଥିବୀର ବିଭିନ୍ନ ସଭ୍ୟତାକୁ ଭୌଗୋଳିକ ଭିତ୍ତିରେ ୮ଟି ଶ୍ରେଣୀରେ ବିଭକ୍ତ କରିଛନ୍ତି : ପାଶ୍ଚାତ୍ୟ (ଖ୍ରୀଷ୍ଟିୟାନ), ଚୀନା (କନଫୁସିଆନ୍), ଜାପାନୀ, ଇସ୍‌ଲାମିକ, ହିନ୍ଦୁ, ରକ୍ଷଣଶୀଳ ସ୍ଲାଭିକ, ଲାଟିନ୍ ଆମେରିକୀୟ ଓ ଆଫ୍ରିକୀୟ । ସଭ୍ୟତାରେ କଣ ଥାଏ ? ବିଭିନ୍ନ ବ୍ୟକ୍ତି ବା ସଂସ୍ଥା ମଧ୍ୟରେ ସମ୍ପର୍କ କି ଭଳି ନିୟନ୍ତ୍ରଣ

କରାହେବ, ଇଶ୍ୱର ଓ ବ୍ୟକ୍ତି, ପିଲା ଓ ପିତାମାତା, ସ୍ୱାମୀ ଓ ସ୍ତ୍ରୀ, ପରିବାର ଓ ସମାଜ ଆଦି ମଧ୍ୟରେ ସମ୍ପର୍କ କିଭଳି ହେବା ଉଚିତ, କର୍ତ୍ତବ୍ୟ ଓ ଅଧିକାର, କ୍ଷମତା ଓ ସ୍ୱାଧିନତା, ସମାନତା ଓ ଆଭିଜାତ୍ୟ, ଆଦି ମଧ୍ୟରେ ଥିବା ଆପେକ୍ଷିକ ଗୁରତ୍ୱ କିଭଳି ହେବ, ଏହା ଉପରେ ବିଭିନ୍ନ ସଭ୍ୟତାର ନିର୍ଦ୍ଦିଷ୍ଟ ନିୟମ ଅଛି । ଏ ଗୁଡିକୁ ବିଚାର କରି ସଭ୍ୟତାର ବିଭାଗ କରାଯାଇପାରେ । ପାଶ୍ଚାତ୍ୟ ଲେଖକମାନେ ପାଶ୍ଚାତ୍ୟ ସଭ୍ୟତାକୁ ଆଦର୍ଶ ମନେ କରନ୍ତି; ତେଣୁ ମଣିଷ ଜାତିର ଭବିଷ୍ୟତ ପାଶ୍ଚାତ୍ୟ ସଭ୍ୟତାରେ ନିହିତ ବୋଲି ଗର୍ବ କରନ୍ତି । ସେମାନଙ୍କ ମତରେ ଏକ ପକ୍ଷରେ ପାଶ୍ଚାତ୍ୟ ସଭ୍ୟତା ଓ ଅନ୍ୟ ପକ୍ଷରେ ଅନ୍ୟ ସବୁ ସଭ୍ୟତା, ଏ ଦୁହିଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିବ ଏବଂ ଶେଷରେ ପାଶ୍ଚାତ୍ୟ ସଭ୍ୟତା ହିଁ ବିଜୟୀ ହେବ । ବ୍ୟକ୍ତିଗତ ସ୍ୱାଧିନତା, ଉଦାର ରାଜନୀତି, ସାମ୍ବିଧାନିକତା, ମାନବିକ ଅଧିକାର, ସମାନତା, ଆଇନର ଶାସନ, ଗଣତନ୍ତ୍ର, ଖୋଲାବଜାର, ଧର୍ମରୁ ରାଜନୀତିର ପୃଥକୀକରଣ ଭଳି ବ୍ୟବସ୍ଥାକୁ ସେମାନେ ପାଶ୍ଚାତ୍ୟ ସଭ୍ୟତାର ଲକ୍ଷଣ କହନ୍ତି । ଏଗୁଡିକ ପ୍ରାଚ୍ୟ ସଭ୍ୟତାରେ ଦେଖାଯାଏ ନାହିଁ, ତେଣୁ ଆଫ୍ରୋଏସୀୟଙ୍କଠାରେ ଗଣତନ୍ତ୍ରର ରକ୍ତ ନାହିଁ ବୋଲି କେତେକ ପାଶ୍ଚାତ୍ୟ ଲେଖକଙ୍କର ମତ । ଶ୍ରୀ ସାମୁଏଲ୍ ହଣ୍ଟିଂଗଟନ୍ ଏଭଳି ମତର ପୁରୋଧା; ତାଙ୍କ ମତରେ ଭାରତର ଗଣତନ୍ତ୍ର ଏକ ବିଲାତୀ ଜିନିଷ, ପାଶ୍ଚାତ୍ୟ ଉପନିବେଶବାଦର ଫଳ । ଭାରତରେ ସଂଖ୍ୟାଧିକ ଦରିଦ୍ର, ଭାରତର ନେତାମାନେ ସେମାନଙ୍କ ସମସ୍ୟାର କିଛି ସମାଧାନରେ କରିପାରି ନାହାଁନ୍ତି, ଭଲ ଶାସନ ବି କରି ପାରୁ ନାହାନ୍ତି । ବ୍ୟଭିଚାର ବଢି ଚାଲିଛି ତ ସାମ୍ପ୍ରଦାୟିକତା ମୁଣ୍ଡ ଟେକୁଛି । ହଣ୍ଟିଂଗଟନ୍‌ଙ୍କ ମତରେ ଏ ସବୁର କାରଣ ଭାରତୀୟମାନଙ୍କ ରକ୍ତରେ ଗଣତନ୍ତ୍ର ଅଭାବ ।

ବେଶି ଦିନର କଥା ବିଚାର ନ କରି ଗତ ତିନି ଶତାବ୍ଦୀର ଇତିହାସକୁ ଦେଖିବା ଆସନ୍ତୁ । ପାଶ୍ଚାତ୍ୟ ସଭ୍ୟତାରେ ଗଣତନ୍ତ୍ରର ଆଲୋକ ପଡିବା ପୂର୍ବରୁ ପଶ୍ଚିମ ଗୋଲାର୍ଦ୍ଧରେ ଆମ ଦେଶଠାରୁ ବେଶି ଅତ୍ୟାଚାରୀ ରାଜ-ରାଜୁଡା ଶାସନ ଥିଲା, ହଠାତ୍ ତାହାର ଉଚ୍ଛେଦ ହୋଇନାହିଁ, ଖୁବ ଧିରେ ଧିରେ ହୋଇଛି । ଗଣତନ୍ତ୍ର ଯଦି ସେମାନଙ୍କ ରକ୍ତରେ ଥିଲା, ମୂଳରୁ ଗଣତନ୍ତ୍ର ଆସିଲା ନାହିଁ କାହିଁକି ? ପାଶ୍ଚତ୍ୟ ସଭ୍ୟତାରେ ଗଣତନ୍ତ୍ରର ଆଲୋକ ନିଷ୍ପ୍ରଭ ଅବସ୍ଥାରୁ ଉଜ୍ଜ୍ୱଳ ହେବା ଲାଗି ପ୍ରାୟ ତିନିଶହ ବର୍ଷ ନେଇଛି । ଆଧୁନିକ ଢାଞ୍ଚାରେ ଗଣତନ୍ତ୍ର ଓ ମାନବିକ ଅଧିକାରର ଧାରଣା ହଲାଣ୍ଡ ଓ ଇଂଲଣ୍ଡରେ ଜନ୍ମ ନେଲା । ଓଲନ୍ଦାଜ ଆବଜୁରେସନ୍ ଘୋଷଣା (Declaration of Abjuration) ର ୪୦୦ ବର୍ଷ ପରେ ଏବଂ ଇଂଲଣ୍ଡରେ ଲକ୍‌ଙ୍କ 'ଟ୍ରିଟାଇଜେସ୍ ଅଫ୍ ଗଭର୍ନମେଣ୍ଟ' ଛପା ହେବାର ୩୦୦ ବର୍ଷ ବିତିଛି, ପାଶ୍ଚାତ୍ୟ ଆଲୋଚକମାନେ ପୁଣି ଗଣତନ୍ତ୍ରର ବାହାସ୍ଫୋଟ ମାରୁଛନ୍ତି ! ବିଂଶ ଶତାବ୍ଦୀ ଶେଷକୁ ଯୁକ୍ତରାଷ୍ଟ୍ର ଆମେରିକା ତା'ର ସ୍ୱାଧିନତା ଘୋଷଣା କରିବାର ୨୨୩ ବର୍ଷ ପୂରିଥିବ । ଏତେ



ଗଣତନ୍ତ୍ରରେ ଗର୍ବ କରୁଥିବା ଦେଶ : ଆମେରିକା ଯୁକ୍ତରାଷ୍ଟ୍ର

ଦିନ ଧରି ସେମାନେ ଗଣତନ୍ତ୍ରର ଅଭ୍ୟାସ କରୁଛନ୍ତି ! ପାଶ୍ଚାତ୍ୟ ଜଗତରେ ଗଣତନ୍ତ୍ର ଗୃହୀତ ହୋଇଗଲା ପରେ ତାହା ଅନ୍ୟତ୍ର ପ୍ରସାରିତ ହୋଇପାରିବ ନାହିଁ, ଯେଉଁ ମାର୍କିନ୍ ଓ ବିଲାତୀ ଲୋକେ ଏ ଭଳି ଧାରଣା ଦେଉଛନ୍ତି ସେମାନେ ନିଜର ଇତିହାସର ଅଗଣତାନ୍ତ୍ରିକ ଅଧ୍ୟାୟକୁ, ନିଜ ସମାଜର ପୁରୁଣା ଅସଭ୍ୟତାକୁ ଭୁଲି ଯାଉଛନ୍ତି । ଗଣତନ୍ତ୍ରର ଜନନୀ ବୋଲାଉଥିବା ଫ୍ରାନସ୍ ତ ୧୮୭୧ଯାଏଁ ଗଣତନ୍ତ୍ର ପାଇଁ ଲଢୁଥିଲା; ତା'ର ୩ୟ ରିପବ୍ଲିକ୍ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ସେଠାରେ ଗଣତନ୍ତ୍ରର ଚେର ମାଡ଼ି ନ ଥିଲା । ଉନ୍ନତ ଦେଶ ବୋଲାଉଥିବା ଜର୍ମାନୀ ଓ ଇଟାଲିରେ ୨ୟ ବିଶ୍ୱ ଯୁଦ୍ଧ ସରିଲାପରେ ହିଁ ଗଣତନ୍ତ୍ରର ପ୍ରତିଷ୍ଠା ହୋଇଛି; ଏମାନଙ୍କ ରକ୍ତରେ ଗଣତନ୍ତ୍ର କୋଉଠି ଲୁଚିଥିଲା ? ମାତ୍ର ୫୦ ବର୍ଷ ତଳେ ବିଲାତର ଲୋକେ

ଉପନିବେଶମାନଙ୍କୁ ଗଣତନ୍ତ୍ର ଦେବାକୁ ରାଜି ହେଉ ନ ଥିଲେ, ଲକ୍ ଓ ଜେଫରସନ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ଲୋକେ ସେମାନଙ୍କ ଉପନିବେଶରେ ବର୍ବରର ଶାସନ ଚଳାଉଥିଲେ, ଏହା କଣ ସେମାନଙ୍କ ଜିନ୍‌ର ଦୋଷ ବୋଲି କହିବା ? ଆତ୍ମ ନିୟନ୍ତ୍ରଣ ପାଇଁ ସଂଗ୍ରାମ ଚଳାଉଥିବା ଲୋକମାନଙ୍କ ଉପରେ ଅଗଣତାନ୍ତ୍ରିକ ସାମ୍ରାଜ୍ୟ ବା ଉପନିବେଶ ଲଦି ଦେବା ପାଇଁ ଅମାନୁଷିକ ଅତ୍ୟାଚାର ଚଳାଇଥିବା ଲୋକେ କହିପାରୁଛନ୍ତି, ଏସିଆ ଓ ଆଫ୍ରିକା ଲୋକଙ୍କ ରକ୍ତରେ ଗଣତନ୍ତ୍ର ନାହିଁ ! ଆତ୍ମ ନିୟନ୍ତ୍ରଣ ପାଇଁ ସଉଆ ଦୁଇଶହ ବର୍ଷ ତଳେ ଆମେରିକାର ଯେଉଁ ଲୋକେ ସଂଗ୍ରାମ ଚଳାଇଥିଲେ, ସେମାନଙ୍କ ବଂଶଧରମାନେ ଏବେ ଲେଖିପାରୁଛନ୍ତି, ପ୍ରାଚ୍ୟର ଲୋକଙ୍କ ଭିତରେ ଗଣତନ୍ତ୍ର ଜିନ୍ ନାହିଁ ! ୨୨୩ ବର୍ଷ* ତଳେ କଣ ସେମାନଙ୍କ ଜିନ୍ ଭିନ୍ନ ଥିଲା ? ଥରେ ବିଲାତଠାରୁ ଶାସନଡୋରି ଛଡାଇନେଲା ପରେ ସାଙ୍ଗେ ସାଙ୍ଗେ ସେମାନଙ୍କ ଜିନ୍ ବଦଳିଗଲା !

ନବମ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଇଉରୋପର ଅନ୍ଧକାର ଯୁଗ । ପ୍ରାଚ୍ୟ ଦେଶମାନଙ୍କରେ ସେତେବେଳକୁ ସଭ୍ୟତାର ବିକାଶ ଘଟି କଳା ଓ ସାହିତ୍ୟର ଶତଦଳ ଫୁଟିଥିଲା । ଦିନେ ତ ଗ୍ରୀକ୍‌ମାନେ ଓ ରୋମାନ୍‌ମାନେ ଏବକାର ତଥାକଥିତ ପାଶ୍ଚାତ୍ୟ-ସଭ୍ୟତାଭିମାନୀଙ୍କୁ ବର୍ବର କହୁଥିଲେ ! ନାଜିମାନଙ୍କୁ ହରାଇଦେଲା ପରେ ପାଶ୍ଚାତ୍ୟ ଦେଶମାନଙ୍କରେ ମାତ୍ର ଷାଠିଏ ବର୍ଷ ତଳେ ଏନ୍‌ଲାଇଟେନମେଣ୍ଟ ବା ନୂଆ ସଭ୍ୟତାର ଆଲୋକ ଆସିଲା । ମାର୍କସ୍ ଓ ଲେନିନ୍‌ଙ୍କ ମତବାଦ ପୂର୍ବ ଇଉରୋପର ବହୁତ ଦେଶକୁ ଅଗଣତାନ୍ତ୍ରିକ କରିଦେଲା; ସେମାନେ କଣ ପାଶ୍ଚାତ୍ୟ ସଭ୍ୟତାର ଅଂଶ ନୁହନ୍ତି ? ନା ସେମାନଙ୍କ ଜିନ୍ ବଦଳି ଗଲା ?

ଏହା ସତ୍ତ୍ୱେ ମାର୍କିନ୍ ଦେଶର ଚିନ୍ତକମାନେ ବର୍ତ୍ତମାନର ପରିସ୍ଥିତିକୁ ପାଶ୍ଚାତ୍ୟ ବନାମ ପ୍ରାଚ୍ୟ ସଭ୍ୟତାର ସଂଘର୍ଷ କହୁଛନ୍ତି କାହିଁକି ? ଦୁଇଶହ ବର୍ଷ ତଳେ ଯେଉଁ ୟୁରୋପୀୟମାନେ ବ୍ୟବସାୟ କରିବା ଲାଗି 'ହ୍ୱାଇଟ୍ ମାନ୍‌ସ୍ ବର୍ଡନ୍' (ଗୋରା ଲୋକଙ୍କ ବୋଝ) ନ୍ୟାୟରେ ଭିନ୍ନଭିନ୍ନ ଦେଶରେ ଉପନିବେଶ ସ୍ଥାପନ କଲେ ସେମାନଙ୍କ ଉତ୍ତରପୁରୁଷ ଏବେ ଖୋଲା ବଜାର ଦୁହାଇ ଦେଇ ଅନ୍ୟ ଦେଶମାନଙ୍କରେ ବ୍ୟବସାୟିକ ଉପନିବେଶ ତଥା କୋକାକୋଲା-ମାକ୍‌ଡୋନାଲ୍ଡ ସଂସ୍କୃତି ଲଦୁଛନ୍ତି । ମାର୍କିନ୍ ନୈତିକତା ହେଉଛି ବେପାରୀର ନୈତିକତା, ଦୋକାନୀର ନୈତିକତା, ପଇସାବାଲା ଓ ହଠାତ୍ ଧନୀ ହେବାକୁ ଚାହୁଁଥିବା ଲୋକର ନୈତିକତା । ଯୁକ୍ତରାଷ୍ଟ୍ରର ଘରୋଇ ବେପାରୀମାନେ ଏମିତି କାରବାର ଚାହାନ୍ତି ଯାହା ପ୍ରାଚ୍ୟ ସଂସ୍କୃତିର ବିରୋଧି । ଦିନେ ସେମାନଙ୍କ ପୂର୍ବପୁରୁଷ ଆହୁରି କଳଙ୍କିତ କାମ କରୁଥିଲେ ସେମାନେ ଭୁଲିଯାଉଛନ୍ତି । ଏହି କାରଣରୁ ପ୍ରାଚ୍ୟବାସୀମାନେ କହୁଛନ୍ତି, ପୃଥିବୀରେ ଯାହା କିଛି ଅଘଟଣ ଘଟୁଛି ତାହାର କାରଣ ଯୁକ୍ତରାଷ୍ଟ୍ର ଆମେରିକା ।

*୧୯୯୯ ବେଳକୁ

ଗଣତନ୍ତ୍ରରେ ଯାହାକିଛି ଭ୍ରଷ୍ଟାଚାର ଆମେ ଦେଖୁଛୁଁ, ଏ ଶତାବ୍ଦୀର ଆରମ୍ଭରେ ସେସବୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଘାରିଥିଲା । ମାଂସ ମାଣ୍ଡିଆ, ଚଟେଇଗୋଟେଇବା, ନିର୍ବାଚନ ମଣ୍ଡଳୀର ସୀମା ହେରଫେର କରି ଜିତିବା  ଭଳି ଭ୍ରଷ୍ଟାଚାର ତ ସେଇଠୁ ଆରମ୍ଭ, ସେମାନଙ୍କ ରାଜନୈତିକ ଅଭିଧାନରେ ପର୍କ ବାରେଲ୍, କାର୍ପେଟ ବାଗିଙ୍ଗ, ଜେରିମାଣ୍ଡରିଙ୍ଗ ଭଳି ଶବ୍ଦପୁଞ୍ଜ  ଏହା ସୂଚାଏ । ଯଦି ସେମାନେ ସେ ପର୍ଯ୍ୟାୟ ପାର ହୋଇ ଏବେ ଗଣତନ୍ତ୍ରୀ ବୋଲାଉଛନ୍ତି, ପ୍ରାଚ୍ୟବାସୀ ବି ଦିନେ ଆଜିର ଭ୍ରଷ୍ଟାଚାର ଅଧ୍ୟାୟକୁ ପଛରେ ପକାଇ  ସ୍ୱଚ୍ଛ ଗଣତନ୍ତ୍ରର ଅଧ୍ୟାୟ ଖୋଲିବେ ।

# ଗଣତନ୍ତ୍ର ଓ ଖବରକାଗଜର କଣ୍ଠ

୧୯୮୦ ଦଶକର ପ୍ରଥମ ଅର୍ଦ୍ଧରେ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲି କ୍ୱାନ ୟୁ'ଙ୍କ ନାମରେ ରାଜନୈତିକ ଭ୍ରଷ୍ଟାଚାର ଓ ବ୍ୟଭିଚାର ଏବଂ ପାରିବାରିକ ବାଛବିଚାର କାରବାର ସମ୍ପର୍କରେ ଗୁଡିଏ ଖବର ବାହାରିଥିଲା । ଏହା ଏକ ଚରିତ୍ରସଂହାର ଓ କୁତ୍ସାରଟନା ବୋଲି ସମ୍ବାଦପତ୍ର ବିରୁଦ୍ଧରେ ଲିକ୍ୱାନ୍ ମକଦ୍ଦମା କରି ୪ ଲକ୍ଷ ସିଙ୍ଗାପୁର ଡଲାର (ପ୍ରାୟ ୪୦ ଲକ୍ଷ ଟଙ୍କା) କ୍ଷତିପୂରଣ ଆକାରରେ ପାଇଥିଲେ । ସେ ଥିଲା ୧୯୮୪ର କଥା । ୧୧ ବର୍ଷ ପରେ ଏହାର ପୁନରାବୃତ୍ତି ଘଟିଲା । ଇଣ୍ଟରନ୍ୟାସନାଲ୍ ହେରାଲଡ୍ ଟ୍ରିବ୍ୟୁନରେ ସିଙ୍ଗାପୁରର ତିନୋଟି ପ୍ରମୁଖ ନେତାଙ୍କ ଭ୍ରଷ୍ଟାଚାର ସମ୍ପର୍କରେ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା । ସରକାରୀ କାର୍ଯ୍ୟରେ ପ୍ରିୟାପ୍ରୀତି ତୋଷଣ କରିବାରେ ଏ ତିନିଜଣ ନେତା ସିଦ୍ଧହସ୍ତ ବୋଲି ଇଣ୍ଟରନାସ୍‌ନାଲ୍ ହେରାଲ୍ଡ ଟ୍ରିବ୍ୟୁନ ତାଙ୍କ ଅଗ୍ରଲେଖାରେ ଲେଖିଥିଲେ । ଏ ତିନିଜଣ ନେତା ହେଉଛନ୍ତି ଲି କ୍ୱାନ୍ ୟୁ, ତାଙ୍କ ପୁତ୍ର ଉପପ୍ରଧାନମନ୍ତ୍ରୀ ଲି ସିଓନ୍ ଲୁଙ୍ଗ୍ ଓ ପ୍ରଧାନମନ୍ତ୍ରୀ ଗୋ ଚୋକ ଟଙ୍ଗ । ଅତି ବାର୍ଦ୍ଧକ୍ୟ ଯୋଗୁ ନିର୍ବାଚନରୁ ଓହରି ଯାଇଥିଲେ ମଧ ଲି'ଙ୍କୁ ବରିଷ୍ଠ ମନ୍ତ୍ରୀ ମର୍ଯ୍ୟାଦା ଦିଆଯାଇଛି । ତାଙ୍କ ପୁତ୍ର ଲୁଙ୍ଗ ଏବେ ଉପପ୍ରଧାନମନ୍ତ୍ରୀ ହେଲେ । ସେମାନେ ଇଣ୍ଟରନାସ୍‌ନାଲ୍ ହେରାଲ୍ଡ ଟ୍ରିବ୍ୟୁନ ବିରୁଦ୍ଧରେ ମାନହାନି ମକଦ୍ଦମା କଲେ । ସିଙ୍ଗାପୁର ସୁପ୍ରିମକୋର୍ଟ ୧୯୯୫ ଜୁଲାଇ ୨୬ରେ ୯ ଲକ୍ଷ ୫୦ ହଜାର ସିଙ୍ଗାପୁରଡଲାର କ୍ଷତିପୂରଣ ଆଦେଶ ଦେଲେ । ବାପ ଓ ପୁଅ ତିନି ଲକ୍ଷ ଡଲାର ଲେଖାଏଁ ଓ ପ୍ରଧାନମନ୍ତ୍ରୀ ଗୋ ଚୋକ ଟଙ୍ଗ ସାଢେ ତିନି ଲକ୍ଷ ସିଙ୍ଗାପୁର ଡଲାର କ୍ଷତିପୁରଣ ପାଇଲେ । ଏଭଳି ରାୟ ବାହାରିଲା ପରେ ମଧ ସିଙ୍ଗାପୁର ସରକାରଙ୍କ ସମର୍ଥକ ଷ୍ଟ୍ରେଟ୍‌ସ୍ ଟାଇମ୍‌ସ ଏକ ବିଦେଶୀ ଲେଖାକୁ ଉଦ୍ଧାର କରି ସମ୍ବାଦରେ ପ୍ରକାଶ କଲା ଯେ ସିଙ୍ଗାପୁର ବିଚାରପତିମାନେ ଲି'ଙ୍କ ଲୋକ ହୋଇଥିବାରୁ ଏକଛତ୍ରବାଦୀ ଶାସକଙ୍କ ପକ୍ଷରେ ରାୟ ଦେବାକୁ ବାଧ୍ୟ ହେଉଛନ୍ତି । ଏହା ଷ୍ଟ୍ରେଟ୍‌ସ୍ ଟାଇମ୍‌ସ୍‌ର ନିଜ ଲେଖା ନୁହେଁ, ନ୍ୟୁୟର୍କ ଟାଇମ୍‌ସରେ ବାହାରିଥିବା ଉଇଲିୟମ ସାଫାୟାରସଙ୍କ ପ୍ରବନ୍ଧଟିର ନକଲ ମାତ୍ର । ପ୍ରଧାନମନ୍ତ୍ରୀ ଶ୍ରୀ ଗୋ ଶ୍ରୀ ସାଫାୟାରଙ୍କୁ ସିଙ୍ଗାପୁରର ବିଚାରପଦ୍ଧତିର

ନିରପେକ୍ଷତା ବିଷୟରେ ଆଲୋଚନା ଲାଗି ଏକ ବାଦାନୁବାଦ ମଞ୍ଚରେ ଏକାଠି ହେବା ପାଇଁ ନିମନ୍ତ୍ରଣ କଲେ, କିନ୍ତୁ ସାଫାୟାର ଯୁକ୍ତିତର୍କ ଚାହିଁଲେ ନାହିଁ, ଯଦି ଶ୍ରୀ ଗୋ ଯୁକ୍ତିତର୍କ ଚାହାନ୍ତି, ତେବେ ସୁଇଜରଲାଣ୍ଡ ଭଳି ଏକ ନିରପେକ୍ଷ ସ୍ଥାନ ବାଛନ୍ତୁ ବୋଲି ଶ୍ରୀ ସାଫାୟାର ଜଣାଇଥିଲେ । ପରେ ହେରାଲଡ୍ ଟ୍ରିବ୍ୟୁନ ତାର ଲେଖା ପାଇଁ କ୍ଷମା ମାଗିବାରୁ ତା'ଠାରୁ ସମ୍ଭବତଃ ଆଉ କ୍ଷତିପୂରଣ ଆଦାୟ ହେଲା ନାହିଁ । ଏହାସତ୍ତ୍ୱେ ରିଚାର୍ଡ ନିକ୍ସନ୍‌ଙ୍କୁ କ୍ଷମତାଚ୍ୟୁତ କରିଥିବା ମାର୍କିନ୍ ଭ୍ରଷ୍ଟାଚାରର କାହାଣୀ 'ଅଲ ଦି ପ୍ରେସିଡେଣ୍ଟସ୍ ମେନ୍' ବହିଟିକୁ ନାଟକ ଆକାରରେ ୧୯୯୫ରେ ଯେତେବେଳେ ମାଲେସିଆ ଟେଲିଭିଜନରେ ପ୍ରଦର୍ଶନ କରାଗଲା ସିଙ୍ଗାପୁର ଲୋକେ ବେଶ୍ ଉପଭୋଗ କଲେ । ନିଜ ଦେଶରେ କଟକଣା ଥିଲେ ମଧ୍ୟ ଅନ୍ୟ ଦେଶର ବେତାର, ଟେଲିଭିଜନ ଓ ସମ୍ବାଦପତ୍ରରୁ ଲୋକେ ଠିକ୍ ଖବର ରଖିବେ; ଏ ଧାରଣା ଏସୀୟ ଦେଶର ସରକାରମାନେ ଭୁଲିଯାଆନ୍ତି ଏବଂ ନିଜ ଦେଶର ସାମ୍ବାଦିକମାନଙ୍କର କଣ୍ଠରୋଧ କରିବାର ଚେଷ୍ଟା କରନ୍ତି । ସିଙ୍ଗାପୁର ଯାହା କରିପାରିଛି, ପାକିସ୍ତାନ ତା'ଠାରୁ ବେଶି କରିପାରେ ବା ଭାରତ ବେଶି ପଛରେ ରହିବ ନାହିଁ, ଏ କଥା କହିବା ବାହୁଲ୍ୟମାତ୍ର । ୧୯୯୫ ଆରମ୍ଭରେ ବେନଜୀର ଭୁଟ୍ଟୋ ଓ ତାଙ୍କ ସ୍ୱାମୀ ଜର୍ଦ୍ଦାରୀ ସିଙ୍ଗାପୁର ଯାଇ ଦେଖିଥିଲେ ସେ ଦେଶରେ ଲିକ୍ୱାନ ୟୁ କିଭଳି ଖବରକାଗଜମାନଙ୍କୁ କରାୟତ୍ତ କରିଛନ୍ତି ।


ଗତବର୍ଷ ପାକିସ୍ଥାନରେ ବିରୋଧୀ ଦଳ ନେତା ନୱାଜ ଶରିଫ ଶାସକ ଦଳ ସଭ୍ୟମାନଙ୍କ ବିରୁଦ୍ଧରେ ଯେଉଁ ବିଷୋଦ୍‌ଗାର କରିଥିଲେ ତାକୁ ଅଧିକାଂଶ ପାକିସ୍ଥାନୀ ଖବରକାଗଜ ଛାପିଥିଲେ । ସେଥିଲାଗି ପାକିସ୍ଥାନ ସରକାର ସେମାନଙ୍କ ବିରୁଦ୍ଧରେ ମାନହାନି ମକଦ୍ଦମା କରିବା ପାଇଁ ନିଷ୍ପତ୍ତି ନେଲେ । ପ୍ରଥମେ ରାଷ୍ଟ୍ରପତି ଶ୍ରୀ ଲେଘାରି ଶ୍ରୀ ଶରିଫଙ୍କ ବିରୁଦ୍ଧରେ ଓ ତାଙ୍କ ଭାଷଣକୁ ଛପାଇ ଥିବା ଖବରକାଗଜମାନଙ୍କ ବିରୁଦ୍ଧରେ ଅଦାଲତକୁ ଗଲେ । ଖବରକାଗଜମାନେ କହିଲେ ଯେ, ଆମେ କେବଳ ଶରିଫଙ୍କ ବିବୃତିକୁ ଛପାଇଛୁ, ତା ଆମ ମତ ନୁହେଁ । କିନ୍ତୁ ବ୍ରିଟିଶ ରାଜ ସମୟରୁ ଚାଲି ଆସୁଥିବା ମାନହାନି ଆଇନ ଖୁବ ସ୍ପଷ୍ଟ ଯେ ସମ୍ପାଦକ, ପ୍ରକାଶକ, ମୁଦ୍ରକ ଓ ଲେଖକ ଆଦି ସମସ୍ତେ ଅଭିଯୋଗକାରୀ ଭଳି ସମପରିମାଣରେ ଦୋଷୀ । ଶ୍ରୀ ଜର୍ଦ୍ଦାରୀ ଫାର୍ ଇଷ୍ଟର୍ଣ୍ଣ ଇକନୋମିକ୍ ରିଭ୍ୟୁରେ ତାଙ୍କ ନାମରେ ବାହାରିଥିବା ସମ୍ବାଦ ବିରୁଦ୍ଧରେ ଏକ ମାନହାନି ମକଦ୍ଦମା କଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଗରୁ ଶ୍ରୀ ଜର୍ଦ୍ଦାରୀ ଯେଉଁ ଭ୍ରଷ୍ଟାଚାର ପାଇଁ ଅଭିଯୁକ୍ତ ହୋଇଥିଲେ, ଶ୍ରୀମତୀ ଭୁଟ୍ଟୋ କ୍ଷମତାକୁ ଆସିବା ପରେ ତହିଁରୁ ନିର୍ଦ୍ଦୋଷରେ ଖଲାସ ହୋଇଗଲେ । ଶାସନ ଗାଦି ବଦଳିଲା ତ ବିଚାରପତିମାନଙ୍କ ମତ ବଦଳିଲା । ଯାହା ହେଉ ରିଭ୍ୟୁ ତାଙ୍କ ନାମରେ ଭ୍ରଷ୍ଟାଚାର ଅଭିଯୋଗ ବାଢିବା ଯୋଗୁ ତାଙ୍କର ମାନହାନି କରିଛି ବୋଲି ସେ ମକଦ୍ଦମା କଲେ । ରିଭ୍ୟୁ

ଖବରକାଗଜଟି କ୍ଷମା ମାଗିଦେଲା ଏବଂ ଶ୍ରୀ ଜର୍ଦ୍ଦାରୀ ଆଉ କ୍ଷତିପୂରଣ ଦାବି କଲେ ନାହିଁ । କରାଚୀ ସମ୍ବାଦପତ୍ର 'ଡନ୍'ରେ ସମପ୍ରକାରର ଭ୍ରଷ୍ଟାଚାର ସମ୍ବାଦ ବିରୁଦ୍ଧରେ ମାନହାନି ମକଦ୍ଦମା କରି ସେ ୧୯୯୫ ମଧ୍ୟଭାଗରେ ୫ କୋଟି ଟଙ୍କାର କ୍ଷତିପୂରଣ ଅଥବା ଲେଖାଟିକୁ ଫେରସ୍ତ ନେଲା ଭଳି ଖବର ପ୍ରକାଶନ ଦାବି କରିଥିଲେ । ସେଥିରେ ସେ ସଫଳ ହେଲେ । (ଆମ ରାଜ୍ୟରେ ୧୯୮୦ ଦଶକର ଅପର ଅର୍ଦ୍ଧରେ ଘଟିଥିବା ଇଲଷ୍ଟ୍ରେଟେଡ୍ ଉଇକ୍ଲି ମକଦମାରେ ଏମିତି କିଛି ହୋଇଛି ବୋଲି ଅନେକେ ଏବେ କହୁଥିବାର ଶୁଣାଯାଏ ।)

ଶ୍ରୀମତୀ ଭୁଟ୍ଟୋ ଥରେ ୧୯୯୫ ଅଗଷ୍ଟରେ କହିଥିଲେ ଯେ ବିଭାଜିତ ଭାରତରୁ ପାକିସ୍ଥାନକୁ ଆସିଥିବା ଶରଣାର୍ଥୀମାନେ, ଅର୍ଥାତ୍ ମୋହୋଜିର୍‌ମାନେ ଭୀରୁ ମୂଷିକ (କାଓ୍ୱାର୍ଡଲି ମାଉସ୍) । ଏ ଖବର ଫାର୍ ଇଷ୍ଟର୍ଣ୍ଣ ଇକନୋମିକ୍ ରିଭ୍ୟୁରେ ଛପା ହୋଇଗଲା । ଶ୍ରୀମତୀ ଭୁଟ୍ଟୋ କହି ନାହାନ୍ତି ବୋଲି ଆପତ୍ତି କରି ରିଭ୍ୟୁ ବିରୁଦ୍ଧରେ ମାନହାନି ମକଦ୍ଦମା କରିଥିଲେ । ରିଭ୍ୟୁର ସମ୍ପାଦକ କ୍ଷମା ମାଗିବାରୁ ଶ୍ରୀମତୀ ଭୁଟ୍ଟେ ମକଦ୍ଦମା ପ୍ରତ୍ୟାହାର କରିନେଲେ । ସେହି ବର୍ଷ କରାଚୀର 'ନ୍ୟୁଜ୍' ପତ୍ରିକାରେ ସାମ୍ବାଦିକ କମରାନ୍ ଖାଁ ଲେଖିଲେ ଯେ ବିଲାତର ବୈଦେଶିକ ମନ୍ତ୍ରୀ ଡୋଗ୍‌ଲାସ ହର୍ଡଙ୍କ ସହ ନିଭୃତ ଆଲୋଚନା ବେଳେ ଶ୍ରୀମତୀ ଭୁଟ୍ଟୋ ମହାଜିର କ୍ୱାମୀ ଆନ୍ଦୋଳନର ନେତା ଅଲତାଫ୍ ହୋସେନଙ୍କୁ ପାକିସ୍ଥାନକୁ ପ୍ରତ୍ୟର୍ପଣ (ସରେଣ୍ଡର) କରିବା ଲାଗି ଯେଉଁ ଅନୁରୋଧ କରିଥିଲେ, ହର୍ଡ ତାହାକୁ ଅଗ୍ରାହ୍ୟ କରି ଦେଲେ । ଉଭୟ ପାକିସ୍ଥାନ ଓ ବିଲାତର ସରକାର ଏହି ଖବର ସତ୍ୟ ନୁହେଁ ବୋଲି କହିଲେ; ତଥାପି ଖବରକାଗଜଟି କ୍ଷମା ମାଗିଲା । କିନ୍ତୁ ଶ୍ରୀ ଖାଁ କ୍ଷମା ମାଗିଲେ ନାହିଁ । ଶ୍ରୀ ଖାଁ କ୍ଷମା ନ ମାଗିଲେ ତାଙ୍କୁ ଅଦାଲତକୁ ନିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରେସ୍ ସେକ୍ରେଟାରୀ ଫରାତୁଲ୍ଲା ବାବର ଧମକାଇଲେ । ଶ୍ରୀ ବାବର କହିଥିଲେ, 'ଆମ ଦେଶର କେତେକ ଖବରକାଗଜ ନିଜକୁ ସାଧାରଣ ମଣିଷ ଭଳି ଆଇନକାନୁନ ଭିତରେ ଅଛନ୍ତି ବୋଲି ଭାବନ୍ତି ନାହିଁ । ସାମ୍ବାଦିକମାନଙ୍କ ଏହି ଗର୍ବ ହିଁ ସେମାନଙ୍କ କାଳ ହୋଇଛି । ସତକଥା ମାନିନେବାର ସତ୍‌ସାହସ ସେମାନଙ୍କର ନାହିଁ । ମୁଁ *ଭୁଲ ମାନିବି ନାହିଁ*, ସାମ୍ବାଦିକମାନଙ୍କର ଏଭଳି ଔଦ୍ଧତ୍ୟକୁ ଭାଙ୍ଗିବାକୁ ପଡିବ ।' କେତେକ ଲୋକ ତାଙ୍କ ଇଚ୍ଛା ସହିତ ଏକମତ ହୋଇପାରନ୍ତି । ଅନେକେ ସମ୍ବାଦପତ୍ରର କଣ୍ଠରୋଧ କରିବା ଉଚିତ୍ ନୁହେଁବୋଲି ଯୁକ୍ତି କରୁଛନ୍ତି । କିନ୍ତୁ ବିଚାରାଳୟମାନେ କଣ ସବୁବେଳେ ନିରପେକ୍ଷ ରାୟ ଦେଉଛନ୍ତି ? ଅତୀତରେ ଯେଉଳି ପାକିସ୍ଥାନର ବିଚାରାଳୟମାନେ ପ୍ରଭାବଶାଳୀ ଲୋକଙ୍କ ସପକ୍ଷରେ ରାୟ ଦେଉଥିଲେ, ଏବେ ବି ମଧ୍ୟ ସେ ଭଳି ଘଟୁଛି । ଏକଥା କାହାକୁ ଅଛପା ନାହିଁ । ଶ୍ରୀମତୀ ଭୁଟ୍ଟୋଙ୍କ ବାପାଙ୍କୁ ମୃତ୍ୟୁଦଣ୍ଡ ଦେଇଥିବା ତଥା ଶ୍ରୀମତୀ ଭୁଟ୍ଟୋଙ୍କୁ ଅଦାଲତ ଅବମାନନାରେ ଜଡିତ କରିଥିବା ବିଚାରାଳୟମାନେ ତ ଶ୍ରୀମତୀ ଭୁଟ୍ଟୋ ଓ ତାଙ୍କ ସ୍ୱାମୀ ଜର୍ଦ୍ଦାରୀଙ୍କୁ ଛାଡି ଦେଇଥିଲେ, ପୁଣି

ଏବେ ଧରୁଛନ୍ତି । ଯୁଆଡୁ ପବନ, ସେଆଡେ ଛତା ଦେଖାଇବା ପାକିସ୍ଥାନୀ ବିଚାରାଳୟର ଏକଚାଟିଆ ଅଧିକାର ନୁହେଁ । ସମସ୍ୟାଟା ନ୍ୟାୟ ବିଚାରର ନୁହେଁ । ରାଜନୀତି ବି ବିଚାରାଳୟର କାର୍ଯ୍ୟକଳାପକୁ ପ୍ରମାପିତ କରେ । ରାଜନୀତି ଦଳଗତ ବିଭାଜିତ, ତେଣୁ ସମସ୍ୟା ଦଳଭେଦରେ ଭିନ୍ନ ରୂପ ନିଏ, ଅଭିଯୁକ୍ତ କେଉଁ ଦଳର, ସରକାରୀ ନା ବିରୋଧୀ ? ନିକଟରେ ପାକିସ୍ଥାନୀ ସୁପ୍ରିମ୍ କୋର୍ଟ ନୱାଜ ଶରିଫ୍‌ଙ୍କ ବିରୁଦ୍ଧରେ ଭ୍ରଷ୍ଟାଚାରର ଶୁଣାଣି କରୁଥିଲା । ଅଦାଲତ ଅବମାନନା ଲାଗି ପ୍ରଧାନମନ୍ତ୍ରୀ ଶରିଫ୍‌ଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ୍ ଦେଇଥିଲା । ଏଥିରେ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ମୁଖ୍ୟଭୂମିକା ନେଇଥିଲେ । ଶ୍ରୀ ଶରିଫ୍ ବିରୁଦ୍ଧରେ ପୂର୍ଣ୍ଣାହୁତି ପୂର୍ବରୁ ପ୍ରଧାନ ବିଚାରପତିଙ୍କ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ ଅଧିକାଂଶ ବିଚାରପତିଙ୍କୁ ଏକାଠି କରାଇ ଏକ ରାୟ ଦିଆଗଲା ଯେ ତାଙ୍କ ନିଯୁକ୍ତି ଆଇନସମ୍ମତ ନୁହେଁ । ସେ ହେଲେ ପଦଚ୍ୟୁତ । ନୂଆ ପ୍ରଧାନ ବିଚାରପତି ପ୍ରଧାନମନ୍ତ୍ରୀଙ୍କ ସମର୍ଥକ ହେବେ ନାହିଁ ତ କାହାର ସମର୍ଥକ ହେବେ ?

ପଇସାବଳ, ବାହୁବଳ, ଅଭିଜାତର ସମ୍ପର୍କ ତଥା ପ୍ରଭାବବିସ୍ତାର କରିଥିବା ଲୋକ ସପକ୍ଷରେ ନ୍ୟାୟ ଯାଏ, ଏକଥା କେବଳ କଣ ସିଙ୍ଗାପୁର ଓ ପାକିସ୍ତାନର ଗରିବ ଓ ଦୁର୍ବଳ ଲୋକ ଅଥବା ବିରୋଧୀ ଦଳର ନେତାମାନେ କହିବେ ? ଆମ ଦେଶରେ କଣ ଏଭଳି ଘଟି ନାହିଁ ?



# ନିର୍ବାଚନ ଖର୍ଚ୍ଚର ନିୟନ୍ତ୍ରଣ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ତଥା ସେଡାକାର ସିନେଟର ଲୋକପ୍ରତିନିଧି ଏବଂ ଅଧିକାରୀମାନେ ଆମମାନଙ୍କୁ ଗଣତନ୍ତ୍ରରେ ଔଚିତ୍ୟ ଉପରେ ଭାଷଣ ଦିଅନ୍ତି, ସେମାନେ କଣ ଭ୍ରଷ୍ଟାଚାର ଧାର ଧାରନ୍ତି ନାହିଁ ? ସେ ଦେଶରେ କିଭଳି ନିର୍ବାଚନ ପ୍ରଚାର ଲାଗି ପାଣ୍ଠି ସଂଗ୍ରହ କରାଯାଏ ଓ ତାହାକୁ ନିୟନ୍ତ୍ରଣ କରିବାରେ କିଭଳି ଆଇନ କାନୁନ ଅଛି, ତାହା ଦେଖିବା ଆସନ୍ତୁ । ପ୍ରଚଳିତ ଆଇନ ଅନୁଯାୟୀ ବ୍ୟକ୍ତିବିଶେଷ କୌଣସି ପ୍ରାର୍ଥୀଙ୍କୁ ୧୦୦୦ ଡଲାରରୁ ବେଶି ଦାନ ଦେଇ ପାରିବ ନାହିଁ; କିନ୍ତୁ କୌଣସି ପ୍ରାର୍ଥୀଙ୍କୁ ବା ପ୍ରାର୍ଥୀର ଦଳକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଗଢାହେଉଥିବା ରାଜନୈତିକ ବା କ୍ରିୟାନୁଷ୍ଠାନ କମିଟି ଭଳି ସଂସ୍ଥାକୁ ୫୦୦୦ ଡଲାର ପର୍ଯ୍ୟନ୍ତ ଦାନ ଦେଇପାରିବ । ନେତାଙ୍କ ଶୁଭଦୃଷ୍ଟିରେ ରହିବା ଲାଗି ଏ ଦାନ । କାଳେ ଭିନ୍ନ ଭିନ୍ନ ପ୍ରାର୍ଥୀ ଏବଂ ଏମିତି ଗୁଡିଏ ସଂସ୍ଥାକୁ ଗୁଡାଏ ଦାନ କରି ନିଜର ଅଭିଳାଷ ହାସଲ କରିବାର ଚେଷ୍ଟା କରିବ, ସେଥିଲାଗି ଗୋଟିଏ ସୀମା ଅଛି । ଭିନ୍ନ ଭିନ୍ନ ଭାବରେ ଜଣେ ଲୋକ ସର୍ବମୋଟ ୨୫,୦୦୦ ଡଲାରରୁ ବେଶି ଦାନ ଦେଇ ପାରିବ ନାହିଁ । ଯାହା ଦାନ ଦେବ, ଚେକ୍ ଆକାରରେ ଦେବାକୁ ବାଧ୍ୟ । ଦାନ ପାଇବା ପ୍ରତ୍ୟେକ ପ୍ରାର୍ଥୀ ଦାତାଙ୍କ ନାମ ଓ ଦାନର ପରିମାଣ ସରକାରଙ୍କୁ ଜଣାଇବ ଏବଂ ନିର୍ବାଚନ ପରେ ଅଡିଟ୍ ହୋଇଥିବା ହିସାବପତ୍ର ସରକାରଙ୍କୁ ଜଣାଇବ । ମାର୍କିନ୍ ଆଇନରେ ଅଛି ଯେ ନିଗମ (କର୍ପୋରେସନ) ତଥା ଶ୍ରମିକ ୟୁନିୟନମାନେ କୌଣସି ପ୍ରାର୍ଥୀ ବା ରାଜନୈତିକ ଦଳକୁ ଆର୍ଥିକ ଦାନ ଦେଇ ପାରିବେ ନାହିଁ । ଆମେରିକାର ଆଇନ ଅନୁଯାୟୀ ସରକାରଙ୍କୁ ପ୍ରତି ଦାନର ଖବର ମିଳୁଥିବାରୁ ସାଧାରଣ ଲୋକ ମଧ୍ୟ ଜାଣିବାର ଅଧିକାର ପାଏ । ନିର୍ବାଚନ ଖର୍ଚ୍ଚ (ତେଣୁ କାର୍ଯ୍ୟକ୍ରମ)ର ତନଖି କରିବା ଅଧିକାର ସମସ୍ତଙ୍କର ଅଛି : ସରକାରଙ୍କର, ବ୍ୟକ୍ତି ବିଶେଷର ତଥା ସମ୍ବାଦପତ୍ରର । ଆମ ଦେଶରେ ନିର୍ବାଚନ ଖର୍ଚ୍ଚ ଉପରେ କଟକଣା କେବଳ ନିର୍ବାଚନ କମିଶନର ତନଖି କରନ୍ତି, ଖର୍ଚ୍ଚର ହିସାବ ଅନେକେ ଦିଅନ୍ତି ନାହିଁ । ପୁଣି ଦଳ କରିଥିବା ଖର୍ଚ୍ଚ ହିସାବକୁ ନିଆଯାଉ ନାହିଁ । ତେଣୁ ଆମ ଦେଶରେ ନିୟମ ଗୋଟିଏ

ଆଡେ ତ କାମ ଆଉ ଗୋଟିଏ ଆଡେ । ଯଦି କୌଣସି ବେଆଇନ ଖର୍ଚ୍ଚର ଖବର ମିଳେ, ସେଥିରେ ଶାସକ ଦଳର ଲୋକ ଜଡିତ ଥିଲେ, ତା କେବେ ଲୋକଲୋଚନକୁ ଅଣାଯାଏ ନାହିଁ ।

ଆମେରିକାରେ ପ୍ରାର୍ଥୀମାନେ ବେଶି ପରିମାଣର ଚାନ୍ଦା ବା ଦାନ ନେବାକୁ କୁଣ୍ଠା କରୁଛନ୍ତି, ଚେକ୍ ଆକାରରେ ନେଲେ ତ ହିସାବ ମିଳିଯିବ, ତେଣୁ ଜନସାଧାରଣଙ୍କ ସମ୍ମୁଖରେ ତାହାର ଖର୍ଚ୍ଚ ହିସାବ ଦେବାକୁ ପଡିବ । ଚେକ୍ ଛଡା ଅନ୍ୟ ଉପାୟରେ ଦେଲେ ଆଇନଗତ ନୁହେଁ ବୋଲି ବ୍ୟବସ୍ଥା ଥିଲେ ମଧ୍ୟ ନୋଟ ବା ମୁଦ୍ରା ଆକାରରେ ନେବାକୁ ନେତାମାନେ ଚାହାନ୍ତି, କାରଣ ତାହାର କିଛି ହିସାବ ତ ରହିବ ନାହିଁ, ଧରିବ କିଏ ? ଧରନ୍ତୁ ଗୋଟିଏ ଚିନି କମ୍ପାନୀ ଚିନିଶିଳ୍ପକୁ ନିୟନ୍ତ୍ରଣ ମୁକ୍ତ କରିବା ଲାଗି ଜଣେ ସିନେଟରଙ୍କୁ ୧୦ଟି ୧୦୦ ଡଲାରିଆ ନୋଟ ଦେଲା । ସିନେଟର ମହାଶୟ ସେହି ପଇସାରେ ଗୋଟିଏ ନୂଆ ଗାଡି କିଣି ପକାଇଲେ ଏବଂ ତାଙ୍କ କିରାଣିମାନେ ଏଥିପାଇଁ ବିଲ୍ ତିଆରି କରି ହିସାବ ରଖିଦେଲେ । ଅନ୍ୟ ପକ୍ଷରେ ଆଉ ଗୋଟିଏ ଗୁଡ (ମୋଲାସେସ୍) କମ୍ପାନୀ ଗୁଡକୁ ନିୟନ୍ତ୍ରଣମୁକ୍ତ କରିବା ଉଦ୍ଦେଶ୍ୟରେ ଜନୈକ ସିନେଟରଙ୍କୁ ତାଙ୍କ କାର କିଣିବା ଲାଗି ୧୦୦୦ଡଲାରର ଗୋଟିଏ ଚେକ୍ ଦେଲେ । କାଗଜ ପତ୍ରରେ ଚେକ୍ ଦେଇଥିବା କମ୍ପାନୀର ସୁରାକ ମିଳିଯିବ । ତାହା ଲାଞ୍ଚ ବୋଲି ଧରାଗଲା ଏବଂ ଏଭଳି ଲାଞ୍ଚ ଦଣ୍ଡନୀୟ ହୋଇପଡିଲା । କିନ୍ତୁ ନୋଟ ଆକାରରେ ଦେଇଥିବା ଲାଞ୍ଚରେ ଦାତାର ସୁରାକ ନ ଥିବାରୁ ସିନେଟର ଅପରାଧ କରିନାହାନ୍ତି । ଅନ୍ତତଃ ପ୍ରମାଣ ତ କରିହେବ ନାହିଁ । ୧୯୯୬ ଫେବୃୟାରୀ ପ୍ରଥମ ସପ୍ତାହରେ ପ୍ରେସିଡେଣ୍ଟ କ୍ଲିଣ୍ଟନ ତାଙ୍କ ଷ୍ଟେଟ ଅଫ ଦି ୟୁନିୟନ ଭାଷଣରେ ଆହ୍ୱାନ ଦେଇଥିଲେ ଯେ ଏଭଳି ରାଜନୈତିକ ଭ୍ରଷ୍ଟାଚାରକୁ ରୋକାଯିବାର ନିୟମ ହେଉ । କେତେ ଜଣ ବି ମିଶି ଏଭଳି ଏକ ବିଲ୍ କଂଗ୍ରେସରେ ପେଶ୍ କରିଦେଲେ । କିନ୍ତୁ ସଂଖ୍ୟାଗରିଷ୍ଠ ସମର୍ଥନ ମିଳିଲା ନାହିଁ । ସେ ବର୍ଷ ଫେବୃୟାରୀ ୭ରେ ରିପବ୍ଲିକାନ ଦଳର ଜାତୀୟ କମିଟି ଗୋଟିଏ ବାର୍ଷିକ ଭୋଜିର ଆୟୋଜନ କରି କୋଟିଏ ଷାଠିଏ ଲକ୍ଷ ଡଲାର ଆଦାୟ କରିଥିଲେ । ଭୋଜିର ଦାମ୍ ରୂପେ ସେମାନେ ମୋଟା ଅଙ୍କର ଦାନ ପାଇଥିଲେ । ପ୍ରତ୍ୟେକ ଭୋଜନ ଟିକଟର ମୂଲ୍ୟ ଥିଲା ୨,୫୦,୦୦୦ ଡଲାର । ଦାନ ବଦଳରେ ସେମାନଙ୍କୁ କେତେକ ସୁବିଧା ଦିଆଗଲା, ଯଥା, ସେମାନେ ପ୍ରତିନିଧି ସଭା ତଥା ସିନେଟ୍‌ର ଗୁରୁତ୍ୱପୂର୍ଣ୍ଣ କମିଟିମାନଙ୍କର ସଭ୍ୟମାନଙ୍କୁ ଏବଂ ପ୍ରତିନିଧି ସଭାର ବାଚସ୍ପତି ଗିଙ୍ଗ୍‌ରିକ୍ ଓ ସିନେଟ୍‌ର ସଂଖ୍ୟାଗରିଷ୍ଠ ନେତା ବବ୍ ଡୋଲ୍‌ଙ୍କୁ ସହଜରେ, ଅବାଧରେ ଭେଟି ପାରିବେ । ତା'ଛଡା ରାଷ୍ଟ୍ରପତି ପାଇଁ ହୋଇଥିବା ରିପବ୍ଲିକାନ୍ ଦଳର ପ୍ରାର୍ଥୀଙ୍କୁ ଜଳଖିଆକୁ ନିମନ୍ତ୍ରଣ କରିପାରିବେ । ଏଭଳି ଘରୋଇ ମୁଲାକାତ ପାଇଁ ଅଢେଇ ଲକ୍ଷ ଡଲାର ପଇସା ନେବା ଏକ ଭଲ ଉପାୟ । ଅଧିକନ୍ତୁ ଏ ପଇସା ବଦଳରେ

ସରକାରୀ କାମ କରି ଦେବାର ପ୍ରତିଶ୍ରୁତି ନ ଥିବାରୁ ଏହାକୁ ଲାଞ୍ଚ ବୋଲି ଧରାଯାଉ ନାହିଁ । କିଛି ମୁଲାକାତ ପାଇବାର ପ୍ରତିଶ୍ରୁତି ପାଇଁ ଏତେ ପରିମାଣର ଅର୍ଥ ଯାଚିବା ଆଇନଗତ, ଏକଥା ସାଧାରଣ ଲୋକ ବିଶ୍ୱାସ କରି ପାରୁ ନାହାନ୍ତି । ଅଦାଲତମାନେ କହନ୍ତି ଯେ, ପ୍ରତି ବଦଳରେ କୌଣସି ସରକାରୀ ଅନୁକମ୍ପାର ପ୍ରତିଶ୍ରୁତି ନଥିଲେ ତାକୁ ଲାଞ୍ଚ ବୋଲି ଧରାଯିବ ନାହିଁ, ତାକୁ ଉପହାର ବୋଲି ଧରାଯିବ । ଆମ ଦେଶର ଆଇନ ବରଂ ବେଶି କଡା । ଦାନ ପ୍ରତିବଦଳରେ କିଛି କରିବା ପ୍ରତିଶ୍ରୁତି ଥାଉ ବା ନଥାଉ କିମ୍ବା କୌଣସି କାମ କରାଯାଇ ଥାଉ ବା ନ ଥାଉ, ଯଦି କେହି କେହି ତାର ନ୍ୟାଯ୍ୟ ପାଉଣାରୁ ଅଧିକା ପାଇଥାଏ, ତେବେ ସେ ଲାଞ୍ଚ ନେଇଥିବା ଅପରାଧରେ ଦୋଷୀ ହେବ । ସବୁ ପ୍ରକାର ଜଣାଶୁଣା ସୂତ୍ର ବା ରୋଜଗାରର ଉତ୍ସ ଛାଡି କୌଣସି ଅଜଣା ସୂତ୍ରରୁ ବା ଟିକସ ଦିଆ ହୋଇ ନଥିବା ସୂତ୍ରରୁ ଆସୁଥିବା ପଇସା, ଅନୈତିକ ଉପାୟରେ ଆସିଛି ବୋଲି ଧରିନେବାକୁ ଆମ ଦେଶର ଆଇନରେ ଅଛି । ପ୍ରିଭେନସନ ଅଫ କରପ୍‌ସନ୍ ଆକ୍ଟ ଏ ଦୃଷ୍ଟିରୁ ଖୁବ୍ କଡା । କିନ୍ତୁ ଆଇନକୁ ଉଚିତ ମାର୍ଗରେ ପରିଚାଳିତ କରିବାକୁ ନିଯୁକ୍ତ ଥିବା ଅଧିକାରୀମାନେ ଶାସକ ଦଳର ବଚସ୍କର ହୋଇ କାର୍ଯ୍ୟ କରୁଥିବାରୁ ଏଭଳି ଭ୍ରଷ୍ଟାଚାର କୋର୍ଟ କଚେରିକୁ ଆସୁ ନାହିଁ । ଏବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏଭଳି ମକଦ୍ଦମା ଆରମ୍ଭ ହେଉଥିବା ବଡ ଆନନ୍ଦର କଥା ।

ହାୱାଲା ମାମଲାରେ ୬୫୦ କୋଟି ଟଙ୍କା ଏପାଖ ସେପାଖ ହୋଇଥିବା ଘଟଣା ବିଷୟରେ ଊଣାଅଧିକେ ସମସ୍ତେ ଜାଣିଥିବେ । ଏସବୁ ପଇସାର ବେଶ୍ କିଛି ଭାଗ ସେଆର୍‌ର ଚଢା ଦାମ୍ ଜରିଆରେ ଦିଆଯାଇଥିଲା, ଯେଉଁ ସେଆର୍‌ର ଦାମ ଖୁବ୍ ବଢୁଛି ବୋଲି ହର୍ଷଦ ମେହେଟା ଭଳି ଦଲାଲମାନେ କହୁଥିଲେ, ସେଗୁଡିକରୁ ବେଶ୍ ମୋଟା ଅଙ୍କର ସେଆର୍ ରାଜନୈତିକ ନେତାମାନେ ପାଇଥିଲେ । ନେତାଙ୍କ ସମ୍ପର୍କରେ ଆସିଥିବା ଅଫିସର୍‌ମାନେ କିଛି କିଛି ବାଟମାରଣା କରିନେଲେ ।

ଏ ସବୁ ପଇସା ଦିଆନିଆ ମୂଳରେ ଅଛି ବିଭିନ୍ନ ଶିଳ୍ପ ଓ ବ୍ୟବସାୟ ଉପରେ ସରକାରୀ କଣ୍ଟ୍ରୋଲ ବା ରେଗୁଲେସନ । ଯଦି ସବୁ କାରବାର, ଶିଳ୍ପ ହେଉ ବା ସେବା ହେଉ, ଉତ୍ପାଦନ ହେଉ ବା ପ୍ରକ୍ରିୟାକରଣ ହେଉ, ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହୋଇପଡେ, ତେବେ ରାଜନୈତିକ ନେତାମାନଙ୍କୁ ବା ସରକାରୀ କର୍ମଚାରୀମାନଙ୍କୁ ପଇସା ଦେବାର ଅବସର ରହିବ ନାହିଁ । ଯଦି ତା ନହୋଇ ପାରିଲା, ତେବେ ପ୍ରାର୍ଥୀମାନଙ୍କ ପାଇଁ ସରକାର ପ୍ରଚାର କରନ୍ତୁ । କୌଣସି ପ୍ରାର୍ଥୀ ବ୍ୟକ୍ତିଗତ ନିଜେ ବା ପରୋକ୍ଷରେ ଦଳ ଦ୍ୱାରା ପ୍ରଚାର କଲେ ଦଣ୍ଡନୀୟ ହେଉ । ଠିକ୍ ଯେପରି ଧର୍ମଦ୍ୱାହି ଦେଇ ପ୍ରଚାର କଲେ ପ୍ରାର୍ଥୀର ବିଜୟକୁ ପରାସ୍ତ ବୋଲି ଅଦାଲତମାନେ ଘୋଷଣା କରୁଛନ୍ତି, ଚାନ୍ଦା ବା ଲାଞ୍ଚ ନେଇ ନିର୍ବାଚନରେ ଲଢିବାକୁ ସେହିପରି ଦଣ୍ଡନୀୟ କରାଯାଉ ।

# ଆମେରିକାରେ ରାଜନୀତି ଏକ ଶିଳ୍ପ

ରାଜନୀତି ଯେ ଗୋଟିଏ ରୀତିମତ ବ୍ୟବସାୟ, ଏହାର ଏକ ଚାକ୍ଷୁଷ ପ୍ରମାଣ ଚାହୁଁଥିବା ଲୋକ ଆମେରିକା ଯୁକ୍ତରାଷ୍ଟ୍ରର ନିର୍ବାଚନ ପ୍ରଚାର ସମୟରେ ସେ ଦେଶକୁ ଯିବା ଉଚିତ । ଆଜିକାଲି ପର୍ଯ୍ୟଟନର ଉଦ୍ଦେଶ୍ୟ ଅନୁଯାୟୀ ଶ୍ରେଣୀ ବିଭାଗ କରାଯାଉଛି, ଯଥା, ପରିବେଶ ସୌନ୍ଦର୍ଯ୍ୟ ଦର୍ଶନାର୍ଥୀ ପର୍ଯ୍ୟଟନକୁ ଯେଉଁଳି ଇକୋ-ଟୁରିଜମ୍ କୁହାଯାଏ, ଏ ଜାତିର ଭ୍ରମଣକୁ ଗଣ-ପର୍ଯ୍ୟଟନ (ଡିମୋ-ଟୁରିଜମ୍) ନାମ ଦିଆ ଯାଇ ପାରେ । ଗଣତନ୍ତ୍ର ଏକ ବ୍ୟୟବହୁଳ ଶାସନ ବ୍ୟବସ୍ଥା । ରାଜନୀତିର ବ୍ୟୟ କିପରି କମାଇହେବ, ଏ ବିଷୟ ଆମେରିକାର ବୁଦ୍ଧିଜୀବୀମାନଙ୍କ ଚିନ୍ତାର କାରଣ ହୋଇପଡିଛି । ସମ୍ପ୍ରତି ପ୍ରବଳ ଖର୍ଚ୍ଚ କରି ରାଷ୍ଟ୍ରପତି ପଦରେ ବିଜୟୀ ହୋଇଥିବା ବିଲ୍ କ୍ଲିଣ୍ଟନ୍ ଫେବୃଆରୀ ୪, ୧୯୯୭ରେ ତାଙ୍କ ଷ୍ଟେଟ୍ ଅଫ୍ ଦି ୟୁନିଅନ୍ ଭାଷଣରେ ଆହ୍ୱାନ ଦେଲେ ଯେ 'ଆସନ୍ତୁ, ଆଜି ରାତିରେ, ସମଗ୍ର ଆମେରିକା ଆମକୁ ଚାହିଁଥିବାବେଳେ, ପରିଶେଷରେ ଆମେ ଏକ ନିର୍ବାଚନ-ଖର୍ଚ୍ଚର ସଂସ୍କାର ଲାଗି ଏକ ଆଇନ ପ୍ରଣୟନ କରିବାର ପ୍ରତିଜ୍ଞା କରିବା ।' ଆମ ଦେଶର ନେତାମାନଙ୍କଠାରୁ ଯେମିତି ତୁଳାମୁହାଁ ବକର ସାଧୁବାଣୀ ବାହାରେ, କ୍ଲିଣ୍ଟନଙ୍କ ମୁହଁରୁ ସେମିତି ବାହାରି ପଡିଲା । ସେ ତ ନିଜେ ଡଲାରର ଜୁଆରରେ ନିର୍ବାଚିତ । ପ୍ରବାସୀ ଚୀନାମାନେ, ଜନୈକ କୋଟିପତି ଇଣ୍ଡୋନେସୀୟ ଏବଂ ଆହୁରି ଅନେକେ କ୍ଲିଣ୍ଟନଙ୍କ ନିର୍ବାଚନ ପାଣ୍ଠିକୁ ଅପର୍ଯ୍ୟାପ୍ତ ଧନ ଯୋଗାଇଛନ୍ତି, ସେ ପୁଣି କହୁଛନ୍ତି କଣ ନା ନିର୍ବାଚନ ପାଣ୍ଠିର ସଂସ୍କାର ଆଣିବା ଲାଗି ଆଇନ କରିବେ ! କ୍ଲିଣ୍ଟନ୍ ତଥା ଅନ୍ୟ ରାଜନୀତିବାଲାଙ୍କ ଦୋମୁହାଁ କଥା ଛାଡିଦେଲେ ବି ଏ ସଂସ୍କାରର ବିରୋଧୀ ହେବେ ବିଧାୟକମାନେ; ଯେଉଁମାନେ ଆଇନ ପ୍ରଣୟନ କରିବେ ସେହିମାନେ ତ ଏମିତି ପଇସାର ସୁଅରେ ଜିତିଛନ୍ତି । ଭାରତ ପାକିସ୍ଥାନରେ ଯେପରି ପ୍ରତି ନିର୍ବାଚନ ବେଳେ ନିର୍ବାଚନ ଖର୍ଚ୍ଚ ଯୋଗୁ ହେଉଥିବା ଦୁର୍ନୀତିକୁ ରୋକିବା ଲାଗି ନେତାମାନେ ତୁହାକୁ ତୁହା ପ୍ରତିଜ୍ଞା କରନ୍ତି, ଆମେରିକାରେ ସେମିତି ଛତୁ ଫୁଟିଲା ଭଳି କେତେ ଥର ଏମିତି ପ୍ରତିଜ୍ଞା କରାଯାଇଛି ଏବଂ ଛତୁ ଭଳି ନିର୍ବାଚନ-ବର୍ଷା ପରେ କୁଆଡେ ଉଭେଇଯାଉଛି ।

ଭାରତ ମେଳାକୁ ଦାନ ଦିଅ ବୋଲି ଆମ ଦେଶର ୧୩ଦଳୀୟ ସରକାରର ମନ୍ତ୍ରୀମାନେ ନିଜ ନିଜ ବିଭାଗର ସରକାରୀ କମ୍ପାନୀମାନଙ୍କୁ କହିଥିଲେ ବୋଲି ତ ସେତେବେଳେ ଖବରକାଗଜମାନଙ୍କରେ ବାହାରିଥିଲା । ଗତ ନିର୍ବାଚନରେ ଆମେରିକାରେ ପରା କମ୍ପାନୀର ମୁଖ୍ୟମାନେ (ପ୍ରାୟ ସବୁ ଶିଳ୍ପପତି) ହ୍ୱାଇଟ୍ ହାଉସ୍‌ରେ କଫି ପିଇବାର ଖର୍ଚ୍ଚ ଦେବା ନାଁ ରେ, ରାଷ୍ଟ୍ରପତିଙ୍କ ପାଖ ହେବା ପାଇଁ ଦାତାମାନେ ଲିଙ୍କନଙ୍କ ବେଡ୍ ରୁମ୍‌ରେ ବସିବାର ଭଡା ଦେବା ନାଁ ରେ, ଲକ୍ଷ ଲକ୍ଷ ଡଲାର ଦେଇଥିଲେ । ନିଜ ଦେଶ ପାଇଁ ମାର୍କିନ୍ ଅନୁଗ୍ରହ କିଣିବା ନାଁରେ ଧନୀ ଏସୀୟ କମ୍ପାନୀମାନେ ଡିମୋକ୍ରାଟିକ୍ ନାସନାଲ୍ କମିଟିର ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ ଦେଇଥିଲେ । ମାର୍କିନ୍ ସାଂସଦମାନେ, କଂଗ୍ରେସ୍‌ମେମ୍ବର ହୁଅନ୍ତୁ କି ସିନେଟର, ଗତ ନିର୍ବାଚନର ଦୁଇ ବର୍ଷ କାଳ ବିଭିନ୍ନ ସଭା ସମିତିରେ ବା ଅନ୍ୟଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବେଶ୍ ଡଲାର୍ ଆଦାୟ କରିଛନ୍ତି : ସବୁ ନିର୍ବାଚନ ଖର୍ଚ୍ଚ ତୁଲାଇବା ପାଇଁ । ସମସ୍ତେ ଜାଣନ୍ତି : ଯାହାର ବେଶି ପଇସା ଅଛି, ସେ ହିଁ ଜିତୁଛି । ଅବଶ୍ୟ ସବୁବେଳେ ଶାସନଗାଦିରେ ଥିବା ଦଳ ପାଖରେ ଅନ୍ୟଠାରୁ ବେଶି ପଇସା ଥିବ; କିନ୍ତୁ ଅର୍ଥବଳ ଓ ରାଜନୈତିକ ପ୍ରଭାବ ବିସ୍ତାର ଭିତରେ ଏତେ ବଡ ସମ୍ପର୍କ କ୍ଲିଣ୍ଟନ୍‌ଙ୍କ ନିର୍ବାଚନ ଆଗରୁ ନ ଥିଲା । ଏବେ ଆଦର୍ଶର ଆୱାଜ୍‌ଠାରୁ ଡଲାରର ଠଣ୍ ଠଣ୍ ବେଶି ଜୋରରେ ଶୁଭୁଛି । ଏକ ନିର୍ଦ୍ଦିଷ୍ଟ ନୀତି ଉପରେ ନିର୍ବାଚନ ଲଢି ଭୋଟ ପାଇଗଲା ପରେ ପ୍ରତିନିଧିମାନେ ନିଜକୁ ବିକି ଆଉ ଗୋଟିଏ ନୀତିର ଦଳକୁ ସମର୍ଥନ ଦେଉଛନ୍ତି, ଏ କଥା ଆମେରିକାରେ ଘଟୁଛି । ସେ ଦେଶରେ ସିନା ରିଗିଙ୍ଗ (ପ୍ରାର୍ଥୀର ଲୋକେ ଭୋଟରମାନଙ୍କ ପାଇଁ ଭୋଟ ଦେବା) ନାହିଁ, କିନ୍ତୁ ସେଠି ବି ଯେ ଆଦର୍ଶଟା କେବଳ ଭୋଟ ପ୍ରଚାର ପାଇଁ, କାମରେ ନୁହେଁ : ଏ ଧାରଣାର ଚେର ଲୋକଙ୍କ ମନରେ ମାଡିଲାଣି । ପାକିସ୍ଥାନ ବା ବାଙ୍ଗଲାଦେଶରେ ନିର୍ବାଚନ ନିରପେକ୍ଷ ହେଉଛି କି ନାହିଁ ଯେଉଁ ଆମେରିକାର ଲୋକେ ପର୍ଯ୍ୟବେକ୍ଷଣ କରିବାକୁ ଆସନ୍ତି, ସେ ଆମେରିକାରେ ରାଜନୀତିକୁ ଶିଳ୍ପର ମାନ୍ୟତା ଦିଆଯାଇଥିବା ଭଳି ମନେ ହୁଏ । ଆମ ଦେଶରେ ତ ନିର୍ବାଚନ ପ୍ରଚାରରେ ଖଟାହୋଇଥିବା ଅର୍ଥକୁ ପୁଞ୍ଜିଲଗାଣ ନାମ ଦେଇ ନେତାମାନେ ସାତ ପୁରୁଷ ପାଇଁ କମାଉଛନ୍ତି । ତା ଉପରେ ପୁଣି ତ ପେନ୍‌ସନ୍ ଅଛି । ଆମେରିକାରେ ଲୋକପ୍ରତିନିଧିଙ୍କ ପେନ୍‌ସନ୍ ନାହିଁ, ଦିନେ ସେମାନେ ଆମ ଦେଶରୁ ଶିଖିନେବେ ଯେ !

ଏ କଥା ସତ ଯେ ଦୋକାନୀ ବିଜ୍ଞାପନ ଦେଇ ନିଜ ଜିନିଷର ପ୍ରଚାର କଲା ଭଳି ନେତା ନିଜର ନିର୍ବାଚନୀ ଇସ୍ତାହାର ଲୋକଙ୍କୁ ଜଣାଇବାରେ ଖର୍ଚ୍ଚ କରେ । ପ୍ରଭେଦ ଏତିକି ଯେ କୌଣସି ଦୋକାନୀ ଅନ୍ୟ ସବୁ ଦୋକାନୀଙ୍କ ରାସ୍ତା ବନ୍ଦ କରିଦିଏ ନାହିଁ କି ବନ୍ଦ କରିପାରେ ନାହିଁ । କିନ୍ତୁ ଗଣତନ୍ତ୍ରର ବଜାରରେ ଏ ନୀତି କାମ କରେ ନାହିଁ; ଏଥିରେ ବିବିଧତା

ବଦଳରେ ସଂଖ୍ୟାଧିକତାର ଜୋର ବେଶି; ତେଣୁ ଗଣତନ୍ତ୍ର ଦଦରା ହୋଇଯାଉଛି, ପ୍ରଚାର ବା ବିଜ୍ଞାପନର ସ୍ୱାଧିନତା ରହିବା ଭଲ, କିନ୍ତୁ ଖୋଲାଖୋଲି ଭାବରେ ଲୋକପ୍ରତିନିଧିଙ୍କ ପ୍ରଭାବ କିଣିବା ଯେତେବେଳେ ଏ ସ୍ୱାଧିନତାର ମୂଲ୍ୟ ହୋଇପଡେ, ଦଦରା ଗଣତନ୍ତ୍ର କଣା ହୋଇଯାଏ ।

ଯୁଦ୍ଧ ଆଉ ପ୍ରେମ କ୍ଷେତ୍ରରେ ନିୟମ ନ ଥାଏ, ଏ କଥା ଶାସ୍ତ୍ର କହେ । ନିର୍ବାଚନ ଏକ ଯୁଦ୍ଧ, ତେଣୁ ସମ୍ପୂର୍ଣ୍ଣ ନିରପେକ୍ଷ ହୋଇପାରିବ ନାହିଁ । ଏହାର ଅର୍ଥ ନୁହେଁ ଯେ ସରକାରମାନେ ଅଧିକ ଖୋଲାଖୋଲି, ଅଧିକ ସଙ୍କୋଚ, ଗୋଟିଏ କଥାରେ କହିଲେ ଅଧିକ ଗଣତନ୍ତ୍ରୀ ହାୱା ତିଆରି କରିବାର ଚେଷ୍ଟା କରିବେ ନାହିଁ ? ଜାପାନ, ଇଟାଲୀ, ଫ୍ରାନ୍ସ, ବେଲ୍‌ଜିଅମ୍, ଏବଂ ଆମ ଦେଶରେ ନିର୍ବାଚନ ଖର୍ଚ୍ଚ ଉପରେ କଟକଣା ରହିଛି; ଆମେରିକାରେ ଦଳକୁ ବା ନେତାକୁ ଦେବା ଦାନ ଉପରେ କଟକଣା ଅଛି । ବିଲାତରେ ଦଳ ବା ପ୍ରାର୍ଥୀ କେହି ଟେଲିଭିଜନ ବା ରେଡିଓରେ ନିଜର ପ୍ରଚାର କରିବା ସମୟ କିଣିପାରିବେ ନାହିଁ । ବିଲାତର ଗଣତନ୍ତ୍ର କଣ ନୀଚ ଧରଣର ? ଆମେରିକାରେ ଏଭଳି ହେଉ ନାହିଁ କାହିଁକି ? ସେଠାରେ ଶିଳ୍ପପତି ଓ ବ୍ୟବସାୟୀମାନେ ରାଜନୀତିକୁ ଆଶ୍ରୟ କରି ନିଜର ବ୍ୟବସାୟ ବଢାଉଛନ୍ତି, ନିର୍ବାଚନରେ ଡଲାର ଯୋଗାଇ ପ୍ରତିନିଧି ବା ରାଷ୍ଟ୍ରପତିଙ୍କ ଅନୁଗ୍ରହ କିଣୁଛନ୍ତି । ଯୁକ୍ତରାଷ୍ଟ୍ରର ବର୍ତ୍ତମାନ ନିୟମ ଅନୁଯାୟୀ ଦଳ ବା ବ୍ୟକ୍ତି ଯେଉଁଠୁ ଯାହା ପାଇବ୍ ଘୋଷଣା କରିବା କଥା, କିନ୍ତୁ ଘୋଷଣା କରିବାକୁ ଏତେ ଡେରି ହେଉଛି ଯେ ଲୋକେ ନିର୍ବାଚନ ସମୟରେ କି ଦୁର୍ନୀତି ହୋଇଥିଲା ଭୁଲିଯାଉଛନ୍ତି । ଯୁକ୍ତରାଷ୍ଟ୍ରର ସୁପ୍ରିମ କୋର୍ଟ କହିଲା : ନିର୍ବାଚନ ପ୍ରଚାରର ଖର୍ଚ୍ଚ ବାକ୍ ସ୍ୱାଧିନତା ଜାହିର କରିବାର ଏକ ଅଂଶ । ତାଙ୍କ ସମ୍ବିଧାନର ପ୍ରଥମ ସଂଶୋଧନରେ ବାକ୍ ସ୍ୱାଧିନତାର ଗାରେଣ୍ଟି ଅଛି । ତେଣୁ ଭ୍ରଷ୍ଟାଚାର ଲାଗି ରହିଛି । ଆଇନ ବି ନୈତିକତାର ବିରୋଧି ହୋଇପାରେ – ଏ ତା'ର ଗୋଟିଏ ଉଦାହରଣ । ଯେମିତି ଆମ ଉଚ୍ଚତମ ନ୍ୟାୟାଳୟ କହିଦେଲେ ସାଂସଦମାନେ ଲାଞ୍ଚ ନେଇ ଲାଞ୍ଚଦାତା ସମ୍ପର୍କରେ ଯଦି କିଛି ସଂସଦରେ କହନ୍ତି ତେବେ ତାହା ସେମାନଙ୍କ ସଂସଦୀୟ କାରବାରର ଏକ ଅଂଶ । ଏବେ ପୂର୍ବୋକ୍ତ ମାର୍କିନ୍ ରାୟର ସଂଶୋଧନ ପାଇଁ ଆଇନଜ୍ଞମାନେ ଲଢୁଛନ୍ତି । ଆମ ଦେଶରେ କେବେ ସଂଶୋଧନ ହେବ କେଜାଣି ?

ସରକାରୀ ଖର୍ଚ୍ଚରେ ନିର୍ବାଚନ ପ୍ରଚାର ହେଲେ ଭଲ ହେବ ବୋଲି କହିଦେଲେ କଥା ସରିଯାଉ ନାହିଁ : ଏ ପ୍ରସ୍ତାବକୁ କିପରି କାର୍ଯ୍ୟକାରୀ କରାଯିବ ? ଲୋକେ ଘରୋଇ ଟେଲିଭିଜନ ବା ଚୋରା ରେଡିଓ ଜରିଆରେ ପ୍ରଚାର କରିପାରିବେ । ଯେ କୌଣସି ଆଇନ କିଛି ସମୟ ପାଇଁ ବେଶ୍ କାମ କରେ; ଥରେ ଓକିଲ ଓ ନେତାମାନେ କିଭଳି ଆଇନ ଭାଙ୍ଗିବେ ବା ନ ମାନିବେ ଜାଣିଗଲେ ଆଇନଟା ବେକାର ହୋଇଯାଏ । ତେଣୁ ସବୁବେଳେ ଆଇନର

ସଂସ୍କାର ଦରକାର । ମଣିଷର କ୍ଷମତାଲୋଭ କାଳେ କାଳେ ସବୁ ସଂସ୍କାରକୁ କିଛି ଦିନ ଭିତରେ ପଣ୍ଡ କରି ଦେଇଛି । ତଥାପି ତ ସଂସ୍କାର କରାଯିବା ଦରକାର ! ଯୁକ୍ତି ଯେତେବେଳେ ଆମ ସଂସ୍କୃତିର ଅଙ୍ଗ ହୋଇ ପଡିବ, ଅର୍ଥାତ୍ ଯୁକ୍ତିଯୁକ୍ତ ନ ହେଲେ କୌଣସି କାର୍ଯ୍ୟ କରଣୀୟ ନୁହେଁ ବୋଲି ଆମେ ପ୍ରତି ମୁହୂର୍ତ୍ତରେ ଭାବିବା, ସେତେବେଳେ ଯାଇ ଧନ ଲୋଭ କମିବ ଓ ଗଣତନ୍ତ୍ର ଉଧେଇବ । ବିବେକହୀନ ଭାବେ ସମ୍ପତ୍ତି ଠୁଳ କରିବା ଯେ ପର୍ଯ୍ୟନ୍ତ ମଣିଷର ପ୍ରକୃତି ହୋଇ ରହିବ, ସେ ପର୍ଯ୍ୟନ୍ତ ଭୋଟରମାନେ ପଇସା ଲୋଭରେ ବା ପଇସାରେ ରୂପାନ୍ତର ହୋଇ ପାରୁ ଥିବା ଅନୁଗ୍ରହ ଲୋଭରେ ଭୋଟ ଦେଉଥିବେ ଏବଂ ନେତାମାନେ ରାଜନୀତିକୁ ପାରିବାରିକ ବ୍ୟବସାୟ (ଓ ଦେଶକୁ ନିଜର ଦୋକାନ) ବୋଲି ଧରି ନେଉ ଥିବେ ।

## ସବୁ ପଲିଟିସିଆନ୍ ସମାନ, ବିଲାତୀ ହେଲେ କଣ ହେଲା ?

ବିଲାତର ହାଉସ୍ ଅଫ୍ କମନ୍ସରେ ଗୋଟିଏ ଖାତା ଖୋଲାଯାଇଛି : Register of Members' Interests । ସେଥିରେ ୧୪ ଜଣ ପ୍ରତିନିଧି ସେମାନଙ୍କ ବାହାରିଆ ରୋଜଗାର ଦର୍ଶାଉନାହାନ୍ତି, ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଡ୍ୱାର୍ଡ ହିଥ୍ ଅଛନ୍ତି । ଅନ୍ୟ ବିଧାୟକମାନେ ସେମାନଙ୍କ ଉପୁରୀର ସମ୍ପୂର୍ଣ୍ଣ ଚିତ୍ର ଦେଉନାହାନ୍ତି । ପ୍ରଧାନ ମନ୍ତ୍ରୀ ଜନ୍ ମେଜରଙ୍କ ଟୋରି ଦଳର ସଭ୍ୟମାନଙ୍କ କାଣ୍ଡକାରଖାନା ବିଷୟରେ ବିଭିନ୍ନ ସମ୍ବାଦପତ୍ରରେ ଖବର ବାହାରିବାରୁ ହାଉସ୍ ଅଫ୍ କମନ୍ସ (ସଂସଦର ତଳ ସଭା) ନିଜର ଗୋଟିଏ ମୁଖପତ୍ର 'ରେଜିଷ୍ଟର' ପ୍ରକାଶ କଲେ । ଜଣେ ସିନିୟର୍ ଜଜ୍ ଲର୍ଡ ନୋଲାନ୍ ଏଭଳି ଏକ ରେଜିଷ୍ଟର ରଖିବାକୁ ସୁପାରିସ୍ କରିଥିଲେ । ବିଧାୟକ ହିସାବରେ ଯାହା ପାଉଛନ୍ତି, ତାହା ଛଡା ବିଧାୟକ ହୋଇଥିବା କାରଣରୁ ସେମାନଙ୍କୁ ଯଦି କିଛି ମିଳୁଥାଏ, ସେସବୁ କାର୍ଯ୍ୟରୁ ମିଳୁଥିବା ଆୟ ହିସାବକୁ ଆସୁ : ଏହା ଥିଲା ଲର୍ଡ ନୋଲାନ୍‌ଙ୍କ ଉଦ୍ଦେଶ୍ୟ । କମ୍ପାନୀକୁ ପରାମର୍ଶ ଦେବା, କାହା ପାଇଁ ଲବି କରିବା, ସାମ୍ବାଦିକତା କରିବା, ଆଇନ ବିଷୟରେ କମ୍ପାନୀମାନଙ୍କୁ ପରାମର୍ଶ ଦେବା ଆଦି କାର୍ଯ୍ୟ ବିଧାୟକମାନଙ୍କ ବିଧାନସଭା କାର୍ଯ୍ୟ ବା ସାଂସଦମାନଙ୍କ ସାଂସଦୀୟ କାମରେ ଗଣାଯାଏ ନାହିଁ । ବିଧାୟକମାନଙ୍କ ନୈତିକ ମାନ କଣ ହେବା ଉଚିତ ତାହା ପରୀକ୍ଷା କରି ରିପୋର୍ଟ ଦେବା ଲାଗି ୧୯୯୪ରେ ଜନ୍ ମେଜର ନୋଲାନ୍‌ଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିସନ୍ ବସାଇଥିଲେ । ନୋଲାନ୍‌ଙ୍କ ମୂଳ ସୁପାରିସ୍ ଥିଲା : ପ୍ରତିନିଧିସଭାର ସଭ୍ୟମାନେ ବାହାର ଲୋକଙ୍କ ପାଇଁ ଲବି କରିବା ପୂରାପୂରି ବନ୍ଦ କରାଯାଉ । ଗତବର୍ଷ ଏକ ସରଗରମ ଆଲୋଚନା ପରେ କମନ୍ସର ବିଧାୟକମାନେ ନୋଲାନଙ୍କ ସୁପାରିସ୍‌କୁ ନାକଚ କରି ଦେଇ ଥିଲେ । ଅନେକ ବିଧାୟକ କହିଥିଲେ, ସେମାନେ କିଛି ଖରାପ କାମ କରୁନାହାନ୍ତି, ସେମାନଙ୍କର ତ କିଛି ପଇସା ଦରକାର । ମନେ ରଖିବା କଥା : କମନ୍ସର ସଭ୍ୟମାନେ ପ୍ରତ୍ୟେକ ବର୍ଷକୁ ୩୪,୦୦୦ ପାଉଣ୍ଡ (୧୮,୭୦,୦୦୦ ଟଙ୍କା) ପାଆନ୍ତି । ସେ ପୁଣି ଉପୁରୀ ପଇସା ପାଇବେ, ଅଥଚ ସେମାନଙ୍କ ସଚ୍ଚୋଟପଣିଆ ଉପରେ

କିଛି ସାଲିସ୍ କରିବେ ନାହିଁ ବା ବଦଳରେ ଦାତାର କିଛି ଉପକାର କରିବେ ନାହିଁ : ଏକଥା କେହି କେବେ କହି ପାରିବ ?

କିଛି ଦିନ ତଳେ ଜାପାନ ସରକାର ଏକ ରିପୋର୍ଟ ପ୍ରକାଶ କରିଥିଲେ ଯେ ସେଠାକାର ସାଂସଦମାନେ ଘୋଷଣା କରିଥିବା ଆୟ ଅନୁଯାୟୀ ପ୍ରତ୍ୟେକ ସାଂସଦଙ୍କ ବାର୍ଷିକ ହାରାହାରି ଆୟ ୨,୮୦,୦୦୦ ଡଲାର ଥିଲା । ଜାପାନରେ ସାଂସଦମାନେ ବେଶ୍ ଧନୀ । ଯେ କୌଣସି ସ୍ୱଚ୍ଛଳ ମଧ୍ୟ ବୟସ୍କ ଜାପାନୀଠାରୁ ୪ ଗୁଣ ଧନୀ । ଅବଶ୍ୟ ଏ ହେଉଛି ଘୋଷିତ ଆୟ, ଏଥିରେ ବିଭିନ୍ନ ଖର୍ଚ୍ଚ ପାଇଁ ମିଳୁଥିବା ସରକାରୀ ଅନୁଦାନ (ଗ୍ରାଣ୍ଟ) ମିଶିନାହିଁ କି ପର୍କସ୍ ବା ସରକାରୀ ଉପୁରୀ ମିଶିନାହିଁ । ବେସରକାରୀ ଉପୁରୀ ତ ପୁଣି ଅଛି । କୋଟି କୋଟି ଟଙ୍କା ପରିମାଣର ରାଜନୈତିକ ଦାନ ଏଥିରେ ଗଣାଯାଉନାହିଁ କି ଡାଏଟ୍ (ଜାପାନୀ ସଂସଦ) ଠାରୁ ମିଳୁଥିବା ଭତ୍ତା ହିସାବ ହୋଇ ନାହିଁ । ପୁଣି ସାଂସଦଙ୍କୁ ସରକାରୀ ଖର୍ଚ୍ଚରେ ଚାକରବାକର ଥିବା ଏବଂ ସୁସଜ୍ଜିତ ହୋଇଥିବା ୩ ପ୍ରକୋଷ୍ଠ ବିଶିଷ୍ଟ ଆବାସ ତଥା କାର୍ଯ୍ୟାଳୟ ଗୃହ ମିଳିଥାଏ : ସେ ଅଞ୍ଚଳରେ ଏ ପ୍ରକାର ଘରର ମାସିକ ଭଡା ୭ ରୁ ୧୦ ହଜାର ଡଲାର । ସାଂସଦମାନଙ୍କ ଭିତରେ ସବୁଠାରୁ ଧନୀ ଯୋହେଇ କୋନୋ, ଲିବେରାଲ୍ ଡେମୋକ୍ରାଟିକ୍ ପାର୍ଟିର ପୂର୍ବତନ ପ୍ରେସିଡେଣ୍ଟ, ତାଙ୍କର ଆୟ ୨୧.୭ ଲକ୍ଷ ଡଲାର । ଏଥିରୁ ବେଶି ଭାଗ ସେ ପାଇଛନ୍ତି ଜମି ବିକ୍ରିରୁ : ରିଅଲ୍ ଇଷ୍ଟେଟ୍ ବିଜିନେସ୍‌ରୁ । କୋନୋଙ୍କଠାରୁ ଏଲ୍ ଡି ପିର ପ୍ରେସିଡେଣ୍ଟ ଦାୟିତ୍ୱ ନେଇଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ର୍ୟୁତାରୋ ହାସିମୋଟୋ ତାଙ୍କର ଆୟ ୩୧୫,୦୦୦ ଡଲାର ବୋଲି ଘୋଷଣା କରିଛନ୍ତି । ପୂର୍ବତନ ସୋସାଲିଷ୍ଟ ପ୍ରଧାନମନ୍ତ୍ରୀ ଟୋମାଇଚି ମୁରାୟାମା ତାଙ୍କ ବାର୍ଷିକ ଆୟ ୪୦୦,୦୦୦ ଡଲାରରୁ ବେଶି ଘୋଷଣା କରିଛନ୍ତି ।

# ଗଣତନ୍ତ୍ରରେ ରାଜନୈତିକ ସମ୍ପର୍କ ହିଁ କୋଟିପତିମାନଙ୍କ ପୁଞ୍ଜି

ବଢ଼ିଆ ସୁଟ୍‌ଟାଏ ପିନ୍ଧି ମଞ୍ଚର ପଛପଟ ଦରଜା ଖୋଲି ନୂଆ ଚେଆର୍‌ମାନ୍ ବାହାରିଆସିଲେ । ସ୍ଥାନୀୟ ସାମ୍ବାଦିକମାନେ ଉଚ୍ଚ କରତାଳି ଦେଲେ । ଅନ୍ୟମାନେ ତାଙ୍କ ଫଟୋ ନେବା ପୂର୍ବରୁ ସେ ସମବେତ ଜନତାର ଫଟୋ ନେଲେ : ଏତେ ଛୋଟ କାମେରା ଓ ଏତେ ଶୀଘ୍ର ଫଟୋ ଉଠା ଗଲା ଯେ ଅନେକେ ଜାଣିପାରିଲେ ନାହିଁ । ଯେତେ ବଡ କମ୍ପାନୀ ହେଉ ନା କାହିଁକି, ଏସିଆର କୌଣସି କମ୍ପାନୀର ଅଧ୍ୟକ୍ଷ ଆଗକାଳରେ ଏପରି ଖୋଲମ୍ ଖୋଲା ଆତ୍ମ ପ୍ରଚାର କରୁ ନ ଥିଲେ ବୋଲି ଜାକର୍ତ୍ତାର ବୁଦ୍ଧିଜୀବୀମାନେ ସେ ଦିନ ଚକିତ ହୋଇପଡିଥିଲେ । ଇଣ୍ଡୋନେସିଆର ବୃହତ୍ତମ କାର୍ ଯୋଖାଯୋଖିକାରୀ ଆଷ୍ଟ୍ରା ଇଣ୍ଟର୍‌ନାସ୍‌ନାଲ୍‌ର ନୂତନ ଅଧ୍ୟକ୍ଷ ୬୫ବର୍ଷୀୟ ଶ୍ରୀ ମହମଦ୍ ହାସାନ୍ ଆଗକାଳର ଏସୀୟ କୋଟିପତି ଭଳି ଲାଜକୁଳା ନୁହନ୍ତି । ସେ ଉତ୍ପାଦନ କରନ୍ତି ନାହିଁ, ତାଙ୍କ କମ୍ପାନୀ ଗୋଟିଏ ଆସେମ୍ବଲର୍, ବିଦେଶରୁ ଯନ୍ତ୍ରାଂଶମାନ ଆମଦାନି କରି ସେଗୁଡିକୁ ନିଜ ଶ୍ରମିକମାନଙ୍କ ଦ୍ୱାରା ଯୋଖାଯୋଖି କରି ନୂଆ କାର୍ ତିଆରି କରିଥାଏ, ଯେପରି ଦିନେ ସଞ୍ଜୟ ଗାନ୍ଧି ମାରୁତି ତିଆରି ଆରମ୍ଭ କରିଥିଲେ । ହାସାନଙ୍କୁ ଲୋକେ ବବ୍ ବୋଲି ଜାଣନ୍ତି । ଯଦି ରାଜନୈତିକ ବିରାଦରୀ ଓ ବ୍ୟବସାୟର ମୋଟରାଶି ଭିତ୍ତିରେ ଇଣ୍ଡୋନେସିଆର ବ୍ୟବସାୟୀମାନଙ୍କୁ କ୍ରମାନ୍ୱୟରେ ସଜାଯାଏ, ବବ୍‌ଙ୍କ ସ୍ଥାନ ପ୍ରଥମ କି ଦ୍ୱିତୀୟ ହେବ । ୧୦୦ କୋଟି ଡଲାର୍‌ରୁ ବେଶି ପୁଞ୍ଜିର ମାଲିକ ବବ୍ କେବଳ ଜଣଙ୍କୁ ପ୍ରତିଦ୍ୱନ୍ଦୀ ଭାବନ୍ତି, ସଲିମ୍ ଗୋଷ୍ଠୀର କମ୍ପାନୀମାନଙ୍କ ମାଲିକ ଶ୍ରୀ ଲିଏମ୍ ସାଇଓ ଲିଅଙ୍ଗ୍‌ଙ୍କୁ । ଅନ୍ୟ ଏସୀୟ ବ୍ୟବସାୟୀ ବା ଶିଳ୍ପପତିଙ୍କ ଭଳି ସେ ଗୋଟିଏ ବ୍ୟବସାୟରେ ସନ୍ତୁଷ୍ଟ ନୁହନ୍ତି, ଚାରିଆଡେ ହାତ ମେଲାଇଛନ୍ତି । ଅବଶ୍ୟ କାଠଶିଳ୍ପ ଓ କାରବାର ତାଙ୍କର ମୁଖ୍ୟ ବ୍ୟବସାୟ । ବୋର୍ଣ୍ଣିଓର ଅଧେ ଇଣ୍ଡୋନେସିଆର ଅଧୀନ, ଏ ଇଲାକାର କାଲିମାଣ୍ଟାନ୍ ଅଞ୍ଚଳରେ ୨୦ ଲକ୍ଷ ହେକ୍ଟରରୁ ବେଶି (୭,୭୦୦ ବର୍ଗ ମାଇଲ୍) ଖାଣ୍ଟି ଜଙ୍ଗଲରେ ତାଙ୍କ ମାଲିକାନାରେ ଚାଲିଥିବା କାଲିମାନିଜ୍ ଗୋଷ୍ଠୀ ଠିକା ନେଇଛି । ଏ କମ୍ପାନୀର ବଡ ବଡ କରତ କଳ ଓ ପ୍ଲାଇ ଉଡ୍ କାରଖାନା ଇଣ୍ଡୋନେସିଆର କାଠ ଶିଳ୍ପରେ ପ୍ରାଧାନ୍ୟ ବଜାୟ ରଖିଛି । ବବ୍ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଇଣ୍ଡୋନେସିଆ ଉଡ୍-ପାନେଲ୍ ଏକ୍ସପୋର୍ଟରସ୍ ଆସୋସିଏସନ୍‌ର ଅଧ୍ୟକ୍ଷ ବି ଅଛନ୍ତି ।

ଶ୍ରୀ ହାସାନ୍ ଚୀନା ବଂଶୋଦ୍ଭବ, କିନ୍ତୁ ନିଜ ଚେଷ୍ଟାରେ ଦୁଇଟି ସୁବିଧାର ଅଧିକାରୀ । ପାଞ୍ଚ ଦଶକ ତଳେ ମୁସ୍‌ଲିମ୍ ହୋଇ ଏବେ ସେ ଧର୍ମର ଫାଇଦା ଉଠାଉଛନ୍ତି । ବିଭିନ୍ନ ଧର୍ମର ଲୋକେ ବସବାସ କରୁଥିବା ଦେଶରେ ଧର୍ମନିରପେକ୍ଷତା ଆଳରେ ମୁସ୍‌ଲିମ୍‌ମାନଙ୍କୁ ମନାଇ ରଖିବା ରାଜନୀତିବାଲାଙ୍କ କାମ ହୋଇପଡିଛି, ତେଣୁ ସେ ଧର୍ମର ଜଣେ ଜଣାଶୁଣା ବ୍ୟକ୍ତି ବାହାରିଲେ ତାଙ୍କ ଉପରେ ସବୁ ଆଦର ଅଜାଡି ଦିଆଯାଏ । ଆମ ଦେଶରେ ଏଭଳି ଉଦାହରଣ ବହୁତ । ସୁହାର୍ତ୍ତୋଙ୍କ ସମୟରେ ତାଙ୍କର ଆଉ ଗୋଟିଏ ସୁବିଧା ଥିଲା : ସେ ରାଷ୍ଟ୍ରପତିଙ୍କ ସହ ସପ୍ତାହରେ ଦୁଇଥର ଗଲ୍ଫ ଖେଳୁଥିଲେ । ସୁହାର୍ତ୍ତୋଙ୍କ ସହ ତାଙ୍କର ଚିହ୍ନା ୫୦ ବର୍ଷରୁ ବେଶି । ସଲିମ୍ ଗୋଷ୍ଠୀର ଶ୍ରୀ ଲିଏମ୍‌ଙ୍କ ଭଳି ଶ୍ରୀ ହାସାନ୍ ସେତେବେଳେ ସାମରିକ ବାହିନୀକୁ ରସଦ ଯୋଗାଇବାର ଠିକା ନେଇଥିଲେ । ସେନାବାହିନୀରେ ଜଣେ ଜୁନିଅର୍ ଅଫିସର୍ ଭାବରେ ସୁହାର୍ତ୍ତୋ କେନ୍ଦ୍ର ଜାଭାରେ ଥାଆନ୍ତି, ହାସାନଙ୍କ ଜରିଆରେ ତୁଙ୍ଗ ଅଫିସରମାନଙ୍କ ସହ ଭବିଷ୍ୟତ ରାଷ୍ଟ୍ରପତି ସୁହାର୍ତ୍ତୋ ପରିଚିତ ହୁଅନ୍ତି । ୧୯୬୬ରେ ଗାଦି ମାଡିବସିଲା କ୍ଷଣି ସୁହାର୍ତ୍ତୋ ହାସାନ୍‌ଙ୍କ ଋଣ ସୁଝାଇଥିଲେ : ସରକାରୀ ସୁବିଧାସବୁ ହାସାନ୍‌ଙ୍କୁ ମିଳିଲା । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଆମେ ଏହାକୁ ନୈତିକତା ପ୍ରତି ଏକ ଉପହାସ କହିବା ସିନା; କାମ ତ ଏମିତି ଚାଲିଛି । ଯଦି ରାଷ୍ଟ୍ରପତି କ୍ଲିଣ୍ଟନ୍‌ଙ୍କ ସାଙ୍ଗରେ ଗଲ୍‌ଫ୍ ଖେଳୁଥିବା ଲୋକ ସରକାରୀ ବ୍ୟବସାୟ ପାଏ ତେବେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଗତି ଏତେ ବାଟ ଆସିଥାଆନ୍ତା କି ? ଏ ପ୍ରଶ୍ନ ଏସୀୟ ରାଜନୀତିରେ ଅବାନ୍ତର । ଯେଉଁ ଦେଶର ଅର୍ଥନୀତି (କେବଳ ବ୍ୟବସାୟ ବାଣିଜ୍ୟ ନୁହେଁ) ଶାସନମୁଖ୍ୟଙ୍କ ପାରିବାରିକ ସମ୍ପର୍କ ଉପରେ ନିର୍ଭର କରେ ସେ ଦେଶ ରାଜନୀତି ଦୃଷ୍ଟିରୁ ଅନୁନ୍ନତ । ଇଣ୍ଡୋନେସିଆର ରାଷ୍ଟ୍ରପତି ଭବନ, ଜାକାର୍ତ୍ତାର 'ଇଷ୍ଟାନା ମର୍‌ଡେକା'ରେ କି ସଲାସୁତରା ହେଉଛି ତା ଉପରେ ସେ ଦେଶର ଅର୍ଥନୈତିକ ଉଦାରୀକରଣ ନିର୍ଭର କରିଆସିଛି ।

୧୯୯୬ରେ ସୁହାର୍ତ୍ତୋଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରଠାରୁ ରାଷ୍ଟ୍ରପତିଙ୍କ ଛ ପିଲାଙ୍କ ଭିତରେ ଧନ ସମ୍ପତ୍ତି ଲାଗି ଝଗଡା ଲାଗି ରହିଲା । ଆମ ଦେଶରେ ବି ପ୍ରଧାନ ମନ୍ତ୍ରୀଙ୍କ ପିଲାଏ ଏମିତି ଝଗଡା କରନ୍ତି । ସୁହାର୍ତ୍ତୋଙ୍କ ପିଲାଙ୍କ ଭିତରେ ମଧ୍ୟସ୍ଥି କରି ହାସାନ୍ ହିଁ ମୀମାଂସା ଆଣୁଛନ୍ତି: ତାଙ୍କୁ ପିଲାଏ ଡାକନ୍ତି ଅଙ୍କଲ୍ ବବ୍ ! ଏ ବର୍ଷ ଆରମ୍ଭରେ ଏ ପରି ଏକ ଝଗଡା ଦେଖାଦେଲା । ପୃଥିବୀର ବୃହତ୍ତମ ସୁନା ମହଜୁଦଥିବା ଅଞ୍ଚଳମାନଙ୍କ ଭିତରେ କାଲିମାଣ୍ଟାନ୍‌ର ବୁସଙ୍ଗ ଅନ୍ୟତମ ବୋଲି ପ୍ରଚାର ହେଲା ପରେ ଖଣିକୁ କାର୍ଯକାରୀ କରିବା ପାଇଁ ଦୁଇଟି କାନାଡିଆନ୍ କମ୍ପାନୀ ଆଗ୍ରହ ଦେଖାଇଲେ ଏବଂ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ଲୋଡିଲେ । ବ୍ରେ ଏକ୍ସ ମିନେରାଲ୍‌ସ୍ କମ୍ପାନୀ ସୁହାର୍ତ୍ତୋଙ୍କ ବଡ ପୁଅ ସିଗିତ୍ ହର୍ ଜୋଜୁଦାନ୍ତୋଙ୍କ ସହ ହାତ ମିଳାଇଲା ତ ବାରିକ୍ ଗୋଲ୍ଡ କମ୍ପାନୀ ବଡ ଝିଅ ସିତି ହର୍‌ଡିଜନ୍ତି ରୁକ୍‌ମନାଙ୍କ ସହ ହାତ ମିଳାଇଲା । ପରସ୍ପର ଝଗଡାରୁ ଖଣି ବନ୍ଦ ହେବା ଆଶଙ୍କା ଆସିଲା । ସୁହାର୍ତ୍ତୋ ହାସାନଙ୍କୁ ଡାକିଲେ । ହାସାନ୍ ଏକ ନୂଆ କମ୍ପାନୀ ଆମେରିକାର ଫ୍ରିପୋର୍ଟ

ମାକ୍‌ମୋରାନ୍ ସହ କଥାବାର୍ତ୍ତା କଲେ । ଏ କମ୍ପାନୀ ଇରିଆନ୍ ଜାୟାରେ ସୁନା ଓ ତମ୍ବା ଖଣି କାମ କରୁଛି । କଥା ଛିଡ଼ିଲା, ରାଷ୍ଟ୍ରପତିଙ୍କ ଦୁଇ ପିଲା କିଛି କିଛି ସେଆର୍ ପାଇବେ ଏବଂ ନୁସନ୍ତରା ଆମ୍‌ପେରା ବକ୍ତି (ସଂକ୍ଷେପରେ ନୁସାମ୍ବା) ନାମକ ଏକ ଚୋରା ପୁଞ୍ଜିଲଗାଣକାରୀ ସଂସ୍ଥାକୁ ୩୦% ସେଆର୍ ଦିଆଯିବ । ନୁସାମ୍ବାର ୮୦% ଅଂଶଧନ ରାଷ୍ଟ୍ରପତି ସୁହର୍ତ୍ତୋଙ୍କ ଅକ୍ତିଆରରେ ଥିବା ତିନୋଟି ଦାତବ୍ୟ ଫାଉଣ୍ଡେସନ୍‌ଦ୍ୱାରା ନିୟନ୍ତ୍ରିତ, ବାକି ଶ୍ରୀ ହାସାନ୍ ଓ ଶ୍ରୀ ସିଗିଟ୍ ନିୟନ୍ତ୍ରଣ କରନ୍ତି । ଏଣେ ସୁନା ଖଣିର ଅବସ୍ଥା ଗଣ୍ଡଗୋଳିଆ ! ଯେଉଁ ଇଣ୍ଡୋନେସୀୟ ଭୂତତ୍ତ୍ୱବିତ୍ ବୁସାଙ୍ଗଖଣିଅଞ୍ଚଳକୁ ପୃଥିବୀର ବୃହତ୍ତମ ସୁନା ଭଣ୍ଡାରମାନଙ୍କ ଭିତରେ ଅନ୍ୟତମ ବୋଲି କହିଥିଲେ ରହସ୍ୟଜନକ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଯାଇଛି । ତେଣେ କାନାଡାର ନିର୍ବାଚନରେ ସୁନା ଖଣି କାଣ୍ଡରେ ଜାଲିଆତି କରିଥିବା କାନାଡୀୟ କମ୍ପାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ବିଭିନ୍ନ ଦଳ ପାଟି କରିଥିଲେ ।

ରାଜନୈତିକ ସମ୍ପର୍କରୁ ବ୍ୟବସାୟର ଆଉ ଗୋଟିଏ ଉଦାହରଣ ନିଆଯାଉ । ନୁସାମ୍ବା ଆଷ୍ଟ୍ରା କମ୍ପାନୀରେ ୯% ଧନ କିଣି ନେଇ ହାସାନଙ୍କୁ ଏହାର ଅଧ୍ୟକ୍ଷ କରିଦିଆଗଲା । ସୁହାର୍ତ୍ତୋଙ୍କ ସାନପୁଅ ଟମି ଗୋଟିଏ 'ଜାତୀୟ କାର୍' ତିଆରି କରିବା ପ୍ରଚାର ଚଳାଇ ଟିମର୍ ପୁତେରା ନାସ୍‌ନାଲ୍ (ଟି ପି ଏନ୍) ନାମରେ କାରଖାନାଟିଏ ଆରମ୍ଭ କରିଦେଲେ (ସଞ୍ଜୟଙ୍କ ମାରୁତି ଭଳି ?), ଟମିଙ୍କୁ ହାସାନ୍ ସାହାଯ୍ୟ କଲେ । ସରକାର ପ୍ରବଳ ଶୁଳ୍କ ରିହାତି ଦେଲେ, ଶସ୍ତାରେ ଦକ୍ଷିଣ କୋରିଆରୁ 'କିଆ' କାର୍ କିଣି ଇଣ୍ଡୋନେସିଆରେ ଯୋଖାଯୋଖି କରି ନୂଆ ନାଁରେ ବିକିବା ହେଲା ଏହାର କାମ । ସମ୍ଭବତଃ ଆଷ୍ଟ୍ରା କମ୍ପାନୀ ହିଁ ଟିପିଏନ୍ ନାମରେ ଆସେମ୍ବିଲିଙ୍ଗ କରିବା ଚାହେଁ । ଇଣ୍ଡୋନେସିଆର ଅନ୍ୟ କାର୍ କମ୍ପାନୀମାନେ ଏଭଳି ଶୁଳ୍କ ରିହାତି ପାଉ ନ ଥିବାରୁ ବଡ଼ ଉତ୍କ୍ଷିପ୍ତ ହେଉଛନ୍ତି । ଶୁଣୁଛି କିଏ ?

ନୁସାମ୍ବା ଆମେରିକାର ରକ୍‌ଫେଲର୍ ଫାଉଣ୍ଡେସନ୍ ଭଳି ଏକ ମହନୀୟ ସଂସ୍ଥା ହେବ ବୋଲି ହାସାନ୍ ବାହାସ୍ଫୋଟ ମାରୁଥିଲେ, ଏବେ କଣ ହେଉଥିବ ଭାବିବା କଥା । ଆମ ଦେଶରେ ଏମିତି କେତେ ଦାତବ୍ୟ ବା ସାମାଜିକ ଅନୁଷ୍ଠାନ ରାଜନୈତିକ ଛତ୍ରଛାୟା ତଳେ ସରକାରୀ ତହବିଲରୁ ବେଶ୍ କିଛି ବାଟମାରଣା କରୁଛନ୍ତି ବୋଲି ଯଦି କେହି ଭାବୁଥାଏ ଇଣ୍ଡୋନେସୀୟ ଆଦର୍ଶକୁ ମନେ ପକାଇ ଚୁପ୍ ରହନ୍ତୁ । ନୁସାମ୍ବା ଯେତିକି ଭଲ କାମ କରୁଛି ବୋଲି ପ୍ରଶଂସା ପାଏ, ଲୋଭୀ ରାଷ୍ଟ୍ରପତି ପରିବାର ତା'ଠାରୁ ବେଶି ଘୃଣା ପାଏ । ଫଳରେ ଶିକ୍ଷିତ ଇଣ୍ଡୋନେସୀୟମାନେ ସୁହାର୍ତ୍ତୋମାନଙ୍କୁ ଆଉ ଲୋକହିତୈଷୀ ମାଉଲେ ନାହିଁ, ଲୁଣ୍ଠନକାରୀ ବୋଲି ଭାବିଲେ । ସୁହାର୍ତ୍ତୋ ବଂଶ ଶେଷ ହୋଇଗଲା ପରେ ଦେଶ କିପରି ଚାଲିବ ସେ ବିଷୟ ଯେଉଁ ଲୋକେ ଚିନ୍ତା କରୁଥିଲେ, ଏବେ ସେମାନେ ନିଶ୍ଚିନ୍ତ ଅଛନ୍ତି । ଯେମିତି ଦିନେ ନେହେରୁଙ୍କ ପରେ ଦେଶଟା କଣ ହୋଇଯିବ ବୋଲି ଭାରତୀୟମାନେ ଚିନ୍ତାରେ ପଡିଥିଲେ । କାନ୍ଧରେ ପଡିଲେ ଲୋକ ବଢ଼େଇ ଶିଖେ ନାହିଁ କି ?

ଇଣ୍ଡେନେସିଆର ଦର୍ପଣରେ ଆମ ଦେଶର ଛବି ଦିଶୁଛି ତ !

# ସରକାରର ଭୂମିକା ସମ୍ପର୍କରେ ମାର୍କିନ ବାଦାନୁବାଦ

ଯୁକ୍ତରାଷ୍ଟ୍ର ଆମେରିକାରେ ଲୋକପ୍ରତିନିଧି ସଭା ବା କଂଗ୍ରେସ୍‌ରେ ଶ୍ରୀ ଗିଙ୍ଗ୍‌ରିକ୍ ବାଚସ୍ପତି ଥିବା ସମୟରେ ଭାରି ଜୋରରେ ଯୁକ୍ତିତର୍କ ଚାଲିଥିଲା : ସରକାରର ଭୂମିକା କ'ଣ ହେବା ଉଚିତ୍ ? ପ୍ରତିନିଧି ସଭାର ବାଚସ୍ପତି ଗିଙ୍ଗ୍‌ରିକ୍‌ଙ୍କ ନେତୃତ୍ୱରେ ରିପବ୍ଲିକାନ୍‌ମାନେ ଓ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ନେତୃତ୍ୱରେ ଡେମୋକ୍ରାଟ୍‌ମାନେ ଏହି ତର୍କର ଦୁଇ ମୁଣ୍ଡରେ ଥିଲେ । ରିପବ୍ଲିକାନମାନଙ୍କ ମତରେ ଜନମଙ୍ଗଳ ରାଷ୍ଟ୍ର ବା 'ୱେଲଫେୟାର ଷ୍ଟେଟ୍' ଅନାବଶ୍ୟକ ଏବଂ ତାହା ନାଗରିକମାନଙ୍କର ଉତ୍କର୍ଷ ଜୀବନ ଯାପନର ପରିପନ୍ଥୀ । ଡେମୋକ୍ରାଟ୍‌ମାନେ ମଧ୍ୟ ଏ ଯୁକ୍ତିରେ କିଛି କିଛି ସାରବତ୍ତା ଅନୁଭବ କରି ସେମାନଙ୍କ ପାରମ୍ପରିକ ଚିନ୍ତାଧାରାର ଭିତ୍ତିଗୁଡ଼ିକର ସମୀକ୍ଷା କଲେଣି ।

ଆମ ଦେଶରେ ଯେଉଁଭଳି ସରକାର ପ୍ରଥମ ୧୦୦ ଦିନ, ପ୍ରଥମ ୨୦୦ ଦିନ, ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଆଦି ବିଭିନ୍ନ କାଳପୂର୍ତ୍ତି ଉପଲକ୍ଷେ ଉତ୍ସବ ପାଳୁଛନ୍ତି, ଅନ୍ତତଃ ଖବର କାଗଜମାନଙ୍କରେ ବଡ ବଡ ଫର୍ଦ୍ଦର ପ୍ରଚାର କରୁଛନ୍ତି, ଆମେରିକାରେ ମଧ୍ୟ ସେହିଭଳି ହୁଏ । ବର୍ତ୍ତମାନର ମାର୍କିନ ସରକାରୀ ଦଳ (ଜିଓପି) ସେମାନଙ୍କର ଗାଦିନସୀନ ହେବାର ୧୦୦ ଦିନ ପାଳନ କରିବା ପରେ ପରେ ଗୋଟିଏ ତର୍କ ଆରମ୍ଭ ହୋଇଥିଲା : ହ୍ୱାଟ୍ ଗୁଡ୍ ଇଜ୍ ଗଭର୍ଣ୍ଣମେଣ୍ଟ । ସରକାର ରହି ଲାଭ କ'ଣ ? ଗିଙ୍ଗ୍‌ରିକ୍ ଏବେ ତ ବାଚସ୍ପତି ପଦରେ ନାହାନ୍ତି, ଥିଲାବେଳେ କହୁଥିଲେ, ସେ ସରକାରକୁ ଘୃଣା କରନ୍ତି ବୋଲି ଯେଉଁ ଧାରଣା ଆସିଛି, ତାହା ଠିକ୍ ନୁହେଁ । ମାର୍କିନ୍ ସରକାର କେତେଗୁଡ଼ିଏ କ୍ଷେତ୍ରରେ ବଢ଼ିଆ କାମ କରେ ଓ କରୁଛି । ରାଷ୍ଟ୍ରର ପ୍ରତିରକ୍ଷା କରୁଛି, ଆଭ୍ୟନ୍ତରୀଣ ଶାନ୍ତିରକ୍ଷା କରୁଛି, କ୍ରୀତଦାସ ପ୍ରଥା ଲୋପ କରିଛି । ପାନାମା କେନାଲ ଭଳି ଉପକାରୀ ଜିନିଷ କରିଛି, ପୋଲିଓ ଔଷଧ ଭଳି ଭଲ ଆବିଷ୍କାର ହେବାରେ ସାହାଯ୍ୟ କରିଛି । ଏହାଛଡ଼ା ସଞ୍ଚୟ କରିବା ଓ ପୁଞ୍ଜି ଲଗାଇବା ଭଳି ଉଦ୍ୟମକୁ ପ୍ରୋତ୍ସାହନ ଦେବା ଦିଗରେ ବଜାର ଆବହାୱା ଯେପରି ଅନୁକୂଳ ହୁଏ ସେ ବ୍ୟବସ୍ଥା ସରକାର କରୁଛି । ଏତକ ଛାଡ଼ିଦେଲେ ମାର୍କିନ ସରକାର ପଙ୍ଗୁ । ଅତି ସୂକ୍ଷ୍ମ କାମ

କରିବା ପାଇଁ, ଛୋଟ ଛୋଟ କ୍ଷେତ୍ରରେ ନିଷ୍ପତ୍ତି ନେବା ପାଇଁ, ସରକାର ଅକ୍ଷମ । ସରକାରୀ କାମ ଖୁବ୍ ଧୀର ଏବଂ ବେଶି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । କୌଣସି ଗୋଟିଏ ଗାଁରେ କେଉଁଠି ପୋଲଟିଏ ହେବ ତାହା ୱାଶିଂଟନରେ ବସି ସରକାର ନିଷ୍ପତ୍ତି ନେଇପାରିବ କି ? ଖୁବ୍ ଛୋଟ ପ୍ରକଳ୍ପରେ ବି ଅମଲାତନ୍ତ୍ର ସରକାରକୁ ଦିଗ୍‌ଦର୍ଶନ ଦେଉଛି । କାମଟିଏ ହାତକୁ ନେଇ ଯଦି ସରକାର ଶୀଘ୍ର କରି ନ ପାରିଲା, ସେ କାମଟି ଅମଲାତାନ୍ତ୍ରିକ ହୋଇଯାଏ । କାମର ବେଗ କମିଯାଏ, କାମଟି ଜଟିଳ ହୋଇପଡେ । ସମୟ ଓ ଦର ଉଭୟର ବୃଦ୍ଧି ତ ହୁଏ, ଯଥା ସମୟରେ ଲୋକଙ୍କୁ ଫଳ ମିଳେ ନାହିଁ । ସରକାର ଯେତେ ବେଶି କାମ ହାତକୁ ନିଏ, ସେତେ ବେଶି ବଦନାମ ହୁଏ ।

ଶ୍ରୀ ଗିଙ୍ଗରିକ୍‌ଙ୍କ ମତରେ ସାମରିକ ବାହିନୀ, ଟ୍ରେଜେରୀ, ରିଜର୍ଭ ବ୍ୟାଙ୍କ ଆଦି ଭିନ୍ନ ଧରଣର ଅନୁଷ୍ଠାନ । ଦୈନନ୍ଦିନ ସଂସାରରେ ଦେଖା ଦେଉଥିବା ସମସ୍ୟାଗୁଡିକୁ ସାଙ୍ଗେ ସାଙ୍ଗେ ସମାଧାନ କରିବା ଏମାନଙ୍କ କାମ, ଏମାନେ ଅଳସୁଆ ବା ଦୀର୍ଘସୂତ୍ରୀ ହୋଇପାରିବେ ନାହିଁ । ତେଣୁ ଏମାନେ ସରକାରର ଅଙ୍ଗ ହୋଇ ରହିବା ଉଚିତ । କିନ୍ତୁ ବର୍ତ୍ତମାନ ସରକାରର ଯେଉଁସବୁ ବିଭାଗ ଦୈନନ୍ଦିନ ସମସ୍ୟା ପ୍ରତି କାତର ନୁହେଁ ଅଥବା ଲୋକଙ୍କଠାରୁ ଦୂରରେ ରହୁଛି, ସେଗୁଡିକ ଯେଉଁ ଉଦ୍ଦେଶ୍ୟରେ ଗଢା ହୋଇଥିଲା, ସରକାର ତାହା ଭୁଲିଗଲାଣି । ଶ୍ରମ, ବାଣିଜ୍ୟ, ଶିକ୍ଷା ଭଳି ବିଭାଗରେ କର୍ମଚାରୀମାନେ ବଡ ବଡ କୋଠରୀରେ ବସି ଗୁଡିଏ କାଗଜ ରିପୋର୍ଟ ପଢନ୍ତି, ଯେଉଁମାନଙ୍କ ବିଷୟରେ ସେମାନେ ନିଷ୍ପତ୍ତି ନିଅନ୍ତି, ସେମାନଙ୍କୁ କେବେ ଦେଖୁଛନ୍ତି କି ? ଲୋକେ ନିଜ ଉତ୍ସାହ ଓ ଉଦ୍ୟମ, ବ୍ୟକ୍ତିଗତ ଦାୟିତ୍ୱ କିମ୍ବା ନିଜ ଉପରେ ଆସ୍ଥା ରଖି ଯେଉଁଭଳି କାମ କରିବେ, ସରକାର ସେଭଳି କରିପାରିବେ କି ? ତେଣୁ ଶ୍ରୀ ଗିଙ୍ଗରିକ୍‌ଙ୍କ ମତ ଜାତୀୟ ସ୍ତରରେ ନେତାମାନଙ୍କ ଭୂମିକା ତିନୋଟି କାମରେ ସୀମିତ ରହୁ : ପ୍ରଥମେ ସଂସ୍କୃତିର ପରିପୋଷଣ କରିବା, ଦ୍ୱିତୀୟରେ ନାଗରିକ ଦାୟିତ୍ୱବୋଧ ବଢାଇବା ଏବଂ ତୃତୀୟରେ ଘରୋଇ ଉଦ୍ୟମକୁ ଶକ୍ତିଶାଳୀ କରିବା । ଅମଲାତନ୍ତ୍ରକୁ ଚଳାଇବା ସରକାରରେ ସବାପଛ କାମ । ବର୍ତ୍ତମାନ ସତେ ଯେପରି ଅମଲାତନ୍ତ୍ରକୁ ପୋଷିବା ଶାସକ ଦଳର ନେତାମାନଙ୍କ ପ୍ରଥମ କାମ ହୋଇ ପଡିଛି । ସରକାର ସବୁଥିରେ ହାତ ପୂରାଇ ଥିବାରୁ ମାର୍କିନ ଜନମଙ୍ଗଳ ରାଷ୍ଟ୍ରରେ ୧୨ ବର୍ଷର ଝିଅ ଗର୍ଭବତୀ ହେଉଛି । ୧୪ ବର୍ଷର ପୁଅ ହତ୍ୟାର ଶିକାର ହେଉଛି । ୧୭ ବର୍ଷ ବୟସର ପିଲାଏ ଏଡ୍‌ସରେ ମରୁଛନ୍ତି ଏବଂ ୧୮ ବର୍ଷର କିଶୋର କିଶୋରୀମାନେ ଯେଉଁ ଡିପ୍ଲୋମା ପାଉଛନ୍ତି ସେ ଡିପ୍ଲୋମାଟିକୁ ବି ପଢିପାରୁ ନାହାନ୍ତି । ଶ୍ରମିକ ୟୁନିୟନ ଦ୍ୱାରା ନିୟନ୍ତ୍ରିତ ଏକଚାଟିଆ ସ୍କୁଲରେ ପଢାପଢି ତ ହେଉ ନାହିଁ । ସହରତଳି ଅଞ୍ଚଳ ରୋଗର ଘର ହେଉଛି । ଟିକସ ବ୍ୟବସ୍ଥା ଏମିତି ଯେ, ଗରିବଟିଏ ବିବାହ କଲେ ଦଣ୍ଡରେ ପଡୁଛି । ସ୍ୱାସ୍ଥ୍ୟସେବା (ମେଡିକେଡ୍) ବ୍ୟବସ୍ଥା ସ୍ୱଚ୍ଛଳ

ହେବାକୁ ଉଦ୍ୟମ କରିବା ଲୋକ-ବିରୋଧୀ ହେଉଛି । ବେଶି ସଞ୍ଚୟ କଲେ ଟିକସ ଛାଡ ନ ପାଇ ଅଧିକା ପଡୁଛି । ସରକାର ତିଆରି ଘର ବଣ୍ଟନରେ ଗ୍ରାହକମାନଙ୍କୁ ହେୟ କରାଯାଉଛି । ଭଲ ବ୍ୟବହାର ନ ପାଇଲେ ଗ୍ରାହକ ଫେରିଯିବ, ଏ ଧାରଣା ଅମଲାତନ୍ତ୍ରର ନାହିଁ । ଘର ନେବାକୁ ଚାହିଁଥିବା ବ୍ୟକ୍ତି ସତେ ଯେମିତି ଗୋଟିଏ ଗୋଟିଏ ବୋଝ, ତେଣୁ ଛି ଛାକର କରି ତଡି ଦିଅ । ମଣିଷକୁ ମାଲମତା ଭଳି ଦେଖିବା ଅମଲାମାନଙ୍କର ଅସ୍ଥିମଜ୍ଜାଗତ ହୋଇଗଲାଣି । ଶ୍ରୀ ଗିଙ୍ଗରିଚ୍ଙ୍କ ଭାଷାରେ ସରକାର ହିଁ ଆମେରିକାର ଆତ୍ମାକୁ ନଷ୍ଟ କରିଦେଉଛି । ଶ୍ରୀ ମାର୍ଟିନ ଲୁଥର କିଙ୍ଗ୍ ବର୍ଣ୍ଣହୀନ ସମାଜ ଚାହିଁଥିଲେ, ମାର୍କିନ ସରକାର ଏମିତି କଲେ ଯେ ଓଲଟା ବର୍ଣ୍ଣବିଦ୍ୱେଷ ବଢୁଛି । ଆମ ଦେଶରେ ଯେପରି ସମାଜଟା ସବର୍ଣ୍ଣ ଅସବର୍ଣ୍ଣ ଦୁଇଭାଗ, ଆମେରିକାରେ ସମାଜଟା ସେହିଭଳି କଳା ଓ ଗୋରା ଦୁଇଭାଗରେ ବିଭାଜିତ । ନେତା ଓ କର୍ମଚାରୀମାନେ ନୈତିକତା ହରାଇଛନ୍ତି । ଲୋକଙ୍କ ମୁହାଁମୁହିଁ ହେବାର ସାହସ ନାହିଁ; ନେତାମାନେ ଭୋଟ ମାଗିବାବେଳେ ବି ସାଙ୍ଗରେ ଘରୋଇ ବାହିନୀ ବା ଗୁଣ୍ଡା ନେଉଛନ୍ତି ବା ସରକାରୀ ପୋଲିସ ଗହଣରେ ଲୋକଙ୍କୁ ଭେଟୁଛନ୍ତି । ନିଶାନିବାରଣ ନୀତି ଚାଲୁ କରି ତା'ର କାର୍ଯ୍ୟକାରିତା ତଦାରଖ କରୁଥିବା ନେତାଏ ଓ କର୍ମଚାରୀମାନେ ନିଜେ ମଦ ଓ ନିଶାସେବନ କରିବାକୁ ନିର୍ଲ୍ଲଜ ମନେ କରୁ ନାହାନ୍ତି । ଏବେ କେତେ ନୂଆ ବୈଜ୍ଞାନିକ, ନୂଆ କାରିଗରି କୌଶଳ ଉଦ୍ଭାବିତ ହେଉଛି ସେ ଗୁଡିକ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରିଦେଲେ, ସ୍ୱାଧୀନତାର ନୂଆ ମାନେ ବାହାରନ୍ତା । ଏସବୁର ସମାଧାନ ହେଉଛି : ସରକାରର ପରିସର କମାଇବା ।

ଡେମୋକ୍ରାଟ୍‌ମାନଙ୍କ ତରଫରୁ ମୁଖପାତ୍ର ରୂପେ ରାଷ୍ଟ୍ରପତି ଶ୍ରୀ ବିଲ୍ କ୍ଲିଣ୍ଟନ କହୁଥିଲେ, ପିଲାବେଳୁ ଭିନ୍ନ ଭିନ୍ନ ଲୋକଙ୍କ ମଧ୍ୟରେ ତାରତମ୍ୟ ଓ ଭେଦଭାବ ସେ ଦେଖି ଆସୁଛନ୍ତି । ୧୧ ବର୍ଷ ବୟସ ହେଲା ବେଳକୁ ସେ ଜେଜେବାପାଙ୍କଠାରୁ ଶୁଣିଥିଲେ ଯେ ଗୋରା ଲୋକଙ୍କ ବସ୍ତିରେ ଯେଉଁଳି ପକ୍କା, ରାସ୍ତା କଳାଲୋକଙ୍କ ବସ୍ତିରେ ସେଉଁଳି ପକ୍କା ରାସ୍ତା ହେଉନାହିଁ । କାହିଁକି ? ଗୋରାଲୋକଙ୍କଠାରୁ ସେମାନେ ତ କମ୍ ଟିକସ ଦେଉନାହାନ୍ତି ? ଆମେରିକାରେ କଳାଗୋରା ଭେଦଭାବ ଦାସତ୍ୱପ୍ରଥା ଉଠିବା ସାଙ୍ଗେ ସାଙ୍ଗେ ଉଭେଇ ଯାଇ ନାହିଁ । ୧୯୬୦ ଦଶକରେ ଭୋଟିଙ୍ଗ ରାଇଟ୍‌ସ ଆକ୍ଟ ଚାଲୁ ହେବା ପରେ ହିଁ ଏ ଭେଦଭାବ କିଛି କିଛି କଟିଲା । କଳାଲୋକେ ଭୋଟ ଦେବାର ଅଧିକାର ପାଇଲେ । ନିର୍ବାଚିତ ପ୍ରାର୍ଥୀମାନେ କଳାଲୋକଙ୍କୁ ସମ୍ମାନ ଦେଖାଇବାକୁ ବାଧ୍ୟ ହେଲେ । 'ଗ୍ରେଟ୍ ଡିପ୍ରେସନ' ନାମରେ ୧୯୩୦ ଦଶକରେ ଆମେରିକାର ଅର୍ଥନୀତିରେ ଯେଉଁ ଅବକ୍ଷୟ ଦେଖାଦେଲା, ତାହା ପ୍ରମାଣ କଲା ଯେ ଅନିୟମିତ ବା ମୁକ୍ତ ବାଣିଜ୍ୟ କାରବାର ସମାଜର ମଙ୍ଗଳ କରେ ନାହିଁ, ବରଂ ଅମଙ୍ଗଳ କରେ । ରାଷ୍ଟ୍ରପତି ଏଫ୍.ଡି. ରୁଜ୍‌ଭେଲ୍ଟ 'ନ୍ୟୁ ଡିଲ୍' ନାମକ ଏକ

ସରକାରୀ କାର୍ଯ୍ୟକ୍ରମ ଚାଲୁ କଲେ, ଲୋକଙ୍କୁ କାମଧନ୍ଦା ଯୋଗାଇ ଦିଆଗଲା । ସେମାନଙ୍କ ହାତକୁ ଦୁଇପଇସା ଆସିଲା । ଏଭଳି ଅନୁଭୂତି ପାଇ ଥିବା ଶ୍ରୀ କ୍ଲିଣ୍ଟନ କହନ୍ତି ଯେ ଏକ ଦୃଢ କେନ୍ଦ୍ର ସରକାର ହିଁ ଲୋକଙ୍କୁ ବେଶି ସ୍ୱାଧୀନତା ଓ ସୁଯୋଗ ଯୋଗାଇଥାଏ । ପ୍ରତ୍ୟେକ ଲୋକ ଉଚିତ ସୁବିଧା ଓ ସୁଯୋଗ ପାଇବ, ଏହି ନୀତି କାର୍ଯ୍ୟକାରୀ କରିବାକୁ ଗୋଟିଏ ଦୃଢ ଜାତୀୟ ସରକାର ଦରକାର । ଅବଶ୍ୟ କେତେକ କ୍ଷେତ୍ରରେ ସରକାର ଯେ ଅପାରଗ, ଏ କଥା ସେ ଅଙ୍ଗେ ନିଭେଇଛନ୍ତି । ଆଟର୍ଣ୍ଣି ଜେନେରାଲ ଭାବରେ କାମ କରୁଥିବାବେଳେ ସେ ଦେଖିଛନ୍ତି କିଭଳି ଫେଡେରାଲ ଆଇନ ଯୋଗୁ ମୃତ୍ୟୁଦଣ୍ଡ ପାଉଥିବା ଆସାମୀ ବିଭିନ୍ନ ଅପିଲ୍ ଆଳରେ ମାମଲାଟିକୁ ଆଠଦଶ ବର୍ଷ ଗଡାଇ ଦେଇପାରେ । ବେଳେ ବେଳେ ନ୍ୟାୟ ମିଳିବା ପୂର୍ବରୁ ମୃତ୍ୟୁ ମିଳିଥାଏ । ଗୁଡିଏ ଟଙ୍କା ଶ୍ରାଦ୍ଧ ହୁଏ, କିନ୍ତୁ ନ୍ୟାୟ ମିଳେ ନାହିଁ । ତେଣୁ ସରକାର କଣ କରିବା ଉଚିତ ସେ ବିଷୟରେ ଆଲୋଚନା ହେବା ଆବଶ୍ୟକ । ସଂସ୍କାର ଅଣାଯିବା ଉଚିତ ଏବଂ ସରକାରର ପୁନର୍ବିନ୍ୟାସ ହେବା ଉଚିତ ।

ସଭ୍ୟତାକୁ ଆଗେଇ ନେବାକୁ ମଣିଷ ଅନୁଷ୍ଠାନ ଗଢେ । କିନ୍ତୁ ଦିନ ଆସେ ଅନୁଷ୍ଠାନଗୁଡିକ ଆତ୍ମସର୍ବସ୍ୱ ହୋଇପଡନ୍ତି । ସଭ୍ୟତାର ଚକରେ ବ୍ରେକ୍ ମାରନ୍ତି, ସମାଜ ସ୍ଥାଣୁ ହୋଇ ରହିଯାଏ । ଯେଉଁମାନେ ସମାଜରେ ଆଗୁଆ, ସେହିମାନେ ଅନୁଷ୍ଠାନଗୁଡିକୁ କଣ୍ଟ୍ରୋଲ କରିନିଅନ୍ତି; ଅବହେଳିତମାନେ ଯେପରି ଆଗେଇ ନ ପାରନ୍ତି, ସେଥିଲାଗି ଲିଖିତ ଓ ମୌଖିକ ନିୟମ ତଥା ପରମ୍ପରା ତିଆରି କରନ୍ତି । ଅନୁଷ୍ଠାନର ମୂଳ ଲକ୍ଷ୍ୟ ଭୁଲିଯାଇ ଅନୁଷ୍ଠାନଟିକୁ ହିଁ ବଞ୍ଚାଇବାରେ ଲାଗିପଡନ୍ତି । ସଂଘ ହିଁ ବୁଦ୍ଧଙ୍କୁ ମାରିଦିଏ । ମନମୁଖୀ ଏକଚାଟିଆ କାମ କରୁଥିବା ଘରୋଇ କମ୍ପାନୀ ଭଳି ଯଦି ସରକାର କାମ କରେ, ତେବେ ସମାଜରେ ସରକାରଟିଏ ଗଢାହେବା କଣ ଦରକାର ? ଯେଉଁ ସ୍କୁଲରେ ଭଲ ପଢା ହେଉନାହିଁ, ପିଲାଏ ପାସ୍ କଲେ କି ଫେଲ ହେଲେ ଯେଉଁ ସ୍କୁଲ ଚିନ୍ତା କରେ ନାହିଁ, ସରକାର ତାକୁ ପୂରାପୂରି ଗ୍ରାଣ୍ଟ ଦେଉଛି : ଏ ହେଉଛି ଅମଲାତାନ୍ତ୍ରିକ ନିଷ୍ପତ୍ତି । ଏଭଳି ଅମଲାତାନ୍ତ୍ରିକ ନିଷ୍ପତ୍ତି ନେଉଥିବା ସରକାର ରହି ଲାଭ କ'ଣ ? ଏହି କାରଣରୁ ଆମେରିକାରେ 'ଚାର୍ଟର ସ୍କୁଲ' ବା ସରକାରୀ ଅନୁମତିକ୍ରମେ ଘରୋଇ ବିଦ୍ୟାଳୟ ଗଢିଉଠିଛି । ଶିକ୍ଷା କ୍ଷେତ୍ରରେ ଏହି ସଂସ୍କାର ସମ୍ଭବତଃ ପ୍ରଗତିମୂଳକ ଆବହାୱା ଆଣିଦେବ : ଏହା ଶ୍ରୀ ବିଲ୍ କ୍ଲିଣ୍ଟନଙ୍କ ଯୁକ୍ତି । ସରକାର ବେଳେ ବେଳେ କାମଟିଏ ଭଲ ଭାବରେ ଆରମ୍ଭ କରିଥାଏ, କିନ୍ତୁ ମଝିରେ ମଝିରେ ଯେଉଁ ପରିବର୍ତ୍ତିତ ଅବସ୍ଥା ଆସେ ସେଥିପ୍ରତି ଖାପ ଖୋଇବା ଦରକାର ବୋଲି ଭାବେ ନାହିଁ । ନୀତି ବଦଳାଏ ନାହିଁ । ଗୋଟିଏ ଉଦାହରଣ ହେଲା : ଏନଭାଇରନ୍‌ମେଣ୍ଟ ପ୍ରୋଟେକ୍ସନ ଏଜେନ୍‌ସି । ୧୯୭୦ ଦଶକରେ ରାଷ୍ଟ୍ରପତି ଶ୍ରୀ ନିକ୍ସନ ଏହାକୁ ବସାଇ ଥିବା ବେଳେ ଯେଭଳି କାମ କଲା ଏବେ ସେଭଳି କରୁନାହିଁ । କାହିଁକି ? କାରଣ ବ୍ୟବସାୟୀ ଓ

ଶିଳ୍ପପତିମାନେ ଏବେ କହିଲେଣି, ପରିବେଶ ସୁରକ୍ଷା ବଡ ସମସ୍ୟା ସୃଷ୍ଟି କରୁଛି । ପ୍ରଗତିରେ ବାଧା ଆଣୁଛି ।

ଶ୍ରୀ ବିଲ୍ କ୍ଲିଣ୍ଟନ କୁହନ୍ତି, ଆମେ ୩୦୦ ଯାଏଁ ପ୍ରୋଗ୍ରାମ କମାଇ ଦେଲୁଣି ଏବଂ ଫେଡେରାଲ ସରକାରରେ ଥିବା କର୍ମଚାରୀଙ୍କ ସଂଖ୍ୟା ଏକ ଲକ୍ଷ କମାଇ ଦିଆଗଲାଣି । ରିପବ୍ଲିକାନ୍‌ମାନେ ବୁଝିପାରୁନାହାନ୍ତି ଯେ ମଣିଷର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ରୀୟ ସରକାରର ଏକ ଗୁଣାତ୍ମକ ଦାୟିତ୍ୱ ଅଛି । ବର୍ତ୍ତମାନର ସବୁ ସମସ୍ୟା ପାଇଁ ସରକାରଙ୍କୁ ଦାୟୀ କରିବା ଉଚିତ ନୁହେଁ । ଆଜିର କାମ ହେଉଛି ପରିବର୍ତ୍ତନଶୀଳ ଅର୍ଥନୀତିରେ ଲୋକେ ଯେଭଳି ଖାପ ଖୁଆଇ ଚଳିବେ ତାକୁ ଦେଖିବା । କମ୍ କୁଶଳୀ କାମରେ ଲାଗିଥିବା ଲୋକଙ୍କର ମଜୁରୀ କମି କମି ଯାଉଛି । ମଧ୍ୟମ ଧରଣର ଆୟକାରୀମାନେ କଷ୍ଟ ପାଇଲେଣି । ସବୁ ସମସ୍ୟାକୁ ଅର୍ଥନୀତିର ଦୃଷ୍ଟିକୋଣରୁ ଦେଖିବା ଉଚିତ ନ ହେଲେ ବି ଅର୍ଥନୈତିକ ପରିବର୍ତ୍ତନ ଯେ କେତେଗୁଡଏ ସମସ୍ୟା ସୃଷ୍ଟି କରୁଛି ତାହା ଭୁଲିଯିବା ଭୁଲ ହେବ । ଯଥା - ପରିବାର ଭାଙ୍ଗିଯାଉଛି, କୁଟୁମ୍ବ ଏ ପାଖ-ସେପାଖ ହୋଇଯାଉଛନ୍ତି, ସାମାଜିକ ବ୍ୟବସ୍ଥା ଶୃଙ୍ଖଳା ହରାଉଛି, ଅପରାଧ ଓ ହିଂସା ବଢୁଛି ଏବଂ ଭବିଷ୍ୟତ ଅନିଶ୍ଚିତ ବୋଲି ଧାରଣା ଆସୁଛି । ପିତାମାତାମାନେ ଜୀବନଧାରଣର ମାନ (ନିଜ ଚଳଣିର ଢାଞ୍ଚା) ବଜାୟ ରଖିବା ପାଇଁ ଅଧିକରୁ ଅଧିକ ସମୟ ଖଟୁଛନ୍ତି, କମରୁ କମ୍ ସମୟ ଶୋଉଛନ୍ତି । ପିଲାମାନଙ୍କ ପାଇଁ କମରୁ କମ ସମୟ ଦେଉଛନ୍ତି । ଏହା ହିଁ ସାମାଜିକ ଅଧୋପତନର କାରଣ । ଶିକ୍ଷାଗତ ବ୍ୟବଧାନ ଯୋଗୁ ସମାଜରେ ଆୟର ଅସମତା ବଢୁଛି । ମଧ୍ୟବିତ୍ତ ଶ୍ରେଣୀର ସଂଖ୍ୟା ବଢାଇବାକୁ ହେଲେ ଓ ଦରିଦ୍ରମାନଙ୍କ ସଂଖ୍ୟା କମାଇବାକୁ ହେଲେ ସମାଜିକ ପରିବର୍ତ୍ତନ ଦରକାର ଏବଂ ଏହି ପରିବର୍ତ୍ତନ କେବଳ ସରକାର ଆଣିପାରେ । ଯେଉଁମାନେ ଉନ୍ନତି କରିବାର ଇଚ୍ଛା ହରାଇଛନ୍ତି କିମ୍ବା ଯେଉଁମାନେ ସବୁଦିନେ ଅବହେଳିତ ସେମାନଙ୍କ ପାଇଁ ସରକାର କିଛି କରି ପାରି ନାହିଁ । ସେମାନଙ୍କୁ ପାଥେୟ ଯୋଗାଇବାକୁ ପଡିବ । ଏଥିଲାଗି ଆଜିକାଲିର ଶବ୍ଦ ହେଉଛି empowerment, ଏମ୍‌ପାୱାରମେଣ୍ଟ । ସନ୍ତାନ-ସନ୍ତତିଙ୍କ ଶିକ୍ଷା ବା କର୍ମସଂସ୍ଥାନ ପ୍ରତି ଯଦି ସରକାର ସାହାଯ୍ୟ ଦେଇଛି, ତା' ବଦଳରେ ପିତାମାତାଙ୍କଠାରୁ ଦାୟିତ୍ୱବାନ ହେବାର କର୍ତ୍ତବ୍ୟ ସରକାର କାହିଁକି ଦାବି ନ କରିବ ? ସୁଖମୟ ଜୀବନ ପାଇଁ ସରକାର ଆୟୁଧ ଯୋଗାଇ ଦେବ ସିନା, ଆୟୁଧ ବ୍ୟବହାର କରିବା ଲୋକଙ୍କ ହାତରେ ଏବଂ ଏ ଦିଗରେ ଶିକ୍ଷାଦେବେ ରାଜନୈତିକ ନେତାମାନେ । କଲେଜରେ ପଢିବା ପାଇଁ ଗରିବ ଛାତ୍ରଛାତ୍ରୀଙ୍କୁ ସରକାରୀ ଋଣ ଯେଭଳି ମିଳିବା ଉଚିତ, ସମାଜ ଓ ଜାତି ପାଇଁ କାମ କରି ସେମାନେ ଯେପରି ଋଣ ସୁଝାଇ ଦେଇପାରନ୍ତି, ତାହାର ବ୍ୟବସ୍ଥା ହେବା ଉଚିତ । ନଚେତ୍ ଋଣୀ ଛାତ୍ରଛାତ୍ରୀ ସରକାରୀ ଋଣ ତ ଶୁଝାଇ ପାରିବେ ନାହିଁ ବରଂ

ଏକ ଅଭିଶପ୍ତ ଜୀବନ ଭଳି କାଳ କାଟିବେ । ସଂରକ୍ଷଣଶୀଳ ଡେମୋକ୍ରାଟ୍‌ମାନେ ଗରିବମାନଙ୍କୁ ଭାଉଚର ଦେବାର ବ୍ୟବସ୍ଥା ହେଉ ବୋଲି କହନ୍ତି । ଘରୋଇ ସ୍କୁଲର ଦରମା ବାବଦରେ ସେମାନେ ଭାଉଚର ଦେବେ । ରିପବ୍ଲିକାନ୍‌ମାନେ କହନ୍ତି, ଲୋକଙ୍କଠାରୁ ଚାନ୍ଦା ଆଦାୟ କରି ଗରିବ ପିଲାମାନଙ୍କୁ ଶିକ୍ଷା ଦିଆଯାଉ । ଏ ବାଦାନୁବାଦ ଏବେ ବି ଚାଲିଛି । ଫଳ ଯାହା ହେଉ - ଆମ ପାଇଁ ବି ଏକ ଲାଭଜନକ ଅନୁକରଣ ହେବ ନିଶ୍ଚୟ ।

ଡେମୋକ୍ରାଟ ଓ ରିପବ୍ଲିକାନ ଦଳ ଭିତରେ ଏଭଳି ଦୁଇଟି ବିରୋଧୀ ମନୋଭାବ ଓ ଯୁକ୍ତିତର୍କ ଯୋଗୁ ବର୍ତ୍ତମାନ ଆମେରିକାରେ ଗୋଟିଏ ପ୍ରଶ୍ନ : ସରକାର କ'ଣ କରିବ, ଆଉ କ'ଣ କରିବ ନାହିଁ । ସମସ୍ତେ କହିଲେଣି ଯେ ସରକାରୀ ଭୂମିକା ହେଉଛି (୧) ଭଲ କର୍ମସଂସ୍ଥାନ ପାଇଁ ସୁବିଧା ସୁଯୋଗ ଯୋଗାଇବା, (୨) ଘରେ ଓ ବାହାରେ ନିରାପତ୍ତା ଯୋଗାଇବା, (୩) ସରକାରୀ ପରିସରକୁ କ୍ଷୁଦ୍ରରୁ କ୍ଷୁଦ୍ରତର କରିବା ଓ ଅମଲାତାନ୍ତ୍ରିକ ନିୟନ୍ତ୍ରଣରୁ ମୁକ୍ତ କରି ପ୍ରଶାସନକୁ ଲୋକାଭିମୁଖୀ କରିବା (୪) ନାଗରିକମାନଙ୍କର ବ୍ୟକ୍ତିଗତ ଦାୟିତ୍ୱ ଯେଭଳି ବଢ଼େ, ସେ ଦିଗରେ ଯତ୍ନଶୀଳ ହେବା ଏବଂ (୫) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଶିକ୍ଷା ଓ ତାଲିମ ବ୍ୟବସ୍ଥାକୁ ସାର୍ବଜନୀନ କରିବା ଯେପରି କୌଣସି ନାଗରିକ ଅଭିଯୋଗ ନ କରେ ଯେ ସେ ତା'ର ଅଭିବୃଦ୍ଧି ପାଇଁ ଉପଯୁକ୍ତ ଖୋରାକ ସରକାରଙ୍କଠାରୁ ପାଇଲା ନାହିଁ ।


ଆମେରିକାରେ ଚାଲିଥିବା ଏ ପ୍ରକାର ଯୁକ୍ତିତର୍କ (ଡିବେଟ) ଆମ ଦେଶ ପ୍ରତି ମଧ୍ୟ ପ୍ରଯୁଜ୍ୟ । ଅର୍ଥନୈତିକ ଉଦାରୀକରଣ ନାଁ ରେ ପଇସାଥିଲାବାଲା ଲୋକେ ଅଧିକ ଧନୀ ହେଉଥିଲା ବେଳେ ଗରିବମାନଙ୍କର ଆୟ ପ୍ରକୃତମୂଲ୍ୟରେ କମି କମି ଯାଉଛି । ସେ ଦୃଷ୍ଟିରୁ ସରକାରୀ କର୍ତ୍ତବ୍ୟ ବିଷୟରେ ଆଜି ଆମେରିକାରେ ଯେଉଁ ଯୁକ୍ତିତର୍କ ଚାଲିଛି ତାହାର ଯାହା ଫଳ ବାହାରିବ, ସେଥିରୁ ଆମେ ଫାଇଦା ଉଠାଇବା ଉଚିତ । ଆମେ ତ ପୁଣି ଅର୍ଥନୈତିକ ଉଦାରୀକରଣ ନାଁ ରେ ଆମେରିକୀୟ ଢାଞ୍ଚା ଆଦରି ନେଇଛୁ ।

# ପ୍ରଶାସନିକ ଦୃଢତା ହିଁ ଆଇନଶୃଙ୍ଖଳା ରକ୍ଷାକରେ

ମାଳୟ ଭୂଖଣ୍ଡର ଅଗ୍ରଭାଗରେ ସିଙ୍ଗାପୁର । ପ୍ରାୟ ୫୪ଟି ଛୋଟ ଛୋଟ ଦ୍ୱୀପ ମିଶି ଏ ଦେଶଟି ଗଢା ହୋଇଛି । ମୋଟରେ ୨୯ଲକ୍ଷ ଲୋକ । ୧୯୫୯ରୁ ୧୯୯୦ ପର୍ଯ୍ୟନ୍ତ ଏହି ଦ୍ୱୀପ-ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ହୋଇ ଆସିଥିଲେ ଜଣେ ଲୋକ । ଏବେ ରାଜନୀତିରୁ ନାମକୁ ମାତ୍ର ଅବସର ନେଇଛନ୍ତି । ନାଁ ଲି କ୍ୱା ୟୁ । ସିଙ୍ଗାପୁରକୁ ବିଲାତ ଅଧୀନରୁ ମୁକ୍ତ କରିବାର ସ୍ୱାଧୀନତା ସଂଗ୍ରାମରେ ସେ ୧୯୫୦ ଦଶକରେ ନେତୃତ୍ୱ ନେଇଥିଲେ । ୧୯୪୨ ଫେବୃୟାରୀରେ ଜାପାନର ସାମରିକ ବାହିନୀ ସିଙ୍ଗାପୁରରେ ପ୍ରବେଶ କଲାପରେ ସିଙ୍ଗାପୁରର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ଗଲା । ମାସ ମାସ ଧରି କ୍ଷୁଧା ଓ ଭୟ ସାରା ଦ୍ୱୀପଟାକୁ ଘାରି ବସିଲା । ଜାପାନୀ ସୈନ୍ୟମାନେ ଯାହାକୁ ରାସ୍ତାରେ ଦେଖୁଥିଲେ ଟ୍ରକରେ ବୋଝେଇ କରି ନେଇ ଯାଉଥିଲେ । ଭାଗ୍ୟକ୍ରମେ ଲି କ୍ୱାୟୁ ଲୁଚି ପଳାଇଥିଲେ । ୧୯୪୬ରେ ବ୍ରିଟେନର କ୍ରାଉନ କଲୋନି ହୋଇଥିବା ସିଙ୍ଗାପୁର ୧୯୫୯ରେ ସ୍ୱାୟତ୍ତ ଶାସନ ପାଇଲା । ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲା ବେଳେ ଜାତୀୟବାଦୀ ଯୁବନେତା ହୋଇ ପଡିଥିବା ଲି ପ୍ରଧାନମନ୍ତ୍ରୀ ହେଲେ । ୧୯୬୩ରେ ସିଙ୍ଗାପୁର ମାଳୟ ରାଷ୍ଟ୍ରସଂଘର ସଦସ୍ୟ ହୋଇଥିଲା । ରାଷ୍ଟ୍ରୀୟ ପରିଚାଳନାରେ ସ୍ୱାଧୀନତା ଲାଗି ସେ ୧୯୬୫ ଅଗଷ୍ଟ ୯ରେ ସିଙ୍ଗାପୁରକୁ ସଂଘରୁ ବିଚ୍ଛିନ୍ନ କରିଦେଲେ । ସେତେବେଳେ ସେ ଥିଲେ ଗାଦିନସୀନ ପିପୁଲସ ଆକ୍ସନ ପାର୍ଟିର ନେତା । ସେତେବେଳେ ତୃତୀୟବିଶ୍ୱର ପ୍ରାୟ ସବୁ ଦେଶ ନିରପେକ୍ଷ ଗୋଷ୍ଠୀର ସଭ୍ୟ ଥିଲେ ଏବଂ ସେହି କାରଣରୁ ନିରପେକ୍ଷ ଗୋଷ୍ଠୀରୁ କୌଣସି ଦେଶ ପୁଞ୍ଜିବାଦୀ ବା ସାମ୍ୟବାଦୀ ରାଷ୍ଟ୍ରର ଅନୁଗାମୀ ହେଉ ନଥିଲେ । କିନ୍ତୁ ଲି ଏହାକୁ ବେଖାତିର କରି ବହୁ ରାଷ୍ଟ୍ରୀୟ କମ୍ପାନୀ ଓ କର୍ପୋରେସମାନଙ୍କୁ ନିମନ୍ତ୍ରଣ କରିଥିଲେ, ପୁଞ୍ଜିବାଦର ଆଦର୍ଶ ଗ୍ରହଣ କରିଥିଲେ । ତାଙ୍କ ଯୁକ୍ତି ଥିଲା କାରିଗରୀ କୌଶଳ ଓ ବିଶେଷ ଜ୍ଞାନ କେବଳ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଆଣି ପାରିବେ । ସେମାନଙ୍କ କଳକାରଖାନା ସିଙ୍ଗାପୁରୀମାନଙ୍କୁ ଚାକିରି ଦେବ ଏବଂ ସିଙ୍ଗାପୁର ତିଆରି ଜିନିଷ ବିଶ୍ୱସାରା ବିକ୍ରି ହେବ । ଏଥିଲାଗି ସେ ରିହାତି ଟିକସ, ଶସ୍ତା ମଜୁରି ଓ ଧର୍ମଘଟହୀନ ପରିବେଶ ଯୋଗାଇ ଦେଲେ । ୧୯୬୪ ଠାରୁ ସିଙ୍ଗାପୁରର ରପ୍ତାନି ଆଶାତୀତ ଭାବରେ ବଢି ଚାଲିଛି । ପ୍ରତିବର୍ଷ ସିଙ୍ଗାପୁର

ସରକାରଙ୍କ ବଜେଟ ବଳକା ହେଉଛି । ସେ ଦେଶରେ ଆୟକର ପରିମାଣ ୩୦% ହୋଇଥିଲେ ମଧ୍ୟ କୌଣସି ପ୍ରକାର ରୋଜଗାର ବୃଦ୍ଧି ଯୋଜନାରେ ପ୍ରତିବନ୍ଧକ ଆଣିନାହିଁ । ସିଙ୍ଗାପୁରର ବୟସ୍କମାନଙ୍କ ଭିତରୁ ପ୍ରାୟ ୯୦% ଲୋକଙ୍କର ନିଜ ଘର ଅଛି । ଯଦି ଯୋଗ୍ୟତା ଅଛି ଏବଂ କଠିନ ପରିଶ୍ରମ କରିପାରିବେ, ତେବେ କାମ ମିଳୁଛି । ଧରାଧରିର ବା ବନ୍ଧୁ ବିରାଦରିର ଭୂମିକା ପ୍ରାୟ ନଗଣ୍ୟ । ତେଣୁ ଅର୍ଥନୈତିକ କ୍ଷେତ୍ରରେ ହଂକଂ, ତାଇୱାନ୍ ଓ ଦକ୍ଷିଣ କୋରିଆ ଭଳି ସିଙ୍ଗାପୁରକୁ ଏସିଆର ତତ୍କାଳୀନ ଚାରୋଟି ହସ୍ତୀ (ଖର୍ବକାୟ ରାକ୍ଷସ ବା ଡ୍ରାଗନ୍) ଭିତରେ ବିଶେଷଜ୍ଞମାନେ ଗଣନା କରିଥିଲେ । ଅନ୍ୟମାନେ ଏବେ ଦବି ଯାଇଥିବା ବେଳେ ସିଙ୍ଗାପୁର ଦବି ନାହିଁ । ଆମଦେଶର ବିଦେଶ ଭ୍ରମଣ କରିବାକୁ ଇଚ୍ଛା କରୁଥିବା ଲୋକେ ଆଗେ ସିଙ୍ଗାପୁର ଯାଉଛନ୍ତି ।

ଏସବୁ କିପରି ସମ୍ଭବ ହେଲା ? ସିଙ୍ଗାପୁର ବି ତ ଦିନେ ଆମ ଦେଶ ଭଳି ବ୍ରିଟିଶ କର୍ତ୍ତୃତ୍ୱର ଅଧୀନ ଥିଲା ! ଆମ ଦେଶ ଭଳି ତ ସେ ଦେଶର ଲୋକଙ୍କ ସଂସ୍କୃତି ! ଏଭଳି ଅଭୂତପୂର୍ବ ବିକାଶ କି ଭଳି ଘଟିଲା ପଚାରିଲେ ଆମେ ଏସବୁ ଉତ୍ତର ପାଇବା : ରାଜନୈତିକ ଦୃଢତା । ଦୃଢତା ଦୁଇ ପ୍ରକାରର (୧) ଏକ ନିର୍ଦ୍ଦିଷ୍ଟ ନୀତିରେ ବିଶ୍ୱାସ କରୁଥିବା ନେତା ନିଜ ଶାସକ ଦଳକୁ ସେହି ଦିଗରେ ପରିଚାଳିତ କରିବା । ସରକାରରେ ପ୍ରିୟାପ୍ରୀତି ବା ଆଳସ୍ୟକୁ ବରଦାସ୍ତ ନ କରିବା । ସରକାରୀ ଦଳର ନେତା ଏଭଳି ସଚ୍ଚୋଟ ହେବେ ଯେ ତାଙ୍କ ନାମରେ ଭ୍ରଷ୍ଟାଚାରର ଅଙ୍ଗୁଳି ଦେଖାଇବାର ଅବସର ନ ରହିବା । ଲିକ୍ୱାୟୁ ନିଜେ ସ୍ୱାଧୀନତା ସଂଗ୍ରାମର ଫଳ । ତେଣୁ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ତାଙ୍କର ଅସ୍ଥିମଜ୍ଜାଗତ । ଆମଦେଶରେ ସମ୍ଭବତଃ ତାହାର ଅଭାବ ଘଟିଛି । ତେଣୁ ନେତାମାନଙ୍କ ନାମରେ ଭ୍ରଷ୍ଟାଚାର ଅଭିଯୋଗ ହୋଇ



ପାରୁଛି । ଲି ଏବେ ରାଜନୈତିକ ଅବସର ନେଇ ଛନ୍ତି ବୋଲି କୁହାଯାଉଛି । ଗୋ ଚକ ଟଙ୍କ ବର୍ତ୍ତମାନ ପ୍ରଧାନମନ୍ତ୍ରୀ । କିନ୍ତୁ ସେ ଲି'ଙ୍କ ଇଙ୍ଗିତରେ କାମ କରନ୍ତି । ରାଜନୈତିକ ସ୍ଥିରତା ଭିତରେ ଗଣତନ୍ତ୍ରର ବିଫଳତା ରହିଛି ବୋଲି ନେତାମାନେ କହୁଥିବା ବେଳେ ସମୃଦ୍ଧିର ଉପଭୋକ୍ତା, ବିଶେଷତଃ ମଧ୍ୟବିତ୍ତ ଶ୍ରେଣୀର ଲୋକେ କହୁଛନ୍ତି, ଏବେ ଅଧିକରୁ ଅଧିକ ଲୋକେ ଶାସନରେ ଭାଗ ନେଉଥିବାରୁ ଦିନେ ଏହି ଛୋଟ ରାଷ୍ଟ୍ରଟି ଆଦର୍ଶ ଗଣତନ୍ତ୍ର ହୋଇଯିବ ।

ବର୍ତ୍ତମାନ ସିଙ୍ଗାପୁରର ପ୍ରତ୍ୟେକ କାମର ହିସାବ କମ୍ପୁଟର ରଖୁଛି, କମ୍ପୁଟର ସବୁ କାମକୁ ମନିଟର କରୁଛି । ମୃତ୍ତିକାର ଗୁଣ ଓ ଗଠନଠାରୁ ଆରମ୍ଭ କରି ରାସ୍ତାକଡ ନର୍ଦ୍ଦମାର ମରାମତି ପର୍ଯ୍ୟନ୍ତ । ବିମାନ ବନ୍ଦରରେ କମ୍ପ୍ୟୁଟରୀକୃତ ଆଗମନ ବ୍ୟବସ୍ଥା ଯେ କୌଣସି ବିମାନ ଯାତ୍ରୀର କାଗଜ ଓ ଆସବାବପତ୍ର ୧୫ ସେକେଣ୍ଡ ଭିତରେ ଯାଞ୍ଚ କରି ସାଙ୍ଗେ ସାଙ୍ଗେ ହଁ କି ନାହିଁ କହି ଦେଉଛି । ସାଧାରଣ ହସ୍ପିଟାଲରେ ଗୋଟିଏ ଘଣ୍ଟାଭିତରେ ରୋଗୀର ସବୁ ପରୀକ୍ଷା ହୋଇପାରୁଛି । ସିଙ୍ଗାପୁରର କେପଲ ବନ୍ଦରର ନିୟନ୍ତ୍ରଣ କଥା ଦେଖାଯାଉ । ବନ୍ଦର ଉପରେ ଗୋଟିଏ ସୁଉଚ୍ଚ କୋଠାରେ ବସି ଶ୍ରୀ ବଙ୍ଗ୍ ସୁଇଲାଇ କମ୍ପୁଟର ବୋତାମ ଟିପି ଜାଣିପାରୁଛନ୍ତି, କେଉଁ ଜାହାଜ କେଉଁଠାରେ ଅଛି ଏବଂ ପ୍ରତେକ ଜାହାଜର ଆକାର ଓ ବୋଝ କ'ଣ । ଜାହାଜ କିପରି ବୋଝେଇ ହେବ, କମ୍ପୁଟର ଯୋଜନା କରିଦେଉଛି । ଯଥା : ପ୍ରଥମେ ଯେଉଁ ବନ୍ଦରରେ ଜାହାଜଟି ପହଞ୍ଚିବ, ସେ ବନ୍ଦରର ମାଲମତା ସବା ଉପରେ ରହୁଛି । ଏହି ପ୍ରୋଗ୍ରାମ ଅନୁଯାୟୀ ଡକ୍ ପାଖରେ ଥିବା କ୍ରେନ୍‌କୁ ଚଳାଉଥିବା କମ୍ପୁଟର କାମ କରାଉଛି । ତେଣୁ ଜାହାଜଟିଏ ବନ୍ଦରରେ ଲାଗିବା କ୍ଷଣି ସବୁ କାମ ହୋଇଯାଉଛି । କେପଲ ବନ୍ଦରରେ ଦିନକୁ ପ୍ରାୟ ୫୦୦ ଜାହଜ ଆସି ପହଞ୍ଚିଯାଏ । ଉଚ୍ଚ କୋଠାଟିର ଭିନ୍ନ ଭିନ୍ନ କୋଠରୀରେ ଥିବା କମ୍ପୁଟର ଅପରେଟରମାନେ ପ୍ରତ୍ୟେକ ଜାହାଜ ପାଇଁ ଯୋଜନା କରନ୍ତି । କେଉଁଠି ଜାହାଜ ନଙ୍ଗର ପକାଇବ, କେଉଁଠି କେଉଁ ପାଇଲଟ ରହିବ, କେଉଁ ଜାହାଜ ଟଣା ଡଙ୍ଗା (ଟଗ୍ ବୋଟ୍) କେଉଁ ଜାହାଜକୁ ବନ୍ଦରକୁ ଆଣିବ, ସେ ସବୁ କମ୍ପ୍ୟୁଟର ଦ୍ୱାରା ନିୟନ୍ତ୍ରିତ । ଏବେ ତ ସିଙ୍ଗାପୁରର ଘରେ ଘରେ ଟେଲିଭିଜନ ଦେଖୁଥିବା ଲୋକେ ଟେଲିଭିଜନ କେନ୍ଦ୍ର ସହିତ କଥାବାର୍ତ୍ତା କରିବା ଭଳି ପରିସ୍ଥିତି ପାଇଲେଣି । ଅର୍ଥାତ୍ ପ୍ରତ୍ୟେକ ଘରେ ସେହିଭଳି ତାର ସଂଯୋଗ କରାହୋଇଛି । ଲୋକେ ଘରୁ ନ ବାହାରି ମନପସନ୍ଦ ଦୋକାନରୁ ସୌଦା କିଣି ପାରୁଛନ୍ତି । ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ହେଉଛି । ଶତାବ୍ଦୀ ଶେଷ ପୂର୍ବରୁ ପ୍ରତ୍ୟେକ ନାଗରିକ ନିଜ ଘରେ ଥିବା ସାମୂହିକ ଟେଲିକମ୍ପ୍ୟୁଟିଂ (ଦୂରସଞ୍ଚାର କମ୍ପ୍ୟୁଟର) ଜରିଆରେ ନିର୍ବାଚିତ ନେତାଙ୍କ ସହିତ କଥାବାର୍ତ୍ତା କରିପାରିବ ଏବଂ ସରକାର ତଥା ପ୍ରଶାସନ ସମ୍ପର୍କରେ ଜାଣିବାକୁ ଥିବା ଯେକୌଣସି ବ୍ୟବସ୍ଥା ସମ୍ପର୍କରେ ଖବର ନେଇପାରିବେ । ଏସବୁ ମୂଳରେ ଲି କ୍ୱା ୟୁଙ୍କ ଯୋଜନାବଦ୍ଧ କାର୍ଯ୍ୟକ୍ରମ ରହିଛି : ସିଙ୍ଗାପୁରକୁ ଗୋଟିଏ ବୁଦ୍ଧିମାନ ଦ୍ୱୀପ କରିବା । ବର୍ତ୍ତମାନ ୭୧ ବର୍ଷ ବୟସରେ ଏବଂ ପୃଷ୍ଠଭୂମିରେ ରହି ମଧ୍ୟ ଲି କ୍ୱାୟୁ ତାଙ୍କ ଦେଶର ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି ।

ଦେଶ ଏଭଳି ଅବସ୍ଥାକୁ ଆସି ଯାଇଛି ଯେ କୌଣସି ସେବାରେ ଖୁଣ ଦେଖିବା ବା ଦୋଷ ଖୁଣ୍ଟିବା ଅସମ୍ଭବ । ରାସ୍ତାଘାଟ ସଫା ସୁତୁରା, ପାନପିକ ବା ସିଗାରେଟ ଖଣ୍ଡ ମଧ୍ୟ ପଡୁନାହିଁ । ଯଦି ରାସ୍ତାରେ କେଉଁଠି ଖାଲ ହୋଇଗଲା, ତାହା ୪୮ ଘଣ୍ଟା ଭିତରେ ମରାମତି ହେଉଛି । ଜଳଯୋଗାଣ ଏଭଳି ଯେ ଦେଶର ଯେ କୌଣସି ଟ୍ୟାପରୁ ପାଣି ନେଇ ପିଇ ହେବ । ମାତ୍ର ଦୁଇ ପୁରୁଷ ତଳେ ଯେଉଁ ସିଙ୍ଗାପୁର ଛିଣ୍ଡାକୋତରା ସହର ଥିଲା ତା ଏବେ ଚକ୍‌ଚକ୍ ମାରୁଥିବା

ନଭୋଶ୍ଚୁମ୍ବୀ ଅଟ୍ଟାଳିକାରେ ପରିପୂର୍ଣ୍ଣ । ଏପରିକି ସହରତଳି ଅଞ୍ଚଳ ମଧ୍ୟ ଦେଖିବାକୁ ବେଶ୍ ଚକ୍ ଚକ୍ । ରାସ୍ତାଘାଟରେ ଦୁଇପଟେ ଗଛଲତା । ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ଏହା ସ୍ୱର୍ଗ । ଆଉ ନିରାପଦ ମଧ୍ୟ । ଟ୍ୟାକ୍ସିବାଲା ଠକାଇ ପାରିବ ନାହିଁ । ଯଦି ଟ୍ୟାକ୍ସି ଜୋରରେ ଚଳାଇଲା ତେବେ ତହିଁରେ ଲଗା ହୋଇଥିବା କମ୍ପ୍ୟୁଟରାଇଜଡ ମିଟର ଟିଁ ଟିଁ ଶବ୍ଦ କରିବ । ଅର୍ଥାତ୍ ଡ୍ରାଇଭରକୁ ମନେ ପକାଇ ଦେବ ଯେ ସେ ଜୋରରେ ଯାଉଛି । ଯଦି ରାସ୍ତାରେ କେହି ଆବର୍ଜନା ପକାଇଲା ତେବେ ୬୮୦ ଡଲାର ପର୍ଯ୍ୟନ୍ତ ଜୋରିମାନା । ସର୍ବସାଧାରଣ ପାଇଖାନାରେ ପାଣି ନ ଢାଳିବା ପାଇଁ ମଧ୍ୟ ଅନୁରୂପ ଜୋରିମାନା । ସିଙ୍ଗାପୁରରେ ଚୁଇଙ୍ଗ୍ ଗମ୍ ଖାଇବା ମନା, କାଳେ ବଳି ଯାଉଥିବା ଅଠାକୁ ଥୁ କରି ଲୋକେ ରାସ୍ତାରେ ପକାଇବେ । ଯଦି କେହି ଚୁଇଙ୍ଗ୍ ଗମ୍ ଆମଦାନୀ କରୁଥିବା ଧରାପଡିଲା ତାକୁ ୧୩୦୦ ଡଲାର ଯାଏ ଜୋରିମାନା ହୋଇପାରେ । ଏହି କାରଣରୁ ସିଙ୍ଗାପୁର ଗୋଟିଏ ସଫାସୁତୁରା ଦେଶ । ଏମିତି କ'ଣ ଆମ ଦେଶରେ କରି ହେବନାହିଁ ? ସେଭଳି ରାଜନୈତିକ ଇଚ୍ଛାଶକ୍ତି ଏବଂ ସର୍ବୋଚ୍ଚ ନେତାଙ୍କ ଦୃଢତା ଥିଲେ ଏହା ସମ୍ଭବ ।

କିଛି ଦିନ ତଳେ ଜଣେ ୧୮ ବର୍ଷୀୟ ମାର୍କିନ ବାଳକ ମାଇକେଲ ଫେ ରାସ୍ତାରେ ରଖା ହୋଇଥିବା କାରଗୁଡିକରେ ରଙ୍ଗ ବୋଳି ଥିବାରୁ ଏବଂ ରାସ୍ତାକଡ ମାଗ ନିର୍ଦ୍ଦେଶିକା (ସାଇନବୋର୍ଡ) ଫୋପାଡି ଦେଇଥିବାରୁ ତାକୁ ୬ ପାହାର ବେତ, ୪ ମାସ ଜେଲ ଓ ୨୨୦୦ ଡଲାର ଜୋରିମାନା ହୋଇଥିଲା । ଆମେରିକା ରାଷ୍ଟ୍ରପତିଙ୍କ ଆବେଦନ ପରେ ତା'ର ଦଣ୍ଡ ପରିମାଣ ୪ ବେତ୍ରାଘାତକୁ କମାଇ ଦିଆଯାଇଥିଲା । କିନ୍ତୁ ସେ ଖଲାସ ହୋଇ ନ ଥିଲା । ଆମେରିକାର ଯେଉଁ ଲୋକେ ସେତେବେଳେ ଏ ପ୍ରକାର ଦଣ୍ଡକୁ ଅସଭ୍ୟ କହୁଥିଲେ, ଏବେ କହିଲେଣି ଯେ ଦେଶର ଉନ୍ନତି ପାଇଁ ଓ ଦେଶକୁ ସଭ୍ୟ, ସଂସ୍କୃତିସମ୍ପନ୍ନ କରିବା ଲାଗି ଏଭଳି ଦଣ୍ଡ ଦରକାର । ଯଦି ଆପଣଙ୍କ କାର ଏଭଳି ଖରାପ ହୋଇଥାଆନ୍ତା ତେବେ ଏଭଳି ଦଣ୍ଡକୁ କେବେ ଅସଭ୍ୟ କହନ୍ତେ କି ? ଦିନରାତି ଯେ କୌଣସି ମୁହୂର୍ତ୍ତରେ ଝିଅମାନେ ଏକଲା ବୁଲିପାରିବେ, ଏକଥା ଆପଣ ଚିନ୍ତା କରିପାରୁଛନ୍ତି ? ସିଙ୍ଗାପୁରରେ ଏହା ସମ୍ଭବ । ମୂଳରୁ ତ ସେ ଦେଶର ସ୍କୁଲଗୁଡିକ ଆଇନଶୃଙ୍ଖଳାର ପ୍ରତୀକ ହୋଇ ପଡିଛି । ସେ ଦେଶରେ ମାଦକଦ୍ରବ୍ୟ ସେବନ ଏବଂ ତା'ର ଆମଦାନୀ ଓ ବିକ୍ରୀ କରିବା ଲାଗି ମୃତ୍ୟୁଦଣ୍ଡ । ୧୯୭୫ରୁ ଏ ଯାବତ୍ ସିଙ୍ଗାପୁରରେ ୯୦ ବ୍ୟକ୍ତି ନିଶାଦ୍ରବ୍ୟ କାରବାର ଯୋଗୁ ମୃତ୍ୟୁଦଣ୍ଡ ପାଇଛନ୍ତି । ପ୍ରିୟାପ୍ରୀତି ନିର୍ବିଶେଷରେ ଦଣ୍ଡ ମିଳିବା ସିଙ୍ଗାପୁରର ଏକଦଳୀୟ ଶାସନକୁ ବି ଆଦର୍ଶ କରିଦେଇଛନ୍ତି ।

ସରକାରୀ ଭାବରେ ସେଠାରେ ବହୁ ଦଳୀୟ ଗଣତନ୍ତ୍ର ଅଛି । କିନ୍ତୁ ନିର୍ବାଚନ ବ୍ୟବସ୍ଥା ଭଳି ଯେ କୌଣସି ଗୋଟିଏ ନିର୍ବାଚନରେ ବିରୋଧୀଦଳମାନେ ୮୧ଟି ଆସନରୁ ମାତ୍ର ୪ଟି ବା ପାଖାପାଖି ପାଇଛନ୍ତି । ସିଙ୍ଗାପୁରରେ ରାଜନୈତିକ ସ୍ୱାଧୀନତା ନାହିଁ । ମାନବିକ ଅଧିକାରର ଯଥେଚ୍ଛା ଉଲ୍ଲଂଘନ ହେଉଛି ଏବଂ ଗୋଟିଏ ଦଳର ମନମୁଖୀ ଶାସନ ଚାଲିଛି :

ଏଭଳି ଅଭିଯୋଗ ହେଉଛି । ବିରୋଧୀ ଦଳ ଭିତରେ ଅଛନ୍ତି ବିଚାରପତି ଜୋଷୁଆ ଜୟରତ୍ନମ । ଖବରକାଗଜ ଓ ଶ୍ରମିକ ସଙ୍ଗଠନ ଉପରେ ସରକାରଙ୍କର କଡ଼ା ନିୟନ୍ତ୍ରଣ ସହି ନପାରି ସେ ବିଚାରପତି ପଦରୁ ଇସ୍ତଫା ଦେଲେ । ସିଙ୍ଗାପୁରର ପାର୍ଲାମେଣ୍ଟରେ ସେ ହେଲେ ପ୍ରଥମ ନିର୍ବାଚିତ ବିରୋଧୀ ସଭ୍ୟ । ନିର୍ବାଚନ ପରେ ପରେ ସେ ସରକାରଙ୍କୁ ବହୁତ ଗୁଡେଇ-ତୁଡେଇ ପ୍ରଶ୍ନ କଲେ, ଯଥା : ସରକାର ତିଆରି କରୁଥିବା କୋଠାବାଡ଼ି ବିକ୍ରିରେ ହୋଇଥିବା ଲାଭ ଗଲା କୁଆଡେ ? ଶ୍ରମିକମାନଙ୍କ ଅଧିକ ମଜୁରି ଉପରେ ଟିକସ ହାର କମୁନାହିଁ କାହିଁକି ? ନିର୍ବାଚନ ପଦ୍ଧତିରେ ଥିବା ଦୋଷତ୍ରୁଟି ସଂଶୋଧନ ହେଉନାହିଁ କାହିଁକି ? ତାଙ୍କ କଣ୍ଠରୁଦ୍ଧ କରିବା ପାଇଁ ସିଙ୍ଗାପୁର ସରକାର ଦଶବର୍ଷ ତଳେ ଘଟିଥିବା ଗୋଟିଏ ଘଟଣାରେ ଠକାମୀ ଅଭିଯୋଗରେ ମକଦ୍ଦମା ଚଳାଇଲେ । ପ୍ରିଭି କାଉନସିଲ ଦ୍ୱାରା ସେ ନିର୍ଦ୍ଦୋଷ ହୋଇଥିଲେ ମଧ୍ୟ ସିଙ୍ଗାପୁର ସରକାର ତାଙ୍କୁ କ୍ଷମା ଦେଲେ ନାହିଁ । ସରକାରଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରୁଥିବା କାରଣରୁ ଜୟରତ୍ନମଙ୍କ ଉପରେ ଦୁଇଲକ୍ଷ ଡଲାର ଜୋରିମାନା ମଧ୍ୟ ହେଲା । ତାଙ୍କ ସାଙ୍ଗରେ କେହି ପ୍ରାତଃଭ୍ରମଣ କରିବାକୁ ବି ସାହସ କରୁନାହାନ୍ତି । କାଳେ ବିରୋଧୀ ଦଳ ନେତା ସାଙ୍ଗରେ ବୁଲିବା ଯୋଗୁ ପୋଲିସ ଧରିନେବ । ମାନବିକ ଅଧିକାର ସଙ୍ଗଠନମାନ ସିଙ୍ଗାପୁର ସରକାରକୁ ସମାଲୋଚନା କରୁଛନ୍ତି । ଖବରକାଗଜ, ନାଟକ, ସିନେମା ଓ ଭିଡିଓ ସେବା ଉପରେ ଥିବା କଡ଼ା କଟକଣା ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରିଛନ୍ତି । ବିଦେଶୀ ଖବରକାଗଜ ଓ ପତ୍ରିକାମାନ ସରକାରଙ୍କ ଦ୍ୱାରା ସେନ୍‌ସର ହୋଇଆସୁଛି । ପୁଣି ୧୯୯୦ରେ ପାର୍ଲାମେଣ୍ଟ ଦ୍ୱାରା ଗୃହୀତ ହୋଇଥିବା ଧାର୍ମିକ ସଂହତି ରକ୍ଷା ଆଇନ 'ମେଣ୍ଟେନାନସ ଅଫ୍ ରେଲିଜିଅସ ହାର୍ମୋନି ଆକ୍ଟ' ସରକାର ହାତରେ ଏମିତି କ୍ଷମତା ଦେଇଛି ଯେ ଧର୍ମ ସମ୍ପ୍ରଦାୟର ନେତାମାନେ ଧର୍ମ ଆଳରେ ରାଜନୈତିକ କ୍ରିୟାକଳାପ କଲେ ସେମାନଙ୍କୁ ଗିରଫ କରାଯାଇପାରିବ ।

ଭଲ କଥା ଯେ ସିଙ୍ଗାପୁର ଅବସ୍ଥା ଧୀରେ ଧୀରେ ଉଦାର ହେଉଛି । ଖୋଲା ବଜାର ଓ ପୁଞ୍ଜିବାଦ ବ୍ୟବସ୍ଥାରେ ଦଳର ମନମୁଖୀ ଶାସନ ଗ୍ରହଣୀୟ ନୁହେଁ । ଏ କଥା ପାଶ୍ଚାତ୍ୟ ଦେଶମାନେ କହୁଛନ୍ତି । ପ୍ରତ୍ୟେକ ନିର୍ବାଚନରେ ଲିକ୍ୱାୟୁଙ୍କ ଶାସକ ଦଳ ବିରୁଦ୍ଧରେ ଅଧିକରୁ ଅଧିକ ଭୋଟ ପଡୁଥିବା ଦେଖି ସିଙ୍ଗାପୁର ସରକାର ଜାଣୁଛନ୍ତି ଯେ ବିରୋଧୀ ସ୍ୱରକୁ ତ ବେଶି ଦିନ ଦବାଇ ରଖିହେବ ନାହିଁ । ଘରେଥିବା କମ୍ପୁଟର ଜରିଆରେ ଯେଉଁ ଦେଶର ଲୋକେ ଯେ କୌଣସି ଖବର ପାଇପାରୁଛନ୍ତି ସେ ଦେଶର ଖବରକାଗଜ ବା ପତ୍ରପତ୍ରିକାକୁ ନିୟନ୍ତ୍ରଣ କରିବାର କିଛି ମାନେ ହୁଏ ନାହିଁ । ଯେଉଁ ଦେଶରେ ଟିଭି-ଚାନେଲ ଓ ସାଟେଲାଇଟ ଡିସ୍‌ଗୁଡିକ କ୍ଷୁଦ୍ରରୁ କ୍ଷୁଦ୍ରତର ହେଉଛି ଏବଂ ଯେଉଁ ଦେଶ ପୃଥିବୀରେ ସବୁଠାରୁ ବେଶି କମ୍ପୁଟରପ୍ରିୟ ସେ ଦେଶରେ କେତେଦିନ ଧରି ସରକାର ଲୋକଙ୍କ ମୁହଁକୁ ଚୁପ ରଖିପାରିବେ ? ମନେହୁଏ ନୂତନ ଶତାବ୍ଦୀ ଆରମ୍ଭରେ ସିଙ୍ଗାପୁର ମୁକ୍ତ ସାଧାରଣତନ୍ତ୍ର ହୋଇଯାଇଥିବ ।

# ଅଫିସରମାନେ ପୁରୁଣାକାଳିଆ ହୋଇପଡୁଛନ୍ତି

କଥା କଥାରେ ହାଇଟେକ୍ । ଆଧୁନିକ କୌଶଳର ଅନ୍ୟ ନାମ । ଆଧୁନିକ କୌଶଳ ଯେ କରାୟତ୍ତ କରିଛି ସେ ବି ହାଇଟେକ୍ । ଉଭୟ ବିଶେଷ୍ୟ ଓ ବିଶେଷଣ ଭାବେ ଏ ଶବ୍ଦଟିର ବ୍ୟବହାର । ସରକାରୀ ଦପ୍ତର ବରଂ ପଛେଇ ଯାଇଛି, କମ୍ପାନୀ ଦପ୍ତରରେ ସବୁ କାରବାର ଏବେ ହାଇଟେକ୍ ହେବାରେ ଲାଗିଛି । ଅଫିସ୍‌ରେ କମ୍ପ୍ୟୁଟରଟିଏ ଥିଲେ ଅଫିସ ହାଇଟେକ୍ ହୋଇଗଲା ବୋଲି କେବଳ ସାଧାରଣ ଲୋକର ଧାରଣା ନୁହେଁ, ଅଧିକାରୀମାନଙ୍କ ବି ସେହି ଧାରଣା । ଅଧିକାରୀ ସରକାରୀ ଅଫିସର ହୁଅନ୍ତୁ ବା ଘରୋଇ କମ୍ପାନୀର ମାନେଜର । ସେମାନେ କମ୍ପୁଟର ଚଳାଇବା ଜାଣିଥାଆନ୍ତୁ ବା ନ ଥାଆନ୍ତୁ । ଥରେ ଅଫିସ୍‌କୁ ପଶିଗଲେ ଆପଣଙ୍କର ମନେ ହେବ, ଅଫିସ୍‌ରେ ଯିଏ ଯେତେ ଉପରେ, ସିଏ ସେତେ କମ୍ପ୍ୟୁଟର-ଅଜ୍ଞ । ଆଜିକାଲିର ବୟସ୍କ ମ୍ୟାନେଜର ବା ବରିଷ୍ଠ ଅଧିକାରୀମାନେ କମ୍ପ୍ୟୁଟର ଚଳାଇବାରେ ଅନଭିଜ୍ଞ ଥିବାରୁ ଟୋକା ଟୋକା ବା ଯୁବ ଅଫିସରଙ୍କ ଆଗରେ ହାସ୍ୟାସ୍ପଦ ହେଉଛନ୍ତି ।

ଛବିକୁ ଜୀବନ୍ତ ଭଳି ଚଳାଚଳ କରିବାର କୌଶଳକୁ ଆନିମେସନ କୁହାଯାଏ, କମ୍ପୁଟର ସାହାଯ୍ୟରେ ସହଜରେ ଆନିମେସନ୍ କରିହେଉଛି । ଆପଣ କେବେ ଭାବିଛନ୍ତି ଯେ ଏଭଳି ଏକ କମ୍ପାନୀରେ ମୁଖ୍ୟ କମ୍ପୁଟର-ଅଜ୍ଞ ଥିବେ ? ଜାପାନରେ ଗୋଟିଏ ବଡ ଟେଲିଭିଜନ ଆନିମେସନ ପ୍ରଡକ୍ସନ କମ୍ପାନୀର ଖୁବ୍ ପ୍ରତିପତ୍ତି ଥିବା ୫୨ ବର୍ଷ ବୟସ୍କ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ୟାସୁମାସା ଫୁକୁସିମା କମ୍ପ୍ୟୁଟର ସାମନାରେ ନର୍ଭସ୍ ହୋଇଯାଉଛନ୍ତି, ଭାଙ୍ଗି ପଡୁଛନ୍ତି । ତାଙ୍କ କମ୍ପାନୀ ଏବେ ସବୁ ବରିଷ୍ଠ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ଡେସ୍କ ଟପ୍ (ଡେସ୍କ ଉପରେ ଥୁଆ) କମ୍ପ୍ୟୁଟର ଯୋଗାଇଛି । କମ୍ପାନୀ ଆଶାକରେ ଯେ, ସେମାନେ ଲେଖାଲେଖି କାମରେ, ନଥିପତ୍ର ରଖିବାରେ ତଥା ଯାବତୀୟ ଅଫିସ କାମରେ କମ୍ପ୍ୟୁଟର ବ୍ୟବହାର କରିବେ । ଏବେ ଫୁକୁସିମା ଯୁବ ମ୍ୟାନେଜରମାନଙ୍କ ସହିତ କମ୍ପ୍ୟୁଟର ପାଠ ଶିଖିବାକୁ ବାଧ୍ୟ ହେଉଛନ୍ତି । ହାଇଟେକର ଟେକ୍ ଅଂଶଟି ଟେକ୍‌ନୋଲଜି ଶବ୍ଦର ପ୍ରଥମ ଭାଗ; ଉକ୍ତ କାରିଗରୀ ବ୍ୟବହାରରେ ଜାପାନ ଅଦ୍ୱିତୀୟ ।

ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ, ଜାପାନରେ ବହୁତ କମ୍ପାନୀର କାର୍ଯ୍ୟାଳୟରେ ଚିଠିପତ୍ର ଏବେ ବି ହାତରେ ଲେଖାଯାଉଛି ବା ସାଧାରଣ ଟାଇପ୍ ମେସିନ୍‌ରେ ଟାଇପ୍ କରାଯାଉଛି । ଗଣନା ବା ହିସାବପତ୍ର ପକେଟ୍ କାଲ୍‌କୁଲେଟର୍ (ଗଣକଯନ୍ତ୍ର)ରେ କରାଯାଉଛି । ଫୁକୁସିମା କହନ୍ତି: କେବେ ସେ ମାଉସ୍ ବ୍ୟବହାର କରିନାହାନ୍ତି । ମାଉସ୍ ହେଉଛି କମ୍ପୁଟରରେ ଆଦେଶ ଦେବାଲାଗି ମୂଷା ଭଳି ଚାଲୁଥିବା ଏକ ଯନ୍ତ୍ର । ଜାପାନରେ ରକ୍ଷଣଶୀଳ ସମାଜ ଆମ ଭାରତୀୟ ସମାଜ ଭଳି । କି-ବୋର୍ଡରେ ଅଙ୍ଗୁଳି ଟିପି ଟାଇପ୍ କରିବା ମହିଳାମାନଙ୍କ କାମ, ପୁରୁଷମାନଙ୍କର କାମ ନୁହେଁ ! ପୁରୁଷ ୟାସୁମାସା ଫୁକୁସିମା ଅବା ଟାଇପ୍ କରିବା ଜାଣନ୍ତେ କାହିଁକି ? ଆଜି ଯେତେବେଳେ ଜାପାନୀ କମ୍ପାନୀମାନେ ସେମାନଙ୍କ ତଥ୍ୟ ଭଣ୍ଡାର (ଡାଟାବେସ୍) ସହିତ ଯୋଗାଯୋଗ ରଖିବା ପାଇଁ ବରିଷ୍ଠ କର୍ମଚାରୀମାନଙ୍କୁ କମ୍ପ୍ୟୁଟର ବ୍ୟବହାର କରିବାକୁ କହୁଛନ୍ତି, ବାହାର କମ୍ପାନୀ ସହ ଯୋଗସୂତ୍ର ରଖିବାଲାଗି ଇଲେକ୍ଟ୍ରୋନିକ ଡାକ (ଇ-ମେଲ୍) ବ୍ୟବହାର କରିବାକୁ କହୁଛନ୍ତି, ସେତେବେଳେ ବରିଷ୍ଠ ଅଧିକାରୀମାନେ ହତବାକ୍ ହୋଇ ଯାଉଛନ୍ତି । ମେଗାହର୍ଜ କଣ, ମେଗାବାଇଟ୍‌ଠାରୁ ଏହା କିପରି ଭିନ୍ନ, ଏକଥା ଜାଣି ନଥିବା ଏକ୍‌ଜିକ୍ୟୁଟିଭ ତ ବହୁତ ଅଛନ୍ତି । ଏବେ କମ୍ପାନୀମାନେ ଭାବୁଛନ୍ତି, ବ୍ୟକ୍ତି ଯେତେ ଉଚ୍ଚପଦବୀରେ ରହିବ, ସେ କମ୍ପ୍ୟୁଟର ବିଷୟରେ ସେତେ ବେଶି ଧୁରନ୍ଧର ହେବା ଦରକାର । ଆଜିକାଲି ବିନା ତାଲିମରେ କମ୍ପ୍ୟୁଟର ବ୍ୟବହାର କରି ହେଉଛି, କମ୍ପ୍ୟୁଟରରେ କଣ ଅଛି ପରଦାରେ ଲେଖି ହୋଇ ଯାଉଛି । ଲେଖା ପଢା ଜାଣିଥିବା ଲୋକ କଣ ଦରକାର ବାଛି ନେବ । ପାଠ ମୁଖସ୍ଥ କରିବା ବା ତାଲିମ୍ ବହି ପଢିବା ଦରକାର ନାହିଁ । ତଥାପି ଉଚ୍ଚପଦାଧିକାରୀମାନଙ୍କୁ ଆଜିକାଲି କମ୍ପ୍ୟୁଟର-ଶିକ୍ଷା ଶ୍ରେଣୀକୁ ତାଲିମ ପାଇଁ ନିଆଗଲା ବେଳେ ସେମାନେ ସତେ ଯେପରି ହାଣମୁହଁକୁ ଗଲା ପରି ମନେ କରୁଛନ୍ତି !

ପ୍ରକୃତରେ କହିବାକୁ ଗଲେ ଚାରିପାଞ୍ଚ ବର୍ଷ ତଳେ ଜାପାନର ହାଇଟେକ୍ ଭାବମୂର୍ତ୍ତି ସହିତ ବ୍ୟକ୍ତିଗତ କମ୍ପ୍ୟୁଟର ବ୍ୟବହାର ଖାପ ଖାଉ ନଥିଲା । ଘରେ ଘରେ ଯାହାକିଛି କମ୍ପ୍ୟୁଟର ବ୍ୟବହାର ହେଉଥିଲା ତାହା ପିଲାମାନଙ୍କ ଖେଳ ପାଇଁ ବ୍ୟବହାର ହେଉଥିଲା । ଏବେ ତ ଯୁବକ-ଯୁବତୀମାନେ କମ୍ପୁଟର୍ ବ୍ୟବହାର କରି ଇଣ୍ଟରନେଟ୍ ଜରିଆରେ ପତ୍ରାଳାପ କଲେଣି । ପିଲାମାନଙ୍କ ଆଗରେ ବାପା ମାଆମାନେ ନିଜକୁ ନ୍ୟୁନ ମନେ କଲେଣଇ । କମ୍ପୁଟର ବ୍ୟବହାରରେ ଗୋଟିଏ ବଡ ଅସୁବିଧା ଥିଲା ଜାପାନୀ ଭାଷା । ଆକ୍ଷରିକ ଅନୁବାଦ କରି ଇଂରାଜୀରୁ ଜାପାନୀ ଭାଷାକୁ ଅଣାଯାଇଥିବା ଶବ୍ଦଗୁଡିକ ପ୍ରକୃତ ଭାବ ବୁଝାଉ ନ ଥିଲା ବୋଲି ଜାପାନରେ ଘରେ ଘରେ କମ୍ପ୍ୟୁଟର ବ୍ୟବହାର ହୋଇ ନଥିଲା । ମଝିରେ ଜାପାନ ସରକାର ଅଫିସରେ କମ୍ପ୍ୟୁଟର ବ୍ୟବହାର ପାଇଁ ଏକ ୫ ବର୍ଷିଆ ଯୋଜନା କଲେ, ପରିବର୍ତ୍ତନ ଧୀରେ ଧୀରେ ହେଲେ ବି ହେଉଛି । ଫୁଜି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ନାମକ ଗୋଟିଏ ସର୍ଭେକାରୀ

କମ୍ପାନୀ ହିସାବ କରି ଦେଖାଇଛି ଯେ ୮୮୦ଟି ଜାପାନୀ କମ୍ପାନୀ ଭିତରୁ ମାତ୍ର ୨୦%ରେ ବରିଷ୍ଠ ଅଫିସରମାନେ କମ୍ପ୍ୟୁଟର ବ୍ୟବହାର କରିବା ଜାଣିଲେଣି । ୮୦% କମ୍ପାନୀରେ କମ୍ପ୍ୟୁଟର-ମୂର୍ଖ ରହିଯିବା ତ କମ୍ କଥା ନୁହେଁ । କମ୍ପାନୀ କାରବାର ଯଦି ଅତ୍ୟାଧୁନିକ ହୋଇପାରିବ ନାହିଁ, ତେବେ ଜାପାନର ଭାବମୂର୍ତ୍ତି କ୍ଷୁଣ୍ଣ ହେବ । ଜାପାନ ସରକାର ଚାହାନ୍ତି, ସରକାରୀ ଓ କମ୍ପାନୀ ପଦାଧିକାରୀମାନେ ଯେତେ ଶୀଘ୍ର ସମ୍ଭବ ଇନ୍-ଲାଇନ ବା ଅନ-ଲାଇନ ହୁଅନ୍ତୁ, ଅର୍ଥାତ୍ ରାସ୍ତାକ ବା ବାଗକୁ ଆସନ୍ତୁ । ଅଧିକାଂଶ ବଡ କମ୍ପାନୀ ବିଜ୍ଞାପନ ଜାରି କରି ସାରିଲେଣି ଯେ ଏଣିକି ସେମାନେ କମ୍ପ୍ୟୁଟର ଅନଭିଜ୍ଞ ଲୋକଙ୍କୁ ନିଯୁକ୍ତି ଦେବେ ନାହିଁ । ସେମାନଙ୍କ ପଦାଧିକାରୀମାନେ ଅନ୍ତତଃ ଇ-ମେଲ୍ ବ୍ୟବହାର ଜାଣିଥିବା ଦରକାର । କୌଣସି ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେବାକୁ ଗଲାବେଳେ ଅଧିକାରୀମାନେ ମୋଟା ମୋଟା ବହି ବା ବଡ ବଡ କାଗଜ ବିଡା ସାଙ୍ଗରେ ନେଇ ଯିବେ ନାହିଁ; ନେଲେ କମ୍ପାନୀର ଭାବମୂର୍ତ୍ତିରେ ଆଞ୍ଚ ଆସିବ, କମ୍ପାନୀ ପୁରୁଣାକାଳିଆ ବୋଲି ଲୋକାପବାଦ ହେବ । ଅନ୍ୟ ଶିଳ୍ପୋନ୍ନତ ଦେଶରେ ପଦାଧିକାରୀମାନେ ଯେପରି ଗୋଟିଏ ଗୋଟିଏ ପତଳା ବାକ୍ସ ଭଳି କୋଳରଖା (ଲ୍ୟାପ୍‌ଟପ୍) କମ୍ପ୍ୟୁଟର ଆଣୁଛନ୍ତି, ସେମାନେ ସେହିଭଳି ହାତବାକ୍ସ ଧରିଯିବା ଉଚିତ । ଏବେ ତ ପାପୁଲିରେ ରଖା କମ୍ପୁଟର ବାହାରିଲାଣି । କିଛି ଅଧିକ ଖବର ଦରକାର ହେଲେ ଫାକ୍ସ ଜରିଆରେ ବା ଇଣ୍ଟରନେଟ୍ ଜରିଆରେ ଆବଶ୍ୟକ କାଗଜ ମଗାଇ ନେଇପାରିବେ । ଏ ଅଭ୍ୟାସ ଯେତେ ଡେରି ହେବ କମ୍ପାନୀର ପଦାଧିକାରୀମାନେ ସେତେଦିନ ଗୋଠଖଣ୍ଡିଆ ରହିଯିବେ ।

ଆଉ ପାଞ୍ଚ ଦଶ ବର୍ଷ ଭିତରେ ଆମ ଦେଶରେ ବି ଏହିଭଳି ଅବସ୍ଥା ଆସିଯିବ । ଆଗେ ଘରୋଇ କମ୍ପାନୀମାନେ ହାଇଟେକ୍ ହେବେ, ଯେଉଁ ବୟସ୍କ ଲୋକେ ନୂଆ ବ୍ୟବସ୍ଥା ନ ଶିଖିବେ ପୁରୁଣାକାଳିଆ ବୋଲି ତଡା ଖାଇବେ । ପରେ ସରକାରୀ ଅଫିସରଙ୍କ ପାଳି ପଡିବ । ଆମ ଦେଶର ସରକାରୀ ଅଫିସମାନଙ୍କରେ ସମ୍ଭବତଃ ୨୦୦୫ ଖ୍ରୀଷ୍ଟାବ୍ଦ ବେଳକୁ ସେହିଭଳି ଅବସ୍ଥା ଆସିଯାଇପାରେ । ଅଫିସ କାର୍ଯ୍ୟ କରିବାରେ ଅତ୍ୟାଧୁନିକତା ରକ୍ଷା କରି ନ ପାରିଲେ ନିଯୁକ୍ତି ମିଳିବ ନାହିଁ ବା ମିଳିଥିଲେ ଚାକିରି ରଖିହେବ ନାହିଁ । ତେଣୁ ବୟସ୍କ ତଥା ଉପରିସ୍ଥ ଅଫିସର ଓ ମ୍ୟାନେଜରମାନେ ଏବେଠୁଁ ସାବଧାନ ହେବା ଦରକାର ।

# ବିଦେଶୀ କମ୍ପାନୀର ବିଜୁଳି ଯୋଗାଣ

୧୯୮୩ରୁ ମାଲେସିଆରେ ଘରୋଇକରଣର ପୁରୋଧା ହୋଇଆସିଥିବା ପ୍ରଧାନମନ୍ତ୍ରୀ ମହାଧୀର ମହମ୍ମଦ କିଞ୍ଚିତ ପରିମାଣରେ ରାଷ୍ଟ୍ରୀୟ କଣ୍ଟ୍ରୋଲ ଜାରି କରିବେ ବୋଲି ୧୯୯୫ ଜୁଲାଇ ୨୪ରେ ଯେତେବେଳେ ଘୋଷଣା କଲେ ପାଶ୍ଚାତ୍ୟ ପଣ୍ଡିତମାନେ ଆଶ୍ଚର୍ଯ୍ୟ ହୋଇଗଲେ । ପାଶ୍ଚାତ୍ୟ ପୁଞ୍ଜି, ପୁଣି ଅପର୍ଯ୍ୟାପ୍ତ ଆସୁଛି, ସେଥିରେ ଲଗାମ୍ ଲଗାଇବ ! ୧୯୯୫ ଦ୍ୱିତୀୟ ଅର୍ଦ୍ଧରୁ ମାଲେସିଆ ସରକାର ଘରୋଇକରଣ ଉପରେ ପୁନର୍ବିଚାର କରିବା ଆରମ୍ଭ କରିଦେଲେ । ମାଲେସିଆର ଅର୍ଥନୈତିକ ଅଭିବୃଦ୍ଧିରେ ଘରୋଇକରଣ ହିଁ ମୂଳକାରଣ ହୋଇସାରିଛି । ଏବେ ମାଲେସିଆ ସରକାର ଚାହୁଁଛନ୍ତି ଯେ କୌଣସି ଗୋଟିଏ ଗୋଟିଏ ଦ୍ରବ୍ୟ ଉପରେ ଗୁଡିଏ କମ୍ପାନୀ ଯେଭଳି ପ୍ରତିଯୋଗିତା କରି ଲଦି ହୋଇ ନ ପଡନ୍ତି !

ଘରୋଇକରଣ ବିରୁଦ୍ଧରେ ମତ ପୋଷଣ କରିବାର କାରଣ କଣ ? ମାଲେସିଆର ଜାତୀୟ ବିଦ୍ୟୁତ୍ କମ୍ପାନୀ 'ଟେନାଗା' (Tenaga) ବର୍ତ୍ତମାନ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ଏହାର କାରଣ । ସମାଧାନ କରିବାର ଉପାୟ ଭିତରେ ଏ ଗୋଟିଏ । ତତ୍କାଳୀନ ଶକ୍ତି ଆବଶ୍ୟକତାକୁ ମେଣ୍ଟାଇବା ପାଇଁ, ଦେଶରେ ଦେଖାଦେଇଥିବା ବିଦ୍ୟୁତ୍‌ଶକ୍ତିର ଅଭାବ ପୂରଣ ଦିଗରେ ପଦକ୍ଷେପ ରୂପେ, ସେ ୧୯୯୨ରେ ବିଦ୍ୟୁତ୍ ଉତ୍ପାଦନ ଶିଳ୍ପକୁ ଘରୋଇକରଣ କଲେ । ୧୯୯୫ ସୁଦ୍ଧା ଚାରୋଟି ଭିନ୍ନ ଭିନ୍ନ କମ୍ପାନୀ ବିଜୁଳି ଉତ୍ପାଦନ କରି ଟେନାଗାକୁ ବିକିବା ଆରମ୍ଭ କରିଦେଲେ । ୧୯୯୬ରେ ପଞ୍ଚମ କମ୍ପାନୀଟିଏ ବିଦ୍ୟୁତ୍ ଶକ୍ତି ବିକିବା ଆରମ୍ଭ କଲା । ବିଜୁଳି କମ୍ପାନୀମାନେ ବଡ ଲାଭଜନକ ଠିକା ନେଇଛନ୍ତି ଏବଂ ଠିକା କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଆଗରୁ ବିଜୁଳି ଯୋଗାଇ ପାରୁଛନ୍ତି । 'ୱାଇଟି ଏଲ୍' ନାମକ ଏକ କମ୍ପାନୀ ନିର୍ଦ୍ଧାରିତ ସମୟର ଛଅମାସ ପୂର୍ବରୁ ୧୯୯୪ ଅକ୍ଟୋବରରେ ଟେନାଗାକୁ ବିଜୁଳି ଯୋଗାଣ ଆରମ୍ଭ କରିଦେଲା । ଗରାଖ ନ ଥିବେ, ଜିନିଷ ତିଆରି କରି ପକାଇବ, ଅବସ୍ଥା ଯାହା ହେବା କଥା, ସେଇୟା ହେଲା । ଟେନାଗା ଏତେ ବିଜୁଳି ଦରକାର

କରୁନାହିଁ କିନ୍ତୁ ୱାଇଟି ଏଲ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ବିଜୁଳି କଣିବାକୁ ବାଧ୍ୟ ।

ବିଜୁଳି କିଣିବା ବାବଦ ଦେୟ ଦେଇ ନ ପାରିବାରୁ ଟେନାଗା ପ୍ରସ୍ତାବ ଦେଲା ଯେ ସରକାର ବିଜୁଳି ୟୁନିଟ ପିଛା ଦାମ ବଢାନ୍ତୁ । ଡଃ ମହାଧିର ମହମ୍ମଦ ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ ନ କରି କିଛି କରିବେ ନାହିଁ ବୋଲି ଆଳ ଦେଖାଇ କିଛିଦିନ ନେଲେ । ସେ ବା କେତେ ଦିନ ଡେରି କରନ୍ତେ ? ଇତିମଧ୍ୟରେ ବିଭିନ୍ନ ବିଜୁଳି-ଉତ୍ପାଦନକାରୀ କମ୍ପାନୀକୁ ବିଜୁଳି ଯୋଗାଣ ବାବଦରେ ପ୍ରଚୁର ପଇସା ଦେବାକୁ ପଡୁଥିବାରୁ ଟେନାଗାର ଲାଭ କମିବାରେ ଲାଗିଲା, ମୂଳଧନ ଖାଇବାରେ ଲାଗିଲା । ଟୋନାଗାର ଇକ୍ୱିଟି ବା ଅଂଶଧନରେ ୭୧% ମାଲେସିଆ ସରକାରଙ୍କ । ତେଣୁ ଟୋନାଗାର କ୍ଷତି ମାନେ ସରକାରଙ୍କର କ୍ଷତି । ଏ ଦୃଷ୍ଟିରୁ କମ୍ପାନୀମାନେ କେତେ ଦରରେ ବିଜୁଳି ବିକିବେ ସେ ବିଷୟରେ ଡଃ ମହାଧିର ଏବେ ପୁନର୍ବିଚାର କରୁଛନ୍ତି ।

ଅବଶ୍ୟ କେହି କହୁନାହିଁ ଯେ ମାଲେସିଆ ସରକାରଙ୍କର ବିଜୁଳି ଉତ୍ପାଦନ ନୀତି ପୂରାପୂରି ଭୁଲ । ବର୍ଷକୁ ୧୪% ହାରରେ ବିଜୁଳି ଆବଶ୍ୟକତା ବଢୁଛି । ତେଣୁ ଦେଶରେ ବିଜୁଳି ଶକ୍ତି ବଳକା ହେବା ଏକ ଭଲ ଲକ୍ଷଣ ବୋଲି ଅନେକ କହୁଛନ୍ତି । ଦିନେ ନା ଦିନେ ଏହି ବଳକା ଶକ୍ତି ପରିମାଣ ଗ୍ରହଣୀୟ ସ୍ତରକୁ ଆସିଯିବ ବୋଲି ସେମାନଙ୍କର ଆଶା ।

ମାଲେସିଆ ସରକାର ଯେଉଁଭଳି ୱାଇଟି ଏଲ କମ୍ପାନୀ ସହିତ ଆପୋଷ ଆଲୋଚନା ମାଧ୍ୟମରେ ଏକ ରାଜିନାମା କରିଦେଲେ ଏବଂ ତଦନୁଯାୟୀ ବିଜୁଳି ଦରକାର ଥାଉ କି ନ ଥାଉ, ବିଦେଶୀ ଉତ୍ପାଦନକାରୀଠାରୁ ମାଲେସିଆର ବିଦ୍ୟୁତ୍ ନିଗମ *ଟୋନାଗା* ବିଜୁଳି କିଣିବାକୁ ବାଧ୍ୟ, ତେଣୁ ପଇସା ଦେବାକୁ ପଡିବ । ଏ ହେଲା ବିଦେଶୀ ପୁଞ୍ଜିଲଗାଣକାରୀ କମ୍ପାନୀ ସହ ମାଲେସିଆର ଚୁକ୍ତି । ତେଣୁ ସରକାରଙ୍କ ବିଜୁଳିକମ୍ପାନୀ ବିଜୁଳି ବିକି ପାରୁ କି ନ ପାରୁ, ଉତ୍ପାଦିତ ବିଜୁଳି ଉପରେ ପଇସା ଦେବ । ବିଜୁଳି ଦରକାର ନାହିଁ ବୋଲି କହି ସରକାର ବିଦେଶୀ କମ୍ପାନୀକୁ ଉତ୍ପାଦନ କମାଇବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ, ଯଦି ଦିଅନ୍ତି ତାହା ଦ୍ୱାରା ଯେଉଁ କ୍ଷତି ହେବ ତାହାର ଭରଣା କରିବେ । ବିଦେଶୀ ପୁଞ୍ଜି ଆମନ୍ତ୍ରଣ କରିବାରେ ଏତକ ସର୍ତ୍ତ । ସେହିଭଳି ଅବସ୍ଥା ବି ଆମ ଦେଶରେ । ମହାରାଷ୍ଟ୍ରର ବିଜେପି-ଶିବସେନା ସରକାର ପୂର୍ବ କଂଗ୍ରେସ୍ ସରକାର ସହିତ ଏନ୍‌ରନ୍ କମ୍ପାନୀ କରିଥିବା ଚୁକ୍ତିକୁ ବାତିଲ କରିଥିଲେ, ମନେ ହେଉଥିଲା କିଛି ସୁବିଧା ସର୍ତ୍ତ କରିବେ । କେବଳ ୟୁନିଟ୍ ପିଛା ପାଉଣା ଟିକେ କମାଇଛନ୍ତି । ତା ଛଡା ଏନ୍‌ରନ୍ କମ୍ପାନୀ ସହିତ ରାଜିନାମା ଭଳି ସବୁ ବିଜୁଳି କମ୍ପାନୀର ରାଜିନାମାରେ ଦୁଇଟି କଡା ସର୍ତ୍ତ ଅଛି । କେନ୍ଦ୍ର ସରକାର ଗ୍ୟାରେଣ୍ଟି ଦେବେ ଯେ (୧) ଡଲାର ମୂଲ୍ୟରେ ଉତ୍ପାଦନ ଖର୍ଚ୍ଚ ଉପରେ ୧୬% ଆୟ କମ୍ପାନୀ ଯେପରି ପାଏ ଏବଂ (୨) ଯଦି ମହାରାଷ୍ଟ୍ର ବିଦ୍ୟୁତ୍ ବୋର୍ଡ ତାର ପାୱାର ପରଚେଜ୍ ଏଗ୍ରିମେଣ୍ଟ

(ବିଜୁଳି କିଣିବା ରାଜିନାମା) ଅନୁଯାୟୀ ପାଉଣା ଦେଇ ନପାରେ ଏବଂ ବିଦ୍ୟୁତ ବୋର୍ଡର ଏ ପ୍ରକାର ବିଫଳତା ପରେ ଯଦି ମହାରାଷ୍ଟ୍ର ସରକାର ଯଥା ସମୟରେ ଗ୍ୟାରେଣ୍ଟି ଦିଆ ଅର୍ଥ ଏନ୍‌ରନ୍‌କୁ ନ ଦିଏ, ତେବେ କେନ୍ଦ୍ର ସରକାର ମହାରାଷ୍ଟ୍ର ସରକାରଙ୍କୁ ଯୋଜନା ବାବଦରେ ଦେଉଥିବା ଅର୍ଥରୁ କାଟି ଏନ୍‌ରନ୍‌କୁ ଦେବେ । ମହାରାଷ୍ଟ୍ର ସରକାର ଏନ୍‌ରନ୍ କମ୍ପାନୀ ସହିତ କରିଥିବା ଚୁକ୍ତି ଭଳି ଓଡିଶା ସରକାର ବି କରିଛନ୍ତି । ପୁନର୍ବିଚାର କରାଯିବ ବୋଲି ରାଜ୍ୟ ସରକାର କହୁଥିଲେ । କିନ୍ତୁ କଣ ହେଲା, ଲୋକଙ୍କୁ ପୂରା କଥା ଜଣାଇ ଦିଆଯାଇ ନାହିଁ । ପ୍ରଚଳିତ ଚୁକ୍ତି ଅନୁଯାୟୀ ବିଜୁଳି ୟୁନିଟ ପିଛା ପ୍ରାୟ ୨ ଟଙ୍କା ୪୦ ପଇସା କିମ୍ବା ଅଧିକ ମୂଲ୍ୟରେ (କମ୍ପାନୀ ଉପରେ ନିର୍ଭର କରି) ରାଜ୍ୟର ବିଦ୍ୟୁତ୍ ବୋର୍ଡମାନେ କିଣିବେ । ବାଟରେ ବିଜୁଳି ଚୋରାଚୋରି ଛାଡି ଓ ଲାଭାଂଶ ହିସାବକୁ ନେଇ ରାଜ୍ୟ ବିଦ୍ୟୁତ୍ ବୋର୍ଡମାନେ ସମ୍ଭବତଃ ୟୁନିଟ ପିଛା ୩ ଟଙ୍କାରୁ କମ୍‌ରେ ବିକିବେ ନାହିଁ । ୧୯୯୯ ଶେଷ ସୁଦ୍ଧା ଏସବୁ ବିଦ୍ୟୁତ୍ କମ୍ପାନୀମାନେ ବିଜୁଳି ଯୋଗାଣ ଆରମ୍ଭ କରିବା କଥା । ସେତେବେଳକୁ ଜିନିଷପତ୍ରର ମୂଲ୍ୟ ବୃଦ୍ଧି ତ ଅଢେଇଗୁଣ ହୋଇ ନଥିବ । କିନ୍ତୁ ବିଜୁଳି ଦାମ ପ୍ରାୟ ଅଢେଇଗୁଣ ହୋଇଯାଇଥିବ । ସେତେବେଳେ ଲୋକେ ଏତେ ଦରରେ ବିଜୁଳି ନେବା ବିରୁଦ୍ଧରେ କିଛି ଆନ୍ଦୋଳନ କରିପାରନ୍ତି । ଏ କଥାକୁ ଆଖି ଆଗରେ ନ ରଖି ସରକାରଙ୍କ ପଇସା ଅଭାବ ଅଛି ବୋଲି ବିଦେଶୀ ପଇସା ନେବା ପାଇଁ ସୁନା ଥାଳିରେ ରାଜିନାମା କାଗଜ ବଢେଇ ଦିଆଯାଉଛି । ବିଦେଶୀ କମ୍ପାନୀ ନିଶ୍ଚୟ ଭାରତର ରାଜନୈତିକ ଓ ଅର୍ଥନୈତିକ ପରିବେଶ ଅନୁଧ୍ୟାନ କରିଥିବେ ଏବଂ ବିପଦ ବରଣଯୋଗ୍ୟ ବୋଲି ଭାବିଥିବେ । ନଚେତ ମହାରାଷ୍ଟ୍ର ହେଉ କି ଓଡିଶା ହେଉ ବିଭିନ୍ନ ପ୍ରାଦେଶିକ ସରକାର ଓ କେନ୍ଦ୍ର ସରକାରଙ୍କ ସହିତ ଚୁକ୍ତି କରି ନଥାନ୍ତେ ।

ବିରୋଧୀ ଦଳମାନଙ୍କ ସନ୍ଦେହ ଯେ ଚୁକ୍ତି କଲା ବେଳେ କେତେ ପଇସାରେ ବିଜୁଳି ଲୋକେ ପାଇବେ, ସେ ବିଷୟରେ ଯଥେଷ୍ଟ ଚିନ୍ତା କରାଯାଇନାହିଁ । ଏତେ ତରବରରେ କରାଯାଇଛି ଯେ କିଛି ନେଣଦେଣ ହୋଇଥାଇପାରେ ବୋଲି ସମାଲୋଚକମାନେ ସନ୍ଦେହ କରୁଛନ୍ତି । ଯଦି ଧରି ନିଆଯିବ ଯେ ୧୯୯୯ ସୁଦ୍ଧା ମୁଦ୍ରାସ୍ଫୀତି ଏତେ ବଢି ଯାଇଥିବ ଯେ ଏନ୍‌ରନ୍ ଭଳି କମ୍ପାନୀ ସହିତ କରାଯାଇଥିବା ଚୁକ୍ତିଜନିତ ବିଜୁଳି ଦର ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବ, ତଥାପି ବହୁତ ସମାଲୋଚକଙ୍କ ମତ ଯେ ଗୋଟିଏ କମ୍ପାନୀ ସହିତ ଚୁପଚୁପ ଆଲୋଚନା ନ କରି ଯଦି ସର୍ବସାଧାରଣରେ ଆନ୍ତର୍ଜାତୀୟ ମୂଲ୍ୟପତ୍ର (ଟେଣ୍ଡର) ମଗାଯାଇଥାନ୍ତା, ତେବେ ଏନ୍‌ରନ୍ ନେଇଥିବା ଡାଭୋଲ ପାୱାର ପରିକଳ୍ପନାରେ ୨୮୦୦ କୋଟି ଡଲାର ନ ଲାଗି ମାତ୍ର ୧୮୦୦ କୋଟି ଡଲାରରେ ଠିକା ଛିଡିଥାଆନ୍ତା । ସମ୍ବାଦରୁ ପ୍ରକାଶ ଯେ କେତେକ ଭାରତୀୟ କମ୍ପାନୀ ସେମାନଙ୍କ ଭଗ୍ନୀ ବିଦେଶୀ କମ୍ପାନୀ ସହାୟତାରେ

କମ୍ ମୂଲ୍ୟରେ ଏହି ଠିକା ନେବାକୁ ରାଜି ହେଉଥିଲେ । ଲୁଚାଛପା ଭାବରେ କିମ୍ବା ଗୋଟିଏ ମାତ୍ର କମ୍ପାନୀ ସହିତ କଥାବାର୍ତ୍ତା ନ କରି ଯଦି ଖୋଲାଖୋଲି ଭାବରେ ଓ ବିଭିନ୍ନ କମ୍ପାନୀ ସହିତ ଦର ମୂଲାମୂଲି ହୋଇଥାଆନ୍ତା, ତେବେ ଏଭଳି ଗଣ୍ଡଗୋଳ ବୋଧହୁଏ ଉପୁଜି ନ ଥାଆନ୍ତା । କେବଳ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସିଧାସଳଖ କାରବାର କଲେ ବାହାରର ଲୋକେ କିଛି ଜାଣିପାରିବେ ନାହିଁ । ଦିଲ୍ଲୀ କିମ୍ବା ବମ୍ବେରେ ଥିବା ସରକାରଙ୍କ ଅଧିକାରପ୍ରାପ୍ତ ବ୍ୟକ୍ତିମାନେ ମୂଲାମୂଲି କରିବାରେ ବେଶି ଅଭିଜ୍ଞ ନୁହନ୍ତି ବୋଲି କିମ୍ବା ରାଜନୈତିକ ଚାପ ବେଶି ହୋଇ ଥାଇ ପାରେ, କାରଣ ଯାହା ହେଉ ନା କାହିଁକି ଏନ୍‌ରନ୍ କମ୍ପାନୀ ତାକୁ ଲାଭଜନକ ହେଲାଭଳି ଠିକା ଆଦାୟ କରିନେଲା । ଲୋକଙ୍କ ଲାଭ ଦେଖାଗଲା ନାହିଁ । ୧୯୯୨ ରୁ ତ ମହାରାଷ୍ଟ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ରାଜ୍ୟସାରା ଦୁର୍ନୀତି ଅଭିଯୋଗ ପ୍ରଚାର ହେଲା ଏବଂ ବମ୍ବେ ବିସ୍ଫୋରଣ ସହିତ ଜଡିତ ଆତ୍ମଗୋପନକାରୀ ଗୁଣ୍ଡା ସଂସ୍ଥା ସହିତ ତାଙ୍କର ସମ୍ପର୍କ ବିଷୟ ଖବରକାଗଜ ମାନଙ୍କରେ ବାହାରିଲା । ତେଣୁ ସେ ସମୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କଲାବେଳେ କୌଣସି କମ୍ପାନୀ, ବିଶେଷତଃ ବିଦେଶୀ କମ୍ପାନୀଟିଏ, ଧୀରେ ସୁସ୍ଥେ ଆଗେଇବା ଉଚିତ ଥିଲା । ତଥାପି ଏନ୍‌ରନ୍ ଚୁକ୍ତି କରିନେଲା । ଏଣୁ ସର୍ବସାଧାରଣରେ ସନ୍ଦେହ ବଢ଼ିଲା ।

ଏନ୍‌ରନ୍ ସହିତ ଠିକା କଟିଗଲାପରେ ସରକାର ଖୋଲାଖୋଲି ଭାବରେ ଏକାଧିକ କମ୍ପାନୀ ସହିତ ଆଲୋଚନା କରି ସର୍ବସାଧାରଣରେ ଟେଣ୍ଡର ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଲୋକେ ଭାବିଥିଲେ । ବଡ ବଡ କମ୍ପାନୀମାନେ ବି ନିଜ ନିଜ ଭିତରେ ବୁଝାମଣା ରଖନ୍ତି । ଗୋଟିଏ କମ୍ପାନୀ କାମ ଆରମ୍ଭ କରିଥିଲେ ଆଉ ଗୋଟିଏ କମ୍ପାନୀ ସେଠି ହାତ ପୂରେଇବ ନାହିଁ । ତେଣୁ ଏନ୍‌ରନ୍ କମ୍ପାନୀ ସହ ଚୁକ୍ତି ହେଲା । ରାଜସ୍ଥାନର ଜୟସାଲମିରଠାରେ ୩୦୦ ଏକର ଜମିରେ ୨୫୦୦ ମେଗାୱାଟର ଫଟୋଭୋଲ୍ଟାଇକ ପାୱାର ପ୍ଲାଣ୍ଟ (ସୌର ଶକ୍ତିରୁ ବିଜୁଳି ଉତ୍ପାଦନ କେନ୍ଦ୍ର) ତିଆରି ପାଇଁ ଏନ୍‌ରନ୍ ଓ ଆମୋକ୍ ନାମକ ଦୁଇଟି କମ୍ପାନୀ କରୁଥିବା ଆଲୋଚନା ପ୍ରାୟ ବନ୍ଦ ହୋଇଗଲାପରେ ରାଜସ୍ଥାନ ସରକାର ଗ୍ଲୋବାଲ ଟେଣ୍ଡର (ପୃଥିବୀ ସାରା ଖୋଲାଖୋଲି ମୂଲ୍ୟପତ୍ର ଆହ୍ୱାନ) କରିବେ ବୋଲି ନିଷ୍ପତ୍ତି ନେଲେ । ଏ ପ୍ରକାର ପରିକଳ୍ପନା ଯେଉଁ ରୀତିରେ କରାଯିବ, ତାକୁ ଇଂରାଜୀରେ ବିଲ୍‌ଡ ଓନ ଅପରେଟ ଆଣ୍ଡ ମେଣ୍ଟେନ (ବିଓଓଏମ୍, Build Own Operate and Maintain) କୁହାଯାଉଛି । ଏ ଠିକାରେ ବିଜୁଳି କିଣିବା ରାଜିନାମା ବା ପିପିଏ ଆରମ୍ଭ ଦିନରୁ ୨୫ ବର୍ଷ ବଳବତ୍ତର ରହିବା କଥା । ଏ ଉତ୍ପାଦନରେ ରାଜ୍ୟ ସରକାର ଏବଂ ରାଜ୍ୟ ବିଦ୍ୟୁତ୍ ବୋର୍ଡ କେହି ଭାଗୀଦାର ହେବେନାହିଁ ଜଣା ପଡୁଥିଲା । କିନ୍ତୁ କିଛି ପ୍ରଗତି ହୋଇଥିଲା ଭଳି ମନେ ହେଉ ନାହିଁ ।

ମନେ ରଖିବା କଥା ଯେ ଥର୍ ମରୁଭୂମି ପରିକଳ୍ପନାଟି ପୃଥିବୀରେ ଦ୍ୱିତୀୟ ବୃହତ୍ତମ ସୌର ଶକ୍ତି କେନ୍ଦ୍ର ହେବ । ଆପୋଷ ଆଲୋଚନାରେ ଏନ୍‌ରନ୍ ପ୍ରତିନିଧିମାନେ ଏହି ଅଣପାରମ୍ପରିକ ଶକ୍ତି ଯୋଗାଣ ପାଇଁ ୟୁନିଟିକୁ ୨ଟଙ୍କା ୨୫ ପଇସାକୁ କମି ଆସିଛନ୍ତି । ଏହା ଏନ୍‌ରନ୍‌ର ଡାଭୋଲ ପରିକଳ୍ପନାର ଦରଠାରୁ ୧୫ ପଇସା କମ୍ । ପୁଣି ଏ ପାଉଣା ମାର୍କିନ ଡଲାର ସହିତ ସମ୍ପୃକ୍ତ ନାହିଁ ବୋଲି ରାଜସ୍ଥାନ ସରକାରଙ୍କ ଯୁକ୍ତିକୁ ସେମାନେ ମଧ୍ୟ ଗ୍ରହଣ କରିନେଇଛନ୍ତି ବୋଲି ସମ୍ବାଦ । କେବଳ ଏତିକି ତଫାତ୍ ଅଛି ଯେ ମୁଦ୍ରାସ୍ଫୀତି ହାର ଅନୁଯାୟୀ ପ୍ରତିବର୍ଷ ଭାରତୀୟ ମୁଦ୍ରା ମୂଲ୍ୟରେ ପାଉଣା ବୃଦ୍ଧି କରାଯିବ । ଡାଭୋଲ ପ୍ରୋଜେକ୍ଟରେ ଧକା ଖାଇଲା ପରେ ଏନ୍‌ରନ୍ ଏତେ ତଳକୁ ଖସି ଆସିଲା । ତଥାପି ରାଜସ୍ଥାନ ସରକାର ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିବାକୁ ମନସ୍ଥ କଲେ ।

ଆଉ ଯାହା କିଛି ହେଉ ନା କାହିଁକି ରାଜସ୍ଥାନର ରାଜ୍ୟ ସରକାର ତତ୍କାଳୀନ କେନ୍ଦ୍ର ସରକାରଙ୍କ ଗୋଡାଣିଆ ହୋଇ ନ ଥିଲେ ବୋଲି ଏହା ସମ୍ଭବ ହୋଇ ଥିଲା । ଅବଶ୍ୟ ମାଲେସିଆ ଚନ୍ଦ୍ରର ଛାୟା ଭାରତର ସୂର୍ଯ୍ୟରେ ପରାଗ ଆଣିଦେଇଥିବାରୁ କିଛି ପରିବର୍ତ୍ତନ ଘଟିଛି ।

# ବିଦ୍ୟୁତ ବୋର୍ଡ, ବିଦେଶୀ ପୁଞ୍ଜି ଓ ରାଜ୍ୟ ଯୋଜନା !

ରାଜ୍ୟ ବିଦ୍ୟୁତ ବୋର୍ଡ କ୍ଷତି କରୁଥିବ, ଆଉ ଗରାଖମାନେ ଭରଣା କରିବେ, ଏ କି ନିୟମ ? ବିଶ୍ୱ ବ୍ୟାଙ୍କ ନାଁରେ ଏଭଳି ହେଉଛି ବୋଲି ଆମେ ଶୁଣୁଛୁ । ସତ କଥା କଣ ? ଦେଶ ଭିତରୁ ଟଙ୍କା ମିଳୁନାହିଁ ବୋଲି ଆମେ ବିଶ୍ୱ ବ୍ୟାଙ୍କରୁ ଋଣ ନେଉଛୁ । ବିଶ୍ୱ ବ୍ୟାଙ୍କ କେତେଗୁଡିଏ ସର୍ତ୍ତରେ ଋଣ ଦେଉଛି, ସର୍ତ୍ତର ଖିଲାପ ହେଲେ ଋଣ ବନ୍ଦ କରିଦେବାର ଧମକ ଦେଉଛି । ବିଶ୍ୱ ବ୍ୟାଙ୍କର ସବୁ ଋଣର ଗୋଟିଏ ବଡ ସର୍ତ୍ତ ହେଉଛି ଯେ ଜଣେ ସାଧାରଣ ଘରୋଇ ବେପାରୀ ଯେଭଳି କାରବାର କରେ, ବ୍ୟବସାୟ ସେହିଭଳି ଚାଲୁ । ବିଦ୍ୟୁତ୍ ବୋର୍ଡର ବିଜୁଳି ବେପାର ବି ଘରୋଇ ବ୍ୟବସାୟୀ ଭଳି ହେଉ । ବେପାରୀ କେବେ କ୍ଷତିରେ ଦୋକାନ କରେ ନାହିଁ; କ୍ଷତି ଭରଣା ପାଇଁ ସେ ମନ ଇଛା ଦର ବଢାଏ ନାହିଁ, ମନଇଛା ଦର ବଢାଇଲେ ବିକି ପାରିବ ନାହିଁ । ଚାରିଆଡେ ପ୍ରତିଯୋଗିତା ଥିବାରୁ ଦର ବଢାଇଲେ ତା ଦୋକାନରୁ କେହି କିଣିବେ ନାହିଁ । ତେଣୁ ସେ ନିଜର ବେପାରୀ-ଦକ୍ଷତା ଓ ଖର୍ଚ୍ଚକାଟର କୌଶଳ ବଢାଇ ଥାଏ, କ୍ଷତି ହେବାର ବିଭିନ୍ନମାର୍ଗ ବନ୍ଦ କରିଥାଏ । ବ୍ୟବସାୟିକ ଦକ୍ଷତା ବୃଦ୍ଧିର ଏଭଳି ବିଭିନ୍ନ ପଦକ୍ଷେପକୁ ବିଶ୍ୱବ୍ୟାଙ୍କର ଭାଷାରେ ସଂସ୍କାର କୁହାଯାଉଛି ।

ରାଜ୍ୟ ବିଜୁଳି ବୋର୍ଡଗୁଡିକ ଏଭଳି ସଂସ୍କାର କରୁଛନ୍ତି କି ? ବିଜୁଳି ବୋର୍ଡଠାରୁ ବିଜୁଳି ନ କିଣି ଆଉ କାହା ପାଖକୁ ଯିବାର ଚାରା ଅଛି କି ? କେହି ତ ପ୍ରତିଯୋଗୀ ନାହିଁ । କେବଳ ବିଜୁଳି କାହିଁକି, ଅନ୍ୟକ୍ଷେତ୍ରରେ ବି ଘରୋଇକରଣ ମାନେ ଗୋଟିଏ ଗୋଟିଏ କମ୍ପାନୀକୁ ଗୋଟିଏ ଗୋଟିଏ ସାମଗ୍ରୀରେ ଏକଚାଟିଆ କାରବାର ଦେବା । ଶସ୍ତା ଜମି, ଶସ୍ତା ବିଜୁଳି, ଟିକସ ଛାଡ ଭଳି ସରକାରୀ ସୁବିଧା ଦେଇ ଘରୋଇ ଉଦ୍ୟୋଗକୁ ଆକୃଷ୍ଟ କରାଯାଏ, କିନ୍ତୁ ଏସବୁ ସୁବିଧାର ଲୁଚାଣିଆ ମୂଲ୍ୟ ଅନେକେ ଜାଣନ୍ତି ନାହିଁ । ଏଥିଲାଗି କେତେକ ଲୋକେ କହନ୍ତି ଏସବୁ କାରବାରରେ ସ୍ୱଚ୍ଛତା (ଟ୍ରାନ୍ସପାରେନ୍ସି) ନାହିଁ । ବେସରକାରୀ ଉଦ୍ୟୋଗୀମାନଙ୍କଠାରୁ ବେଶ୍ କିଛି ଚାନ୍ଦା ଉଠାଇ ଗାଦିନସୀନ ନେତା ଓ ଅଧିକାରୀମାନେ ସେମାନଙ୍କର ସମ୍ପତ୍ତି ବଢାନ୍ତି । (ସମ୍ଭବତଃ ବିଦେଶୀ ବ୍ୟାଙ୍କରେ ଲୁଚାଇ

ରଖୁଛନ୍ତି ।) ଘରୋଇକରଣରେ ପ୍ରତିଯୋଗିତାମୂଳକ କାରବାର ସୁବିଧା ହୁଏ ବୋଲି ଯେଉଁ ଆମେରିକୀୟ ପୁଞ୍ଜିବାଦୀ ଅର୍ଥନୀତିଜ୍ଞମାନେ କହନ୍ତି, ସେମାନେ ନିଜ ଦେଶରେ ବି ଏଭଳି ଘଟୁଥିବ ବୋଲି ଜାଣିଥିବେ । ବରଂ ପୁଞ୍ଜିଥିବା ଲୋକେ ଏକଯୁଟ ହୋଇ (କାର୍ଟେଲ୍ କରି) କେବଳ ଠିକାର ମୋଟାମୋଟି ଦର ବଢାନ୍ତି ନାହିଁ, ଠିକାର ପ୍ରତ୍ୟେକ ଭାଗର ଦର ବଢାନ୍ତି । ଉତ୍ପାଦିତ ସାମଗ୍ରୀର ଦର ବି ବଢାନ୍ତି । ବ୍ୟବସାୟର ଆକାର ବଢିଲେ ଉତ୍ପାଦନ ଖର୍ଚ୍ଚ କମ ହେବ (ଇକନମିକ୍ ଅଫ୍ ସ୍କେଲ୍), ଏ ଧାରଣା ନେଇ କମ୍ ପୁଞ୍ଜିବାଲାଙ୍କୁ ପ୍ରତିଯୋଗିତାରୁ ଓହରାଇ ଦିଆଯାଉଛି; ଧନୀମାନେ ନିଜ ନିଜ ଭିତରେ ଇଲାକା ତଥା ସାମଗ୍ରୀ ଭିତ୍ତିରେ ସୁଯୋଗକୁ ଭାଗ ଭାଗ କରି (କାର୍ଟେଲ୍ ଢାଞ୍ଚାରେ) ବାଣ୍ଟି ନେଉଛନ୍ତି : ବୋଝ ପଡୁଛି ବିଚରା ଖାଉଟି ଉପରେ ।

ବିଜୁଳି ବ୍ୟବସାୟରେ ସେହି କଥା । ବିଜୁଳି ବ୍ୟବସାୟରେ ଗୋଟିଏ ଲେଖାଏଁ କମ୍ପାନୀ ତ ଗୋଟିଏ ଗୋଟିଏ ରାଜ୍ୟକୁ ଏକଚାଟିଆ ଜମିଦାରୀ କରି ନେଉଛନ୍ତି, ତେଣୁ ସେମାନେ କେଉଁ ଦରରେ ରାଜ୍ୟର ବିଜୁଳିବୋର୍ଡକୁ ବିଜୁଳି ବିକିବେ ତାହା ସେମାନେ ହିଁ ନିର୍ଦ୍ଦିଷ୍ଟ କରୁଛନ୍ତି, ଏଥିରେ ରାଜ୍ୟସରକାର ଗାରେଣ୍ଟି ଦେଉଛନ୍ତି । କେଉଁ ଗୁଣରେ ବିଜୁଳିବୋର୍ଡ ଭଲ ବା ଶସ୍ତାରେ ସେବା ଯୋଗାଇବ ? ଉତ୍ପାଦନକାରୀମାନେ ନିଜେ ଗ୍ରାହକର ମୁହାଁମୁହିଁ ହେବେ ନାହିଁ, ରାଜ୍ୟ ବିଜୁଳି ବୋର୍ଡକୁ ବିଜୁଳି ବିକିବେ, ବୋର୍ଡ ମଧ୍ୟସ୍ଥି ହୋଇ ଲୋକଙ୍କୁ ବିକିବ । ଜିନିଷ ପତ୍ର କିଣାବିକାରେ ଯେମିତି ଉତ୍ପାଦକ, ବିତରକ, ପାଇକାରୀ ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀ ଭଳି ମଧ୍ୟସ୍ଥମାନେ ଲାଭ ମାରି ନିଅନ୍ତି ଓ ସେହି କାରଣରୁ ଖାଉଟିଙ୍କୁ ବେଶି ଦର ଦେବାକୁ ପଡେ, ବିଜୁଳି କ୍ଷେତ୍ରରେ ସେଇଆ ।

ଆଉ ଗୋଟିଏ କଥା । ଯେଉଁ ଯେଉଁ କାରଣରୁ ବୋର୍ଡର କ୍ଷତି ହେଉଛି, ତାକୁ ଚିହ୍ନଟ କରିଥିଲେ ମଧ୍ୟ ବୋର୍ଡ ସେ ଦିଗରେ ଆବଶ୍ୟକ ଖର୍ଚ୍ଚ କରି କ୍ଷତିର ପରିମାଣ କମାଇ ପାରୁନାହିଁ । ବୋର୍ଡର ପରିବହନ (ଟ୍ରାନ୍ସମିସନ) ଓ ବିତରଣ (ଡିଷ୍ଟ୍ରିବ୍ୟୁସନ) ବାବଦରେ କ୍ଷତି ପରିମାଣ ବଢି ବଢି ଚାଲିଛି, ଏ କଥା ସମସ୍ତେ ଜାଣନ୍ତି; ଏବେ ତ ୩୨% ଧରିଲାଣି । ତେଣେ ଦରମା ଆଦି କାରଣରୁ ଗତ ୧୫ ବର୍ଷରୁ ବେଶି କାଳ କୌଣସି ବିଜୁଳି ବୋର୍ଡ ପରିବହନ ଓ ବିତରଣ କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ପଇସାଟିଏ ବି ଖର୍ଚ୍ଚ କରି ନାହାନ୍ତି । ସରକାରମାନେ ଗାଁ ଗହଳିରେ ବିଜୁଳି ଯୋଗାଇବା ଉପରେ ଜୋର ଦେଉଥିବାରୁ ବିତରଣ ବ୍ୟବସ୍ଥା ଉପରେ ପ୍ରବଳ ଚାପ ପଡିଛି; ପରିବହନ ବ୍ୟବସ୍ଥା ଯେତେ ସମ୍ଭାଳି ପାରିବ ତା ଠାରୁ ବେଶି ବୋଝ ଲଦାଯାଉଛି । ତେଣୁ ପରିବହନ କ୍ଷତି ବଢେ : ଖରାଦିନେ ସର୍ବାଧିକ କ୍ଷତି ହୁଏ, ପ୍ରାୟ ୪୮% ପର୍ଯ୍ୟନ୍ତ ବଢିଯାଏ । ଏଥିପାଇଁ ଯେଉଁ କୈଫିୟତ୍ ଦିଆଯାଏ ତାହା ବିଭିନ୍ନ ପ୍ରକାରର । ବିଜୁଳି ଚୋରି ଉପରେ କାହାରି କାବୁ ନାହିଁ । ମିଟର ନାହିଁ, ଥିଲେ ବି

ନଥିଲା ଭଳି । ଅନ୍ଦାଜିଆ ମାସିକିଆ ପାଉଣା ବାନ୍ଧି ଗ୍ରାହକଙ୍କଠାରୁ ଆଦାୟ କରାଯାଉଛି । ପୁଣି କୃଷି ପାଇଁ ରିହାତି ଦରରେ ବିଜୁଳି ଯୋଗାଇ ଦିଆଯାଉଛି । ନୂଆ ମିଟର ଲଗା ଯାଉ ନାହିଁ, ଯେଉଁ ମିଟର ଆଗରୁ ଖଞ୍ଜାଯାଇଛି ବିଲବାଡିରେ ଥିବାରୁ ଠିକ ରହୁନାହିଁ, ମରାମତି ବି କରି ହେଉ ନାହିଁ । ଏମିତି ଆଳ ଦେଖାଇ ବିଜୁଳି ବୋର୍ଡମାନେ ନିଜର ଅପାରଗତାକୁ ଘୋଡାଉଛନ୍ତି । ବେମରାମତ ଲାଇନ୍‌ରେ ବିଜୁଳି ପରିବହନ ହେଲେ ବାଟରେ ବେଶ୍ କିଛି ନଷ୍ଟ ହୋଇଯାଏ, ତାକୁ ଟ୍ରାନ୍ସମିସନ ଲସ୍ କହି ବୋର୍ଡମାନେ ନିଜର ବ୍ୟର୍ଥତାକୁ ଲୁଚାଉଛନ୍ତି । ସବୁ କ୍ଷତିକୁ ମିଶାଇଲେ ବିଜୁଳି ବୋର୍ଡ ତା'ର ସାମର୍ଥ୍ୟର ପ୍ରାୟ ୬୦% ହରାଉଛି । ବୋର୍ଡର ଦକ୍ଷତା ପ୍ରାୟ ୪୦%, ବ୍ୟର୍ଥତା ୬୦% । ସାରା ଦେଶରେ ପରିବହନ ଓ ବିତରଣ ବାବଦରେ କ୍ଷତିର ପରିମାଣ ପ୍ରାୟ ୧୦,୦୦୦ କୋଟି ଶକ୍ତି ଏକକ, ମୂଲ୍ୟ ପ୍ରାୟ ୬,୦୦୦ କୋଟି ଟଙ୍କା । ଏ ପ୍ରକାରର କ୍ଷତି ତ ଗରାଖ ଯୋଗୁ ଘଟୁ ନାହିଁ, ତେବେ ଗରାଖ କାହିଁକି ତଣ୍ଡରେ ପଡିବ ?

କେତେବେଳେ ସବୁଠୁ କମ ଓ କେତେବେଳେ ସବୁଠୁ ବେଶି ବିଜୁଳି ଦରକାର, ସେଥିଲାଗି ଯୋଜନା ହେଉ ନାହିଁ, ସବୁବେଳେ ପୂରା ଦମ୍‌ରେ ଉତ୍ପାଦନ ଚାଲିଛି । କମ ବିଜୁଳି ଦରକାର ବେଳେ ଅଯଥା ତାପଜ କେନ୍ଦ୍ରମାନଙ୍କୁ ବନ୍ଦ କରାଯାଉଛି; ଫଳରେ ତାପଜ କେନ୍ଦ୍ରର ପାୱାର ଲୋଡ୍ ଫାକ୍ଟର କମିଯାଉଛି । ଏ ଭଳି କାମଚଳା କାରବାର (ଆଡ୍‌ହକିଜିମ୍) କ୍ଷତି ବଢାଉଛି । କେମିତି ବିତରଣ ବ୍ୟବସ୍ଥା କଲେ ଏହାକୁ ରୋକି ହେବ ତାହାର ଚିନ୍ତା କରାଯାଉନାହିଁ । ରାଷ୍ଟ୍ରାୟତ୍ତ ସଂସ୍ଥା ହୋଇଥିବାରୁ ବିଦ୍ୟୁତ୍ ବୋର୍ଡମାନେ ମନ୍ତ୍ରୀ ଓ ଅଫିସରମାନଙ୍କ ବଟସ୍କର ହୋଇ ଗୋଟିକ ପରେ ଗୋଟିଏ ଲୋକକୁ ଚାକିରୀ ଦେବାରେ ଲାଗିପଡିଛନ୍ତି । ଛଟେଇ କରିବାକୁ ଡର; କାଳେ କେତୋଟି ଭୋଟ ଦଳ ବିରୁଦ୍ଧରେ ଯିବ । ଦେଶରେ ସବୁ ରାଜ୍ୟ-ବିଜୁଳି-ବୋର୍ଡରେ ପ୍ରାୟ ୧୦ ଲକ୍ଷ କର୍ମଚାରୀ ଅଛନ୍ତି; ତହିଁରେ ୩ ଲକ୍ଷ ବଳକା କର୍ମଚାରୀ : ଏମାନଙ୍କ ବାବଦରେ ମୋଟ ଖର୍ଚ୍ଚ ପ୍ରାୟ ୩,୦୦୦ କୋଟି ଟଙ୍କା । ପ୍ରଶାସନିକ ଓ ପ୍ରତିଷ୍ଠାନଗତ ବଦଖର୍ଚ୍ଚ ଯୋଗୁ ପ୍ରତି ଏକକ ବିଜୁଳିର ବିକ୍ରି-ଦର ପ୍ରାୟ ୪୦ ପଇସା ବଢିଯାଉଛି । ଏ ପଇସା ଗ୍ରାହକ କାହିଁକି ଦେବ ?

ନବମ ଯୋଜନାରେ ବିଜୁଳି ଅଭାବ ରହିବ ନାହିଁ ବୋଲି ସରକାର ଶକ୍ତି ଉତ୍ପାଦନ ପରିମାଣ ଅଧିକା ୫୭,୦୦୦ ମେଗାୱାଟ୍ କରିବାର ଯୋଜନା କରିଥିଲେ । ଏହା ବସ୍ତୁତଃ ତାପଜ ବିଜୁଳି କେନ୍ଦ୍ରରୁ ଆସିବା କଥା ଏବଂ ତାହା ହିଁ ହେବ କେନ୍ଦ୍ରଗୁଡିକର ପ୍ରାରମ୍ଭିକ ଉତ୍ପାଦନ (ବେସ୍ ଲୋଡ୍), ତଦନୁପାତରେ ପ୍ରତିଷ୍ଠିତ ସାମର୍ଥ୍ୟ (ଇନ୍‌ଷ୍ଟାଲ୍‌ଡ୍ କାପାସିଟି) ଅଧିକ ହେବ ଏବଂ ଏ ସବୁଥିରେ ପ୍ରାୟ ୪,୫୦,୦୦୦ କୋଟି ଟଙ୍କା ଖଟାହେବ । ଦେଶ ଏତେ ବଡ ବୋଝ ବୋହିପାରିବ ତ ? ବୋଝର ନଳିତା ବିଡା ଗ୍ରାହକମାନଙ୍କ ପିଠିରେ ପଡିବ । ୮ମ

ପଞ୍ଚବାର୍ଷିକ ଯୋଜନା ଆରମ୍ଭରେ ଆମ ଦେଶରେ ୬୯,୦୦୦ ମେଗାୱାଟ୍ ଶକ୍ତି ମିଳୁଥିବାବେଳେ ଗ୍ରାହକମାନେ ଏକକ ପିଛା ୧୧୭ ପଇସା ଦେଉଥିଲେ । ଜାଳେଣି ଓ ପ୍ରତିଷ୍ଠାନ ଖର୍ଚ୍ଚ ବଢ଼ିବାରୁ ଏକକ ମୂଲ୍ୟ ୧୮୦ ପଇସାକୁ ବଢ଼ିଗଲା । ଏବେ ନୂଆ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଏକକ ପ୍ରତି ପ୍ରାୟ ୫ ଟଙ୍କା ଖର୍ଚ୍ଚରେ ପ୍ରାୟ ୧୭,୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବେ । ଆନୁମାନିକ ୭,୦୦୦ କୋଟି ଏକକ ବିକ୍ରି ହୋଇଥାନ୍ତା, ତେଣୁ ୨୩,୦୦୦ କୋଟି ଟଙ୍କା କ୍ଷତି ହୋଇଥାନ୍ତା । ଯଦି ଯୋଜନା ଅନୁଯାୟୀ ଏ ବର୍ଷ ୩୧,୦୦୦ ମେଗାୱାଟ୍ କ୍ଷମତା ବଢ଼ାଯାଇପାରିଥାନ୍ତା, ସାରା ଦେଶପାଇଁ କ୍ଷତିର ପରିମାଣ ୩୪,୦୦୦ କୋଟିକୁ ବଢ଼ିଯାଇଥାନ୍ତା ଏବଂ ଚଳିତ ବର୍ଷ ହିଁ ସବୁ ରାଜ୍ୟର ବିଜୁଳି ବୋର୍ଡ ଦେବାଳିଆ ହୋଇପଡ଼ିଥାନ୍ତେ । ଆମର ଅପାରଗତା ଆମର ସୌଭାଗ୍ୟ ହୋଇଛି ! ବେଳେ ବେଳେ ଅଭିଶାପ ବି ଆଶୀର୍ବାଦ ହୋଇଥାଏ ।

ରାଜ୍ୟ ବିଦ୍ୟୁତ୍ ବୋର୍ଡଗୁଡ଼ିକର ଦକ୍ଷତା ବଢ଼ାଇବା ଲାଗି ବିଶ୍ୱ ବ୍ୟାଙ୍କ ବୋର୍ଡର ପୁନର୍ବିନ୍ୟାସ ଚାହୁଁଛି । ପୁନର୍ବିନ୍ୟାସ ବା ରିଷ୍ଟ୍ରକ୍‌ଚରିଙ୍ଗର ମୂଳ ହେଲା ବିଜୁଳି ଉତ୍ପାଦନ ଖର୍ଚ୍ଚ କମାଇବା, ବିଜୁଳି ବିକିବା ଦର ବଢ଼ାଇବା ନୁହେଁ । ଓଡ଼ିଶା ଭଳି ପୁନର୍ବିନ୍ୟାସ ଯୋଜନା ଏ ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ । ସାମୁହିକ ଦକ୍ଷତା ବଢ଼ାଇବା ପ୍ରତି ଲକ୍ଷ୍ୟ ନ ରଖି, ଆଗେ କିପରି କୃଷି ଓ ଗ୍ରାମ୍ୟ ଗ୍ରାହକମାନଙ୍କ ଉପରେ ବିଜୁଳି ଦର ବଢ଼ାଯିବ ବିଶ୍ୱବ୍ୟାଙ୍କ ତାହା କହୁଛି । ଘରୋଇ ବ୍ୟବହାରରେ ମଧ୍ୟ ବିଜୁଳି ମାହାସୁଲ ବଢ଼ାଯାଉ ବୋଲି କହୁଛି, ବଳକା କର୍ମଚାରୀଙ୍କ ଛଟେଇ କଥା ମଧ୍ୟ କହୁଛି । କିନ୍ତୁ ବର୍ତ୍ତମାନର କର୍ମଚାରୀମାନଙ୍କଠାରୁ ତଥା ଯନ୍ତ୍ରପାତିରୁ କିପରି ଅଧିକା କାମ ଆଦାୟ କରିହେବ ଅର୍ଥାତ୍ ସେମାନଙ୍କ ଦକ୍ଷତା ବା ପରାକ୍ରମ କିପରି ବଢ଼ାଇହେବ କହୁନାହିଁ । ଓଡ଼ିଶାରେ କୃଷି ଓ ଜଳସେଚନରେ ମାତ୍ର ୬% ବିଜୁଳି ବ୍ୟବହାର ହେଉଛି । ସାରା ଦେଶରେ ଏ ଦିଗରେ ୩୦% ବ୍ୟବହାର ହେଉଛି । (ପଞ୍ଜାବରେ ୫୦%, ଆନ୍ଧ୍ର, କର୍ଣ୍ଣାଟକ ଓ ଗୁଜରାଟରେ ୪୦%, ମହାରାଷ୍ଟ୍ର, ତାମିଲନାଡୁ, ରାଜସ୍ଥାନରେ ୩୦%) । ମୁଣ୍ଡପିଛା ବିଜୁଳି ବ୍ୟବହାର ଓଡ଼ିଶାରେ ୨୩୦ କିଲୋୱାଟ୍ ଥିଲାବେଳେ, ପଞ୍ଜାବ ହରିଆନାରେ ୮୦୦ କିଲୋୱାଟ୍, ଗୁଜରାଟ, ମହାରାଷ୍ଟ୍ରରେ ୫୦୦, ତାମିଲନାଡୁ, ରାଜସ୍ଥାନ, କର୍ଣ୍ଣାଟକରେ ୪୦୦ କିଲୋୱାଟ୍ । ଆମ ରାଜ୍ୟରେ ମୋଟ ବିଜୁଳି ବ୍ୟବହାରର ୫୬% ଶିଳ୍ପ ସଂସ୍ଥାମାନଙ୍କରେ, ୨୨ % ଘରୋଇ, ୧୦% ବ୍ୟବସାୟରେ, ୧% ରାସ୍ତାଘାଟ ଆଲୋକରେ ଓ ୩% ରେଳ ଚଳାଚଳରେ ଲାଗିଛି । ଶକ୍ତି ଉତ୍ପାଦନଖର୍ଚ୍ଚ ନ କମାଇ ମାହାସୁଲ ବଢ଼ାଉଥିବା ବର୍ତ୍ତମାନର ପୁନର୍ବିନ୍ୟାସ ଢଙ୍ଗ ଭ୍ରମାତ୍ମକ, ଗ୍ରାହକ ଦୃଷ୍ଟିରୁ ପ୍ରମାଦପୂର୍ଣ୍ଣ । କାର୍ଯ୍ୟଦକ୍ଷତାର ଏକ ଯୁକ୍ତିଯୁକ୍ତ ମାନଦଣ୍ଡ ନିର୍ଦ୍ଧାରଣ କରି ତାହା ଉପରେ ମାହାସୁଲ ବନ୍ଧା ଯିବା ଦରକାର । ତା ନ ହେଲେ ବୋର୍ଡର କୁପରିଚାଳନା ଓ ଅପାରଗତା

ଜନିତ ଖର୍ଚ୍ଚର ଭାରୀ ବୋଝ ଗ୍ରାହକମାନଙ୍କ ଉପରେ ଲଦି ଦିଆଯିବ । ନୀତି ନିର୍ଦ୍ଧାରଣକାରୀ ମାନେ ଖୋଲା ମନରେ ଏ ଗୁଡିକର ଚିନ୍ତା ନ କଲେ ଭବିଷ୍ୟତ ପିଢ଼ିମାନଙ୍କ ପାଖରେ ଦୋଷୀ ହେବେ ।

ମାଲେସିଆରେ ସମ୍ପ୍ରତି ଆବଶ୍ୟକତା ଅନୁପାତରେ ବିଜୁଳି ଉତ୍ପାଦନ ଅଧିକ ହୋଇପଡିଛି; ବିଜୁଳି ବୋର୍ଡ ବିକ୍ରି କରିପାରିବ ନାହିଁ ବୋଲି କିଣୁ ନାହିଁ, ଗାରେଣ୍ଟର ହିସାବରେ ସରକାର ବିଦେଶୀ ବିଜୁଳି ଉତ୍ପାଦନକାରୀଙ୍କୁ ଚୁକ୍ତି ଅନୁଯାୟୀ ବଳକା, ଅଦରକାରୀ ଶକ୍ତି ବାବଦରେ ବିଜୁଳି ବୋର୍ଡ ଯେଉଁ ଦାମରେ କିଣିଥାନ୍ତା, ସେହି ମୂଲ୍ୟରେ ପଇସା ଦେଉଛି । ବିଜୁଳି ବୋର୍ଡ ବିକ୍ରି କରି ନ ପାରିଲେ ବୋର୍ଡ କିଣିବ ନାହିଁ; କିଣିଲେ ବି କାହାକୁ ବିକ୍ରି କରି ନ ପାରି କମ୍ପାନୀକୁ ପଇସା ଦେବାରେ ଖିଲାପ କରିବ । ତେଣୁ ସରକାର ଗାରେଣ୍ଟି ପୂରଣ କରିବା ଲାଗି ରାଜକୋଷରୁ ଭରଣା କରିବେ । ଆମ ରାଜ୍ୟରେ ଏଭଳି ଯେ ନ ଘଟିବ, କହିହେବ ନାହିଁ । ଶିଳ୍ପ ପ୍ରତିଷ୍ଠା ଯଥାନୁପାତରେ ନ ବଢ଼ିଲେ ବିଜୁଳି ବ୍ୟବହାର ସେତେ ବଢ଼ିବ ନାହିଁ । ରାଜ୍ୟ ସରକାର ନଅଣ୍ଟ ଭରଣା କରିବେ । କରି ନ ପାରିଲେ ଚୁକ୍ତି ଅନୁଯାୟୀ ଦ୍ୱିତୀୟ ଗାରେଣ୍ଟର ଭାବରେ ଭାରତ ସରକାର ପୂରଣ କରିବେ ଏବଂ ତଦନୁପାତରେ ରାଜ୍ୟ ସରକାରଙ୍କ ଯୋଜନା ବାବଦ ପ୍ରାପ୍ୟରୁ କାଟି ରଖିବେ । ତାହା ଯଦି ହୁଏ ଭବିଷ୍ୟତ ପିଢିର ଯୋଜନା ବ୍ୟୟ ଅଭୂତପୂର୍ବ ଭାବେ ହ୍ରାସ ପାଇବ । ଯେଉଁ ବିଜୁଳି ବିକାଶର ମାପକ ହେବା କଥା ତାହା ଦାରିଦ୍ର୍ୟର ଦ୍ୟୋତକ ହେବ ।

# ୱାଶିଟନ ଡି.ସି. ଏବଂ ନଗରାଞ୍ଚଳ ସମସ୍ୟା

ଦେଶର ରାଜନୈତିକ ଆଲୋଚନାରେ ରାଜଧାନୀର ଘଟଣାବଳୀ କାଳେ କାଳେ ଏକ ମୁଖ୍ୟ ପ୍ରସଙ୍ଗ ହୋଇଆସିଛି । ରାଜନୀତିର ପଟ ପରିବର୍ତ୍ତନ ବେଳେ ଏଥିଲାଗି ଅଧିକ ଆଗ୍ରହ ସୃଷ୍ଟି ହୁଏ । ରାଜଧାନୀର ରାଜନୈତିକ ନିୟନ୍ତ୍ରଣ କେଉଁ ଦଳରେ, ତାହା କେନ୍ଦ୍ର ସରକାରର ନୀତିର ନିୟାମକ ହୋଇଥାଏ ଏବଂ ଲୋକଙ୍କ ଆଲୋଚନାର ବିଷୟ ହୋଇଥାଏ । ଯେପରି ଦିଲ୍ଲୀ ସରକାର କଂଗ୍ରେସ ହାତରୁ ବି.ଜେ.ପି. ହାତକୁ ବା ବି.ଜେ.ପି. ହାତରୁ ମିଳିତ ସାମ୍ମୁଖ୍ୟ ହାତକୁ ଗଲେ ଦିଲ୍ଲୀ ବେଶ୍ ଚର୍ଚ୍ଚାର ବିଷୟ ହେଉଛି । ରାଜଧାନୀର ଓ କେନ୍ଦ୍ରର ଦୁଇଟି ଶାସକ ଦଳ ମଧ୍ୟରେ ରାଜନୈତିକ ଅମେଳ ହେଲେ ଆଲୋଚନା ସରଗରମ ହୋଇପଡ଼େ। ଅନ୍ୟଦେଶରେ ଏଭଳି ଅମେଳ ଘଟଣା କିଭଳି ରୂପ ନିଏ, ତାହାର ବଡ଼ ଉଦାହରଣ ଯୁକ୍ତରାଷ୍ଟ୍ର ଆମେରିକାର ରାଜଧାନୀ ୱାସିଙ୍ଗଟନ୍ ସହର । ଏ ସହର ଡିଷ୍ଟ୍ରିକ୍ଟ ଅଫ କଲମ୍ବିଆ ସଂକ୍ଷେପରେ 'ଡିସି' ଭିତ୍‌ରେ । ତେଣୁ ଯୁକ୍ତରାଷ୍ଟ୍ରର ରାଜଧାନୀକୁ ୱାଶିଂଟନ ଡିସି କୁହାଯାଏ । ୱାଶିଂଟନ ନାମର ଆଉ କେତେକ ସହରଠାରୁ ଭିନ୍ନ ବୋଲି ଚିହ୍ନିବାର ଏ ବି ଏକ ଉପାୟ ।

ମାର୍କିନ୍ ସଂସଦର ନାମ କଂଗ୍ରେସ, ଆମର ଯେପରି ଲୋକସଭା । ଏବେ କଂଗ୍ରେସ୍‌ରେ ରିପବ୍ଲିକାନ୍‌ମାନେ ସଂଖ୍ୟାଗରିଷ୍ଠ । କିନ୍ତୁ ରାଷ୍ଟ୍ରପତି ଡିମୋକ୍ରାଟ୍ ଦଳର । ତେଣୁ ରାଜଧାନୀର ସମସ୍ୟା ଜାତୀୟ ରାଜନୀତିର ସମସ୍ୟା ହୋଇ ପଡିବା ସ୍ୱାଭାବିକ । ରିପବ୍ଲିକାନ ଦଳର ଲୋକେ ଏବେ ରାଜଧାନୀର ସମସ୍ୟା ଓ ଭବିଷ୍ୟତ ବିଷୟରେ ବେଶି ଚିନ୍ତିତ ହୋଇଛନ୍ତି । ଗତ କଂଗ୍ରେସ ଅଧିବେଶନରେ ଏହା ଆଲୋଚନାର ମୁଖ୍ୟ ବିଷୟ ହୋଇଥିଲା । ଅଟୋମାକ୍ ନଦୀକୂଳରେ ଥିବା ୱାଶିଂଟନ ନଗରକୁ ଏମାନେ ହଂକଂ ସହର ଭଳି ଗଢିବାର ସ୍ୱପ୍ନ ଦେଖୁଛନ୍ତି । ସମୟର ସ୍ରୋତରେ ସ୍ୱପ୍ନ ବି ନୂଆ ରଙ୍ଗ ନେଇଛି । ପୂର୍ବତନ ଗୃହନିର୍ମାଣ ମନ୍ତ୍ରୀ (ସେକ୍ରେଟାରୀ) ଜ୍ୟାକ୍ କେମ୍ପ୍ ୱାଶିଂଟନକୁ ଅଟୋମାକ କୂଳର ହଂକଂ ଭଳି ସ୍ୱପ୍ନ ଦେଖୁଥିବା ବେଳେ ପ୍ରତିନିଧି ସଭାର ବାଚସ୍ପତି ନିଉଟ ଗିଙ୍ଗରିକ୍ ୨୦୦୦ ଖ୍ରୀଷ୍ଟାବ୍ଦ ବେଳକୁ

ଏହାକୁ 'ନଗରମାନଙ୍କ ଭିତରେ ରତ୍ନ' ଭଳି ଗଢ଼ିବାକୁ ଚାହୁଁଥିଲେ । କଲମ୍ବିଆ ଜିଲ୍ଲାରେ ବିଦ୍ୟାଳୟ, ଲୋକଙ୍କ ଘରବାଡ଼ି, ଜନମଙ୍ଗଳକର କାର୍ଯ୍ୟକ୍ରମ ତଥା ନିରାପତ୍ତା, ପ୍ରତ୍ୟେକ ବିଷୟ ସମସ୍ୟାର ଘେର ଭିତରେ । ସମାଧାନ ଲାଗି ପ୍ରତିନିଧି ସଭାର ତତ୍କାଳୀନ ବାଚସ୍ପତି ଶ୍ରୀ ଗିଙ୍ଗରିଚ୍ ଗୋଟିଏ ଟ୍ୟାକ୍ସଫୋର୍ସ ବା କାର୍ଯ୍ୟବାହିନୀ ଗଢ଼ିଲେ । ନଗରର କାଳିମାକୁ କଳା ଲୋକଙ୍କ ସମସ୍ୟା ବଡ଼ ଜଟିଳ କରିଦେଇଛି । ଏ ଦୁଇଟି ବିଷୟରେ ରିପବ୍ଲିକାନ୍‌ମାନେ କିଛି କରିବାକୁ ଚାହାନ୍ତି । ଆମେରିକାର ସମ୍ବିଧାନ ଅନୁସାରେ ଜାତୀୟ ରାଜଧାନୀଟି କଂଗ୍ରେସର ପ୍ରତ୍ୟକ୍ଷ ଶାସନାଧୀନ । କଂଗ୍ରେସର ସ୍ୱତନ୍ତ୍ର ଦାୟିତ୍ୱରେ ଥାଇ ମଧ୍ୟ ରାଜଧାନୀର ଅବସ୍ଥା ଦିନକୁ ଦିନ ରସାତଳକୁ ଯାଉଛି । ପୃଥିବୀର ଅନ୍ୟ ଯେ କୌଣସି ବଡ଼ ବଡ଼ ନଗରର ଅବସ୍ଥା ପ୍ରାୟ ଏହିଭଳି । ସହରର କେନ୍ଦ୍ରରେ ଶଙ୍ଖ ମର୍ମର ପ୍ରସ୍ତରର ପ୍ରାସାଦ ସାଙ୍ଗକୁ ପରିଧିର ଜର୍ଜ ଟାଉନରେ କୁଟା-କୁଡ଼ିଆ ବି ଅଛି । କଲମ୍ବିଆ ଜିଲ୍ଲାର ଅଧିବାସୀମାନଙ୍କ ଭିତରୁ ଏକ ତୃତୀୟାଂଶ ଲୋକେ ସରକାରୀ ଅନୁଦାନରେ ପାଳିତ, ସେମାନେ ବିଭିନ୍ନ ପ୍ରକାର ଭତ୍ତା ପାଆନ୍ତି । ଏମାନଙ୍କ ଭିତରୁ ଦୁଇତୃତୀୟାଂଶ କୃଷ୍ଣକାୟ । ସମ୍ପ୍ରତି ୨୦୦୦ଟି ସରକାରୀ ଘର ତିଆରି ହୋଇ ସେମାନଙ୍କୁ ଦିଆଗଲା ପରେ ଆହୁରି ୮୦୦୦ ପରିବାର ପ୍ରତୀକ୍ଷା-ତାଲିକାରେ ଅଛନ୍ତି : ଖଣ୍ଡିଏ ଛପର ଥିବା ଘର ଲାଗି । ବେଶ୍‌ଗୁଡ଼ିଏ ସରକାରୀ ସ୍କୁଲ ଅଛି । କିନ୍ତୁ ଛାତ୍ରଙ୍କ ଭିତରୁ ଅଧା ଫେଲ୍ ହୁଅନ୍ତି । ଏହି ଜିଲ୍ଲା ଭିତରେ ବହୁଥିବା ଛୋଟ ନଈ ଆନାକୋଷ୍ଟିଆର ଦୁଇ କୂଳରେ କୁଢ଼ କୁଢ଼ ମଇଳା ଓ ମାଟିଗଦା ଦେଖିଲେ ମନେହୁଏ ଯେପରି ଏ ଅଞ୍ଚଳଟି ଚନ୍ଦ୍ରପୃଷ୍ଠର ଗୋଟିଏ ଅଂଶ । ହତ୍ୟାକାଣ୍ଡ ହାର ଲାଗି ୱାଶିଂଟନ ନଗରର ଦକ୍ଷିଣ-ପୂର୍ବ ଭାଗରେ ଥିବା ଆନାକୋଷ୍ଟିଆ ଅଞ୍ଚଳ ଜଣାଶୁଣା; ଏହାରି ପରିସଂଖ୍ୟାନ ଯୋଗୁ ହିଁ ନରହତ୍ୟା ବା ମର୍ଡର ତାଲିକାରେ ପୃଥିବୀର ରେକର୍ଡଧାରୀ ଦେଶମାନଙ୍କ ଭିତରେ ଯୁକ୍ତରାଷ୍ଟ୍ର ସବା ଉପରେ ।

ୱାଶିଂଟନ ସହର ଦିନେ ଦେବାଳିଆ ହୋଇଯିବ ବୋଲି କେତେକ ଅର୍ଥନୀତିଜ୍ଞ ୫/୬ ବର୍ଷ ତଳେ କହୁଥିଲେ । ସେତେବେଳେ କେହି ଶୁଣିଲେ ନାହିଁ । ବର୍ତ୍ତମାନ ନଗର ନିଗମଟି ଦେବାଳିଆ । ପେନ୍‌ସନ୍ ପାଣ୍ଠିକୁ ତଥା ନଗର ପରିବହନ ବ୍ୟବସ୍ଥା ପାଇଁ ନଗର ନିଗମ ଯେଉଁ ଅନୁଦାନ ଦେବା କଥା ତାହା ବାରମ୍ବାର ଖିଲାପ କରୁଛି । ୧୯୯୫ ଜୁଲାଇରେ କଂଗ୍ରେସର ଜେନେରାଲ ଆକାଉଣ୍ଟିଂ ଅଫିସ (ଆମ ଦେଶରେ ସଂସଦର ଯେଉଁଭଳି ପବ୍ଲିକ ଆକାଉଣ୍ଟସ କମିଟି) ରିପୋର୍ଟ କଲା ଯେ କଲମ୍ବିଆ ଜିଲ୍ଲାର ଅର୍ଥନୈତିକ ଅବସ୍ଥା ଭୁଶୁଡ଼ି ପଡ଼ିଲାଣି । ଜିଲ୍ଲାର ଅଫିସରମାନେ ଜାଣନ୍ତି ନାହିଁ ଯେ କେତେ ବିଲ୍ ପରିଶୋଧ ନହୋଇ ପଡ଼ିଛି, ଅଥବା ଲିଖିତ ଠିକା ବା ଚୁକ୍ତି ନଥାଇ ମଧ୍ୟ କିଭଳି ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ ହେଉଛି । ଦୈନିକ କେତେ ଆୟ ହେଉଛି ଏବଂ କେତେ ଖର୍ଚ୍ଚ ହେଉଛି, କେତେ ବଳୁଛି ବା ନିଅଣ୍ଟ

ହେଉଛି କେହି କହିପାରୁନାହିଁ । ଏ ତ ବଡ ବଡ କଥା । ୧୯୯୫ ଅଗଷ୍ଟ ୩ରେ ୱାଶିଂଟନ ପୋଷ୍ଟରେ 'କାଟୋ ଇନଷ୍ଟିଚ୍ୟୁଟ'ର ଶ୍ରୀ ଡେଭିଡ୍ ବୋଆଜ୍ ଗୋଟିଏ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ ଯେ ଏହି ଜିଲ୍ଲାର ଅଧିକାରୀମାନଙ୍କୁ ପଚାରିଲେ ସେମାନେ କହିପାରିବେ ନାହିଁ ଯେ ସହରର ସରକାରୀ ସ୍କୁଲଗୁଡିକରେ କେତେ ପିଲା ପଢୁଛନ୍ତି କିମ୍ବା ଗତ ସପ୍ତାହର ଅମୁକ ଦିନରେ କେତେ ପିଲାଙ୍କ ଉପସ୍ଥାନ ଥିଲା ? ଫଳରେ ଛାତ୍ରପିଛା ଯେ ବର୍ଷକୁ ୯୦୦୦ ଡଲାରରୁ ଅଧିକା ଖର୍ଚ୍ଚ ହେଉଛି, ଏଥିପ୍ରତି କାହାରି ଚିନ୍ତା ନାହିଁ । ଘରୋଇ ସ୍କୁଲମାନଙ୍କରେ ଛାତ୍ର ପିଛା ୧୦୦୦ ଡଲାର ବି ଖର୍ଚ୍ଚ ହେଉନାହିଁ । କଳା ଗୋରା ଭିତରେ ଝଗଡା ରୋକିବା ଏବଂ ଟିକେ ଟିକେ ଝଗଡାରେ ବନ୍ଧୁକ ବ୍ୟବହାର ଯେପରି ନହୁଏ, ତାହା ଦେଖିବା ଅର୍ଥାତ୍ ଛାତ୍ରମାନଙ୍କ ସୁରକ୍ଷା ପାଇଁ ଛାତ୍ର ପ୍ରତି ୯୦୦୦ ଡଲାର ଖର୍ଚ୍ଚ ହେବା ବଦଖର୍ଚ୍ଚ ଭଳି ଲାଗୁନାହିଁ କି ? ଏଥିପାଇଁ କେତେକ ୱାଶିଂଟନର ମେୟର ଶ୍ରୀ ମାରିଅନ ବାରିଙ୍କୁ ଦୋଷ ଦିଅନ୍ତି । ଏମିତିକା ମେୟର ସେମାନେ କେବେ ଦେଖିନଥିଲେ ବୋଲି କହନ୍ତି । କୋକେନ ଆଉ ବଳିଷ୍ଠାଙ୍ଗୀ ମହିଳା ମିଳିଲା ତ ଶ୍ରୀ ବାରି ବେଶ୍ ଖୁସି । ଏଥିପାଇଁ ଥରେ ସେ ଜେଲ୍ ଯାଇଛନ୍ତି । ୧୯୮୦ ଦଶକରେ କଲମ୍ବିଆ ଜିଲ୍ଲାରେ ଯେପରି ଜମିବାଡିର ମୂଲ୍ୟ ଖୁବ୍ ବଢିଗଲା, ତହିଁର ଫାଇଦା ନେଇ ଶ୍ରୀ ବାରି ନିଜେ ତ ବହୁତ ଧନୀ ହେଲେ, ଯେଉଁ ଅମଲାତନ୍ତ୍ର ଜରିଆରେ ସେ ଏତେ ଲାଭ ଉଠାଇଲେ ସେମାନଙ୍କୁ ଶହ ଶହ ଅନୁଗ୍ରହ ମୂଳକ କାମ ଯୋଗାଇ ଦେଲେ । ସେମାନେ ବି ବଡଲୋକ ହେଲେ । ପଚାରିଲେ ଶ୍ରୀ ବାରି କହନ୍ତି ଏସବୁ ତାଙ୍କ ଦୋଷ ନୁହେଁ । ସେ ମେୟର ହେବାର ବହୁ ପୂର୍ବରୁ ଏହି ନଗର ନିଗମର ଅମଲାତାନ୍ତ୍ରିକ ଶାସନ ବ୍ୟୟବହୁଳ ଥିଲା । କେବଳ ଅଧିକ ସଂଖ୍ୟାରେ ଅମଲା ଥିଲେ ନୁହେଁ, ନଗରର ବଜେଟ ବ୍ୟବସ୍ଥା ମଧ୍ୟ ମାନ୍ଧାତା ଅମଳର ଥିଲା ।

ତା' ଛଡା ୱାଶିଟନ୍‌ର ନିଜର କେତେଗୁଡିଏ ସମସ୍ୟା ଅଛି । ଶ୍ରୀ ବାରି କହନ୍ତି, ପୃଥିବୀର ଅନ୍ୟ କୌଣସି ନଗରରେ ଏଭଳି ସମସ୍ୟା ନାହିଁ । (ପୃଥିବୀର ପ୍ରତ୍ୟେକ ନଗରର ମେୟରମାନେ ଏହିଭଳି କହନ୍ତି ନଚେତ୍ ସମସ୍ୟାଗୁଡିକ ସେ ତିଆରି କରୁଛନ୍ତି ବୋଲି ଲୋକେ ଭାବି ନେବେ) । ଜାତୀୟ ରାଜଧାନୀ ହୋଇଥିବାରୁ ଜେଲ୍ ଓ ସ୍ୱାସ୍ଥ୍ୟସେବା ପାଇଁ ନଗର ନିଗମ ହିଁ ଖର୍ଚ୍ଚବହନ କରେ । ଯୁକ୍ତରାଷ୍ଟ୍ରର ଅନ୍ୟ ନଗରମାନଙ୍କ ପାଇଁ ପ୍ରାଦେଶିକ ସରକାରମାନେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା (ମେଡିକେଡ୍) ଖର୍ଚ୍ଚ ବହନ କରୁଥିବା ବେଳେ ୱାଶିଂଟନ ନଗର ଲାଗି ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆ ହିଁ ସବୁ ବହନ କରିଥାଏ । ଏହି ଜିଲ୍ଲାର ବଜେଟ ନିଅଣ୍ଟ ପରିମାଣ ପ୍ରାୟ ୭୦ କୋଟି ଡଲାର । ବଜେଟ୍‌ର ୪୦% ମେଡିକେଡ୍ ପାଉଣା ଶୁଝାଇବାରେ ଯାଏ । ୧୯୯୦ରୁ ୧୯୯୪ ଭିତରେ ମେଡିକେଡ୍ ଖର୍ଚ୍ଚ ଦେଢଗୁଣ ବଢିଛି । ପୃଥିବୀର ଅନ୍ୟ ଯେ କୌଣସି ପ୍ରାଚୀନ ନଗରମାନଙ୍କ ଭଳି ୱାଶିଂଟନର ଆର୍ଥିକ ସମସ୍ୟା ।

ଏହାର ଆୟର ଅଧାଅଧି ସମ୍ପତ୍ତିକର, ବିକ୍ରୀକର ଭଳି ସ୍ଥାନୀୟ ଖଜଣାରୁ ଆସିଥାଏ । ସହର ଯେତେ ପୁରୁଣା ହୁଏ, ଏଭଳି ଆୟର ପରିମାଣ କମି କମି ଯାଏ । ୧୯୫୦ ଓ ୧୯୬୦ ଦଶକରେ ଅର୍ଥନୈତିକ ଅବସ୍ଥା ଏଭଳି ହେଲା ନଗରପାଳିକା ଖଜଣା ବଢାଇଲା । ମଧ୍ୟମ ବର୍ଗର ଗୋରାଲୋକେ ଅତିଷ୍ଠ ହୋଇ ନଗର ଛାଡି ଚାଲିଗଲେ । ଆଉ ଦଶବର୍ଷ ପରେ ମଧ୍ୟମ ବର୍ଗୀୟ କଳା ଲୋକେ ମଧ୍ୟ ଛାଡି ଚାଲିଗଲେ । ୧୯୯୩ ବେଳକୁ ଏହି ଜିଲ୍ଲାର ଲୋକସଂଖ୍ୟା ୫,୭୮,୦୦୦କୁ କମିଆସସିଲା । ୧୯୩୪ ମସିହା ପରଠାରୁ ଏହା ସବୁଠାରୁ ନ୍ୟୁନତମ ଲୋକସଂଖ୍ୟା । ଜିଲ୍ଲାର ଦୁଇ ତୃତୀୟାଂଶ ଶ୍ରମିକ ପ୍ରତ୍ୟେକ ଦିନ ରାତିରେ ଭର୍ଜିନିଆ ଓ ମେରିଲ୍ୟାଣ୍ଡ ରାଜ୍ୟର ସହରତଳି ଅଞ୍ଚଳକୁ ପଳାନ୍ତି । ଏଭଳି ଯିବା ଆସିବା କରି କାମ କରୁଥିବା ଲୋକଙ୍କୁ କମ୍ପୁଟର କୁହାଯାଏ । ସେମାନେ ଯେଉଁଠି ରହନ୍ତି ସେହିଠାରେ ହିଁ ଟିକସ ଦିଅନ୍ତି । ନିଅଣ୍ଟ ମେଣ୍ଟାଇବାକୁ ତଥା ନିଜର ରୋଜଗାର ବଢାଇବା ପାଇଁ ଏହି ନଗର ନିଗମ ସ୍ଥାନୀୟ ଲୋକଙ୍କ ଉପରେ ଟିକସ, ବିଶେଷତଃ ଆୟକର, ବଢାଇ ଚାଲିଛି । ଏହି ଚେଷ୍ଟା ବୃଥା ହେଉଛି, କର ଭାରରେ ଅଧିକରୁ ଅଧିକ ଲୋକ ସହର ଛାଡି ଚାଲି ଯାଉଛନ୍ତି ।

ଏବେ ଚିନ୍ତା କରାଯାଉଛି ଯେଉଁମାନେ ଯିବା ଆସିବା କରୁଛନ୍ତି ତାଙ୍କ (କମ୍ପୁଟରମାନଙ୍କ) ଉପରେ ଯିବା ଆସିବା ଟିକସ ବସାଯିବ । କିନ୍ତୁ ଏହା ସମ୍ଭବ ହୋଇ ନ ପାରେ । ସଂସଦର ପ୍ରତ୍ୟକ୍ଷ ଦାୟିତ୍ୱ ଥିବାରୁ ଏହି ଜିଲ୍ଲାରେ ଯାହା କିଛି ନୂଆ ଟିକସର ପ୍ରସ୍ତାବ ହେବ ତାହା ପ୍ରତିନିଧି ସଭାର କଲମ୍ବିଆ ଜିଲ୍ଲା ସବ୍‌କମିଟି ଦ୍ୱାରା ଅନୁମୋଦନ ନ ହେଲେ ବସିପାରିବ ନାହିଁ । ଏହି ସବ୍‌କମିଟିର ଚେୟାରମ୍ୟାନ ଟମ୍ ଡେଭିସ୍ ଥିବା ପର୍ଯ୍ୟନ୍ତ ଏ ନୂଆ ଟିକସ ବସି ନ ପାରେ । ସେ ଭର୍ଜିନିଆ ରାଜ୍ୟରୁ ପ୍ରତିନିଧି ଭାବରେ ଆସିଥିବାରୁ ତାଙ୍କ ରାଜ୍ୟରୁ, ବିଶେଷକରି ଫେଆର ଫାକ୍ସ କାଉଣ୍ଟିରୁ, ଆସୁଥିବା ଧନୀ ଲୋକମାନଙ୍କ ଉପରେ ଆଉ ଅଧିକ ଟିକସ ବସାଇବା ସେ ଚାହାଁନ୍ତି ନାହିଁ ।

ସଂସଦ ସହିତ ସ୍ଥାୟୀ ସମ୍ପର୍କ ଥିବାରୁ ଏହି ଜିଲ୍ଲାର ଅର୍ଥନୀତି ବେଶି ଭୁଶୁଡି ପଡୁଛି, ଅର୍ଥନୀତିକୁ ସୁଧାରିବା ଲାଗି ସମ୍ପର୍କ ଛିନ୍ନ କରିବା ଉଚିତ ମନେ ହେବାରୁ ୧୯୭୪ରେ ଏହି ଜିଲ୍ଲାକୁ ସ୍ୱାୟତ୍ତଶାସନ ଦିଆଗଲା । ଏହାର ଲକ୍ଷ୍ୟ ଥିଲା ୧୮୭୪ର ଦେବାଳିଆ ପରିସ୍ଥିତି ଏଡାଇବା । ୧୯୯୫ ଏପ୍ରିଲ ମାସରେ ଆର୍ଥିକ ଦୁର୍ଦ୍ଦଶା ବଢିବାରୁ କଂଗ୍ରେସ ଗୋଟିଏ ରିଭ୍ୟୁବୋର୍ଡ ବସାଇଲା । ଆର୍ଥିକ ସୁଧାର ପାଇ ଯେଉଁ ଅର୍ଥନୈତିକ ଅବସ୍ଥା ଦରକାର ତହିଁରେ ସମତୁଲ ବଜେଟ ମୁଖ୍ୟ ଅସ୍ତ୍ର । ରିଭ୍ୟୁବୋର୍ଡ ସୁପାରିଶ କରିଛି ଯେ ଅତିକମ୍‌ରେ ୪ ବର୍ଷ କାଳ ସମତୁଲ ବଜେଟ ନହେଲେ ଏହି ଜିଲ୍ଲାର ଅର୍ଥନୈତିକ ସ୍ୱାସ୍ଥ୍ୟ ସୁଧୁରିବ ନାହିଁ ।

ବଜେଟ ତିଆରି କରିବାବେଳେ ନଗର ପରିଷଦ ବଡ ଚିନ୍ତାରେ ପଡେ । ଆୟ ବ୍ୟବସ୍ଥାର ରିଭ୍ୟୁ କରୁଥିବା ବୋର୍ଡ କହୁଛି, କର୍ମଚାରୀ ସଂଖ୍ୟା ଅତ୍ୟଧିକ, ମୋଟ ୪୧୦୦୦

କର୍ମଚାରୀ ମଧ୍ୟରୁ ଅତି କମ୍‌ରେ ୫୬୦୦ କାଟିଦେବା ଦରକାର, ସ୍କୁଲମାନଙ୍କରେ ଚାଲିଥିବା ଭୋଜନ ବ୍ୟବସ୍ଥାକୁ (କାଫେଟେରିଆ) ଏବଂ ଡିଷ୍ଟ୍ରିକ୍ଟ ଅଫ କଲମ୍ବିଆର ଜେନେରାଲ ହସ୍‌ପିଟାଲକୁ ଘରୋଇ ସଂସ୍ଥାଦ୍ୱାରା ଚଳାଇବାର ବ୍ୟବସ୍ଥା ହେବା ଉଚିତ । ଯଦି ଶ୍ରୀ ବାରି ଏ ସୁପାରିସ୍‌କୁ ଗ୍ରହଣ ନ କରନ୍ତି, ତେବେ ରିଭ୍ୟୁ ବୋର୍ଡର ଅନୁରୋଧକ୍ରମେ ସଂସଦ କଲମ୍ବିଆ ଜିଲ୍ଲାକୁ ଅନୁଦାନ ଦେବା ବନ୍ଦ କରିଦେଇପାରେ, ଏ ଡର ବି ଅଛି । ଯଦି ସେ ଦୀର୍ଘମିଆଦୀ ଭିତ୍ତିରେ ସଂସ୍କାର ନ ଆଣନ୍ତି ଏବଂ ଯେନତେନ ପ୍ରକାରେଣ ଚଳାଇ ନେବାକୁ ଚାହାନ୍ତି, ନିୟୁର୍କ ସହର ଭଳି ତାଙ୍କ ୱାଶିଂଟନ ସହର ମଧ୍ୟ ଆପାଦମସ୍ତକ ଋଣଗ୍ରସ୍ତ ହୋଇଯିବ, ଏଥିରେ ସନ୍ଦେହ ନାହିଁ ।

ରାଜନୈତିକ ନେତା ଚାଲାକ ନ ହେଲେ ତିଷ୍ଠି ପାରିବ ନାହିଁ, ଶ୍ରୀ ବାରି ବଡ ଚାଲାକ । ସୁଧାରିବା ଲାଗି, ସଂସ୍କାର ଆଣିବା ଲାଗି ସତେ ଯେପରି ସେ ବହୁତ ଚେଷ୍ଟା କରୁଛନ୍ତି, ସେଭଳି ଦେଖାଇ ହେଉଛନ୍ତି । ଗୋଟିଏ ସଂସ୍ଥାରୁ ଆଉ ଗୋଟିଏ ସଂସ୍ଥାକୁ କର୍ମଚାରୀ ପଠାଇ ଦେଇ ସେ କହୁଛନ୍ତି ଯେ କର୍ମଚାରୀମାନଙ୍କ ସଂଖ୍ୟା ହ୍ରାସ କରିଦେଇଛନ୍ତି । କାର୍ଯ୍ୟତଃ ଘରୋଇକରଣ ହୋଇ ନଥିବା ଅନୁଷ୍ଠାନକୁ ଘରୋଇକରଣ ହୋଇଗଲା ବୋଲି କାଗଜପତ୍ରରେ ରିପୋର୍ଟ କରି ଦେଉଛନ୍ତି ।

ସମସ୍ୟାରୁ କିଛି ସମୟ ଅବ୍ୟାହତି ପାଇବା ଲାଗି ନେତାମାନେ କମିଟି, ବୋର୍ଡ ଆଦି ଅସ୍ତ୍ର ବ୍ୟବହାର କରନ୍ତି । ରିଭ୍ୟୁ ବୋର୍ଡଟିଏ ଥିବାରୁ ଶ୍ରୀ ବାରି ବେଶ୍ ଆରାମରେ ଅଛନ୍ତି । ଅର୍ଥନୈତିକ ଅବସ୍ଥା ସୁଧାରିବା ପାଇଁ ଏମିତି ଗୋଟିଏ ଚେଷ୍ଟା ଦରକାର । ଲୋକେ (ଭୋଟରମାନେ) ତ ପୁଣି ଦେଖିବା ଦରକାର ଯେ, ସେ କିଛି କରୁଛନ୍ତି । ରିଭ୍ୟୁବୋର୍ଡ କାମ ଆରମ୍ଭ କରିଦେଇଛନ୍ତି । କିଛି ଗୋଟିଏ ସୁଫଳ ମିଳିବ, ଏହି ଆଶା ଅଛି ବୋଲି ତ ଶ୍ରୀ ବାରି ସମ୍ପ୍ରତି ନିଜ ଦରମା ବି ପାଉଛନ୍ତି । ନିଜର ସ୍ୱାର୍ଥ ଦୃଷ୍ଟିରୁ ସେ ରିଭ୍ୟୁ ବୋର୍ଡ ଚାହିଁଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରିଭ୍ୟୁ ବୋର୍ଡ ନ ଥିଲେ ଶ୍ରୀ ବାରିଙ୍କ ଗୁରୁତ୍ୱ ବି କମିଯାଆନ୍ତାଣି । ଏହି ବୋର୍ଡର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜନ୍ ମିଲ ନଗରପାଳିକା (ଅର୍ଥାତ୍ ଶ୍ରୀ ବାରି) ଏବଂ କଂଗ୍ରେସ ମଝିରେ ବୁଝାମଣାର ମଧ୍ୟସ୍ଥ ଭଳି କାମ କରୁଛନ୍ତି ।

ୱାଶିଂଟନ ନଗରପାଳିକାରେ ସଭ୍ୟସଂଖ୍ୟାର ଚାରିପଞ୍ଚମାଂଶ କୃଷ୍ଣକାୟ । ବର୍ଣ୍ଣ ଦୃଷ୍ଟିରୁ ୱାଶିଂଟନ ବଡ ସମ୍ବେଦନଶୀଳ । ଗୋରାମାନଙ୍କ ପ୍ରାଧାନ୍ୟ ଥିବା ନଗର ନିଗମର ସମ୍ପର୍କ ଟିକିଏ ଅଡୁଆ ହେବା କଥା । କଲମ୍ବିଆଜିଲ୍ଲା କେନ୍ଦ୍ରକୁ ଟିକସ ଦେଉଛି ଅଥଚ କଂଗ୍ରେସରେ ଏହାର ପ୍ରତିନିଧିତ୍ୱ ନାହିଁ : ଏ ପ୍ରଶ୍ନ ସବୁବେଳେ ଉଠୁଛି । ପ୍ରତିନିଧି ସଭାର ବାଚସ୍ପତିଙ୍କ ସହିତ ଭଲ ସମ୍ପର୍କ ନଥିଲେ ୱାଶିଂଟନ ନଗରରେ କିଛି ହୋଇପାରିବ ନାହିଁ । କିନ୍ତୁ କଲମ୍ବିଆ ଜିଲ୍ଲାରେ ଡେମୋକ୍ରାଟ୍‌ମାନଙ୍କ ସଂଖ୍ୟାଗରିଷ୍ଠତା ଅଛି ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର

ବାଚସ୍ପତି ମଧ୍ୟ ତାଙ୍କର । ତେଣୁ ୱାଶିଂଟନ ସହାନୁଭୂତି ଆଶା କରୁଛି । କଳାମାନଙ୍କ ନେତ୍ରୀ ଶ୍ରୀମତୀ ନର୍ଟନ ଏବେ ପ୍ରସ୍ତାବ ଦେଇଛନ୍ତି ଯେ କଲମ୍ବିଆ ଜିଲ୍ଲାରେ ଆୟକର ହାର କମାଯାଉ, ନ ହେଲେ ସ୍ୱଚ୍ଛଳ ଲୋକମାନେ ପଳାଇଯାଉଥିବେ ଏବଂ ନଗର ନିଗମର ଆୟ କମି କମି ଯାଉଥିବ । ଯେତେ ଧନୀ ଲୋକମାନଙ୍କୁ ସହର ଭିତରକୁ ଅଣାଯାଇ ପାରିବ ସେତେ ବେଶି ଟିକସ ଓ ଅଣଟିକସ ଆୟ ବଢ଼ିବ । ଏହା ବଢ଼ିଲେ ସ୍କୁଲ ଭଲ ଚାଲିବ, ରାସ୍ତା ନିରାପଦ ରହିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଆକୃଷ୍ଟ ହୋଇ ଫେରିବେ ।

# କୋଆଲିସନ ସରକାର

କୌଣସି ଗୋଟିଏ ରାଜନୈତିକ ଦଳର ସଂଖ୍ୟାଗରିଷ୍ଠତା ନ ଥିଲେ କେତେଗୁଡ଼ିଏ ଦଳ ମିଶି ସରକାର ଗଢ଼ନ୍ତି । ଏ କୋଆଲିସନ୍ ବା ମିଳିତ ସରକାରର ସ୍ୱଭାବ ଦେଶ ଅନୁଯାୟୀ ଭିନ୍ନ ହୋଇପାରେ ଆପଣ ଭାବି ପାରୁଛନ୍ତି ? ୟୁରୋପୀୟ ଓ ଇଜ୍ରାଏଲୀ କୋଆଲିସନ୍ ସରକାର ବିଷୟରେ ଆଲୋଚନା କଲେ ଜାଣିପାରିବା । ଇଟାଲୀ, ଫ୍ରାନ୍ସ କିମ୍ବା ଜର୍ମାନୀରେ ମିଳିତ ସରକାର ଗଢାହେବା ଇତିହାସର ଅଙ୍ଗ ହୋଇଯାଇଛି । ୟୁରୋପର ଅଧିକାଂଶ ଦେଶରେ ପ୍ରତିଷ୍ଠିତ ଗଣତନ୍ତ୍ର ମାନଙ୍କରେ ମିଳିତ ସରକାର ଏକ ସାଧାରଣ ଘଟଣା । ଏକପ୍ରକାରରେ ମତ ବା ପ୍ରାୟ ସମାନ ନିର୍ବାଚନ ଇସ୍ତାହାର ଜାରି କରିଥିବା ଦଳମାନେ ମିଶି ସରକାର ଗଢଥାନ୍ତି । ମିଳିତ ସରକାର ଗଢିବା ଦିଗରେ ସେ ଦେଶର ନିର୍ବାଚନ ପଦ୍ଧତି କେତେକାଂଶରେ ଦାୟୀ । ସେ ଦେଶମାନଙ୍କରେ ଆନୁପାତିକ ପ୍ରତିନିଧିତ୍ୱ (ପ୍ରପୋର୍ସନାଲ୍ ରିପ୍ରେଜେଣ୍ଟେସନ୍) ପ୍ରଥା ପ୍ରଚଳିତ । ସାରାଦେଶଟା ଗୋଟିଏ ନିର୍ବାଚନ ମଣ୍ଡଳୀ ଭଳି ଧରାଯାଏ; ସଂସଦରେ ଯେତୋଟି ଆସନ ଅଛି, ପ୍ରତ୍ୟେକ ଦଳ ସେତେଜଣଙ୍କ ନାମ ପ୍ରାର୍ଥୀ ଭାବରେ ଘୋଷଣା କରେ; କିନ୍ତୁ ଦେଶର ମୋଟ ଭୋଟ୍‌ର ଯେତେ ଶତାଂଶ ପାଏ, ସେତିକି ଶତାଂଶ ଆସନ ସେ ଦଳକୁ ମିଳେ । ୧୦%ରୁ ଅଧିକ ଭୋଟ ପାଇଥିବା ଦଳମାନେ ହିଁ ସରକାରରେ ଭାଗୀଦାର ହୁଅନ୍ତି । ୧୦%ରୁ କମ ଭୋଟ ପାଇଥିବା ଦଳ କୌଣସି ଆସନ ପାଏ ନାହିଁ । ଆମ ଦେଶରେ ସେଭଳି ହେଲ କଣ ହୁଅନ୍ତା ? କୌଣସି ଦଳ ତ ସାରାଦେଶର ଭୋଟ୍‌ର ଅଧା ବି ପାଏ ନାହିଁ । ତେଣୁ ଆନୁପାତିକ ପ୍ରତିନିଧିତ୍ୱ ପଦ୍ଧତିରେ କୌଣସି ଦଳ ସଂଖ୍ୟାଗରିଷ୍ଠ ହେବ ନାହିଁ; ମିଳିତ ସରକାର ଗଢିବାକୁ ବାଧ୍ୟ ହେବ । ଆମ ଦେଶରେ ତ ସରଳ ସଂଖ୍ୟାଧିକତା (ସିମ୍ପଲ୍ ମେଜରିଟି) ପ୍ରଚଳିତ । ଦେଶଟାଯାକ ଗୋଟିଏ ନିର୍ବାଚନ ମଣ୍ଡଳୀ ନ ହୋଇ ଗୁଡ଼ିଏ ମଣ୍ଡଳୀରେ ବିଭକ୍ତ, ଏବଂ ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ସ୍ୱତନ୍ତ୍ର ଭାବରେ ଲଢେଇ କରେ । ଯିଏ ଅନ୍ୟ ପ୍ରତ୍ୟେକ ପ୍ରାର୍ଥୀଠାରୁ ବେଶି ଭୋଟ ପାଇଲା, ସିଏ ଜିତିଲା : ୨୦ ଜଣ ପ୍ରାର୍ଥୀଙ୍କ ଭିତରେ ଅନ୍ୟ ସମସ୍ତେ ମିଶି ୯୫% ପାଖାପାଖି ଭୋଟ ପାଇଥିଲେ ବି ୫%ରୁ

ଗୋଟିଏ ବେଶି ଭୋଟ ପାଇଥିବା ପ୍ରାର୍ଥୀଟି ଲୋକପ୍ରତିନିଧି ଘୋଷିତ ହେବ । ତେଣୁ ଆମ ଦେଶରେ ମିଳିତ-ସରକାର-ସଂସ୍କୃତି ଗଢ଼ିଉଠି ନାହିଁ । କଂଗ୍ରେସ ସମର୍ଥନ ପ୍ରତ୍ୟାହାର ପରେ ୧୩ଦଳିଆ ମିଳିତ ସରକାର ଫାଟିଗଲା, ଆଉଥରେ ନିର୍ବାଚନ ହେଉଛି । ପୁଣି ଯେ ଭୋଟରମାନେ ୧୯୯୬ ଭଳି ଗୁଡ଼ିଏ ଦଳକୁ ଭୋଟ ନ ଦେବେ, କିଏ କହିବ ? ଯଦି କୌଣସି ଗୋଟିଏ ଦଳ ସଂଖ୍ୟାଗରିଷ୍ଠତା ନ ପାଏ, ତେବେ କଣ ହେବ ? ଏ ପ୍ରକାରର ପ୍ରଶ୍ନ ଉଠିବାର କାରଣ ମିଳିତ ସରକାର ଗଢ଼ିବାର ସଂସ୍କୃତି ଆମ ଭୂଇଁରେ ଉଧେଇ ନାହିଁ । ମିଳିତ ସରକାର ସଫଳ ହେବାର ମୂଳରେ ଅଛି ପରସ୍ପର ପ୍ରତି ସମାନ ସମ୍ମାନ । ୟୁରୋପରେ ଏହା ରହିଛି, ଆମ ଦେଶରେ ନାହିଁ । କଂଗ୍ରେସ ଦଳ ବାହାରେ ରହି ସରକାରକୁ ସମର୍ଥନ କରିବ କହିବା ଭଳି ପରିସ୍ଥିତି ନ ଥାଏ । ପ୍ରତି ଦଳର ସମାନ ଅଧିକାର ସରକାରରେ ରହେ । ଆମ ଦେଶରେ ଭିନ୍ନ ମତ ପୋଷଣ କରୁଥିବା ନେତା ମୂଳ ଦଳଛାଡ଼ି ନୂଆ ଦଳ ଗଢ଼େ । ତେଣୁ ଦଳମାନଙ୍କ ଭିତରେ ଅସୂୟା ଓ ଅସହିଷ୍ଣୁଭାବ ରହେ । କେରଳ ବା ପଶ୍ଚିମ ବଙ୍ଗରେ ମିଳିତ ସରକାର ତିଷ୍ଠି ରହୁଥିବାର କାରଣ ଭାଗୀଦାର ଦଳଗୁଡ଼ିକ ପରସ୍ପରକୁ ସମାନ ସମ୍ମାନ ଦେଉଛନ୍ତି ଓ ପରସ୍ପରକୁ ସମାନ ଆଖିରେ ଦେଖୁଛନ୍ତି ।

ଗୁଡ଼ିଏ ଦଳ ମିଶି କୋଆଲିସନ ସରକାର ଗଠନ କଲେ କଣ କଣ ଅସୁବିଧା ଦେଖାଦିଏ, ଆମ ଦେଶର ସମ୍ବାଦପତ୍ର ପାଠକମାନେ ଜାଣିଥିବେ । ସେମାନଙ୍କ ସ୍ମୃତି ଉଖୁରେଇବା ଓ ଯେଉଁମାନେ ସମ୍ପୃକ୍ତ ସମ୍ବାଦ ପଢ଼ିପାରି ନ ଥିବେ, ସେମାନଙ୍କୁ ତଥ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏଠାରେ ଇସ୍ରାଏଲ୍‌ର ଦର୍ପଣରେ ନିଜକୁ ଦେଖିବା ଆସନ୍ତୁ ।

ଇଜ୍ରାଏଲ୍‌ରେ ରାଜନୈତିକ ଘୋଡ଼ାବେପାର ୧୯୯୬ ଜୁନ ୨ରୁ ଆରମ୍ଭ ହେଲା । ଲେବର୍ ଓ ଲିକୁଡ୍ ଦଳ ଦୁଇଟି ପରସ୍ପରକୁ ଶତ୍ରୁ ମନେ କରନ୍ତି । ଲିକୁଡ୍ ରକ୍ଷଣଶୀଳ ଓ ଲେବର୍ ପ୍ରଗତିପନ୍ଥୀ । ଲେବର ଦଳର ପାଲେଷ୍ଟିନୀୟ ପ୍ରୀତି ଲିକୁଡ୍ ନାପସନ୍ଦ କରେ, ତେଣୁ ତା ସହିତ ମିଶି ସରକାର ଗଢ଼ିବାକୁ ଚାହେଁ ନାହିଁ । ବାଧ୍ୟ ହୋଇ ଧର୍ମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବାନ୍ଧି ସରକାର ଗଢ଼ିବାକୁ ଚାହୁଁଛି । ଆମ ଦେଶର ହିନ୍ଦୁମାନେ ଯେପରି ଦୁଧ ଓ ଦୁଧତିଆରି ଜିନିଷ ସହିତ ମାଛ ମାଂସ ଖାଇବା ଅନୀତିକର ବୋଲି ଧରନ୍ତି, ଇସ୍ରାଏଲ୍‌ର ଇହୁଦୀମାନେ ମାକ୍‌ଡୋନାଲ୍ଡ ତିଆରି କରୁଥିବା ଚିଜ୍‌ବର୍ଗର (ସେକା ପାଉଁରୁଟି ଭିତରେ ଛେନା ସହିତ କଷା ମାଂସ) ଖାଇବାକୁ ଧର୍ମବିରୋଧି ମନେ କରନ୍ତି । ଆଗ ୪ ବର୍ଷର ଶ୍ରମିକ ଦଳର ଶାସନରେ ଏଭଳି 'ଅସାମାଜିକ' କାର୍ଯ୍ୟ ବଢ଼ିଯାଇଛି ବୋଲି ଇସ୍ରାଏଲ୍‌ର ଧର୍ମଭିତ୍ତିକ ରାଜନୈତିକ ଦଳମାନେ କହଲେ । ଜେରୁସାଲେମର ଶାମାଇ ଷ୍ଟ୍ରିଟ୍‌ରେ, ସହରର କେନ୍ଦ୍ରସ୍ଥଳରେ, ସମ୍ପ୍ରତି ଏକ ମାକ୍‌ଡୋନାଲ୍ଡ ଦୋକାନ ଖୋଲିଲାବେଳେ ତା' ବିରୁଦ୍ଧରେ କ୍ରୋଧାନ୍ୱିତ ଅତିମୌଳବାଦୀ ଇହୁଦୀମାନେ ପ୍ରତିବାଦ କରିଥିଲେ । ପ୍ରତିବାଦ ବି କେତେକ

ସ୍ଥାନରେ ହିଂସ୍ର ହୋଇପଡିଥିଲା । ଯେପରି ଆମ ଦେଶରେ ବାଙ୍ଗାଲୋରରେ କୃଷକମାନେ ମାକ୍‌ଡୋନାଲ୍ଡ ଦୋକାନ ବିରୋଧରେ ହିଂସାତ୍ମକ ଆନ୍ଦୋଳନ କରିଥିଲେ । ଦିଲ୍ଲୀରେ ମଧ୍ୟ ଅପମିଶ୍ରଣ ବା ଆଜିନୋମଟୋ ଲବଣ ମିଶ୍ରଣ ବିରୁଦ୍ଧରେ ମାକ୍‌ଡୋନାଲ୍ଡ ଦୋକାନ ବନ୍ଦ ହେଉ ବୋଲି ଆନ୍ଦୋଳନ ହୋଇଥିଲା ।

ଇସ୍‌ରାଏଲ୍‌ର ସଂସଦ 'ନେସେଟ୍'ରେ ୧୨୦ ଆସନରୁ ୨୩ଟି ଆସନ ବିଭିନ୍ନ ଧାର୍ମିକ ଦଳ ହାସଲ କରିଛନ୍ତି । କଠୋରପନ୍ଥୀ ନାସନାଲ୍ ରେଲିଜିଅସ୍ ପାର୍ଟି (ଜାତୀୟ ଧାର୍ମିକ ଦଳ, ସଂକ୍ଷେପରେ ଜାଧାଦ) ୯ଟି ଆସନ ପାଇଛି । ୯ ଭିତରୁ ଜଣେ ଶ୍ରୀ ୟିଗଲ ବିବି କହନ୍ତି ଯେ ତାଙ୍କ ଦଳ ଚାହେଁ, ମାକ୍‌ଡୋନାଲ୍ଡ ବନ୍ଦ ହେଉ ବା କୋଷର (ନିରାମିଷ) ହେଉ । ଯଦି ନିରାମିଷ ହୋଇରହିବ, ଇହୁଦୀ ପୁରୋହିତ(ରାବି)ଙ୍କ ତତ୍ତ୍ୱାବଧାନରେ ତିଆରି ହେଉ । ଯେଉଁ ୩ଟି ଧାର୍ମିକ ଦଳ ଶ୍ରୀ ନେତନ୍ୟାହୁଙ୍କୁ ସମର୍ଥନ କରି ତାଙ୍କୁ ୬୮ଟି ଆସନ ଯୋଗାଇଲେ, ତା ଭିତରୁ ଜାଧାଦ ଗୋଟିଏ । ସେ ଆହୁରି ମଧ୍ୟ ଦାବି କରନ୍ତି, ସାବାଥ୍ (ସାପ୍ତାହିକ ଛୁଟି, ଶୁକ୍ରବାର ଦିନ) ମାନୁ ନ ଥିବା ଦୋକାନ, ବଜାର, ରେସ୍ତୋରାଁ ଓ ତଦ୍ରୂପ ସଂଗଠନ ଗୁଡିକୁ ବନ୍ଦ କରାଯାଉ । ଶ୍ରୀ ବିବିଙ୍କ ଭାଷାରେ ଇସ୍‌ରାଏଲରେ ଲୋକେ ସାତଦିନଯାକ କାମ କରିବେ, ଏ କଥା ଅସହ୍ୟ । ନେତାନ୍ୟାହୁ ଜଣେ ଧର୍ମନିରପେକ୍ଷ ଇହୁଦୀ ହୋଇଥିଲେ ହେଁ ଧର୍ମଗୋଷ୍ଠୀମାନଙ୍କ ସମର୍ଥନ ପାଇବା ଲାଗି ଯେଉଁ ଅଞ୍ଚଳରେ ୮୦%ରୁ ବେଶି ଲୋକ ଅତିରକ୍ଷଣଶୀଳ (ଉଲ୍‌ଟ୍ରା ଅର୍ଥୋଡକ୍ସ) ବସବାସ କରୁଛନ୍ତି, ସେ ଅଞ୍ଚଳରେ ସାବାଥ୍ ଦିନ ରାସ୍ତା ବନ୍ଦ କରିବା ଆଦେଶ ଦେଇଛନ୍ତି ।

ଆମ ଦେଶରେ ୧୯୭୭ ଓ ୧୯୮୯ରେ ଜନତା ପାର୍ଟି ଓ ଜନତା ଦଳ ଯଥାକ୍ରମେ ମିଳିତ ସରକାର ଗଢିଥିଲେ । ଉଭୟ ସରକାରରେ ନେତାମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବିବାଦ ଯୋଗୁ ସରକାର ଭାଙ୍ଗି ପଡିଥିଲା । ୧୯୭୦ ଦଶକରେ ମୋରାର୍‌ଜୀ ଦେଶାଇ ଓ ଚରଣ ସିଂହଙ୍କ ମଧ୍ୟରେ, ୧୯୮୦ ଦଶକରେ ଚନ୍ଦ୍ରଶେଖର ଓ ଭି ପି ସିଂହଙ୍କ ମଧ୍ୟରେ ଅସହିଷ୍ଣୁତା ଥିଲା । ବାହାରୁ ସମର୍ଥନ ଦେବା ଆଳରେ ଠିକ୍ ସମୟରେ କଂଗ୍ରେସ ଦଳ ମିଳିତ ସରକାରର ପାଦ ତଳୁ ସତରଞ୍ଜି କାଢିନେଲା । ଶ୍ରୀ ଦେବଗୌଡାଙ୍କ ମିଳିତ ସରକାର ପରେ ଶ୍ରୀ ଗୁଜରାଲଙ୍କ ମିଳିତ ସରକାର ମଧ୍ୟ ଏହି କାରଣରୁ ଭାଙ୍ଗିଗଲା । ଭାରତରେ କାହିଁକି ରାଜନୈତିକ ନେତାମାନେ ଏକାଠି ମିଳିମିଶି ମିଳିତ ସରକାର ଗଢି ପାରୁ ନାହାନ୍ତି ? ମଧୁ ଲିମାୟେ ତାଙ୍କ ଜୀବିତାବସ୍ଥାରେ ଯେଉଁ କାରଣ ଦେଇଥିଲେ, ତାହା ଏବେ ବି ପ୍ରଯୁଜ୍ୟ । ଭାରତୀୟ ସାମାଜିକ ପରମ୍ପରା ଉଚ୍ଚ ନୀଚ ଭାବ ଦ୍ୱାରା ଏତେ ପରିମାଣରେ ପ୍ରଭାବିତ ଯେ ନେତା ଯେଉଁ ଜାତିରୁ ଆସିଛି ତାହା ନେତାର ମନୋଭାବ ତିଆରି କରୁଛି; ନେତାମାନେ ପରସ୍ପରକୁ ସମାନ ଆଖିରେ ଦେଖୁ ନାହାଁନ୍ତି । ଜାତି ଯୋଗୁ ଆମ ସମାଜ ଏଭଳି ଏକ

ଥାକଥାକିଆ ସମାଜ ହୋଇ ପଡିଛି ଯେ ଇସ୍‌ଲାମ୍ କିମ୍ବା ଖ୍ରୀଷ୍ଟିଆନ୍ ଧର୍ମୀ ଭାରତୀୟଙ୍କ ଭିତରେ ମଧ୍ୟ ଜାତିସଦୃଶ ଭେଦଭାବ ରହିଯାଇଛି । ଜାତି ଅନୁଯାୟୀ ଜନ୍ମରୁ କିଏ ଉଚ୍ଚ ତ କିଏ ନୀଚ,ଏଭଳି ଏକ ମନୋଭାବ ପରସ୍ପର ସହିତ ସମାନ ଭାବରେ ଚଳିବାର ଇଚ୍ଛାକୁ ଦବାଇ ଦେଉଛି । ସମାନ ଭାବରେ ଚଳିବା ଓ ବାଛବିଚାର ନ କରି କ୍ଷମତାକୁ ବାଣ୍ଟି ନେବା, ସଫଳ ମିଳିତ ସରକାରର ଗୋଟିଏ ବଡ ଗୁଣ । କିନ୍ତୁ ଉଚ୍ଚ ଜାତି ମନୋଭାବ ରଖିଥିବା ଲୋକେ ଯେଭଳି ନୀଚ ଜାତିର ଲୋକଙ୍କ ସହ କ୍ଷମତା ବାଣ୍ଟି ନେବା ଚାହାନ୍ତି ନାହିଁ, ଅପରପକ୍ଷରେ ଅବହେଳିତ ବା ନୀଚ ବର୍ଗର ଲୋକେ ସବୁ କ୍ଷମତାକୁ କରାୟତ୍ତ କରିବାକୁ ଚାହାନ୍ତି । ଶ୍ରୀ ଗୁଜରାଲଙ୍କ ମିଳିତ ସାମ୍ମୁଖ୍ୟର ଭାଗୀଦାରମାନେ ଓ କଂଗ୍ରେସ ଦଳ ଏକ ସାଧାରଣ ଧର୍ମ ନିରପେକ୍ଷ ଆଦର୍ଶକୁ ବନ୍ଧନର ସୂତ୍ର ରୂପେ ଧରିନେଲେ, ଏବେ ଶ୍ରୀ ବାଜପେୟୀଙ୍କ ସରକାରରେ ଥିବା ପ୍ରାଦେଶିକ ଦଳମାନେ ଉପରେ ଉପରେ ଏଭଳି ନିରପେକ୍ଷତା ଦେଖାଉଛନ୍ତି । କୌଣସି ନେତା ତ ମନ୍ଦିର ମସ୍‌ଜିଦ୍ ନ ଯାଇ, ସାଧୁ ସନ୍ଥଙ୍କ ପାଦ ନ ଛୁଇଁ କାମ ଆରମ୍ଭ କରୁ ନାହାଁନ୍ତି । କଂଗ୍ରେସ୍ ମିଳିତ ସରକାର ଗଢିବାରେ ଦ୍ୱିଧା କରୁଥିବାର ବଡ କାରଣ ଯେ କଂଗ୍ରେସ ନିଜକୁ ବଡ ବୋଲି ଦେଖାଇହୁଏ । ମିଳିତ ସରକାରରେ ଅଣକଂଗ୍ରେସୀ ନେତାମାନେ କଂଗ୍ରେସଦ୍ୱାରା ନ୍ୟୂନତର ଅଂଶୀଦାର ରୂପେ ବିବେଚିତ ହୋଇପାରନ୍ତି ବୋଲି ଡର ଅଛି । ତେଣୁ ଭାରତରେ ମିଳିତ ସରକାରର ସଂସ୍କୃତି ତିଆରି ହେଉ ନାହିଁ । ପଶ୍ଚିମ ବଙ୍ଗ ଓ କେରଳରେ ମିଳିତ ସରକାର ତିଷ୍ଠିଥିବାର ମୂଳରେ ରହିଛି ଭାଗୀଦାରମାନଙ୍କର ଆଦର୍ଶଗତ ମେଳ, ଯଥା ବାମ ପନ୍ଥୀ ଆଦର୍ଶ । ଭୋଟରମାନେ ସେଭଳି ମିଳିତ ସରକାର ସପକ୍ଷରେ ମତ ଦେଉଛନ୍ତି ବୋଧହୁଏ । ଯଦି ମିଳିତ ସରକାର ଦେଶକୁ ଚଳାଇବାରେ ଅକ୍ଷମ ହୁଏ, ଅଥଚ ଭୋଟରମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଦଳକୁ ସଂଖ୍ୟା ଗରିଷ୍ଠତା ଦେବାକୁ ଇଚ୍ଛା ନ କରନ୍ତି, ବାରମ୍ବାର ନିର୍ବାଚନ ହେବା ଦେଶର ଅର୍ଥନୀତି ଦୃଷ୍ଟିରୁ କ୍ଷତିକାରକ ହେବ । ଯେତେ ଶୀଘ୍ର ଆମ ନେତାମାନେ ମିଳିତ ସରକାର ଗଢିବାର ସଂସ୍କୃତି ତିଆରି କରିନେବେ,ଦେଶ ପାଇଁ ସେତେ ମଙ୍ଗଳ ହେବ ।

ଜାତୀୟ ଦଳ ବଦଳରେ ଗୁଡିଏ ଆଞ୍ଚଳିକ ଦଳର ଆବିର୍ଭାବ ହେଉଛି । ବିଜେପି ମିଳିତ ସରକାର ଗଢିବାକୁ ଆବଶ୍ୟକ ସଂଖ୍ୟାଗରିଷ୍ଠ ମତ ପାଇଲା ନାହିଁ । ଗାଦିରୁ ବିଦାୟ ନେଲା । ଏକ ମିଳିତ ସରକାର ବିଜେପି ବିରୋଧି ଧ୍ୱନିରେ ଗଢା ହେଲା । ସେମାନେ ଏକ ସାଧାରଣ ନ୍ୟୂନତମ ଯୋଜନା (କମନ୍ ମିନିମମ୍ ପ୍ରୋଗ୍ରାମ୍ ବା ସିଏମ୍‌ପି) ଗ୍ରହଣ କଲେ ! କଂଗ୍ରେସର ବାହାରପଟୁ ସମର୍ଥନ ଦେଲା । ଏଥରେ ଗୋଟିଏ ବଡ ଦୋଷଥିଲା ଯେ ଯେଉଁ କଂଗ୍ରେସ ସମର୍ଥନରେ ମିଳିତ ସାମୁଖ୍ୟ ସରକାର ଚଳାଇଛି, ସେହି କଂଗ୍ରେସକୁ ସେମାନେ ନିର୍ବାଚନରେ ବିଭିନ୍ନ ରାଜ୍ୟରେ ବିରୋଧ କରୁଥିଲେ, ଯଥା: ଆନ୍ଧ୍ର ପ୍ରଦେଶ, ଓଡିଶା, ପଶ୍ଚିମ

ବଙ୍ଗ, ତାମିଲନାଡୁ ଓ ମହାରାଷ୍ଟ୍ର । ସ୍ଥିର ସରକାର ପାଇଁ ମିଳିତ ସାମ୍ମୁଖ୍ୟକୁ କଂଗ୍ରେସ ସମର୍ଥନ ଦେଉଛି, କିନ୍ତୁ ରାଜ୍ୟମାନଙ୍କରେ କଂଗ୍ରେସ ବିରୋଧି ଦଳ ରୂପେ ରହିବାକୁ ସ୍ଥିର କରିଛି । ଏଭଳି ମିଳିତ ସରକାର ବେଶିଦିନ ତିଷ୍ଠିବା ଅସମ୍ଭବ । ତାହା ହିଁ ହେଲା । ଏବେ ଭାରତୀୟ ଜନତା ପାର୍ଟି କେତେକ ଆଞ୍ଚଳିକ ଦଳକୁ ଘେନି ମିଳିତ ସରକାର ଗଢିଛି । ଏ ସରକାର ମଧ୍ୟ କେତେକ ସର୍ବ-ସମ୍ମତ କାର୍ଯ୍ୟକ୍ରମ ଭିତ୍ତିରେ ଚାଲିଛି । ଆଞ୍ଚଳିକ ଟଣାଓଟରା ମିଳିତ ସରକାରର ଜାତୀୟ କାର୍ଯ୍ୟକ୍ରମକୁ ଏବଂ ଆଇନର ଶାସନକୁ ବେଳେ ବେଳେ ବ୍ୟାହତ କରୁଛି । ଆମ ଦେଶରେ ମିଳିତ ସରକାର ସଂସ୍କୃତି ଗଢି ନ ଉଠିଲା ଯାଏ ଏ ଭଳି ଅସଙ୍ଗତି ଲାଗି ରହିବ ।

# ବାପାମାନଙ୍କ କାମନିଶା ପିଲାଙ୍କୁ ବାଲୁଙ୍ଗା କରେ

ଜାପାନର ବୌଦ୍ଧଧର୍ମୀମାନେ ଭାରତୀୟ ହିନ୍ଦୁଙ୍କ ଭଳି ରକ୍ଷଣଶୀଳ । କେତେକ କ୍ଷେତ୍ରରେ ହିନ୍ଦୁଙ୍କଠାରୁ ବେଶି ରକ୍ଷଣଶୀଳ । ସେମାନେ ଆମ ଭଳି ତ ପାଶ୍ଚାତ୍ୟ ସଭ୍ୟତାର ଶାସନରେ ଦୁଇଶହ ବର୍ଷ କାଳ ନ ଥିଲେ ! ସେମାନେ ନିଜେ ପାଶ୍ଚାତ୍ୟ ସଭ୍ୟତାକୁ ଡାକି ଆଣିଥିଲେ, ଉଦ୍ଦେଶ୍ୟ ଥିଲା ପାଶ୍ଚାତ୍ୟ କାରିଗରୀ କୌଶଳ ନ ଶିଖିଲେ ପ୍ରତିଯୋଗିତାରେ ପଛରେ ପଡିଯିବେ । ୧୯୦୫ରେ ରୁଷିଆକୁ ନୌଯୁଦ୍ଧରେ ପରାସ୍ତ କଲା ପରେ ସେମାନେ ପାଶ୍ଚାତ୍ୟ ଶିକ୍ଷାପ୍ରତି ଅଧିକ ଆକୃଷ୍ଟ ହୋଇପଡିଲେ । କିନ୍ତୁ ସେମାନଙ୍କ ସାମାଜିକ ତଥା ଧାର୍ମିକ ଚାଲିଚଳଣି ରକ୍ଷଣଶୀଳ ରହିଛି । ସମ୍ପ୍ରତି ସମାଜରେ ନୂଆ ପିଢିର ପିଲାମାନେ କାହିଁକି ବାଲୁଙ୍ଗା ହୋଇପଡୁଛନ୍ତି ସେ ବିଷୟରେ ଜାପାନୀ ଅଭିଭାବକମାନେ ଚିନ୍ତିତ ହୋଇପଡିଛନ୍ତି ! ଏ ଦୃଷ୍ଟିରୁ ଆମ ଦେଶର ପରିସ୍ଥିତିକୁ ଜାପାନ ପରିସ୍ଥିତି ସହିତ ତୁଳନା କରିହେବ ।

୧୯୯୬ ମେ ୨୮ରେ ଟୋକିଓ ହାଇକୋର୍ଟ ରାୟ ଦେଲେ ଯେ କର୍ମଚାରୀମାନଙ୍କୁ ସେମାନଙ୍କ ଘର, ପରିବାର, ସ୍ତ୍ରୀଠାରୁ ଦୂରକୁ ବଦଳି କରିବାର ଅଧିକାର କମ୍ପାନୀମାନଙ୍କର ଅଛି । ବଦଳି ଆଦେଶକୁ ବେଖାତିର କଲେ କର୍ମଚାରୀକୁ ବରଖାସ୍ତ କରାଯାଇପାରିବ । ଯେଉଁ କର୍ମଚାରୀ ହାଇକୋର୍ଟ ପର୍ଯ୍ୟନ୍ତ ଏ ମାମଲାଟିକୁ ନେଇଥିଲେ ତାଙ୍କର ଆପତ୍ତି ଥିଲା ଯେ ପିଲାମାନଙ୍କଠାରୁ ବାପା ମା'ଙ୍କୁ ଦୂରେଇ ଦେଇ କମ୍ପାନୀମାନେ ପାରିବାରିକ ଜୀବନକୁ ଛିନ୍ନଛତ୍ର କରୁଛନ୍ତି, ସାମାଜିକ ଶୃଙ୍ଖଳାକୁ ବଡ ଧକା ଦେଉଛନ୍ତି, ଫଳରେ ସୁନାଗରିକର ଯେଉଁ ପାରିବାରିକ କର୍ତ୍ତବ୍ୟ ଅଛି ତାହା ପାଳନ କରିବାରେ ବାଧା ଆସୁଛି, ତେଣୁ କମ୍ପାନୀମାନେ ଏଭଳି ବଦଳି କରିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଆଦେଶ ହେଉ । ହାଇକୋର୍ଟର ବିରୋଧ ରାୟ ଘୋଷଣାର ପର ଦିନ ଜାପାନର ଶିକ୍ଷାମନ୍ତ୍ରୀ ଶ୍ରୀ ମିକିଓ ଓକୁଡା କମ୍ପାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ ଯଦି କମ୍ପାନୀମାନେ ବଦଳି କରିବାକୁ ବାଧ୍ୟ, ସେମାନେ ବାପାମାନଙ୍କୁ ଅଫିସ ସମୟ ପରେ ଅଫିସରେ ନ ଅଟକାନ୍ତୁ, ଶୀଘ୍ର ଛାଡନ୍ତୁ ଓ ବେଶି ଛୁଟି ନେବାକୁ ଉତ୍ସାହିତ କରନ୍ତୁ ଯେପରି ସେମାନେ ପିଲାମାନଙ୍କ ସହ ବେଶି ସମୟ କଟାଇପାରିବେ । ଜାପାନର ଫେଡେରେସନ ଅଫ୍ ଏମ୍ପ୍ଲୟର୍ସ ଆସୋସିଏସନ୍ସର ଚେଆରମ୍ୟାନ୍

ଶ୍ରୀ ଜିରୋ ନେମୋଟୋଙ୍କ ସହ ଏକ ସାକ୍ଷାତକାରରେ ସେ କହିଛନ୍ତି, ପିଲାମାନଙ୍କ ପ୍ରତି ପିତାମାତାଙ୍କ ନଜର ନ ରହିଲେ ନୂଆ ସ୍କୁଲରେ ପୁରୁଣାପିଲାଙ୍କ ଦାଦାଗିରି ଦ୍ୱାରା ପିଲାମାନେ ହଇରାଣ ହରକତ ହୋଇ ଯେଉଁ ମାନସିକ ଯନ୍ତ୍ରଣା ପାଇବେ, ତାହାହିଁ ପରେ ସେମାନଙ୍କୁ ଅସାମାଜିକ କରି ପକାଇବ । ଘରେ ହିଁ ବାପା ମା ପ୍ରାକୃତିକ ଯତ୍ନ ଦେଇପାରିବେ । ଏକାଠି କଥାବାର୍ତ୍ତା ହେବା, ଏକାଠି ଖାଇବା ପିଇବା, ଏକାଠି ବସାଉଠା ହେବା କେବଳ ଘରେ ହିଁ ସମ୍ଭବ । କର୍ମଜୀବୀ ବା ଶ୍ରମଜୀବୀ ବାପା ମାଆ ବିଶେଷତଃ ବାପା, ପିଲା ସହିତ ଯେତେ ବେଶି ସମୟ କଟାଇବ, ପରିବାର ଓ ପିଲାଙ୍କ ପାଇଁ ସେତେ ମଙ୍ଗଳ ।


ଚାକିରୀ ଜୀବନରେ କର୍ମଚାରୀମାନେ କାରଖାନାରେ ବା ଅଫିସ୍‌ରେ ଦୀର୍ଘ ସମୟ କଟାନ୍ତି, କାର୍ଯ୍ୟନିର୍ଘଣ୍ଟ ବାହାରେ ବି କାମ କରିଥାନ୍ତି । ଏହା ଏକ ପ୍ରକାରର ଅଭ୍ୟାସରେ ପଡିଯାଏ । ସମୟନିର୍ଘଣ୍ଟ ଅନୁଯାୟୀ ଯଦି କେହି ଚାଲିଗଲା ତାକୁ ଉପରିସ୍ଥ ଅଧିକାରୀ ଭଲ ଆଖିରେ ଦେଖେ ନାହିଁ । ଉପରିସ୍ଥ କର୍ମଚାରୀ ବା ସହକର୍ମୀଙ୍କ ସହିତ ଘଣ୍ଟା ଘଣ୍ଟା ଧରି ବାହାର କାମରେ ବାହାରିଯିବା, ବଡ ହାକିମ ଅଫିସରେ ବସିଥିବାଯାଏ କାମ ଥାଉ ନ ଥାଉ ଅଫିସରେ ବସି ରହିବା, ମନ୍ତ୍ରୀ ଅଫିସରେ ଥିବା ଯାଏ ସଚିବ ଚେଆରରେ ବସିଥିବା, ଯେମିତି ଗୋଟିଏ ଗୋଟିଏ କର୍ତ୍ତବ୍ୟ ହୋଇପଡିଛି । ଅଫିସରେ ବେଶି ସମୟ ରହୁ ନାହିଁ ବୋଲି ପ୍ରଚାର ହୋଇଗଲେ ନିଜର କାରିଅର (କର୍ମୋନ୍ନତିର ମାର୍ଗ) ନଷ୍ଟ ହୋଇଯିବ, ଏଭଳି ଏକ କାଳ୍ପନିକ ଚିନ୍ତାରେ କର୍ମଚାରୀଟି ଚୌକି ଛାଡି ଯାଏ ନାହିଁ, ଅଫିସ୍‌ଟିକୁ ଘର କରିଦିଏ, ଦିନ ରାତି ଭୁଲିଯାଏ । ଏମାନଙ୍କୁ ଆମେ ୱାର୍କାହୋଲିକ୍, କର୍ମନିଶାଗ୍ରସ୍ତ କହୁଁ । କାମ ନିଶାରେ ଭୋଳ ! ଏମାନେ ଗଧ ଭଳି ଖଟନ୍ତି, ତେଣୁ ଭଲ କାମ କରନ୍ତି ବୋଲି ଏକ ଧାରଣା ହାକିମଙ୍କର ହୋଇଯାଏ, ତେଣୁ କମ୍ପାନୀର କାମରେ ତାକୁ ପଦୋନ୍ନତି ଦିଆଯାଇ ଏ ଜାଗାରୁ ସେ ଜାଗାକୁ ବଦଳି କରାଯାଏ । ଏଭଳି କର୍ମଚାରୀ ପିଲାର ପାଠପଢା ପ୍ରତି ନଜର ରଖେ ନାହିଁ । ଅଧିକନ୍ତୁ ପିଲାର ସ୍କୁଲଯିବାରେ ଯେପରି ବ୍ୟାଘାତ ନ ଘଟେ, ସେଥିଲାଗି ବାପା ବଦଳି ଆଦେଶ ପାଇଲେ ଏକୁଟିଆ ଯିବାକୁ ପସନ୍ଦ କରେ, ପରିବାରକୁ ପୁରୁଣା ଜାଗାରେ ଛାଡିଯାଏ, ଏଥିରେ ବି ପିଲାର ପାଠପଢା ଖରାପ ହୁଏ, ପିଲା ବାପାର ସାହଚର୍ଯ୍ୟ ପାଏ ନାହିଁ, ବାପାର ଦିଗ୍‌ଦର୍ଶନ ପାଏ ନାହିଁ ।

ପ୍ରକାରାନ୍ତରେ ଯଦି ବାପା ବଦଳି ସହିତ ପିଲାକୁ ନୂଆ ଜାଗାକୁ ନେଇଯାଏ, ତହିଁରେ ପିଲାର ସମସ୍ୟା ସମାଧାନ ହୁଏ ନାହିଁ, ବରଂ ନୂଆ ନୂଆ ପ୍ରକାରର ସମସ୍ୟା ଜନ୍ମ ନିଏ । କାରଣ ସେଠାରେ ବି ବାପା ପିଲାର ପଢା ପ୍ରତି ନଜର ଦିଏ ନାହିଁ, ଅଥଚ ନୂଆ ଜାଗାରେ ପିଲା କିଛି ଦିନ ଖାପଛଡା ଅନୁଭବ କରି ଖରାପ ସାଙ୍ଗରେ ପଡେ । ଜାପାନର ଶିକ୍ଷା ମନ୍ତ୍ରଣାଳୟ ୧୯୯୬ରେ ପ୍ରକାଶ କରିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ ଯେଉଁ ପିଲାମାନେ ବାପାଙ୍କ ବଦଳି ଯୋଗୁ ଗୋଟିଏ ଜାଗାରେ ଘରଦ୍ୱାର ଛାଡି ଆଉ ଗୋଟିଏ ଜାଗାକୁ ଯାଆନ୍ତି, ବାପା ସାଙ୍ଗରେ ଥିଲେ ବି ପରିବେଶ, ସାଙ୍ଗସାଥି ଓ ସ୍କୁଲ ପରିବର୍ତ୍ତନ

ଯୋଗୁ ଗୋଟିଏ ମସ୍ତ ବଡ ମନସ୍ତାପ (ଷ୍ଟ୍ରେସ୍) ଭୋଗନ୍ତି । ନବାଗତ ଭାବେ ସେମାନେ ଅନ୍ୟ ଛାତ୍ରମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୁଅନ୍ତି । ନୂଆ ଜାଗାର ହାବଭାବ ସହିତ ଖାପଖୋଇ ଚଳିବାର ପ୍ରବଳ ଚାପ କେତେକ ପିଲା ସହି ପାରନ୍ତି ନାହିଁ, ଭାଙ୍ଗି ପଡନ୍ତି, କେତେକ ଫେଲ୍ ମାରନ୍ତି । ପୁରୁଣା ଛାତ୍ରଛାତ୍ରୀମାନେ ନବାଗତ ଉପରେ ପ୍ରଭୁତ୍ୱ ଜାହିର କରନ୍ତି । ଯେଉଁ କେତେକ ପିଲାଙ୍କ ପାଇଁ ଏଭଳି ଚାପ ଅସହ୍ୟ ହୋଇପଡେ, ସେମାନେ ଯଥାସମୟରେ ବାପା ମା'ଙ୍କ ସାହଚର୍ଯ୍ୟ ତଥା ନିୟନ୍ତ୍ରଣ ନ ପାଇଲେ ଗୋଠଖଣ୍ଡିଆ ହୋଇପଡନ୍ତି, ଅସାମାଜିକ କିମ୍ବା ଚୋରମୁହାଁ ହୋଇପଡନ୍ତି, ଦୁନିଆକୁ ଡରନ୍ତି । କିମ୍ବା ଦୁନିଆଠାରୁ ବିଦାୟ ନେବା (ଆତ୍ମହତ୍ୟା) ପସନ୍ଦ କରନ୍ତି । ଜାପାନର ୪୦,୦୦୦ ପବ୍ଲିକ୍ ସ୍କୁଲ ସମ୍ପର୍କରେ ଶିକ୍ଷା ମନ୍ତ୍ରଣାଳୟ କରିଥିବା ଏକ ବାର୍ଷିକ ସର୍ଭେରୁ ଜଣାପଡେ ଯେ ୧୯୯୪ ରେ ୫୬,୬୦୦ରୁ ଅଧିକ ପିଲାଏ ଲାଞ୍ଛିତ ଅନୁଭବ କରିଥିଲେ । ଅପମାନ, ଲାଞ୍ଛନା ଆଦି ସହି ନ ପାରି ୧୬୬ ଛାତ୍ର ଆତ୍ମହତ୍ୟା କରିଥିଲେ । ଆମ ଦେଶର ବୈଷୟିକ ମହାବିଦ୍ୟାଳୟମାନଙ୍କରେ ରାଗିଙ୍ଗ୍ ଭଳି ଯନ୍ତ୍ରଣାଦାୟକ ଲାଞ୍ଛନା ଯେପରି ହୁଏ, ସେ କଥା ଛାଡନ୍ତୁ, ସେ ତ ଉପରସ୍ତରର ଶିକ୍ଷାୟତନ । କେବଳ ସ୍କୁଲ ସ୍ତରର ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥାର କଥା ବୁଝନ୍ତୁ ।

ଏହିସବୁ କାରଣରୁ ଶ୍ରୀ ଓକୁଡା ଫେଡେରେସନ ଅଫ୍ ଏମ୍ପ୍ଲୟର୍ସ ଆସୋସିଏସନ୍ସର ଚେଆର୍‌ମାନ୍ ଶ୍ରୀ ଜିରୋ ନେମୋଟୋଙ୍କୁ ଅନୁରୋଧ କରିଛନ୍ତି କି ସେ କମ୍ପାନୀମାନଙ୍କରେ ଚାଲିଥିବା ବାଧ୍ୟତାମୂଳକ ଓଭରଟାଇମ୍ କାମ କମାନ୍ତୁ; କର୍ମଚାରୀମାନେ ଯେପରି ଘରଠାରୁ ଦୂରକୁ ବଦଳି ନ ହୁଅନ୍ତି ଏବଂ ସହଜରେ ଛୁଟି ନେଇପାରନ୍ତି ସେ ଦିଗରେ ତାଙ୍କ ଆସୋସିଏସନର ସଭ୍ୟମାନଙ୍କୁ ପ୍ରବର୍ତ୍ତାନ୍ତୁ ।

ଏ ଭଳି ଚିନ୍ତାଧାରା ଆମ ଦେଶରେ କେବେ ଆସିବ ? କଣ ଆମ ପିଲାମାନେ ପୂରାପୂରି ବାଲୁଙ୍ଗା ହୋଇଗଲା ପରେ ଆମର ଚେତା ପଶିବ ?



# ଆମେରିକୀୟ ଦାଦାଗିରି

୧୯୮୦ ଦଶକ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ୟୁନିଅନ୍ ଦୁଇଟି ବୃହତ୍ ଶକ୍ତି ଭାବରେ ପରସ୍ପର ଭାରସାମ୍ୟ ରଖୁଥିଲାବେଳେ ପୃଥିବୀର ରାଜନୀତି ଭିନ୍ନ ରକମର ଥିଲା । ଜଣଙ୍କର ଦାଦାଗିରି ଦେଖିଲେ, ଅନ୍ୟଜଣଙ୍କ ଶରଣ ପଶିହେଉଥିଲା; ଅନ୍ତତଃ ତାର ଦ୍ୱାରସ୍ଥ ହେବାର ସୁଯୋଗ ଥିଲା; ତେଣୁ କାହାରି ତୋଡରେ ଡରିଯିବାର ଅବସର କମ୍ ଥିଲା । ଗୋଟିଏ ଶକ୍ତି ପକ୍ଷରୁ ନ୍ୟାୟୋଚିତ (କିମ୍ବା ନିଜର ସ୍ୱାର୍ଥର ଅନୁକୂଳ ବ୍ୟବହାର) ନ ମିଳିଲେ ଆଉ ଜଣଙ୍କ ପାଖକୁ ଯାଇ ହେଉଥିଲା । ଅଥବା ଦୁଇ ଶକ୍ତି ମଝିରେ ନିରପେକ୍ଷ ରହିବା (ନିରପେକ୍ଷ ଗୋଷ୍ଠୀର ସଭ୍ୟ ହେବା) ଦ୍ୱାରା ମଧ୍ୟ କିଛି ଲାଭ ଉଠାଯାଇ ପାରୁଥିଲା । କିନ୍ତୁ ସୋଭିଏତ୍ ୟୁନିଅନ୍‌ରେ କମ୍ୟୁନିଷ୍ଟ ଶାସନର ପତନ ପରେ ସୋଭିଏତ୍ ୟୁନିଅନ ତ ଭାଙ୍ଗିଗଲା, ଯୁକ୍ତରାଷ୍ଟ୍ର ଆମେରିକା ନିରଙ୍କୁଶ ହୋଇ ନିଜକୁ ସାରା ପୃଥିବୀର ଅଭିଭାବକ ଭୂମିକାରେ ଦେଖିଲା । ଅନ୍ୟ ଦେଶରେ ଆଇନ ଶୃଙ୍ଖଳାର ରକ୍ଷାକାରୀ, ସେଠାକାର ନୀତିନିୟମର ତଦାରଖକାରୀ ରୂପେ ନିଜକୁ ସାଜିଲା । ଜୋର ଯାର ନିୟମ ତାର, ତେଣୁ ଅନ୍ୟ ଦେଶର ସାର୍ବଭୌମତ୍ୱ ତା ପାଖରେ ତୁଚ୍ଛ ମନେ ହେଲା । ଅନ୍ୟର ଆଭ୍ୟନ୍ତରୀଣ ବ୍ୟାପାର ଓ ନିଜର ଆଭ୍ୟନ୍ତରୀଣ ବ୍ୟାପାର ମଧ୍ୟରେ ଫରକ ଦେଖିଲା ନାହିଁ । ଗୋଟିଏ କଥାରେ କହିଲେ : ଆମେରିକା ଯୁକ୍ତରାଷ୍ଟ୍ର ବିଶ୍ୱର ପୋଲିସ୍ ସାଜିଲା ।

ବାଣିଜ୍ୟ କାରବାରରେ କୌଣସି ରାଷ୍ଟ୍ର ମାର୍କିନ୍ ସ୍ୱାର୍ଥର ପ୍ରତିକୂଳ ହେଲେ, ଯୁକ୍ତରାଷ୍ଟ୍ର ବାଣିଜ୍ୟିକ ଆଇନର ସୁପର ୩୦୧ ଧାରା ଅନୁଯାୟୀ ସେ ରାଷ୍ଟ୍ର ବିରୁଦ୍ଧରେ ବାଣିଜ୍ୟ କାରବାରରେ ବାସନ୍ଦ କରୁଥିଲା ବା ବାସନ୍ଦ କରିବାର ଧମକ ଦେଉଥିଲା । ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରେ ଯୁକ୍ତରାଷ୍ଟ୍ର ଆମେରିକାର ଡଲାର ଏକ ଆୟୁଧର କାମ କରେ । ଅଧିକାଂଶ ଦେଶ ଆନ୍ତର୍ଜାତୀୟ ବାଣିଜ୍ୟ କାରବାରରେ ଡଲାରକୁ ନିୟାମକ ମୂଲ୍ୟ ରୂପରେ ଗଣନ୍ତି । ଡଲାର ମୂଲ୍ୟ ଅନୁଯାୟୀ ନିଜ ମୁଦ୍ରାର ମୂଲ୍ୟ କମିଲେ ବାଣିଜ୍ୟ କାରବାରରେ ତଦନୁରୂପ କ୍ଷତି ହୁଏ, ବୈଦେଶିକ ବିନିମୟ ମୁଦ୍ରା କମିଯାଏ । ତେଣୁ

ଅନ୍ୟ ରାଷ୍ଟ୍ରମାନେ ଯୁକ୍ତରାଷ୍ଟ୍ର ଆମେରିକାର ବ୍ୟବସାୟ ବାସନ୍ଦ ଧମକକୁ ଡରନ୍ତି ।

ଦିନଥିଲା, ଯୁକ୍ତରାଷ୍ଟ୍ରର ଅନୁସରଣରେ ତା'ର ମିତ୍ର ରାଷ୍ଟ୍ରମାନେ ମଧ୍ୟ ବାସନ୍ଦରାଷ୍ଟ୍ର ସହ ବ୍ୟବସାୟ କମାଇ ଦେଉଥିଲେ । ଏବେ ଅବସ୍ଥା ବଦଳିଲାଣି । ସୋଭିଏତ୍ ୟୁନିଅନରେ କମ୍ୟୁନିଷ୍ଟ ଶାସନ ଥିଲାବେଳେ ପଶ୍ଚିମ ୟୁରୋପର ଅଣ-କମ୍ୟୁନିଷ୍ଟ ରାଷ୍ଟ୍ରମାନେ ସଦାସର୍ବଦା ଯୁକ୍ତରାଷ୍ଟ୍ର ଆମେରିକା ସପକ୍ଷରେ ଥିଲେ । ଦ୍ୱିତୀୟ ମହାଯୁଦ୍ଧ ପରଠାରୁ ଯୁକ୍ତରାଷ୍ଟ୍ର ଆମେରିକାର ଅର୍ଥ ସାହାଯ୍ୟରେ ଏହି ରାଷ୍ଟ୍ରମାନେ ନିଜର ଯୁଦ୍ଧୋତ୍ତର ଅର୍ଥନୈତିକ ପୁନରୁଦ୍ଧାର କରି ପାରିଥିବାରୁ ଯୁକ୍ତରାଷ୍ଟ୍ର ଆମେରିକାଠାରେ କୃତଜ୍ଞ ଥିଲେ । ଏବେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାର ଗୋଡାଣିଆ ହେବାକୁ ଚାହାନ୍ତି ନାହିଁ ।

ସମ୍ପ୍ରତି କ୍ୟୁବାରେ ବ୍ୟବସାୟ କରିବା ଘଟଣାରେ ୟୁରୋପିଆନ୍ ୟୁନିଅନ୍ ଆମେରିକା ଯୁକ୍ତରାଷ୍ଟ୍ରର ବିରୋଧ କରିଛି । ବିଶ୍ୱ ବଜାରରେ ଜାତୀୟ ପ୍ରତିବନ୍ଧକଗୁଡ଼ିକୁ ହଟାଇ ମୁକ୍ତ ଆନ୍ତର୍ଜାତୀୟ ବଜାର ପ୍ରତିଷ୍ଠା କରିବାର ଲକ୍ଷ୍ୟ ନେଇ ଯୁକ୍ତରାଷ୍ଟ୍ର ଆମେରିକା ଲାଗି ପଡି ଗାଟ୍ (General Agreement on Tariff & Trade; ସଂକ୍ଷେପରେ, GATT) ଚୁକ୍ତି ସ୍ୱାକ୍ଷରିତ କରାଇନେଲା ଏବଂ ତଦନୁଯାୟୀ ବିଭିନ୍ନ ବିବାଦର ସମାଧାନ ପାଇଁ ଏକ ବିଶ୍ୱ ବାଣିଜ୍ୟ ସଂସ୍ଥା ( WTO ) ଗଢାହେଲା : ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟ କାରବାରରେ ଉପୁଜୁଥିବା ବିବାଦକୁ ସମାଧାନ କରିବାର ଗୋଟିଏ ନିରପେକ୍ଷ ଆନ୍ତର୍ଜାତୀୟ ଅଦାଲତ ଭଳି କାମ କରିବା ଏହାର ଉଦ୍ଦେଶ୍ୟ । ଏହାସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକା ତା'ର ଦାଦାଗିରି ଛାଡିନାହିଁ; ବଡ ଭାଇ ମନୋଭାବ ରଖି ବେଳେବେଳେ ଚାବୁକ ମାରୁଛି । କୃଷିଗତ ବାଣିଜ୍ୟ କାରବାରରେ ୟୁରୋପର କେତେକ ଦେଶ ଆମେରିକାକୁ ପ୍ରତିଦ୍ୱନ୍ଦୀ ଭାବନ୍ତି; ସେମାନେ ମିଶି ଗଢିଥିବା ୟୁରୋପିଆନ୍ କମ୍ୟୁନିଟି ବା ୟୁରୋପିୟାନ ୟୁନିଅନ ଆନ୍ତର୍ଜାତୀୟ ବଜାରରେ ନିଜ ସଭ୍ୟ-ରାଷ୍ଟ୍ରମାନଙ୍କର କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଟକ୍କର ଦେଇ ଆସିଛି ।

ଯୁକ୍ତରାଷ୍ଟ୍ର ଆମେରିକାର ବାଣିଜ୍ୟ ସ୍ୱାର୍ଥରେ ବାଧା ପଡିଲେ, ଯୁକ୍ତରାଷ୍ଟ୍ର ଆମେରିକା ଥରେ ଚୀନକୁ ବାଣିଜ୍ୟବାସନ୍ଦ ଆଇନ ଲାଗୁ କରିବ ବୋଲି ଧମକ ଦେଇଛି ତ ଆଉ ଥରେ ଜାପାନକୁ ଅନୁରୂପ ଧମକଦେଇଛି । ଏ ଧମକ ଦେବା ମୂଳରେ ରହିଛି ନିଜ ନାଗରିକମାନଙ୍କର ବାଣିଜ୍ୟିକ ଲାଭ-କ୍ଷତିର ହିସାବ । ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକା ଦେଖୁଛି ଯେ ବ୍ୟବସାୟ ବନ୍ଦ କଲେ ଲାଭଠାରୁ କ୍ଷତି ବେଶି ହେବ, ସେତେବେଳେ ଚୀନକୁ ଉତ୍ତମ ଅନୁଗୃହୀତ ରାଷ୍ଟ୍ରର (Most Favoured Nation) ବ୍ୟବହାର ଦେଉଛି ତ ଜାପାନକୁ ପ୍ରେସିଡେଣ୍ଟ କ୍ଲିଣ୍ଟନଙ୍କ ଗସ୍ତ ଜରିଆରେ ଅର୍ଥନୈତିକ ପ୍ରୋତ୍ସାହନ ଦେଉଛି ।

ନିଜର ଲାଭ-କ୍ଷତିର ହିସାବ ଅନୁସାରେ କ୍ଷତିର ପଲା ଭାରୀ ହେଉଛି ବୋଲି

ଧରଣା ଆସିଗଲେ ଏଭଳି ରକମର ସାଲିସ୍ କରି ନେଉଛି । ଏବେ ତ ଆମେରିକା କ୍ୟୁବା ସହ କେତେକ କୋହଳ ନୀତି ଗ୍ରହଣ କଲାଣି । ୧୯୫୯ରେ କ୍ୟୁବାରେ ଫିଡେଲ୍ କାଷ୍ଟ୍ରୋଙ୍କ ବିପ୍ଳବ ସଫଳ ହେଲା ପରଠାରୁ ଯୁକ୍ତରାଷ୍ଟ୍ର ଆମେରିକା କ୍ୟୁବାରେ ବ୍ୟବସାୟ କରୁଥିବା ମାର୍କିନ୍ ନାଗରିକମାନଙ୍କ ସମ୍ପତ୍ତି ବାଡିକୁ ଜବତ କଲା । ୧୯୬୬ ଫେବୃଆରୀରେ କ୍ୟୁବାର ମିଗ୍ ବିମାନ ଆମେରିକାର ଦୁଇଟି ବେସାମରିକ ବିମାନକୁ ଗୁଳି କରି ଖସାଇ ଦେଇଥିଲା ଓ ତହିଁରେ କ୍ୟୁବା ଆସୁଥିବା ମିଆମିସ୍ଥ ୪ ଜଣ ଶରଣାର୍ଥୀ ମୃତ୍ୟୁବରଣ କରିଥିଲେ । ପରିଣାମରେ ଦୁଇଜଣ ରିପବ୍ଲିକାନ୍ ସାଂସଦ ମାର୍ଚ୍ଚ ମାସରେ ବିଧେୟକ ଆଣିଲେ, ସେମାନେ ପେଶ୍ କରିଥିବା କ୍ୟୁବାବିରୋଧୀ ବିଲ୍ 'ହେମ୍ସ୍ ବର୍ଟନ ଲ'(Helms Burton Law ) ନାମରେ କଂଗ୍ରେସ୍‌ରେ ଗୃହୀତ ହୋଇଗଲା । ବିଧାୟକଦ୍ୱୟଙ୍କ ନାମ ଅନୁଯାୟୀ ଆଇନର ନାମ ରଖାଯାଇଛି । ଆଇନଟି ପାଶ୍ ହେବା ଦିନଠାରୁ ୟୁରୋପିଆନ୍ ୟୁନିଅନ୍ ଓ ଅନ୍ୟ ମିତ୍ର ଦେଶମାନେ ଏହା ବିରୁଦ୍ଧରେ ଆପତ୍ତି ଉଠାଇ ଆସିଛନ୍ତି । ସମ୍ପ୍ରତି ଏହି ଆପତ୍ତି ଧମକରେ ପରିଣତ ହେବାରୁ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି କ୍ଲିଣ୍ଟନ୍ ଏବେ ଆଇନକୁ କୋହଳ କରିବାର ଚିନ୍ତା କରୁଛନ୍ତି । ହେମ୍ସ୍ ବର୍ଟନ ଲ ଅନୁଯାୟୀ ଯେଉଁ ବ୍ୟକ୍ତି ବା କମ୍ପାନୀମାନେ ଜବତ୍ ହୋଇଥିବା ସମ୍ପତ୍ତି ଓ ଧନ ବ୍ୟବହାର କରି ଅର୍ଥାତ୍ ପୁଞ୍ଜି ଭାବରେ ଲଗାଇ କ୍ୟୁବାରେ ବ୍ୟବସାୟ ବାଣିଜ୍ୟ କରିବେ, ସେମାନେ ଦଣ୍ଡନୀୟ ହେବେ । ହେମ୍ସ୍ ବର୍ଟନ ଆଇନ ଅନୁଯାୟୀ ଏ ପ୍ରକାର ଜବତ ଧନ ଓ ସମ୍ପତ୍ତିକୁ ଚୋରା ମାଲ ଭଳି ମନେ କରାଯାଏ । ତେଣୁ ଯୁକ୍ତରାଷ୍ଟ୍ର ସରକାର ତାକୁ ଯେଉଁଠି ପାଇବ ଜବତ୍ କରିବ । ଆଇନର ୩ୟ ଧାରା (ଟାଇଟ୍ଲ ୩) ଅନୁଯାୟୀ ଯେଉଁ ବିଦେଶୀ କମ୍ପାନୀମାନେ କ୍ୟୁବାରେ କାଷ୍ଟ୍ରୋ ଜବତ୍ କରିଥିବା ମାର୍କିନ୍ ନାଗରିକମାନଙ୍କ ସମ୍ପତ୍ତିକୁ କିଣାବିକା କରିବେ ସେମାନଙ୍କ ବିରୁଦ୍ଧରେ ମାର୍କିନ୍ କୋର୍ଟରେ ମକଦ୍ଦମା କରିହେବ ।

କିଛଇ ଦିନ ତଳେ ଫ୍ରାନ୍ସ, ଇଜ୍‌ରାଇଲ ଓ ସ୍ପେନ୍‌ର ତିନୋଟି କମ୍ପାନୀ କ୍ୟୁବାରେ ପୁଞ୍ଜି ଲଗାଇବା ପାଇଁ ମନସ୍ଥ କଲେ । ଫରାସୀ ମଦ ଉତ୍ପାଦନକାରୀ କମ୍ପାନୀ ପର୍ନୋଡ ରିକାର୍ଡ (Pernod-Recard), ସ୍ପେନ୍‌ର ହୋଟେଲ ଚେନ୍ ଶୋଲ ମେଲିଆ (Chain Sol Melia) ଓ ଇଜ୍‌ରାଇଲର କୃଷି ବାଣିଜ୍ୟ-ବ୍ୟବସାୟୀ ସଂଘ ବିଏମ୍ (BM) କମ୍ପାନୀ ବର୍ତ୍ତମାନ କ୍ୟୁବାରେ ପୁଞ୍ଜି ଲଗାଇ କମ୍ପାନୀ ବସାଇବାର ଚେଷ୍ଟା କରୁଥିବାରୁ ସେମାନଙ୍କୁ ଯୁକ୍ତରାଷ୍ଟ୍ର ସରକାର ଆଇନ ଅନୁଯାୟୀ କାହିଁକି ଦଣ୍ଡନୀୟ ନ ହେବେ ବୋଲି ନୋଟିସ୍ ଜାରି କରିଦେଲେ । ଆଉ ଗୋଟିଏ ଧାରା ଅନୁଯାୟୀ କାନାଡାର ଶେରିଟ୍ଟ ଇଣ୍ଟରନାସନାଲ୍ କର୍ପୋରେସନ ଲିମିଟେଡ୍ ନାମକ ଖଣି ଓ ଶକ୍ତି କାମରେ ଲାଗିଥିବା କମ୍ପାନୀର ଅଂଶୀଦାର ତଥା ବରିଷ୍ଠ ଅଧିକାରୀମାନଙ୍କୁ ଭିସା ମନା କରିଦେଲେ । ମୋଆବେ କର୍ପୋରେସନ ନାମକ ଏକ ମାର୍କିନ

କମ୍ପାନୀର ନିକେଲ୍ ଖଣି ଶେରିଙ୍ଗ ନେଇଥିବାର ଅଭିଯୋଗ ଅଛି । ୟୁରୋପିଆନ୍ ୟୁନିଅନ ଏହାର ପ୍ରତିବାଦ କଲାରୁ ମାର୍କିନ୍ ଟ୍ରେଜେରୀ ସେକ୍ରେଟାରୀ ରବର୍ଟ ରୁବିନ୍ କହିଲେ, ରାଷ୍ଟ୍ରପତି କ୍ଲିଣ୍ଟନ୍ ଆଇନର ଏ ଧାରାଗୁଡିକୁ ଆପାତତଃ ବାତିଲ କରିପାରନ୍ତି ।

ୟୁରୋପିଆନ୍ ୟୁନିଅନ୍ କହନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକାର ଏ ପ୍ରକାର ହସ୍ତକ୍ଷେପ କ୍ଷମତା ବହିର୍ଭୁତ । ଏ ପ୍ରକାର ଆଭ୍ୟନ୍ତରୀଣ ଆଇନକୁ ଯୁକ୍ତରାଷ୍ଟ୍ର ଆମେରିକା ବାହାରେ ଅନ୍ୟମାନଙ୍କ ପ୍ରତି ଲାଗୁ କରିବା ଅନ୍ୟର ସାର୍ବଭୌମତ୍ୱ ଉପରେ କଠୋର ଆଘାତ ହେବ । ଏ ପ୍ରକାରର ଯୁକ୍ତିକୁ ରାଷ୍ଟ୍ରପତି କ୍ଲିଣ୍ଟନ ଆପାତତଃ ଗ୍ରହଣ କରିନେଇଛନ୍ତି । ନ ନେଇଥିଲେ ୟୁରୋପିଆନ୍ ୟୁନିଅନ୍ ଆମେରିକା ପ୍ରତି ପାଲଟର ବାସନ୍ଦ ବ୍ୟବସ୍ଥା ଲାଗୁ କରିଥାନ୍ତା ।

# କୋରିଆର ନିର୍ବାଚନ ଓ ଲାଞ୍ଚ

ଆମ ଦେଶରେ ଯେପରି ଲାଞ୍ଚର ସହସ୍ର ନାମ, କୋରିଆରେ ସେହିପରି ଲାଞ୍ଚର ବହୁତ ନାମ । କେତେକ କହନ୍ତି ଟିଟକ୍-ଗାପ୍‌କୁ ବା ଚକୁଳିଖିଆ ଖର୍ଚ୍ଚ (ରାଇସ୍ କେକ୍ ଏକ୍ସପେନ୍ସେସ୍) ତ ଆଉ କେତେକ କହନ୍ତି ଲଫାପା (ଏନଭେଲପ୍) । ଦକ୍ଷିଣ କୋରିଆର ୬୯% ପିତାମାତା ପିଲାର ଶିକ୍ଷକଙ୍କୁ ଚୋଞ୍ଜି ( ଖୁସିହୋଇ ସାମାନ୍ୟ କିଛି ଦେବା) ବା ଭେଟି ଦିଅନ୍ତି । ଖୁସିରେ ସାମାନ୍ୟ କିଛି ଦେବା ସାଧାରଣତଃ ନଗଦ ଲଫାପା । ୧୯୯୬ ଏପ୍ରିଲ ୧୧ ଗୁରୁବାର ଦିନ ହୋଇଥିବା ଦକ୍ଷିଣ କୋରିଆର ସଂସଦୀୟ ନିର୍ବାଚନରେ ଲାଞ୍ଚ ହିଁ ଥିଲା ମୁଖ୍ୟ ପ୍ରଶ୍ନ । ଏଥର ନିର୍ବାଚନକୁ ରାଷ୍ଟ୍ରପତି କିମ୍ ୟଙ୍ଗ-ସାଙ୍ଗଙ୍କ କାର୍ଯ୍ୟକଳାପ ଉପରେ ଏକ ଲୋକମତ ସଂଗ୍ରହ ବା ରେଫରେଣ୍ଡମ ମନେ କରାଯାଉଥିଲା । ତାଙ୍କ ଗତ ତିନିବର୍ଷର କାର୍ଯ୍ୟକାଳ ଯୁଗ ଯୁଗ ଧରି ଦକ୍ଷିଣ କୋରିଆକୁ ଘାରି ରହିଥିବା ସୁଦୂରପ୍ରସାରୀ ବ୍ୟଭିଚାର ବିରୋଧରେ ଏକ ଆନ୍ଦୋଳନ ଥିଲା । ବିଭିନ୍ନ ଦଳର ପ୍ରାର୍ଥୀମାନେ ବି ଶ୍ରୀ କିମ୍‌ଙ୍କ ଭ୍ରଷ୍ଟାଚାର ବିରୋଧୀ ହାୱାରେ ଭାସିଥିଲେ । ମନେ ରଖିବା କଥା ଯେ ସ୍ୱାଧୀନ କେନ୍ଦ୍ରୀୟ ନିର୍ବାଚନ ପରିଚାଳନା କମିଟି ୧୩୨ (ମୋଟ ପ୍ରାୟ ୧୩୦୦ ପ୍ରାର୍ଥୀଙ୍କର ୧୦%) ପ୍ରାର୍ଥୀଙ୍କ ବିରୁଦ୍ଧରେ ନିର୍ବାଚନ-ପ୍ରଚାର ନିୟମ ଭଙ୍ଗ କରିଥିବା ଅଭିଯୋଗର ଅନୁସନ୍ଧାନ କରୁଥିଲେ, ତାହା ଏବେ ବି ସରିନାହିଁ । କିମ୍‌ଙ୍କ ନିଜ ଭାବମୂର୍ତ୍ତି ବି ମଳିନ ପଡିଥିଲା : ସାମରିକ ବାହିନୀ ସମର୍ଥିତ ତାଙ୍କ ଦୁଇ ପୂର୍ବାଧିକାରୀଙ୍କୁ ଜେଲ୍ ପଠାଇବାରେ ଯେଉଁ ପଇସା ଖର୍ଚ୍ଚ କରିଛନ୍ତି ତାହା ତାଙ୍କ ସହ ୨୦ ବର୍ଷକାଳ ବ୍ୟକ୍ତିଗତ ସହକାରୀ ଭାବେ କାମ କରିଥିବା ଚାଙ୍ଗ ହାକ୍-ରେ ବ୍ୟବସାୟୀମାନଙ୍କଠାରୁ ସଂଗ୍ରହ କରିଥିଲେ । ଅପ୍ରେଲ ପ୍ରଥମ ସପ୍ତାହରେ ସେହି କର୍ମଚାରୀ ଜଣକ ଏହି ଅଭିଯୋଗରେ ଗିରଫ ହୋଇଛି । ସରକାରୀ ଓକିଲ ବି ତାଙ୍କ ବିରୁଦ୍ଧରେ ୭,୮୭,୦୦୦ ଡଲାର ଆତ୍ମସାତ୍ କରିଥିବା ଅଭିଯୋଗ କରିଥିଲେ, ୨୭ ଲକ୍ଷ ଡଲାର ଛାଡିଦେଇଥିଲେ, କାରଣ ସେତକ ପଇସା ସେ ଚକୁଳିଖିଆ ଖର୍ଚ୍ଚ ଆକାରରେ ପାଇଥିଲେ । ଆଇନରେ ଏତେ ଛୋଟ ଛୋଟ ଦାନ ଧର୍ତ୍ତବ୍ୟ ଅପରାଧ ନୁହେଁ । ଏଥିରୁ

ମନେହୁଏ ଅଳ୍ପ ଅଳ୍ପ ଲାଞ୍ଚ ନେବା ଲାଞ୍ଚ ନୁହେଁ । ସିଓଲର କୋରିଆ ୟୁନିଭର୍ସିଟିର ଅଧ୍ୟାପକ ସୁହ ଜି-ମୁନ୍‌ଙ୍କ ମତରେ 'ଦକ୍ଷିଣ କୋରିଆର ସରକାରୀ କର୍ମଚାରୀମାନେ ବିନା ଭୟରେ ବ୍ୟବସାୟୀ ମାନଙ୍କଠାରୁ ଅଳ୍ପ ଅଳ୍ପ କରି, ସାଧାରଣତଃ ୧୨,୮୦୦ ଡଲାରରୁ କମ, ନଗଦ ନାରାୟଣ ଭଳି ଯାହା ନେଇପାରନ୍ତି' ତାହା ହେଉଛି ଟିଟକ୍-ଗାପ୍‌କୁ । ଆସୋସିଏସନ ଫର୍ ପର୍ଜିଙ୍ଗ ଅଫ୍ ଇରେଗୁଲାରିଟିଜ୍ ଆଣ୍ଡ କରପ୍‌ସନ୍ ନାମକ ଏକ ସାମାଜିକ ଆନ୍ଦୋଳନାତ୍ମକ ସଂସ୍ଥାର ମୁଖ୍ୟ ହ୍ୱାଙ୍ଗ ସୁକ-ହା କହନ୍ତି- 'ସାରା କୋରିଆନ୍ ସାମାଜ ତ ଭ୍ରଷ୍ଟାଚାରଗ୍ରସ୍ତ, ଭ୍ରଷ୍ଟାଚାର ଯାଉଛି କୋଉଠୁ ? ଥରେ ଅଧେ ଉପହାରଟିଏ ଦେବା ଆଉ ଲାଞ୍ଚ ଭିତରେ ଯେ କିଛି ବ୍ୟବଧାନ ଅଛି ତାହା କୋରିଆରେ କେବେ ସ୍ପଷ୍ଟ ହୋଇନାହିଁ । ଏକ ସମ୍ବାଦପତ୍ର ଗତ ଜାନୁୟାରୀରେ ଲୋକମତ ସଂଗ୍ରହ କରି ଦେଖାଇଛି ଯେ ଟ୍ରାଫିକ୍ ଆଇନର ଖିଲାପରୁ ରକ୍ଷା ପାଇବା ଲାଗି ପୋଲିସକୁ ପଇସା ଦେବା ଲାଞ୍ଚ ନୁହେଁ ବୋଲି ୪୫% କୋରିଆନ୍ କହନ୍ତି । ଛୋଟ ଛୋଟ ଦୈନନ୍ଦିନ ଲାଞ୍ଚକୁ ବକସିସ୍ ଓ ପାନଖିଆ ବା ଚା'ପାନ ଖର୍ଚ୍ଚ ବୋଲି କହି ଯେମିତି ଆମ ଦେଶରେ ଲୌକିକ କାରବାର ମିତରେ ଗଣାଯାଉଛି । ୧୯୯୬ ଫେବୃୟାରୀରେ ସିଓଲ୍ ଏଜୁକେସନ ବୋର୍ଡ ଜଣେ ଶିକ୍ଷୟିତ୍ରୀକୁ ଚାକିରିରୁ ବରଖାସ୍ତ କରିଛନ୍ତି, କାରଣ ସେ କେଉଁ କେଉଁ ଜିନିଷକୁ ଉପହାର ରୂପେ ପାଇବାକୁ ଭଲ ପାଆନ୍ତି ତାହାର ଏକ ତାଲିକା ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କୁ ପଠାଇଥିଲେ; ତହିଁରେ ଉଦାହରଣ ସ୍ୱରୂପ ବିଦେଶୀ ବବ୍‌ଲ ବାଥ୍ ଓ ସିଲ୍କ ବ୍ଲାଉଜ ଥିଲା । ବହୁତ ସରକାରୀ କର୍ମଚାରୀ ଅଳ୍ପ ଅଳ୍ପ ପଇସା ଉପହାର ରୂପେ ପାଇବାକୁ ଚାକିରିର ଅଙ୍ଗ ବୋଲି ଧରି ନେଇଛନ୍ତି । ଉପୁରି ଲାଗି ସତେ ଯେପରି ସେମାନଙ୍କ ଚାକିରି । ଆଉ ବ୍ୟବସାୟୀ ଓ ଶିଳ୍ପପତିମାନେ ଭାବନ୍ତି କର୍ମଚାରୀ ଓ ନେତାମାନଙ୍କୁ ହାତଗୁଞ୍ଜା ଦେବା କିଛି ଖରାପ କଥା ନୁହେଁ । ଆମ ଦେଶରେ ନବବର୍ଷ ବା ଦୀପାବଳି ପର୍ବ ପାଳିବା ଆଳରେ ବ୍ୟବସାୟୀମାନେ ବେଶ୍ କିଛି ଉପହାର ଦିଅନ୍ତି, ସେସବୁ ଲାଞ୍ଚ ନୁହେଁ ତ ଆଉ କ'ଣ ? ରାଜନୀତି କରୁଥିବା ନେତାମାନେ ବି ଲାଞ୍ଚ ଦେଇଥାନ୍ତି, ଯଥା ଦଳର ନମିନେସନ୍ ପାଇବା ପାଇଁ । କାରଣ କେତେକ ଇଲାକାରେ ଭୋଟରମାନେ ଗୋଟିଏ ଗୋଟିଏ ଦଳ ପ୍ରତି ଏତେ ଅନୁରକ୍ତ ଯେ ଦଳର ମନୋନୟନ ହେଲା ମାନେ ବିଜୟ ନିଶ୍ଚିତ । (ଆମେ କହୁଁ ସେଫ୍ ସିଟ୍) । କୋରିଆରେ ଗତ ନିର୍ବାଚନରେ ଅନ୍ତତଃ ୪ ଜଣ ପ୍ରାର୍ଥୀ ସେମାନଙ୍କ ଦଳର ପ୍ରାର୍ଥିତ୍ୱ ଖରିଦ୍ କରିଛନ୍ତି ବୋଲି ଏକ ଅଭିଯୋଗର ତଦନ୍ତ ଚାଲିଥିଲା ।

୧୯୯୫ ଜୁନର ଆଞ୍ଚଳିକ ନିର୍ବାଚନରେ ରାଷ୍ଟ୍ରପତି କିମ୍‌ଙ୍କ ଦଳ ବିଜୟୀ ହୋଇପାରିଲା ନାହିଁ । ଶ୍ରୀ କିମ୍ ଭାବିଥିଲେ, ଚୁନ୍ ଡୁ-ହୁଆନ୍ ଓ ରୋ ଟାଏ-ଉ ଭଳି ଦୁଇଜଣ ପୂର୍ବସୂରୀଙ୍କୁ ଜେଲ ପଠାଇ ସେ ଲୋକଙ୍କର ପ୍ରିୟପାତ୍ର ହୋଇଯିବେ । ଶ୍ରୀ ରୋ କୋରିଆର କେତେକ ବଡ ବଡ କମ୍ପାନୀଠାରୁ ଲାଞ୍ଚ ନେଇଥିବା ଅଭିଯୋଗରେ ପୂର୍ବ ନଭେମ୍ବରରେ

ଗିରଫ ହୋଇଥିଲେ । ୧୯୭୯ର ସାମରିକ ବିଦ୍ରୋହରେ ତଥା ତହିଁର ଘଟଣା ପ୍ରବାହରେ କ୍ୱାଙ୍ଗଜୁରେ ସହସ୍ରାଧିକ ବେସାମରିକ ବ୍ୟକ୍ତି ୧୯୮୦ରେ ନିହତ ହେବାର ଭୂମିକା ନିମିତ୍ତ ଚୁନ୍ ଡୁ-ହୁଆନ୍ ଗିରଫ ହୋଇଥିଲେ । ଦୁହିଙ୍କ ଗିରଫ ଶ୍ରୀ କିମଙ୍କ ବିରୁଦ୍ଧରେ କାମ କଲା, ସେ ଭାବିଥିଲେ କ'ଣ, ହେଲା କ'ଣ ? କୋରିଆର ଗଣତାନ୍ତ୍ରିକ ପୁନରୁତ୍ଥାନର ପ୍ରଥମ ଦଶକରେ ଯେଉଁ ତିନି କିମ୍ ପ୍ରାଧାନ୍ୟ ବିସ୍ତାର କରିଥିଲେ ସେ ସମସ୍ତେ ୧୯୯୫ର ନିର୍ବାଚନରେ ଉଡିଗଲେ । ଲୋକେ ସେମାନଙ୍କ ପ୍ରତି ବେଖାତିର ଭାବ ଦେଖାଇଲେ । ଆମ ଦେଶର ନେହେରୁ ପରିବାର ଭଳି କୋରିଆର କିମ୍ ପରିବାରର ପ୍ରାଧାନ୍ୟ ଥିଲା । ଚିର ଗଣତନ୍ତ୍ର ଦାବି କରିଥିବା କିମ୍ ଦାଏ-ଜଙ୍ଗ ଏକ ନୂଆ ଦଳ ଗଢିଥିଲେ : ନ୍ୟାସନାଲ୍ କଂଗ୍ରେସ ଫର୍ ନିଉ ପଲିଟିକ୍ସ (ସଂକ୍ଷେପରେ ଏନ୍.ସି.ଏନ୍.ପି.) ।

୧୯୯୨ରେ ରାଜନୀତିରୁ ଅବସରନେଲେ ବୋଲି କହିଥିଲେ, କିନ୍ତୁ ଦୁର୍ବୁଦ୍ଧି ଆସିଲା, ୧୯୯୫ରେ ଏନ.ସି.ଏନ.ପି.ଗଢିଲେ । ଫଳ ହେଲା ସେ ନିଜେ ପ୍ରତିଷ୍ଠା କରିଥିବା ଡିମୋକ୍ରାଟିକ ପାର୍ଟି ଦୁଇ ଭାଗ ହୋଇ ଗଲା । ତାଙ୍କ ଏନ୍.ସି.ଏନ୍.ପି.୧୦୦ଟି ଆସନ ପାଇବ ବୋଲି ସେ କହି ହେଉଥିଲେ, ପାଇଲେ ୭୯ । ପୁଣି ଦକ୍ଷିଣ ପଶ୍ଚିମ ଚେଲ୍ଲା ପ୍ରଦେଶର ବାହାରକୁ ତାଙ୍କ ପ୍ରଭାବ ଆସିପାରିଲା ନାହିଁ । ଭୋଟରମାନେ ଭାବିଲେ ଏନ୍‌ସିଏନ୍‌ପିର ନୀତିରେ କିଛି ନୂଆ କି କିଛି ଜାତୀୟ କଥା ନାହିଁ । ଏଥରର ଭୋଟରେ ୬୩.୯% ଭୋଟ ପଡିଥିଲା, ଗତଠାରୁ ୪.୫ କମ । ନିର୍ବାଚନ ପ୍ରଚାର ବେଳେ ତ ରାଜନୈତିକ ସଭା ବା ରାଲିମାନଙ୍କରେ ଭିଡ ଆଗ ତୁଳନାରେ ୩୦% କମ ଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ କିମ୍ ଜଙ୍ଗ ପିଲ୍‌ଙ୍କ ୟୁନାଇଟେଡ୍ ଲିବେରାଲ ଡିମୋକ୍ରାଟ୍‌ସ (ୟୁ.ଏଲ୍.ଡି) ଦୁଇ ପୂର୍ବଜ (ଏବେ ଭ୍ରଷ୍ଟାଚାର ଅଭିଯୋଗରେ ଅଭିଯୁକ୍ତ) ରାଷ୍ଟ୍ରପତି ନୁନ୍ ଡୁ-ହୁଆଁ ଓ ରୋହ ଟାଏ- ଉଙ୍କ ଇଲାକାରେ ବି ବେଶି ଆସନ ପାଇଛି, ଆଗଥରଠାରୁ ୧୮ ବେଶି । ଯଦି ଶାସକ ଏନ୍‌କେପି ଏବଂ ୟୁଏଲଡି ଦଳ ଦୁଇଟି ଆଗର ଡିମୋକ୍ରାଟିକ୍ ଲିବେରାଲ୍ ପାର୍ଟି ଭିତରେ ଥାଆନ୍ତେ ବିଜୟ ନିଶ୍ଚିତ ହୋଇଥାନ୍ତା ବୋଲି କିମ୍ ଜଙ୍ଗ-ପିଲ୍ ଏବେ ଭାବୁଛନ୍ତି । ସେ ଭୁଲି ଯାଇଛନ୍ତି ଯେ ନିର୍ବାଚନ ପୂର୍ବଦିନ ଉତ୍ତର କୋରିଆ ଡିମିଲିଟାରାଇଜଡ୍ ଜୋନରେ ଉତ୍ତେଜନାପୂର୍ଣ୍ଣ ସୈନ୍ୟ ଅନୁପ୍ରବେଶ ନ କରାଇଥିଲେ ଶାସକ ଦଳ ଯେତିକି ଆସନ ପାଇଛି ତାହା ବି ପାଇ ନଥାନ୍ତା ।

ଆମ ଦେଶରେ ଯେମିତି ଘଟେ, ନିର୍ବାଚନରେ ରିଗଲେ ବି ଗାଦିନସୀନ ଦଳ ବୁଝିବାକୁ ନାରାଜ ଯେ ଲୋକେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି ।

# ରାଜନୀତିର ଗ୍ଲାନି ଓ ଭୋଟରଙ୍କ ନିଷ୍କ୍ରିୟତା

ବିଦେଶରେ ପୁଞ୍ଜି ଲଗାଉଥିବା ସଂସ୍ଥାମାନଙ୍କ ମିଳିତ ଉଦ୍ୟମରେ କରାହୋଇଥିବା ଏକ ଅନୁସନ୍ଧାନରୁ ଜଣାଯାଏ ଯେ ପୃଥିବୀରେ ପ୍ରାୟ ସବୁଦେଶ ଦୁର୍ନୀତିଗ୍ରସ୍ତ, ସେ ତାଲିକାରେ ଭାରତର ସ୍ଥାନ ୪୧ । ଭାରତ ଉପରେ (ଅଧିକ ଦୁର୍ନୀତିଗ୍ରସ୍ତ) ୪୦ ଦେଶ ଅଛନ୍ତି କହିବା କିମ୍ବା ଆମେରିକା ଯୁକ୍ତରାଷ୍ଟ୍ର ଜାପାନ ଭଳି ଦେଶ ଦୁର୍ନୀତିଗ୍ରସ୍ତ କହିବା ଆମର ଆତ୍ମସନ୍ତୋଷ ହେବ ସିନା, ଆମଦେଶର ରାଜନୀତି ଯେ ଦେଶକୁ ଦୁର୍ନୀତିମାପକାଠିରେ ଏତେ ଉପରେ ରଖିଛି ସେତକ ଶୁଣିଲେ ଆମ ମୁହଁ ତଳକୁ ହୋଇଯିବ ନାହିଁ କି ? ରାଜନୀତିର ଅପରାଧୀକରଣ ହେଉ ବା ଅପରାଧର ରାଜନୀତିକରଣ ହେଉ, ଦେଶରେ ଦୁର୍ନୀତି ଏକ ଅର୍ଥକରୀ ଫସଲ ହୋଇ ପଡିଲାଣି, ରାଜନୀତିର ବଡପଣ୍ଡାମାନେ ଖୁବ୍ ସହଜରେ ଅଳପ ଦିନରେ ଧନୀ ହେବାର, ସାତ ପୁରୁଷ ଲାଗି ଧନ ଅର୍ଜିବାର, ବ୍ୟବସ୍ଥା କରୁଛନ୍ତି । ତେଣୁ କଞ୍ଚା ପଇସା ଯୋଗାଉଥିବା ଅପରାଧିମାନଙ୍କୁ ଘଣ୍ଟ ଗୋଡାଉଛନ୍ତି । ଦାଦାଗିରି ବା ମାଫିଆ ରାଜତ୍ୱ ବମ୍ବେ ଭଳି ବଡ ବଡ ନଗରରେ ସୀମାବଦ୍ଧ ନ ହୋଇ ଛୋଟ ଛୋଟ ସହରକୁ ବି ବ୍ୟାପିଲାଣି, ଗାଁ ଦାଣ୍ଡରେ ନିର୍ଦ୍ଦିଷ୍ଟ ଦଳର (ବିଶେଷତଃ ଶାସକଦଳର) ବାନରସେନା କହି ଦଳେ ଯୁବକ ମାଙ୍କଡାମି (ଇଂରାଜୀରେ ଏକ୍ସଟର୍ସନ, ଅପରାଧ ଆଇନରେ ଜୁଲୁମ ଆଦାୟ) କରୁଛନ୍ତି । ଚାନ୍ଦା ନଦେଲେ ଛୁରା ଭୁସା ଖାଇବାର ଉଦାହରଣ ଯେକୌଣସି ହାଟ ବା ବଜାରରେ ମିଳୁଛି ।

ମାଫିଆ ଶବ୍ଦର ସର୍ବସାଧାରଣ ବ୍ୟବହାର ଯଦି କେଉଁ ଦେଶରେ ହେଉଥାଏ, ତାହା ହେଉଛି ଇଟାଲୀ । ଏବେ ଇଟାଲୀରେ ମାଜିଷ୍ଟ୍ରେଟମାନେ ନୂଆ ଜାଗରଣ ଆଣିଛନ୍ତି । ଗତ ୩ ବର୍ଷ ହେଲା କ୍ଲିନ୍ ହାଣ୍ଡସ୍ (ସଚ୍ଚୋଟ ହାତ) ନାମକ ଏକ ସଂଗଠନ ରାଜନୀତି ଓ ବ୍ୟବସାୟ ମଧ୍ୟରେ ଥିବା ଭ୍ରଷ୍ଟାଚାର ମୁଖା ଖୋଲି ଦେଇଛି । କ୍ଲିନ୍ ହ୍ୟାଣ୍ଡସ ସଂସ୍ଥାର ଅନୁସନ୍ଧାନ କାର୍ଯ୍ୟକୁ ଇଟାଲୀର ମୁଖ୍ୟ ସହର ମିଲାନ୍‌ର ମାଜିଷ୍ଟ୍ରେଟମାନେ ବେଶି ସମର୍ଥନ କଲେ । ମାଫିଆ, ଡକାୟତ, ଜୁଲୁମକାରୀ ଓ ଅପରାଧିମାନଙ୍କ ଦ୍ୱାରା ଅସ୍ତବ୍ୟସ୍ତ ହୋଇ ଲୋକେ ଏକ ସଚ୍ଚୋଟ

ଇଟାଲୀ ଗଢ଼ିବା ପାଇଁ ବଦ୍ଧ ପରିକର ହୋଇଥିବା ଭଳି ମନେ ହେଉଛି । ଯେତେ ପୁରୁଣା ରାଜନୈତିକ ଦଳ ଥିଲେ ସମସ୍ତେ ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ ହୋଇ ଏବେ ମଉଳି ପଡିଲେଣି । ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ବେଟିନୋ କ୍ରାକ୍ସି ଏବେ ଟ୍ୟୁନିସିଆରେ ଆଶ୍ରୟ ନେଇଛନ୍ତି । ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଗ୍ୱିଲିଓ ଆଣ୍ଡ୍ରିଓଟି ସେ ବର୍ଷ ସେପ୍ଟେମ୍ବର ମାସରେ ଆରୋପପତ୍ର (ଚାର୍ଜସିଟ) ପାଇଲେ । ଏମାନେ ମାଫିଆମାନଙ୍କ ସହ ସଲାସୁତୁରା କରି ଶିଳ୍ପପତି ଓ ବ୍ୟବସାୟୀମାନଙ୍କଠାରୁ ପଇସା ଆଦାୟ କରୁଥିଲେ ।

ଇଟାଲୀ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ଇଟାଲୀୟ ଭାଷାରେ ଟାଞ୍ଜେଣ୍ଟୋପଲି (tangentopoli) ବା ଭ୍ରଷ୍ଟାଚାରତନ୍ତ୍ର (ଭ୍ରଷ୍ଟାଚାରୀ ରାଜନୀତି ଦ୍ୱାରା ପରିଚାଳିତ ବ୍ୟବସ୍ଥା) କୁହାଯାଉଛି । ଟଞ୍ଜେଣ୍ଟୋପଲିରୁ ମୁକୁଳିବା ବଡ କଷ୍ଟକର ମନେ ହେଉଛି । ୧୯୯୫ ଜୁଲାଇ ପ୍ରଥମ ସପ୍ତାହରେ ପ୍ରଥମେ ଧରାପଡିଲା ଯେ, ଇଟାଲୀର ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଲିଚେନଷ୍ଟିନ୍ ଦେଶର ବ୍ୟାଙ୍କରେ ଇଟାଲୀର ପୁରୁଣା ଦଳମାନଙ୍କ ନାମରେ ପ୍ରାୟ ୩୦୦୦ କୋଟି ଲାୟାର (୬୦ କୋଟି) ଟଙ୍କା ଜମା ରଖିଥିଲା ।

ଜଣେ ପ୍ରଧାନମନ୍ତ୍ରୀଙ୍କୁ ଦୋଷ ଦେବା ଗୋଟିଏ କଥା କିନ୍ତୁ ତାଙ୍କୁ ଅଭିଯୁକ୍ତ କରି ମକଦ୍ଦମା ଭିତରକୁ ଟାଣି ନେବା ବଡ ସାହସର କାମ । ଆମ ଦେଶରେ ତ ସାଧାରଣ ଲୋକ ପ୍ରତିନିଧିମାନେ ଦୁର୍ନୀତିଆଇନର ଉର୍ଦ୍ଧ୍ୱରେ, ମନ୍ତ୍ରୀମାନଙ୍କ କଥା ଛାଡ । ସେମାନେ ତ କୌଣସି ପ୍ରକାରେ ଦଣ୍ଡନୀୟ ହେଉ ନାହାନ୍ତି । ବହୁତ କମିଶନ ବସିଛି ବା ଏନକ୍ୱାରୀ ହୋଇଛି । ସେମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ଦଣ୍ଡ ପାଇନାହାନ୍ତି । ଆଉ ପ୍ରେସିଡେଣ୍ଟ, ପ୍ରଧାନମନ୍ତ୍ରୀଙ୍କ ନାମରେ ମକଦ୍ଦମା ହେବା ତ ଦୂରର କଥା । ଅନ୍ୟ ଦେଶମାନଙ୍କରେ ଏହା ଯେ ଘଟୁନାହିଁ ତାହା ନୁହେଁ । ଜାପାନରେ ସାଧାରଣ ଭାବରେ ଲାଞ୍ଚ ନେଉଥିବା ଅଭିଯୋଗ ହେଲେ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଉଛନ୍ତି । ସମ୍ବାଦପତ୍ରମାନଙ୍କରେ ପ୍ରଚାର ହୋଇଗଲେ ଏବଂ ଆପାତତଃ ପ୍ରମାଣ ପାଇଲେ, ଦଳ ମଧ୍ୟ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରୁଛି । ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି କଂଗ୍ରେସର କମିଟି ଦ୍ୱାରା ଜେରାର ସମ୍ମୁଖୀନ ହୁଅନ୍ତି । ୱାଟର ଗେଟ୍ ଭଳି ମାମଲାରେ ଅଭିଯୁକ୍ତ ହୁଅନ୍ତି । ଫୌଜଦାରୀ ମକଦ୍ଦମା ଯାଏଁ କଥା ଯାଏ । ଏବେ କ୍ଲିଣ୍ଟନ ପରିବାର ହାଇଟ୍ ଭୟ ଦୁର୍ନୀତିରେ ଜଡିତ ହୋଇ ବେଶ୍ ବଦନାମ ହୋଇଛନ୍ତି । ଯଦି ଆପାତତଃ ପ୍ରମାଣ ମିଳେ ସେ ମଧ୍ୟ କୋର୍ଟରେ ଅଭିଯୁକ୍ତ ହେବେ । ମନିକା ଲିୱିନ୍‌ସ୍କିଙ୍କ ଯୌନ ସମ୍ପର୍କ ଅଭିଯୋଗରେ ମିଥ୍ୟା ବୟାନ ଦେଇଥିବା ରାଷ୍ଟ୍ରପତି କ୍ଲିଣ୍ଟନ୍ ନ୍ୟାୟାଳୟର ସମ୍ମୁଖୀନ ହେଲେ । ଆମ ଦେଶରେ ଏ ସବୁ ସ୍ୱପ୍ନ ।

ଇଟାଲୀର ପୂର୍ବଥରର ମିଳିତ ସରକାରରେ ପ୍ରଧାନମନ୍ତ୍ରୀ ଥିଲେ ସିଲଭିଓ ବର୍ଲୁସକୋନି, ସେ ଜଣେ ଅର୍ବୁଦପତି । ଇଟାଲୀର ଜନତା ତାଙ୍କୁ ଜୟଯୁକ୍ତ କରିଥିଲେ ।

ବର୍ଲୁସ୍କୋନି ଗୁଡ଼ିଏ ଗଣମାଧ୍ୟମ ମିଳନରେ ଗଠିତ ଫିନ୍‌ଲନ୍‌ଭେଷ୍ଟ ନାମକ କମ୍ପାନୀର ମୁଖ୍ୟ ମାଲିକ । ଭୋଟ ଦେବାବେଳେ ଇଟାଲୀର ଜନତା ଭାବିଥିଲେ ସେ ତାଙ୍କର ହିରୋ । ମିଳିତ ସରକାର ପତନ ପରେ ପୋଲିସ-ଜେରାକାରୀମାନେ ଫିନ୍‌ଇନ୍‌ଭେଷ୍ଟ କମ୍ପାନୀ ବିଷୟରେ ଅନୁସନ୍ଧାନ କରୁଛନ୍ତି, ମିଲାନ୍ ସହରରେ କମ୍ପାନୀର ସଦର ମହକୁମାରେ ବର୍ଲୁସକୋନିଙ୍କୁ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରି ନୋଟିସ ଦେଇଥିଲେ । ବର୍ଲୁସ୍‌କୋନୀ ଏକ ବିରାଟ ଟେଲିଭିଜନ ସାମ୍ରାଜ୍ୟର ମାଲିକ । ଇଟାଲୀର ଲୋକେ ତାଙ୍କୁ ହିଜ୍ ଟ୍ରାନ୍ସମିଟାନ୍ସ କହନ୍ତି । ତାଙ୍କୁ ଏପରି ଡାକିବାର କାରଣ ଇଟାଲୀର ୭୦%ରୁ ବେଶି ଟେଲିଭିଜନ ଦର୍ଶକ ତାଙ୍କ ଟେଲିଭିଜନର କାର୍ଯ୍ୟକ୍ରମ ତିନୋଟି ଚାନେଲରେ ଦେଖନ୍ତି । ଯଦି ଦୁର୍ନିତି ଅଭିଯୋଗ ପ୍ରମାଣିତ ହୋଇଯାଏ, ତାଙ୍କ ବାର୍ଷିକ ୭୦୦ କୋଟି ଡଲାର ବ୍ୟବସାୟ ବୁଡ଼ିଯିବ । ୟୁରୋପରେ ଏତେ ବଡ଼ ଘରୋଇ ଟେଲିଭିଜନ କମ୍ପାନୀ ନାହିଁ । ବର୍ଲୁସକୋନି ଅନ୍ୟ ପ୍ରଧାନମନ୍ତ୍ରୀଙ୍କ ଭଳି ନୁହନ୍ତି । ବର୍ଲୁସକୋନି ରାଜନୀତିରେ ଆଗରୁ ପଶି ନଥିଲେ । ଅର୍ଥାତ୍ ସେ ପେଶାଦାର ରାଜନୀତିଜ୍ଞ (କାରିଅର ପଲିଟିସିଆନ) ନୁହଁନ୍ତି ! ପୂର୍ବରୁ ରାଜନୀତିରେ ପଶି ନଥିବାରୁ ସେ ବ୍ୟକ୍ତିଗତ ଭାବରେ କିଛି ଭୁଲ କରିଛନ୍ତି ବୋଲି ମାନନ୍ତି ନାହିଁ । ତାଙ୍କ ଟେଲିଭିଜନ କମ୍ପାନୀର କର୍ମଚାରୀମାନେ କାହାକୁ ଲାଞ୍ଚ ଦେଇଥିବା କଥା ସେ ଅସ୍ୱୀକାର କରନ୍ତି । ସେ କହନ୍ତି ବରଂ ସରକାରୀ କର୍ମଚାରୀମାନେ ଏକ୍ସଟର୍ସନ (ଜବରଦସ୍ତ ଆଦାୟ) କରିଛନ୍ତି ।

ଜଣେ ସରକାରୀ କର୍ମଚାରୀ ବା ଟିକସ କଲେକ୍ଟର ମାଗିଦେଲେ, ବର୍ଲୁସକୋନିଙ୍କ ମ୍ୟାନେଜରମାନେ ସହଜରେ ଦେଇଦେବେ, ଏକଥା ବିଶ୍ୱାସଯୋଗ୍ୟ ନୁହେଁ । ବର୍ଲୁସକୋନିଙ୍କ କମ୍ପାନୀ ଲାଞ୍ଚ ଦେଇ ସରକାରୀ କାମ ଆଦାୟ କରୁଥିଲେ । ଏବେ ପ୍ରଧାନମନ୍ତ୍ରୀ ହୋଇ ଘରୋଇ ଟେଲିଭିଜନ ସଂସ୍ଥାର ମାଲିକ ଅଛନ୍ତି । ଏସବୁ ରାଜନୈତିକ ଅସାଧୁତା । ଅବଶ୍ୟ କିଛି ବର୍ଷ ତଳେ ଇଟାଲୀରେ ଏ ପ୍ରକାର କାମକୁ ଅସାଧୁତା ବୋଲି ଧରାଯାଉ ନ ଥିଲା । ପୂର୍ବରୁ ଟେଲିଭିଜନ ପ୍ରଚାର ପାଇଁ ସମୟ ପାଇବା ଲାଗି ପ୍ରତ୍ୟେକ ଦଳ ପ୍ରତିଯୋଗିତା କରୁଥିଲେ । ବେଶି ସମୟ ପାଇଁ ବେଶି ପଇସା ଦେବାକୁ ପଡୁଥିଲା ଏବଂ ବେଶି ପଇସା ପାଇବା ପାଇଁ ମାଫିଆମାନେ ପେଶାଦାର ରାଜନୀତିଜ୍ଞଙ୍କୁ ପଇସା ଯୋଗାଇ ଅନୁଗ୍ରହ ପାଉଥିଲେ : ଏ ଅନୁଗ୍ରହ ଥିଲା ଅଦାଲତରୁ ଦୂରରେ ରହିବାର ସୁବିଧା । 'କ୍ଲିନ ହାଣ୍ଡସ୍' ମାନଙ୍କ ପ୍ରଚାର ଫଳରେ ଇଟାଲୀର ସରକାର ନୂଆ ନିୟମ କରିଛନ୍ତି, ବିଭିନ୍ନ ରାଜନୈତିକ ଦଳ ଟେଲିଭିଜନରେ ସମାନ ସମୟ ପାଇବେ । ତେଣୁ 'ଫିନଇନଭେଷ୍ଟ' ବେଶି ପଇସା ଦେଉଥିବା ଲୋକଙ୍କୁ ମନଇଚ୍ଛା ବେଶି ସମୟ ଦେବା ଅସମ୍ଭବ । ସମ୍ଭବତଃ ଏହି କାରଣରୁ ବର୍ଲୁସ୍‌କୋନିଙ୍କ କେନ୍ଦ୍ର ଦକ୍ଷିଣପନ୍ଥୀ ଫର୍ଜାଇଟାଲୀୟା (ଆଗାଓ-ଇଟାଲୀ) ଦଳ ଗତ ଏପ୍ରିଲ

ମାସରେ ମ୍ୟୁନିସିପାଲିଟି ନିର୍ବାଚନଗୁଡ଼ିକରେ ହାରିଗଲେ ।

ଆମ ଦେଶରେ ଟେଲିଭିଜନ ଅଧିକାର ପାଇବା ପାଇଁ ଯେଉଁ ଅଷ୍ଟ୍ରେଲୀୟ ଟେଲିଭିଜନ ସମ୍ରାଟ ରୁପର୍ଟ ମର୍ଡ୍ରୋକ ଆଗ୍ରହ ଦେଖାଇଛନ୍ତି ସେ ମଧ୍ୟ ଇଟାଲୀର ଫିନ୍ଇନଭେଷ୍ଟକୁ କିଣିବା ପାଇଁ ଚେଷ୍ଟା କରୁଛନ୍ତି । ଫିନ୍ଇନଭେଷ୍ଟର ବିଜ୍ଞାପନ ଶାଖା 'ପବ୍ଲିକଟାଇଲୀୟା'ର ମ୍ୟାନେଜିଂ ଡିରେକ୍ଟରଙ୍କୁ ପୋଲିସ ଯେତେବେଳେ ଗିରଫ କଲା ତାଙ୍କ ଟେଲିଭିଜନ ମିଲାନର ମାଜିଷ୍ଟ୍ରେଟମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇଲା । ଇଟାଲୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କମ୍ପାନୀକୁ ଆଣ୍ଠେଇଦେବା ଏହାର ଉଦ୍ଦେଶ୍ୟ ଥିଲା ବୋଲି ସେ ପ୍ରଚାର କଲା । ଯେଉଁମାନେ ତାଙ୍କୁ ଏବେ ଅଭିଯୁକ୍ତ କରୁଛନ୍ତି, ସେମାନଙ୍କୁ ସେ ଭୋଟରମାନଙ୍କ ଶତ୍ରୁ ବୋଲି କହିଥିଲେ । ଆଉ ଥରେ ଭୋଟ ଆଳରେ ସେ ଆସିବାର ଚେଷ୍ଟା କରୁଛନ୍ତି ବୋଲି ଯେଉଁମାନେ ସମାଲୋଚନା କରୁଛନ୍ତି ତାଙ୍କୁ ସେ କମ୍ୟୁନିଷ୍ଟ କହିଥିଲେ । ଏଭଳି ନିର୍ଲଜ୍ଜ ପ୍ରଚାର ସମ୍ଭବତଃ ୧୯୯୫ ଜୁନ ୧୧ରେ ହୋଇଥିବା ଲୋକମତ (ରେଫରେଣ୍ଡମ୍)କୁ ବର୍ଲୁସ୍କୋନିଙ୍କ ସପକ୍ଷ କରିଦେଲା । ଭୋଟରମାନଙ୍କ ଆଗରେ ପ୍ରସ୍ତାବ ଥିଲା ସେ ଇଟାଲୀର ତିନୋଟି ଟେଲିଭିଜନ ବ୍ୟବସ୍ଥା (ନେଟୱାର୍କ) ମଧ୍ୟରୁ ଦୁଇଟିକୁ ଛାଡ଼ିଦିଅନ୍ତୁ । ଭୋଟରମାନେ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ୮ ମାସ ପ୍ରଧାନମନ୍ତ୍ରୀ ଥିବା ବର୍ଲୁସକୋନି ବେଶ୍ ଉତ୍ଫୁଲ୍ଲ ହୋଇଗଲେ । କିନ୍ତୁ ତାଙ୍କ ଉପରେ ହୋଇଥିବା ଦୋଷାରୋପ କମିଯାଇ ନାହିଁ । ମିଥ୍ୟା ବିଲ୍ (ଇନ୍‌ଭଏସିଙ୍ଗ) ଯୋଗୁ ତାଙ୍କ ବିଜ୍ଞାପନ ସଂସ୍ଥାର ମୁଖ୍ୟ ମାର୍ସେଲୋ ଡେଲ ଉଟ୍ରି ସେ ବର୍ଷ ଜୁନ ୧୩ରେ ଜେଲ ଗଲେ । ଏସବୁ ଅଭିଯୋଗରୁ ଖଲାସ ନହେଲେ ବର୍ଲୁସ୍କୋନିଙ୍କ ରାଜନୈତିକ ଭବିଷ୍ୟତ ଅନ୍ଧକାର ବୋଲି ନିଶ୍ଚିତଭାବେ କହି ହେବ ନାହିଁ, କାରଣ ଦେଶର ୭୦%ରୁ ବେଶି ଦେଖୁଥିବା ତିନୋଟିଯାକ ଟେଲିଭିଜନ ଚାନେଲ ଏବେ ବି ତାଙ୍କ ପାଖରେ ଅଛି । ତେଣୁ ରେଫରେଣ୍ଡମ୍ ପୂର୍ବର ପ୍ରଚାର ନିର୍ଲଜ୍ଜ ଭାବରେ ବର୍ଲୁସ୍କୋନିଙ୍କ ପକ୍ଷରେ କରାହୋଇଥିଲା । ଆମ ରାଜ୍ୟର ସ୍ପେଶାଲ କୋର୍ଟ ଆଇନ ଭଳି ଇଟାଲୀର ସ୍ୱତନ୍ତ୍ର ଅଦାଲତ ଆଇନ ତିଆରି ହୋଇଛି । ଏଭଳି ଅଦାଲତ ଚାଲିଲେ ଇଟାଲୀର ଆନ୍ତର୍ଜାତୀୟ ଭାବମୂର୍ତ୍ତି ଖୁବ୍ ଖରାପ ହୋଇଯିବ, ଦୋଷ ମାନିଗଲେ ସଂକ୍ଷିପ୍ତ ବିଚାରରେ ହାଲୁକା ଦଣ୍ଡ ଦେଇ ଶୀଘ୍ର ମକଦ୍ଦମା ଫଇସଲା ହେବାର ଏକ ବ୍ୟବସ୍ଥା ସମ୍ଭବତଃ ସେମାନେ ଗ୍ରହଣ କରିବେ । ସେ ଉଦ୍ଦେଶ୍ୟରେ ୧୯୯୫ ଜୁନ ମାସରେ ଇଟାଲୀ ସଂସଦର ଉଚ୍ଚତର ଗୃହ, ସିନେଟ, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଜେଲରେ ରଖି ପାରିବାର ଯେଉଁ କ୍ଷମତା ମାଜିଷ୍ଟ୍ରେଟମାନଙ୍କ ଥିଲା, ତାକୁ ସୀମିତ କରିଦେଲେ । ଇଟାଲୀର ରାଷ୍ଟ୍ରପତି ଲୁଇଗି ସ୍କାଲଫାରୋ ଏବେ ବିତାଡ଼ିତ/ଲାଞ୍ଛିତ ରାଜନୈତିକ ନେତାମାନଙ୍କ ସମର୍ଥନରେ ଏବଂ ମକଦ୍ଦମା କରାଯାଉଥିବା ଅଧିକାରୀ (ପ୍ରସିକ୍ୟୁଟର)ମାନଙ୍କ ବିରୋଧରେ କହିଲେ । ମିଲାନ୍‌ର ସର୍ବାଧିକ ଲୋକପ୍ରିୟ ପ୍ରସିକ୍ୟୁଟର

ଆଣ୍ଟୋନିଓ ଡି ପାଏଟ୍ରୋ ବର୍ଷତଳେ ଇସ୍ତଫା ଦେଇଥିଲେ । ସେ କୁଆଡେ ନିଜ ପଦବୀର ଅପବ୍ୟବହାର କରି ମନ୍ତ୍ରୀମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବାରେ ଅତ୍ୟଧିକ ଆଗ୍ରହ ଦେଖାଇ ଥିଲେ । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଲାମ୍ବେର୍ଟୋ ଡିନିଙ୍କ ମନ୍ତ୍ରିମଣ୍ଡଳରେ ସବୁ ସଭ୍ୟ ବୈଷୟିକଜ୍ଞାନସମ୍ପନ୍ନ (ଟେକ୍ନୋକ୍ରାଟ୍), ସମସ୍ତେ ମନୋନୀତ, କେହି ନିର୍ବାଚିତ ନୁହନ୍ତି । ଡିନିଙ୍କ ନ୍ୟାୟମନ୍ତ୍ରୀ ଫିଲିପୋ ମାନୁକଶୋ ଜଣେ ଅବସରପ୍ରାପ୍ତ ଜଜ୍, ସେ ମଧ୍ୟ ଲୋକଦେଖାଣିଆ ମକଦ୍ଦମାର ବିରୋଧ କରୁଛନ୍ତି । ୪ ମାସ ଅଟକବନ୍ଦୀ ରହିଥିବା ରାଷ୍ଟ୍ରୀୟ ହାଇଡ୍ରୋକାର୍ବନ ଏଜେନ୍ସି (ENI) ର ପୂର୍ବତନ ଚେୟାରମ୍ୟାନ ଗାବ୍ରିଏଲ କାଗ୍ଲିଆରୀ ଆତ୍ମହତ୍ୟା କରିବା ମୂଳରେ ମୁଖ୍ୟ ପ୍ରସିକ୍ୟୁଟରଙ୍କ ମାତ୍ରାଧିକ କାର୍ଯ୍ୟ ଦାୟୀ ବୋଲି ସେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିଲେଣି । ପ୍ରତିହିଂସା ପରାୟଣ ହେଲା ଭଳି 'କ୍ଲିନ ହାଣ୍ଡ'ର କେନ୍ଦ୍ର ମିଲାନ ସହର ଉପରେ ଶ୍ରୀ ଡିନି କାର୍ଯ୍ୟାନୁଷ୍ଠାନ କରୁଛନ୍ତି ବୋଲି ସରକାରଙ୍କୁ ସମର୍ଥନ କରୁଥିବା ବାମପନ୍ଥୀ ଦଳମାନେ ମଧ୍ୟ ସମାଲୋଚନା କରୁଛନ୍ତି । ପୁରୁଖା ନେତାମାନଙ୍କ ଦୁର୍ନୀତି 'କ୍ଲିନ ହାଣ୍ଡସ୍' ସଂସ୍ଥା ଦ୍ୱାରା ପଦାରେ ପଡିଗଲା ବୋଲି ଗତ ସାଧାରଣ ନିର୍ବାଚନରେ ସେମାନେ ହାରିଗଲେ । ଯେତେବେଳେ ସେମାନେ ବର୍ଲୁସ୍କୋନିଙ୍କୁ ଭୋଟ ଦେଇ ଜୟଯୁକ୍ତ କରିଥିଲେ, ସେମାନେ ବର୍ଲୁସ୍କୋନିଙ୍କ ପ୍ରତିଶ୍ରୁତି ଉପରେ ଭୋଟି ଦେଇ ନଥିଲେ । ଉଦ୍ଦେଶ୍ୟ ସବୁଦିନ ପାଇଁ ସରକାରୀ ଭ୍ରଷ୍ଟାଚାରକୁ ଶେଷ କରିବା ଓ ଅସ୍ଥିରତାକୁ ଦୂର କରିବା । ଏ ଆଶା ଏ ପର୍ଯ୍ୟନ୍ତ ଫଳପ୍ରଦ ହୋଇନାହିଁ । ବର୍ଲୁସ୍କୋନି ପ୍ରଧାନ ମନ୍ତ୍ରୀ ହେବା ପୂର୍ବରୁ ଏକ ନୂଆ ନିୟମ ହୋଇଯାଇଛି । ଏହି ନିୟମ ଫଳରେ ପ୍ରାୟ ସବୁ ରାଜନୈତିକ ଦଳ, ଏପରି କି ଆଗର କମ୍ୟୁନିଷ୍ଟ ଓ ଫାସିଷ୍ଟମାନେ, ମଧ୍ୟମ ପନ୍ଥା ଗ୍ରହଣ କଲେଣି । ସେମାନେ ଆଉ ଚରମ ପନ୍ଥୀ ନୁହନ୍ତି । ଯଦି ଏହି ଢଙ୍ଗ ଚାଲୁ ରହେ ଫୋର୍ଜାଇଟାଲୀୟା ଏବଂ ଆଗ କାଳର କମ୍ୟୁନିଷ୍ଟମାନେ ମିଶି ଇଟାଲୀରେ ଏକ ସ୍ଥିର ଦୁଇଦଳିଆ ବ୍ୟବସ୍ଥା ଚାଲୁ କରିବେ । କିନ୍ତୁ ଇତି ମଧ୍ୟରେ ଯେଉଁ ଆଶା ଥିଲା ଯେ ଅଣରାଜନୈତିକ ବ୍ୟକ୍ତିଟିଏ ସହଜରେ ଇଟାଲୀକୁ ଏକତା ଓ ସ୍ଥିରତା ଆଣିଦେବ, ତାହା ଧୂଳିସାତ୍ ହୋଇଗଲା ପରି ମନେ ହେଉଛି ।

# ନିର୍ବାଚନ ରଣରେ ବିଜୟ ଲାଗି ଆଞ୍ଚଳିକ ମନୋଭାବ ଦରକାର ନାହିଁ

ମାଲେସିଆ ରାଜଧାନୀ କାହିଁକି ମାଲେସିଆର ଅନ୍ୟ ପ୍ରଦେଶର ସୁଦୂର ଗାଁ ଗହଳିରେ ମଧ ବଡ ଧରଣର ରାଜନୈତିକ ସଭା ହୋଇପାରିବ ନାହିଁ । ଟେଲିଭିଜନ ଜରିଆରେ ମଧ ରାଜନୈତିକ ପ୍ରଚାର କରାଯାଇ ପାରିବ ନାହିଁ । ଏ ଆଦେଶ ଥିଲା ମାଲେସିଆର ପ୍ରଧାନମନ୍ତ୍ରୀ ମହାଧୀର ମହମ୍ମଦଙ୍କର । ସେ କାରଣ ଦେଖାଇ ଥିଲେ ଯେ ନ୍ୟସ୍ତସ୍ୱାର୍ଥ ରାଜନୈତିକ ନେତାମାନେ ଏଭଳି ସଭାସମିତି ଓ ଘରୋଇ ଟେଲିଭିଜନ ଜରିଆରେ ସର୍ବସାଧାରଣଙ୍କ ଭିତରେ ଜାତି ବା ଧର୍ମଗତ ଘୃଣାକୁ ଉତ୍ସାହିତ କରିବେ ।

୧୯୬୯ରେ ଘଟିଯାଇଥିବା ଚୀନା-ମାଲୟୀ ଜାତିଗତ ଦଙ୍ଗାରେ ବହୁତ ଲୋକ ମୃତାହତ ହୋଇଥିଲେ ଏବଂ ତାହାର ସ୍ମୃତିଚାରଣ କରି ମହାଥୀର ମହମ୍ମଦ ଏ ଆଶଙ୍କା ପ୍ରକାଶ କରିଥିଲେ । ତେଣୁ ଯେତେବେଳେ ସେ ନିଜେ ସରକାରୀ ଦଳର ନେତା ହିସାବରେ ପ୍ରଥମେ ୧୯୯୫ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ନିର୍ବାଚନ ପ୍ରଚାର ଆରମ୍ଭ କଲେ, ତାହାର ଆୟମାରମ୍ଭ ଥିଲା ଗୋଟିଏ ଭୋଜି ସଭା । ତାଙ୍କର ନିକଟତମ ସମର୍ଥକମାନଙ୍କ ମଧ୍ୟରୁ ୧୨୦୦୦ ଲୋକ ଭୋଜିରେ ସାମିଲ ହୋଇଥିଲେ । ପ୍ରବଳ ବର୍ଷା ହେଉଥିଲା, ତା ସତ୍ତ୍ୱେ ଶହ ଶହ ଲୋକ ବାହାରେ ଠିଆ ହୋଇ ଦେଖି ଥିଲେ । ସେ ଭୋଜିରେ ୭୦ ବର୍ଷ ବୟସ୍କ ମହାଥୀର କହିଥିଲେ ଯେ ତାଙ୍କ ୧୪ ବର୍ଷର ଶାସନ କାଳ ଭିତରେ ମାଲେସିଆର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଯାହାକିଛି ପରିବର୍ତ୍ତନ ଘଟିଛି ତାକୁ ବଜାୟ ରଖିବାକୁ ହେବ । ସରକାର ଢାଞ୍ଚା ବଦଳିଲେ ଏ ସବୁ ବନ୍ଦ ହୋଇଯିବ । ଅର୍ଥାତ ତାଙ୍କୁ ହିଁ ଭୋଟ ଦିଅ ।

୧୯୯୫ ଅପ୍ରେଲ ୨୫ରେ ସରିଥିବା ମାଲେସିଆର ସାଧାରଣ ନିର୍ବାଚନରେ ମହାଥିର ମହମ୍ମଦଙ୍କ ଶାସକ ଦଳ, ବହୁଜାତି ଜାତୀୟ ସାମ୍ମୁଖ୍ୟଦଳ, ଜାତୀୟ ସଂସଦରେ ୧୯୨ ଆସନରୁ ୧୬୨ ଆସନ ପାଇଲା । ୧୧ଟି ପ୍ରଦେଶ ମଧ୍ୟରୁ ୧୦ଟି ପ୍ରଦେଶର ବିଧାନସଭା ଜିତିଲା । ୧୯୫୭ରେ ସ୍ୱାଧୀନତା ପାଇବା ପରଠାରୁ ଏହା ବୃହତ୍ତମ ସଫଳତା । ଉତ୍ତର ବୋର୍ଣ୍ଣିଓରେ ଫଳାଫଳ ଘୋଷିତ ହୋଇ ନ ଥିବା ଗୋଟିଏ ଆସନକୁ ଛାଡି ।

ବିରୋଧୀଦଳମାନେ ୨୯ଟି ଆସନ ପାଇଲେ । ପାନ୍-ଇସ୍‌ଲାମିକ୍ ଦଳ କେଲାଣ୍ଟନ ପ୍ରଦେଶରେ ସ୍ଥିତି ବଜାୟ ରଖିଲା । ମୁଖ୍ୟ ବିରୋଧୀଦଳ ଡିଏପି ଗତଥରର ୨୦ଟି ଆସନ ସ୍ଥଳେ ଏଥର ୯ଟି ମାତ୍ର ପାଇଲା । ୧୯୮୯ରେ ହାର୍ଟସର୍ଜରୀ କରାଇଥିବା ଏହି ବୃଦ୍ଧ ନିଜକୁ ଏବେ ବି ଯୁବକ ମନେ କରନ୍ତି । ଯେଉଁ ୨୦୨୦ ଖ୍ରୀଷ୍ଟାବ୍ଦ ବେଳକୁ ମାଲେସିଆ ଏକ ସ୍ୱୟଂସମ୍ପୂର୍ଣ୍ଣ ଅର୍ଥନୀତି ହୋଇପାରିବ ବୋଲି ସେ ଘୋଷଣା କରିଛନ୍ତି, ସେଯାବତ ସେ ବଞ୍ଚିବେ କି ନାହିଁ ସନ୍ଦେହ । ତଥାପି ସେ ଚାହାନ୍ତି ଯେ ତାଙ୍କ ଶାସକ ଦଳ ଗାଦିରେ ରହୁ, କାରଣ ଜାତିଗତ ସୌହାର୍ଦ୍ଦ ଓ ଶାନ୍ତି ତାଙ୍କ ଦଳ ଯୋଗୁ ସମ୍ଭବ ଏବଂ ଅର୍ଥନୈତିକ ପ୍ରଗତି କେବଳ ଜାତିଗତ ସୌହାର୍ଦ୍ଦ୍ୟ ଓ ଶାନ୍ତି ଯୋଗୁ ହିଁ ସମ୍ଭବ । ସରକାର ସ୍ଥିର ଓ ଦୃଢ ହେଲେ ସିନା ଅର୍ଥନୈତିକ ପ୍ରଗତିରେ ଆସୁଥିବା ପ୍ରତିବନ୍ଧକକୁ ଦୃଢ ହସ୍ତରେ ଦମନ କରିପାରିବ । ମହାଥୀର ନିଜେ ଜଣେ ମୁସଲମାନ ହେଲେ ମଧ୍ୟ ସେ ତାଙ୍କ ଚାରିପଟେ ଅନ୍ଧବିଶ୍ୱାସୀ ମୌଳବାଦୀ ମୁସଲମାନଙ୍କଠାରୁ ସବୁଠାରୁ ବେଶି ଧମକ ପାଉଛନ୍ତି । ଉଚ୍ଚସ୍ତରରେ ଭ୍ରଷ୍ଟାଚାର ଚାଲୁ ରହିଛି ବୋଲି ଅଭିଯୋଗ କରୁଥିବା ଲୋକମାନେ ଦେଶକୁ ଯେତିକି ଖରାପ କରୁଛନ୍ତି, ଧର୍ମନାମରେ ଲୋକଙ୍କୁ ଭୂଆଁ ବୁଲାଉଥିବା ମୌଳବାଦୀ ମୁସଲମାନମାନେ ତତୋଧିକ ପରିମାଣରେ ଦେଶକୁ ପଛକୁ ଟାଣି ନେଉଛନ୍ତି ।

ଆମ ଦେଶର ପ୍ରତିରକ୍ଷା ଆଇନ (ମିସା ବା ଟାଡା) ଭଳି ମାଲେସିଆରେ ଆଭ୍ୟନ୍ତରୀଣ ନିରାପତ୍ତା ଆଇନ (ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ) ଅଛି । ଏହି ଆଇନ ବଳରେ ଜାତୀୟ ସୁରକ୍ଷା ପ୍ରତି ଆଶଙ୍କା ଦେଖାଉଥିବା ଯେ କୌଣସି ଲୋକଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗିରଫ କରି ଜେଲରେ ରଖିହେବ । ମାଲେସିଆରେ ଆଲଆର୍କମ ନାମକ ଏକ ମୁସଲିମ୍ ପନ୍ଥା (ସେକ୍ଟ) ଥିଲା । ପ୍ରାୟ ୧୦,୦୦୦ ଭକ୍ତଙ୍କର ନେତା ଆସାରି ମହମ୍ମଦଙ୍କୁ ଆଗବର୍ଷ ଅଗଷ୍ଟରେ ମହାଥୀରଙ୍କ ସରକାର ଜେଲରେ ଭର୍ତ୍ତି କରିଦେଲେ । କାରଣ ଥିଲା ଆସାରିଙ୍କ ଧର୍ମପ୍ରଚାର ଲୋକଙ୍କ ଭିତରେ ଧର୍ମଗତ ଦଙ୍ଗା ଆଣି ପାରେ । ଦୁଇମାସ ଜେଲରେ ରହିବା ପରେ ଯେତେବେଳେ ସେ ଜେଲରୁ ବାହାରିଲେ ଆସାରି ପୂରାପୂରି ନଣ୍ଡା : ମୁହଁରେ ଦାଢି ନ ଥିଲା କି ମୁଣ୍ଡରେ ବାଳ । ସେ ଟେଲିଭିଜନ ସାକ୍ଷାତକାରରେ ମାନିଗଲେ ଯେ ସେ ମୌଳିକ ମୁସଲମାନ ଧର୍ମରୁ ଦୂରେଇ ଯାଇଛନ୍ତି, ତେଣୁ ତାଙ୍କ ପନ୍ଥାକୁ ଭାଙ୍ଗିଦେଲେ । ତାଙ୍କ ଏଭଳି ବକ୍ତବ୍ୟସତ୍ତ୍ୱେ ମହାଧୀର ସରକାରଙ୍କ କଡା ନଜର ତାଙ୍କ ଉପରେ ରହିଛି । ମହାଧୀରଙ୍କ ନିର୍ବାଚନ ପ୍ରଚାରର ବିଧିକୁ ବିରୋଧି ଡେମୋକ୍ରାଟିକ ଆକ୍‌ସନ ପାର୍ଟି (ଡିଏପି)ର ନେତା ଲିମ କିଟ ସ୍ୟାଙ୍ଗ ପ୍ରବଳ ବିରୋଧ କରୁଥିଲେ । ମହାଥୀରଙ୍କର ନ୍ୟାସନାଲ ଫ୍ରଣ୍ଟ କୌଣସି ବିରୋଧି ଦଳ ଚାହାନ୍ତି ନାହିଁ ବୋଲି ସେ କହି ଆସୁ ଥିଲେ । ଏପ୍ରିଲ ୨୫ରେ ସାଧାରଣ ନିର୍ବାଚନ ଘୋଷଣା ହେବାକ୍ଷଣି ରେଡିଓ ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳମାନେ ପ୍ରଚାର

କରିପାରିବେ ବୋଲି ମାଲେସିଆ ସରକାର ଆଦେଶ ଜାରି କଲେ । କିନ୍ତୁ ବଡ ଧରଣର ସଭା କରିବା ଲାଗି ସରକାରୀ ଅନୁମତି ଦରକାର ବୋଲି ଆଦେଶ ଥିଲା । ଆଇନ ଅନୁଯାୟୀ କୌଣସି ଦଳ ୩୦୦୦ ରୁ ବେଶୀ ଲୋକଙ୍କ ସମାବେଶ କରାଇ ସଭାସମିତି କଲେ, ସରକାରୀ ଅନୁମତି ନେବେ । ବିରୋଧୀଦଳମାନେ ଏହାଠାରୁ ବଡ ସଭାସମିତି କରିବା ଅନୁମତି ପାଇବା ବଡ କଷ୍ଟକର ବ୍ୟାପାର ଥିଲା । ଏଭଳି ସରକାରୀ ଅଭିଯାନ ସମ୍ମୁଖରେ ଲିମ ଓ ଅନ୍ୟ ବିରୋଧୀ ଦଳର ନେତାମାନେ ଅନନ୍ୟୋପାୟ ହୋଇ ଭୋଟରମାନଙ୍କ ଘର ଘର ବୁଲି ପ୍ରଚାର କରିଥିଲେ । ଟେଲିଭିଜନ ମାଧ୍ୟମରେ ମହାଥୀର ଓ ତାଙ୍କ ଦଳର ମୁଖ୍ୟ ନେତାମାନଙ୍କର ଭାଷଣ ସବୁଦିନେ ପ୍ରଚାର ହେଉଥିଲା । ବିରୋଧୀ ଦଳମାନେ ଯେତେବେଳେ ସରକାରୀ ମାଧ୍ୟମରେ ଅପବ୍ୟବହାର ହେଉଛି ବୋଲି ସମାଲୋଚନା କରୁଥିଲେ, ବିଭିନ୍ନ ଅବସରରେ ଶାସକ ଦଳର ନେତାମାନଙ୍କର ଭାଷଣକୁ ମାଲେସିଆ ଟେଲିଭିଜନ ସମ୍ବାଦ ବୋଲି କୁହାଯାଉଥିଲା । ନିର୍ବାଚନ ପୂର୍ବରୁ ଦିନକୁ ପ୍ରାୟ ଘଣ୍ଟାଏ କାଳ ରାଜ୍ୟର ଟେଲିଭିଜନ ଦେଶପ୍ରେମ ଗୀତ ଓ ସନ୍ଦେଶ ପ୍ରଚାର କରୁଥିଲା । ମାଲେସିଆ କିପରି ସମୃଦ୍ଧ ହେଉଛି ସେ ବିଷୟରେ ସଚିତ୍ର ବିବରଣୀ ଦେଉଥିଲା । ଉଚ୍ଚକାରୀଗରିର ଶିଳ୍ପ, ବିସ୍ତୃତ ବନରାଜି, ନୂତନ ନୂତନ ବିଦ୍ୟାଳୟ, ବହୁଳ ତୈଳକୂପ, ଚିତ୍ତାକର୍ଷକ କ୍ରୀଡାକୌତୁକ ପ୍ରତିଯୋଗିତା, ହସ ହସ ନାଗରିକବୃନ୍ଦ ଏବଂ ତଦ୍ରୂପ ବହୁତ ଦୃଶ୍ୟାବଳୀ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ପ୍ରଚାର ଚାଲିଥିଲା । କେଉଁଠି ମହାଥୀର ଗୋଟିଏ ଶିଶୁକୁ ଚୁମା ଦେଉଛନ୍ତି ତ ଆଉ କେଉଁଠି ବିଲ୍ କ୍ଲିଣ୍ଟନ, ଜନ ମେଜର ବା ୟାସେର ଆରାଫାତଙ୍କ ସହିତ ଆଲିଙ୍ଗନରତ ଅଛନ୍ତି ।

ମହାଥୀରଙ୍କ ବହୁତ କୁକର୍ମ, କିନ୍ତୁ ଲୋକେ ତାହା ଭୁଲିଯାଆନ୍ତି । ମାଲେସିଆର ପ୍ରସିଦ୍ଧ ଔପନ୍ୟାସିକ କରିମ ରସୁନିନଙ୍କ ଭାଷାରେ ଏହାର କାରଣ ଶୁଣନ୍ତୁ । 'ମହାଥୀର ଗୋଟିଏ ଅସ୍ଥିର ସମାଜକୁ, ପରସ୍ପର ଭ୍ରାତୃହନ୍ତା ଯୁଦ୍ଧରେ ଲାଗିଥିବା କେତେଗୁଡିଏ ସମ୍ପ୍ରଦାୟକୁ ଏବଂ ଟିଣ ଖଣି ଓ ରବର ରସ ଉପରେ ନିର୍ଭର କରୁଥିବା ଗୋଟିଏ ଆଦିମ ଅର୍ଥନୀତିକୁ ଏତେ ସହଜରେ ଗୋଟିଏ ବଡ ଶିଳ୍ପୋନ୍ନତ ରାଷ୍ଟ୍ରରେ ପରିଣତ କରିପାରିଲେ ଏହା ହିଁ ମହାଥୀରଙ୍କୁ ଆଜୀବନ ଲୋକପ୍ରିୟ କରି ରଖିଛି । ରାଜନୀତି ପାଖଟା ଛାଡିଦେଲେ ଅନ୍ୟସବୁ ଦିଗରୁ ମହାଥୀରଙ୍କୁ ରାଷ୍ଟ୍ରନାୟକ ହିସାବରେ ସମସ୍ତେ ସମ୍ମାନ କରନ୍ତି ।' ମହାଥୀରଙ୍କ ଅର୍ଥନୈତିକ ସାଫଲ୍ୟ ଛାଡି ଆଉ କୌଣସି ବିଷୟରେ ବିରୋଧିଦଳ ତାଙ୍କ ସହିତ ଏକମତ ହୁଅନ୍ତି ନାହିଁ । ଚୀନା ସମ୍ପ୍ରଦାୟର ପ୍ରାଧାନ୍ୟ ଥିବା ଡେମୋକ୍ରାଟିକ ଆକ୍‌ସନ ପାର୍ଟି ଓ ପାନ ମାଳୟ ଇସଲାମିକ ପାର୍ଟିର (ପି.ଏ.ଏସ)-ଏ ଦୁଇଟି ମାଲେସିଆର ମୁଖ୍ୟ ବିରୋଧୀ ପାର୍ଟି । ପି.ଏ.ଏସ. ଉତ୍ତରପୂର୍ବସ୍ଥ କେଲାଣ୍ଟନ ପ୍ରଦେଶରେ ପ୍ରାଧାନ୍ୟ ବିସ୍ତାର

କରିଛି । ଏ ଦଳ ଇସଲାମିକ ଆଇନ ସାରିୟତକୁ ଲୋକଙ୍କ ଉପରେ ଲଦିବାକୁ ଚାହେଁ । କେଲାଣ୍ଟନ ରାଜ୍ୟ ଚିର ଦରିଦ୍ର, ମଫସଲୀ ଏବଂ ମୁସଲମାନ ବହୁଳ । ପ୍ରତି ନିର୍ବାଚନରେ ଏହି ରାଜ୍ୟରେ ପି.ଏ.ଏସ. ଜିତେ, ଏଥର ମଧ ଜିତିଛି । ପୂର୍ବର ନିର୍ବାଚନରେ ବିଜୟ ପରେ ପରେ ପି.ଏ.ଏସ. ଦଳର ସରକାର କେଲାଣ୍ଟନ ପ୍ରଦେଶରେ ସାରିୟତ ଆଇନ ଲାଗୁ କରିଦେଲେ, କିନ୍ତୁ ମହାଥୀର ଏହାର ବିରୋଧ କଲେ । ଚୋରମାନଙ୍କ ହାତ କାଟି ଦେବା, ଲମ୍ପଟ ପୁରୁଷ ବା ସ୍ତ୍ରୀକୁ ପଥରରେ ଛେଚି ଛେଚି ମାରିବା ଭଳି ଆଇନକୁ ମହାଥୀରଙ୍କ ସରକାର ଅସାମ୍ବିଧାନିକ ଘୋଷଣା କଲା । ମହାଥୀର ଏଥରର ନିର୍ବାଚନରେ କେଲାଣ୍ଟନ ପ୍ରଦେଶରୁ ନିଜ ଦଳକୁ ଜିତାଇବା ପାଇଁ ବଦ୍ଧ ପରିକର ଥିଲେ ମଧ ପାରିଲେ ନାହିଁ । କେଲାଣ୍ଟନ ପ୍ରଦେଶରେ ମୁଣ୍ଡ ଟେକିଥିବା ଆଉ ଗୋଟିଏ ଦଳ 'ସ୍ପିରିଟ ଅଫ ୪୬'ର ନେତା ପ୍ରିନ୍ସ ରାଜାଲେ ହାମଜା କହନ୍ତି ଯେ ମହାଥୀରଙ୍କ ସରକାର ସାରିୟତ ନିୟମକୁ ଲାଗୁ କରିବାରେ ଯେତେ ଡେରି କରିବ ଲୋକେ ତାଙ୍କୁ ସେତେ ବିରୋଧ କରିବେ । ଏକଥା ସତ୍ୟ ଯେ କେଲାଣ୍ଟନ ପ୍ରଦେଶର ବାହାର ମାଲେସୀୟମାନେ ରାଜକୁମାର ରାଜଲେହଙ୍କୁ ଟିକିଏ ହେଲେ ପଚାରନ୍ତି ନାହିଁ । ସେମାନେ କେଲାଣ୍ଟନର ଦାରିଦ୍ର୍ୟ ଓ ରକ୍ଷଣଶୀଳତା ଉପରେ ଗଢା ହୋଇଥିବା ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶାସନଠାରୁ ଅର୍ଥନୈତିକ ସମୃଦ୍ଧି ଉପରେ ଗଢା ହୋଇଥିବା ମହାଥୀରଙ୍କ ବହୁଜାତି ମିଳିତ ଦଳର ସରକାରକୁ, ୟୁନାଇଟେଡ ମାଲୟଜ ନ୍ୟାସନାଲ ଅର୍ଗାନାଇଜେସନ (ଗଞଅର)କୁ ବେଶି ପସନ୍ଦ କରନ୍ତି ।

ଆମଦେଶ ଭଳି ମାଲେସିଆରେ ମଧ ସରକାରୀ କର୍ମଚାରୀ ଓ ରାଜନୈତିକ ନେତାମାନଙ୍କ ମଧରେ ଭ୍ରଷ୍ଟାଚାର ଭରି ରହିଛି । ଟ୍ରାଫିକ ପୋଲିସ, କଷ୍ଟମ ଅଫିସରମାନେ ଉତ୍କୋଚ ନ ନେଲେ କାମ କରନ୍ତି ନାହିଁ । ପଇସା ଦେଲେ ବିନା ଚେଷ୍ଟାରେ ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିଯାଏ । ଭ୍ରଷ୍ଟାଚାର, ବ୍ୟଭିଚାର ଦୃଷ୍ଟିରୁ ମାଲେସିଆ ଆମ ଦେଶ ଭଳି । ଅର୍ଥନୈତିକ କ୍ଷେତ୍ରରେ ଆଞ୍ଚଳିକ ମନୋଭାବ ଖୁବ ସ୍ପଷ୍ଟ । ସେଠାରେ ବି ଭୂମିପୁତ୍ରମାନେ ନିଜର ଭାଗ ଦାବି କରୁଛନ୍ତି, ପ୍ରବାସୀ ଚୀନା, ଭାରତୀୟ ଓ ଅନ୍ୟମାନଙ୍କୁ ତଡିବାକୁ ଚାହୁଛନ୍ତି । ଭୂମିପୁତ୍ରଙ୍କ ସଂଖ୍ୟା ଦେଶର ଲୋକସଂଖ୍ୟାର ଅଧାରୁ ବେଶି । ୨୫ ବର୍ଷ ଭିତରେ ରାଷ୍ଟ୍ରର ସମ୍ପତ୍ତିରେ ଭୂମିପୁତ୍ରମାନଙ୍କର ଭାଗ ୨%ରୁ ୩୦%କୁ ବଢାଇ ଦିଆଯିବ ବୋଲି ମହାଥୀର ସରକାରୀ ଘୋଷଣା କରିଥିଲେ । ମାଲେସିଆର ଏକତୃତୀୟାଂଶ ଲୋକ ଚୀନା ସମ୍ପ୍ରଦାୟର । ସେମାନେ ମାଲେସୀୟ ସମ୍ପତ୍ତିର ୩୦% ରୁ ବେଶିର ଅଧିକାରୀ । ସୁଖର କଥା, ମହାଥୀରଙ୍କ ଦୀର୍ଘକାଳର ଶାସନ ଭିତରେ ଭୂମିପୁତ୍ରମାନଙ୍କର ଅଂଶ ଶତକଡା ୨୦ ପାଖାପାଖି ହୋଇଗଲାଣି । ମାଲେସୀୟ ଅର୍ଥନୀତିରେ ଯେତେ ଅଭିବୃଦ୍ଧି ହୋଇଛି ସରକାର ଭୂମିପୁତ୍ରମାନଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସେତେ ଜୋର ଦେଇଛନ୍ତି । ଗୋଟିଏ ଉଦାହରଣ ହେଲା -

ସର୍ବସାଧାରଣରେ କମ୍ପାନୀମାନେ ଯେତେ ବେଳେ ନୂଆ ସେଆର ବିକନ୍ତି, ଅତି କମରେ ତହିଁର ୩୦% ସେଆର୍ ମାଲେସିଆର ମୂଳ ଅଧିବାସୀ ମାଲୟୀମାନଙ୍କୁ ରିହାତି ମୂଲ୍ୟରେ ବିକିବାକୁ ବାଧ ହୁଅନ୍ତି । ଏହା ହେଉଛି ଆଇନ । ଏଥିରେ ଯେ ପ୍ରିୟାପ୍ରୀତି ହୁଏ ନାହିଁ ତାହା ନୁହେଁ । ମହାଥୀରଙ୍କ ସରକାରରେ ଥିବା ବହୁ ପ୍ରଶଂସିତ ଆନ୍ତର୍ଜାତୀୟ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ମିସେସ ରାଫିଦା ଅଜିଜଙ୍କ ଅଧକ୍ଷତାରେ ଗୋଟିଏ କମିଟି କମ୍ପାନୀମାନଙ୍କ ସେଆର ବିକିବାର ନୀତି ନିର୍ଦ୍ଧାରଣ କରେ । ଏହି କମିଟିର ଅନୁମୋଦନକ୍ରମେ ରାଫିଦା ଅଜିଜଙ୍କର ଜ୍ୱାଇଁ ୭୫ ଲକ୍ଷ ଡଲାରର ସେଆର କିଣିଛନ୍ତି ବୋଲି ସେ ଦେଶର ଖବରକାଗଜମାନଙ୍କରେ ବହୁତ ତର୍କବିତର୍କ ଚାଲିଲା । ସେତିକି ପରିମାଣର ସେଆର ମହାଥୀରଙ୍କ ପୁଅ ମୀରଜାଙ୍କ ଏବଂ ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ବର୍ତ୍ତମାନ ଅପରାଧି ଅନୱାର ଇବ୍ରାହିମଙ୍କ ଗୋଟିଏ ଭାଇ ମଧ୍ୟ କିଣିଥିଲେ । ମାଲେସିଆର ଆଣ୍ଟି କରପସନ ଏଜେନସି ଏ ସମ୍ପର୍କରେ ରାଫିଦା ଅଜିଜଙ୍କ ଭୂମିକାର ଅନୁସନ୍ଧାନ ଚଳାଇଛନ୍ତି । ମାଲେସିଆର ଆଇନ ଅନୁଯାୟୀ ଯେ ପର୍ଯ୍ୟନ୍ତ ସେଆର କିଣିଥିବା ବ୍ୟକ୍ତି ତା'ର ଟିକସ ଠିକ ସମୟରେ ଦେଉଥିବ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯାଇ ପାରିବ ନାହିଁ । ପ୍ରତିଭୂତି ମାମଲାରେ ଯେଉଁ ଦୁର୍ନୀତି ଆମ ଦେଶରେ କିଛି ଦିନ ଧରି ଖବର କାଗଜ ପୃଷ୍ଠା ମଣ୍ଡନ କରିଥିଲା ମାଲେସିଆରେ ସେହିଭଳି ଚାଲିଛି । ସହଜରେ ଧନୀ ହେବାର ଏ ଗୋଟିଏ ଉପାୟ ତ ।

କିନ୍ତୁ ମହାଥୀର ନିଜେ ଉତ୍ତରାଧିକାରୀ ଭାବରେ ଯେଉଁ ଅନୱାର ଇବ୍ରାହିମଙ୍କୁ ସେତେବେଳେ ଲୋକ ସମ୍ମୁଖକୁ ଆଣିଥିଲେ ସେ ଭ୍ରଷ୍ଟାଚାର ବିରୁଦ୍ଧରେ ବେଶି ସଚେତନ ଥିଲେ । ତାଙ୍କ ଭାଇ ବିରୁଦ୍ଧରେ ଷ୍ଟକ୍ ଦୁର୍ନୀତି ପ୍ରକାଶ ପାଇବା ପରେ ସେ ସାଧାରଣରେ ଘୋଷଣା କଲେ ଯେ ତାଙ୍କ ପରିବାରର କେହି ସେଆର ସାର୍ଟିଫିକେଟ କିଣିବେ ନାହିଁ, କିଣିଥିଲେ ଫେରାଇବେ । ଜନୈକ ବ୍ୟବସାୟୀ ତାଙ୍କ ବାପାଙ୍କୁ ୫୦,୦୦୦ ଏକର କୃଷି ଓ ଜଙ୍ଗଲ ଜମି ଦେବାର ଖବର ପଢିବା ପରେ ତାଙ୍କ ବାପା ଏହାକୁ ଫେରାଇ ଦିଅନ୍ତୁ ବୋଲି ସେ ଜିଦ୍ ଧରିଲେ । ତାଙ୍କ ବାପା ଫେରାଇ ଦେଲେ । ତାଙ୍କର ଆଉ ଜଣେ ଭାଇ ଏକ ସରକାରୀ କମ୍ପାନୀର ବୋର୍ଡରେ ଡାଇରେକ୍ଟର ପଦ ଗ୍ରହଣ କରିଥିବାରୁ ସେ ତାଙ୍କୁ ଭର୍ତ୍ସନା କରିଥିଲେ । ମହାଥୀରଙ୍କର ସାଥୀ ଡାଇମ ଜଇନୁଦ୍ଦିନଙ୍କ ସହିତ ବି ଅନୱାର ଖଡ୍ଗ ଉତ୍ତୋଳନ କରିଥିଲେ । ଡାଇମ୍ ବଡ ଧୂର୍ତ୍ତ, ସରକାରଙ୍କର ସେ କୌଣସି ବଡ ବଡ ଠିକାରେ ପଶିଯିବାରେ ସିଦ୍ଧହସ୍ତ ।

ଅନୱାର ମହାଥୀରଙ୍କ ପରେ ହିଁ ନେତୃତ୍ୱ ନେବେ, ଏ ଧାରଣା ଏବେ ଧୂଳିସାତ୍ ହୋଇଯାଇଛି । ମହାଥୀର ଗାଦିକୁ ଫେରିଆସିଛନ୍ତି । ଅନ୍ତତଃ ୨୦୦୦ ଖ୍ରୀଷ୍ଟାବ୍ଦଯାଏଁ ସେ ମୃତ୍ୟୁକୁ ଦୂରେଇ ରଖିପାରିବେ । ଯେପର୍ଯ୍ୟନ୍ତ ମାଲେସୀୟମାନେ ତାଙ୍କୁ ନେତା ବୋଲି

ନିର୍ବାଚିତ କରୁଥିବେ ସେ ପର୍ଯ୍ୟନ୍ତ ସେ କାମ କରିଚାଲିବେ ବୋଲି ସେ କହନ୍ତି । ଆମ ଦେଶରେ ସେଭଳି ଧର୍ମଗୁରୁ ବା ରାଜନୈତିକ ନେତା ନିଜର ଉତ୍ତରାଧିକାରୀ ବାଛି ଲୋକଙ୍କ ଉପରେ ଲଦନ୍ତି, ମାଲେସିଆରେ ସେହିଭଳି ଚାଲିଛି । ମହାଥୀର ଅନୱାରଙ୍କୁ ତାଙ୍କ ଉତ୍ତରାଧିକାରୀ ବୋଲି ସର୍ବସାଧାରଣରେ ଘୋଷଣା କରିଥିଲେ, ପରେ ତାଙ୍କ ଜନପ୍ରିୟତାକୁ ସହି ନ ପାରି ଗାଦିମାଡି ବସିବାକୁ ଷଡଯନ୍ତ୍ର କରୁଛନ୍ତି ଅଭିଯୋଗ କରି ମହାଥିର ଅନୱାରଙ୍କୁ କେତେକ ଅପରାଧରେ ଗିରଫ୍ କରି ମକଦ୍ଦମା ଚାଲୁ କରିଛନ୍ତି । ଦେଶଟାକୁ ନିଜର ସମ୍ପତ୍ତି ଭାବି ଯେଉଁ ମହାପାତ୍ରମାନେ ନିଜର ସନ୍ଧୁକ ମୋଟା  କରିଛନ୍ତି ସେମାନେ ଅନୱାରଙ୍କୁ ଜଳକା କରିଦେଲେ ।

## ଘରୋଇ ପୁଞ୍ଜି ଲଗାଣରେ ବି ଦାରିଦ୍ର୍ୟ ଦୂରୀକରଣ ସମ୍ଭବ

ଆଜିକାଲି ଆମ ଦେଶରେ ଅର୍ଥନୈତିକ ଉଦାରୀକରଣ ଯୋଗୁ ବିଭିନ୍ନ ଶିଳ୍ପ, କାରଖାନା ଓ ବ୍ୟବସାୟରେ ଘରୋଇ ପୁଞ୍ଜି ପ୍ରଭୂତ ପରିମାଣରେ ଲାଗିଲାଣି ଓ ଲାଗୁଛି । ଦେଶର ବିଦେଶୀ ପୁଞ୍ଜି ପରିମାଣ ବଢୁଛି, ଘରୋଇ ସ୍ଥୂଳ ଉତ୍ପାଦନ (ଜିଡିପି) ପରିମାଣ ବଢୁଛି ଏବଂ ସେହି କାରଣରୁ ହାରାହାରି ମୁଣ୍ଡ ପିଛା ଆୟ ବଢୁଛି । ଏ ପ୍ରକାର ଉନ୍ନତିର ଫଳ ଗରିବ ଲୋକଙ୍କୁ ମିଳିନାହିଁ । ବରଂ ଗରିବ ଓ ଧନୀ ମଧ୍ୟରେ ବ୍ୟବଧାନ ବଢୁଛି । ଗରିବ ଲୋକ ଖୁବ୍ କମ୍ ପଇସା ସଞ୍ଚିପାରେ । ଏତେ କମ୍ ପଇସା କେଉଁ ଶିଳ୍ପପତି ନେବ ଯେ ଗରିବ ଏଭଳି ଘରୋଇ ଶିଳ୍ପ ବୃଦ୍ଧିରୁ ଲାଭ ପାଇବ ? ଯଦି ଗୁଡିଏ ଗରିବ ବା ମଧ୍ୟବିତ୍ତ ଶ୍ରେଣୀର ଲୋକ ସେମାନଙ୍କ କ୍ଷୁଦ୍ର ସଞ୍ଚୟଗୁଡିକୁ ମିଶାଇ ପାରନ୍ତି ତେବେ ଏକ ଆଖିଦୃଶିଆ ପୁଞ୍ଜି ହେବ । ଏଭଳି ବ୍ୟବସ୍ଥାକୁ ମ୍ୟୁଚୁଆଲ୍ ଫଣ୍ଡ କୁହାଯାଏ । ଏ ବ୍ୟବସ୍ଥାରେ ଅଳ୍ପ ଅଳ୍ପ ଟଙ୍କା ସଞ୍ଚିଥିବା ଲୋକଙ୍କ ଜମା ଟଙ୍କା ନେଇ କେତେକ ପୁଞ୍ଜିଲଗାଣକାରୀ ସଂସ୍ଥା ଶିଳ୍ପ ଓ ବ୍ୟବସାୟରେ ଲଗାନ୍ତି । କେଉଁଠି ପୁଞ୍ଜି ଖଟାଇଲେ ବେଶି ଲାଭ ମିଳିବ ତାହା ସେମାନେ ନିର୍ଣ୍ଣୟ କରନ୍ତି । ଫଳରେ ଗରିବ ତଥା ନିମ୍ନ ମଧ୍ୟବିତ୍ତ ଲୋକଙ୍କର ଅଂଶଧନ ଆନୁପାତିକ ଲାଭ ପାଇଥାଏ । ଏଭଳି ମ୍ୟୁଚୁଆଲ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ସମ୍ପର୍କରେ ସିଙ୍ଗାପୁର ସରକାର ନିୟମ କରିଛନ୍ତି ଯେ କୌଣସି ନୂଆ କମ୍ପାନୀବା ଶିଳ୍ପ ଖୋଲା ବଜାରରେ ପୁଞ୍ଜିଗ୍ରହଣ କରୁଥିଲେ ତହିଁର ଶତକଡା ୩୦ ଭାଗ ଗରିବମାନଙ୍କଠାରୁ ନେବାକୁ ବାଧ୍ୟ । ତେଣୁ ସେ ଦେଶର ଅର୍ଥନୈତିକ ସୁଫଳର ବେଶ୍ କିଛି ଅଂଶ ଗରିବମାନଙ୍କ ହାତକୁ ଆସୁଛି । ଦେଶର ସାଧାରଣ ଅଭିବୃଦ୍ଧିର ଫଳ ସମସ୍ତଙ୍କୁ ଊଣାଅଧିକେ ମିଳୁଛି । *ପ୍ରଶାସନିକ ଦୃଢତା ହିଁ ଆଇନଶୃଙ୍ଖଳା ରକ୍ଷା କରେ* ପ୍ରବନ୍ଧରେ ଏ ବିଷୟ ସୂଚାଇ ଦିଆଯାଇଛି । ଚିଲି ଦେଶ ଭିନ୍ନ ପ୍ରକାର ପଦକ୍ଷେପ ନେଇଛି । ଗରିବ, ଖଟିଖିଆ, ଶ୍ରମିକ ଓ ନିମ୍ନବେତନଧାରୀ ଲୋକେ କିଭଳି ଏହାର ସୁଫଳ ପାଇବେ, ଚିଲି ତାହାର ଏକ ଅନୁକରଣୀୟ ଉଦାହରଣ ।

ଆମ ଦେଶରେ ମ୍ୟୁଚୁଆଲ ଫଣ୍ଡ ଉପରେ ସରକାରୀ ନିୟନ୍ତ୍ରଣ ପ୍ରାୟ ନାହିଁ । କିଣିବା

ମୂଲ୍ୟ ଲେଖା ମୂଲ୍ୟଠାରୁ ବେଶି ତ କମ୍ପାନୀର ପୁନଃକିଣିବା ମୂଲ୍ୟ ଲେଖା ମୂଲ୍ୟଠାରୁ କମ, ତେଣୁ ଯେଉଁ ଲୋକ କୌଣସି କମ୍ପାନୀରେ ସେୟାର କିଣି ଅସନ୍ତୁଷ୍ଟ ହେଲା କି ଲାଭ ପାଇଲା ନାହିଁ, ତାକୁ ବିକିବାକୁ ଚାହିଁଲେ କମ୍ ପଇସାରେ ବିକେ, ଅର୍ଥାତ୍ ସେୟାର ଭଙ୍ଗାଉଥିବା ବା ବଦଳାଉଥିବା ଲୋକର କଷ୍ଟାର୍ଜିତ ଧନ ହ୍ରାସ ପାଇଥାଏ । ଗୋଟିଏ ଉଦାହରଣ ଦେଖନ୍ତୁ : ଏଲ.ଆଇ.ସି.ର 'ଧନବୃଦ୍ଧି' ଯୋଜନା । ଆପଣ ଦଶ ଟଙ୍କା ସାର୍ଟିଫିକେଟକୁ ୧୧ ଟଙ୍କାରେ କିଣିବେ । ତାକୁ ଯଦି ଏଲ.ଆଇ.ସି.କୁ ବିକିବେ ତ ଏଲ.ଆଇ.ସି. ଦଶଟଙ୍କା କୋଡିଏ ପଇସା ଦେବ । ସାର୍ଟିଫିକେଟର ଖାଣ୍ଟି ମୂଲ୍ୟ (ନେଟ ଆସେଟ ଭାଲ୍ୟୁ ବା ଏନ୍.ଏ.ଭି.) ୩୦.୪.୯୫ରେ ୧୦/୨୦ ଟଙ୍କା ମାତ୍ର ଥିଲା । ଯଦି ବର୍ଷେ ନ ପୂରୁଣୁ ବିକିଲେ, ଏଲ.ଆଇ.ସି. ୮୦ ପଇସା କମରେ କିଣିବ । ଚିଲି ଦେଶର ସରକାର ଏହା କରାଇ ଦିଅନ୍ତି ନାହିଁ । ସେ ଦେଶରେ କୌଣସି କମ୍ପାନୀ ଉପରେ ଯଦି ଜମାକାରୀର ବିଶ୍ୱାସ ତୁଟିଲା, ସେ ମୂଳ ଦାମ୍‌ରେ କିଣିପାରିବ, ଅର୍ଥାତ ୧୦ ଟଙ୍କାରୁ କମ ପାଇବ ନାହିଁ । ନେଟ୍ ଆସେଟ୍ ଭାଲ୍ୟୁରେ ନୂଆ କମ୍ପାନୀକୁ ବିକିପାରିବ, ଅର୍ଥାତ୍ ୨୦ ପଇସା ଅଧିକ ପାଇବ । ଶ୍ରମିକର ଗୋଟିଏ ହିସାବ ଖାତାରେ ଏସବୁ ଲେଖା ହେଉଥିବ, ଠିକ୍ ଯେପରି ବ୍ୟାଙ୍କ ଆକାଉଣ୍ଟ ।

ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳରେ ଚିଲି ଏବେ ଏକ ସାଧାରଣତନ୍ତ୍ର ରାଷ୍ଟ୍ର । ୧୮୧୦ରେ ସ୍ପେନ କର୍ତ୍ତୃତ୍ୱରୁ ସ୍ୱାଧୀନ ହୋଇଥିବା ଏହି ଦେଶ ୧୯୭୦ରେ କମ୍ୟୁନିଷ୍ଟ ସରକାର ଗଢିବାରେ ଦକ୍ଷିଣ ଆମେରିକା ମହାଦେଶର ପ୍ରଥମ ରାଷ୍ଟ୍ର । ମାର୍କ୍ସିଷ୍ଟ ସରକାର ୧୯୭୩ରେ ସାମରିକ ବିଦ୍ରୋହରେ ଭୁଶୁଡି ପଡିଲା । ସେହି ବର୍ଷଠାରୁ ଅର୍ଥନୈତିକ ଉଦାରୀକରଣ ଚାଲୁ ହୋଇଛି । ଏହାର ରାଷ୍ଟ୍ରପତି ଏଡୁଆର୍ଡୋ ଫ୍ରାଇ । ୧୯୮୧ରେ ଚିଲିର ଅଗଷ୍ଟୋ ପିନୋସେଟ ଓ ସାଥୀ ଜେନେରାଲମାନେ ଠିକ୍ କଲେ ଯେ ସରକାରରେ ତଥା ସରକାରୀ ଉଦ୍ୟୋଗମାନଙ୍କରେ ଶ୍ରମିକ ତଥା କର୍ମଚାରୀମାନଙ୍କ ଲାଗି ବାର୍ଦ୍ଧକ୍ୟ ଭତ୍ତା ଆଉ ସରକାର ଦେବେ ନାହିଁ । ଦେବା ପାଇଁ ସରକାରଙ୍କର ବି ପଇସା ନାହିଁ । ସେ ଦେଶର ସାମାଜିକ ନିରାପତ୍ତା (ସୋସିଆଲ ସିକ୍ୟୁରିଟି) ଯୋଜନାରେ ଅବସରକାଳୀନ ଭତ୍ତା ଛଡା ବେକାରମାନଙ୍କୁ ମଧ୍ୟ ଭତ୍ତା ଦିଆଯାଏ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଚିଲିର ସରକାରୀ କାର୍ଯ୍ୟରେ ବା ଉଦ୍ୟୋଗରେ ଲାଗିଥିବା ଶ୍ରମିକମାନେ ସେମାନଙ୍କ ମଜୁରୀର ୨୦% ନିଯୁକ୍ତିକାରୀଙ୍କ ପାଖିରେ ରଖୁଥିଲେ । ଯେମିତି ଆମ ଦେଶରେ କଣ୍ଟ୍ରିବ୍ୟୁଟାରୀ ପ୍ରୋଭିଡେଣ୍ଟ ଫଣ୍ଡ ଅଛି । ତହିଁରୁ ଅବସରପ୍ରାପ୍ତ ଶ୍ରମିକମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଥିଲା । ଅଗଷ୍ଟୋ ପିନୋସେଟ୍‌ଙ୍କ ସରକାର ନୂଆ ଯୋଜନା କଲେ, ଶ୍ରମିକମାନେ ଦରମାର ୨୦% ନ ଦେଇ ଏଣିକି ୧୩% ମାତ୍ର ଦେବେ ଏବଂ ତାହା ସେ ଦେଶର ପ୍ରାୟ ଡଜନେ ପାଖାପାଖି ସରକାରୀ ସମର୍ଥିତ ମ୍ୟୁଚୁଆଲ ଇନଭେଷ୍ଟମେଣ୍ଟ ଫଣ୍ଡରେ ରହିବ । ତାହା ହିଁ ହେବ ସେମାନଙ୍କ ପେନ୍‌ସନ୍ ବା

ଅବସର କାଳୀନ ଭତ୍ତା । ପାଣ୍ଠି ଚଳାଉଥିବା କମ୍ପାନୀମାନେ କର୍ମଚାରୀ ବା ଶ୍ରମିକମାନଙ୍କଠାରୁ ପାଉଥିବା ପଇସାକୁ ଯଥାଯଥ ଭାବରେ ଖଟାଇବେ ଏବଂ କର୍ମଚାରୀମାନଙ୍କ ପୁଞ୍ଜିଲଗାଣ ବ୍ୟବସ୍ଥାକୁ ସରକାର କଡାକଡି ଭାବରେ ନିୟନ୍ତ୍ରିତ କରିବେ । ପ୍ରତି ୪ମାସରେ ଥରେ ଗ୍ରାହକ-କର୍ମଚାରୀ ବା ଶ୍ରମିକ ଗୋଟିଏ ଲେଖାଏଁ ହିସାବଫର୍ଦ୍ଦ ପାଇବ । ଯଦି ହିସାବ ଫର୍ଦ୍ଦ ନ ପାଏ ବା ଲାଭ ନ ହେଉଥିବା ହିସାବ ଫର୍ଦ୍ଦରୁ ଜାଣେ ତେବେ ସେ ସେଠାରୁ ଅର୍ଥ ଉଠାଇ ନେଇ ଅନ୍ୟ ଯେକୌଣସି ମ୍ୟୁଚୁଆଲ ଫଣ୍ଡରେ ରଖିପାରିବ ।

ଆଗେ ଶ୍ରମିକମାନେ ସରକାରଙ୍କୁ ବିଶ୍ୱାସ କରୁ ନଥିଲେ । ସରକାରଙ୍କ ଅନିୟମିତତା ତ ଅବିଶ୍ୱାସର ଗୋଟିଏ କାରଣ ଥିଲା । ତା' ସାଙ୍ଗକୁ ମୁଦ୍ରାସ୍ଫୀତି ସେମାନଙ୍କ ଜମାଧନର ପ୍ରକୃତ ମୂଲ୍ୟକୁ ଏତେ କମାଇ ଦେଉଥିଲା ଯେ ସେମାନେ ହତାଶ ହୋଇ ପଡୁଥିଲେ । ଆଜି ଟଙ୍କାକରେ ୨୫୦ ଗ୍ରାମ ଚାଉଳ କିଣୁଥିବା ବେଳେ କାଲିକି ଟଙ୍କାଟାରେ ଯଦି ମାତ୍ର ୧୦୦ ଗ୍ରାମ କିଣିହୁଏ, ତାହା ଟଙ୍କାର ପ୍ରକୃତ ମୂଲ୍ୟକୁ ୬୦% କମାଇଦେଲା । ଏହା ହିଁ ମୁଦ୍ରାସ୍ଫୀତିର ସରଳ ଅର୍ଥ । ଆଗେ ଚିଲିରେ ତ ମାସକୁ ୧୦୦% କି ଅଧିକ ମୁଦ୍ରାସ୍ଫୀତି ଘଟୁଥିଲା । ଅନ୍ତତଃ ଯେତିକି ପରିମାଣରେ ଜିନିଷ ମୂଲ୍ୟ ବଢୁଛି, ସଞ୍ଚିତ ଧନର ମୂଲ୍ୟ (ଅର୍ଥାତ ଜମାପୁଞ୍ଜିର ସୁଧ ବା ଡିଭିଡେଣ୍ଡ ହାର) ସେତିକି ବଢିବା କଥା । ଅଧିକା ବଢିଲେ ତ ଖୁସିର କଥା । ଏବେ ଚିଲି ଦେଶର ମ୍ୟୁଚୁଆଲ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ଯେତେ ଲାଭାଂଶ ଦେଉଛି, ତାହା ମୁଦ୍ରାସ୍ଫୀତିହାରକୁ ଟପିଯାଇଛି । ଜଣେ ବସ୍ତ୍ର କାରଖାନାର ପର୍ସନାଲ ମ୍ୟାନେଜରଙ୍କ ଉଦାହରଣ ନିଆଯାଉ । ଧରନ୍ତୁ ତାଙ୍କ ନାମ ଏଡଓ୍ୱାର୍ଡୋ ସିଲ୍‌ଭା । ସେ ୧୯୮୧ରେ ରଖିଥିବା ପେନ୍‌ସନ୍ ବାବଦ ଧନ ବଢି ବଢି ୯୭,୬୮, ୯୫୦ ପେସୋ (୨୩,୬୨୦ ଡଲାର) ହୋଇଯାଇଛି । (୧ ପେସୋ ଆମର ୧୦ ପଇସା ସାଙ୍ଗେ ସମାନ) ତାଙ୍କର ଏହି ଧନ ବର୍ଷକୁ ୧୪% ହିସାବରେ ବଢୁଛି । ସେ ବର୍ତ୍ତମାନ ଖୁସିରେ ଅଛନ୍ତି ।

ଚିଲି ଦେଶର ସାମାଜିକ ନିରାପତ୍ତା ବ୍ୟବସ୍ଥାର ଘରୋଇକରଣରେ ଯେ କେବଳ ଶ୍ରମିକ ବା କର୍ମଚାରୀର ସୁଖ ବଢିଛି ତାହା ନୁହେଁ, ସରକାରଙ୍କ ଦୁଃଖ ବି କମିଛି । ଚିଲି ଦେଶର ଏଭଳି ଯୋଜନା ଯୋଗୁ ସେ ଦେଶରେ ଘରୋଇ ପୁଞ୍ଜିଲଗାଣ ପାଇଁ ପ୍ରଚୁର ପରିମାଣରେ ଅର୍ଥ ମିଳିଲାଣି । ଯୋଜନା ଚାଲୁ ହେବାର ମାତ୍ର ୩ ବର୍ଷରେ, ୧୯୮୪ ଶେଷ ସୁଦ୍ଧା ମ୍ୟୁଚୁଆ ଲ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡରେ ଥିବା ଶ୍ରମିକ ବା କର୍ମଚାରୀମାନଙ୍କ ସଞ୍ଚିତ ଧନର ପରିମାଣ ୨୨୦୦କୋଟି ଡଲାର ହୋଇଗଲା । ଏହା ସେ ଦେଶର ସ୍ଥୂଳ ଘରୋଇ ଉତ୍ପାଦନର (ଜିଡିପିର) ପ୍ରାୟ ଅଧାଅଧି । କଳନା କରାଯାଇଛି ୨୦୦୫ ଖ୍ରୀଷ୍ଟାବ୍ଦ ବେଳକୁ ଏହି ପାଣ୍ଠିର ପରିମାଣ ସେ ଦେଶର ଜିଡିପି ସହିତ ସମାନ ହୋଇଯିବ । ଏହି କାରଣରୁ ସେ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ପୁଞ୍ଜି ଲଗାଇବା ପାଇଁ ପ୍ରଚୁର ଅର୍ଥ ମିଳୁଛି ।

ଚିଲି ଦେଶର ପେନସନ୍ କାର୍ଯ୍ୟକ୍ରମକୁ ଚଳାଉଥିବା ଅଧିକାରୀ ଜୁଲିଓ ବୁସ୍ତାମାଣ୍ଟି ଗର୍ବ କରି କହନ୍ତି ଯେ ସିଙ୍ଗାପୁର, ମାଲେସିଆ, ଦକ୍ଷିଣ କୋରିଆ ଯେଭଳି ଏସୀୟ ବାଘ ହୋଇପଡିଛନ୍ତି, ଚିଲି ସେଭଳି ଲାଟିନ୍ ଆମେରିକୀୟ ବାଘ ହେବ । ସମ୍ପ୍ରତି ଆମ ରାଷ୍ଟ୍ରପତି ଚିଲି ଗସ୍ତ ବେଳେ ସ୍ୱଚକ୍ଷୁରେ ସେ ଦେଶର ଅଭିବୃଦ୍ଧି ଦେଖିଛନ୍ତି । ଆମେରିକାରେ ମାତ୍ର ୬% ସଞ୍ଚୟ, ଚିଲିରେ ୨୪% । ସବୁଠୁ ବଡ କଥା ଯେ ଚିଲି ବ୍ୟବସ୍ଥାକୁ ଅନ୍ୟ ୬ଟି ଲାଟିନ୍ ଆମେରିକୀୟ ଦେଶ ଏବେ ଅନୁକରଣ କଲେଣି । ଦକ୍ଷିଣ ଗୋଲାର୍ଦ୍ଧରେ ଏ ପ୍ରକାର ସାମାଜିକ ନିରାପତ୍ତା ନୀତି ଏକ ଅଭିନବ ବ୍ୟବସ୍ଥା । ଚିଲି ଦେଶର ଶ୍ରମମନ୍ତ୍ରୀ ଜୋସ ପିନେରା ୧୯୮୧ରେ ଯେତେବେଳ ଏହି ଯୋଜନା ବାଢିଲେ, ତାଙ୍କୁ ଭବିଷ୍ୟତ ଜଳଜଳ ଦିଶୁଥିଲା । ଇଚ୍ଛା କରିଥିଲେ ସେ ଚିଲିର ଅନ୍ୟ ସାମାରିକ ଜେନେରାଲଙ୍କ ଭଳି ଲୋକଙ୍କୁ ଭୂଆଁ ବୁଲାଇ ଦେଇ ପାରିଥାନ୍ତେ । ବେଶ୍ କିଛି ସୁଇଜରଲାଣ୍ଡର ବ୍ୟାଙ୍କରେ ନିଜ ନାମରେ ରଖିପାରିଥାନ୍ତେ । ଆମ ଦେଶରେ ତ ସରକାରୀ ପାଣ୍ଠିରୁ ବିଦେଶୀ ଏକାଉଣ୍ଟରେ ବ୍ୟକ୍ତିଗତ ଜମା ରହୁଛି ବୋଲି ବେଶ୍ ଜନରବ । କର୍ମଚାରୀମାନଙ୍କ ଟଙ୍କା ସରକାରୀ ତହବିଲରେ ଥାଆନ୍ତା ଅଥଚ ଲୋକଙ୍କୁ କୌଣସି ସୁବିଧା ମିଳି ନଥାଆନ୍ତା । ରାଷ୍ଟ୍ରପତି ପିନୋସେଟ୍ ଶ୍ରମମନ୍ତ୍ରୀଙ୍କ ପ୍ରସ୍ତାବରେ ରାଜି ହେବା ଛଡା ଅନ୍ୟ ଉପାୟ ନଥିଲା । ସେତେବେଳ ସାରା ଦକ୍ଷିଣ ଆମେରିକାରେ ପୁରୁଣା ଅର୍ଥନୈତିକ ବ୍ୟବସ୍ଥା ବିଦେଶୀ ଋଣବୋଝରେ ଭୁଶୁଡି ପଡୁଥିଲା, ଏକ କ୍ଷୁଦ୍ର ଶାସକ ଗୋଷ୍ଠୀର ସ୍ୱାର୍ଥସାଧନ ପାଇଁ ଏକ ସୀମିତ ରାଜନୈତିକ ବ୍ୟବସ୍ଥା ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ଘୁଣ ଭଳି ଖାଇଯାଉଥିଲା । ଚିଲି ଦେଶରେ ଦଳେ ବିଚକ୍ଷଣ ଅର୍ଥନୀତିଜ୍ଞ ଏ ବ୍ୟୁହରୁ ମୁକୁଳିବାର ଏକ ପ୍ରସ୍ତାବ ଦେଲେ । ଖୋଲା ବଜାର, ରାଜକୋଷୀୟ ତଥା ଅର୍ଥନୈତିକ ସଂସ୍କାର, ଘରୋଇକରଣ, ସରକାରୀ ନିୟନ୍ତ୍ରଣ ହ୍ରାସ, ଅପାରଗ ଅମଲାମାନଙ୍କୁ ବହିଷ୍କାର ଏବଂ ସାମାଜିକ ନିରାପତ୍ତା ବ୍ୟବସ୍ଥାରେ ସଂସ୍କାର ଆଦି ଏ ପ୍ରସ୍ତାବରେ ଥିଲା । ଏହି ଦଳକୁ ଚିକାଗୋ ବଏଜ୍ କୁହାଯାଏ । କାରଣ ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଚିକାଗୋ ବିଶ୍ୱବିଦ୍ୟାଳୟର ମିଲଟନ୍ ଫ୍ରେଡମ୍ୟାନଙ୍କ ସହ ପାଠ ପଢୁଥିଲେ । ଚିଲିରେ ସେତେବେଳେ ଏକଛତ୍ରବାଦୀ (ଡିକ୍ଟାଟରସିପ୍) ଶାସନ ଚାଲିଥିଲା, ସେମାନେ ଏ ପ୍ରସ୍ତାବ ଗ୍ରହଣ କରିନେଲେ । ଆଜିକାଲିର ଲୋକଦେଖା ଗଣତନ୍ତ୍ରରେ ଲୋକପ୍ରତିନିଧିମାନେ ଏଭଳି ରୋକ୍‌ଠୋକ୍ ନିଷ୍ପତ୍ତି ନେଇପାରିବେ ନାହିଁ ।

ଏହା ସମ୍ଭବ ହେବାର ଗୋଟିଏ ବଡ କାରଣ : ବଳକା ବଜେଟ । ସାମରିକ ଯନ୍ତା ଶାସନ କରୁଥିବା ଦେଶରେ ଏହା କରିବା ସମ୍ଭବ । ଭୋଟ ଆଶାରେ ଯେଉଁ ଦେଶରେ ନେତାମାନେ ଲୋକଦେଖାଣିଆ କାର୍ଯ୍ୟରେ ମାତନ୍ତି ଅର୍ଥାତ୍ ଲୋକ ଖୁସିକରା କାର୍ଯ୍ୟ ହାତକୁ ନିଅନ୍ତି ସେଠି ଗଣତାନ୍ତ୍ରିକ ଶାସନରେ ଖର୍ଚ୍ଚ ବଢିଚାଲେ ସିନା, କମେ ନାହିଁ । ଚିଲି ଦେଶରେ

ଗୁଡିଏ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରି କରିଦିଆଗଲା । ଆମ ଦେଶରେ ଏ କାମ ୧୯୯୦ରେ ଆରମ୍ଭ ହେଲା । ପୁଣି ଆମେ ତ କୌଣସି ସରକାରୀ କମ୍ପାନୀକୁ ପୂରାପୂରି ବିକିନାହୁଁ । କମ୍ପାନୀର କିଛି ସେୟାର (ଅଂଶଧନ) ବିକିଛୁ ମାତ୍ର । ଚିଲି ଦେଶରେ ସରକାରୀ ଖର୍ଚ୍ଚ ପରିମାଣ ଏହି କାରଣରୁ ବେଶି କମି ଯାଉଛି । କ୍ଷତି କରୁଥିବା କମ୍ପାନୀ ରହିଲେ ସିନା ସରକାରୀ ତହବିଲରୁ ପଇସା ଯାଇ ଭରଣା କରନ୍ତା । ଏସବୁ ମୂଳରେ ଥିଲେ ତତ୍କାଳୀନ ଶ୍ରମମନ୍ତ୍ରୀ ଜୋସ ପିନେରା । ଯେତେବେଳେ ଚିଲିର ଜେନେରାଲମାନେ ବୁଡାଜାହାଜ କି ବିମାରୁବିମାନ କିଣିବାକୁ ଚାହୁଥି , ସେତେବେଳେ ଶ୍ରମମନ୍ତ୍ରୀ ଜୋସ ପିନେରା ନିଜ ତରଫରୁ ଦାବି ଉଠାଉଥିଲେ ଯେ ସାମାଜିକ ନିରାପତ୍ତାରେ ପ୍ରତ୍ୟେକ ଲୋକଙ୍କୁ ପ୍ରାପ୍ୟ ଦେବା ପାଇଁ ଆମର ପେସୋ ନାହିଁ, ପେସୋ ଦିଅ ।

ଆମ ଦେଶ ଭଳି ଚିଲି ଦେଶରେ ମଧ୍ୟ ଅସଂଗଠିତ ଶ୍ରମିକମାନଙ୍କ ସଂଖ୍ୟା ବେଶି, ସଂଗଠିତ ବା ୟୁନିୟନ ଅଧୀନରେ ଥିବା ଶ୍ରମିକଙ୍କ ସଂଖ୍ୟା କମ୍ । ଚିଲି ଦେଶର କର୍ମଠ ଲୋକମାନଙ୍କ ଭିତରୁ ପ୍ରାୟ ୩୦% ବେକାର ଅଛନ୍ତି, କିମ୍ବା ଅଣଆନୁଷ୍ଠାନିକ ଭାବରେ କାମ ପାଇଥାନ୍ତି । ସେମାନେ ତ ଭତ୍ତା ପାଇବା ପାଇଁ ଗଢା ହେଉଥିବା ପାଣ୍ଠିକୁ କିଛି ଭାଗ ଦେଇପାରିବେ ନାହିଁ । ତଥାପି ସରକାର ସେମାନଙ୍କୁ ଭତ୍ତା ଦେବାକୁ ବାଧ୍ୟ । ଏଥିଲାଗି ପେସୋ ଆସିବ କେଉଁଠୁ ? ଜୋସ ପିନେରାଙ୍କ ଯୋଜନା ତାହାର ଉତ୍ତର ଦେଲା । ରୋଜଗାରୀ ଲୋକେ ନିଜ ଅଂଶଧନରୁ ଭତ୍ତା ପାଇଲେ, ବେକାରମାନେ ସରକାରୀ ତହବିଲରୁ ।

ଏ ବ୍ୟବସ୍ଥାର ଆହୁରି ଉନ୍ନତି କରାଯାଇପାରେ ଏବଂ କର୍ମଚାରୀ ତଥା ଶ୍ରମିକମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଏହି ବ୍ୟବସ୍ଥା ଅଧୀନକୁ ଅଣାଯାଇପାରେ । ଏହା ଏତେ ସଫଳ ହୋଇଛି ଯେ ଚିଲି ଦେଶର କମ୍ୟୁନିଷ୍ଟ ପାର୍ଟିର ନେତାମାନେ ମଧ୍ୟ ଏହି ଯୋଜନାକୁ ପ୍ରଶଂସା କରୁଛନ୍ତି । ପେନ୍‌ସନ୍ ପାଣ୍ଠିରେ ଥିବା ପୁଞ୍ଜି ଖଟାଇ ଯେଉଁ ସବୁ ଶିଳ୍ପ ବାଣିଜ୍ୟ ଚାଲୁଛି, ଆପେ ଆପେ ଚିଲିର ଶ୍ରମିକମାନେ ତହିଁର ଅଂଶୀଦାର ବା ସେୟାର ହୋଲ୍‌ଡର୍ ହୋଇ ଯାଉଛନ୍ତି । ଏକଥା ଅବଶ୍ୟ ଅନେକ ଚିଲି ଶ୍ରମିକ ଏ ଯାଏଁ ଜାଣିନାହାନ୍ତି, କିନ୍ତୁ ସେମାନେ ନିଜ ଅଂଶଧନ ଦ୍ୱାରା ଯେ ଦେଶର ଉତ୍ପାଦନର ଅଧାଅଧି ପରିମାଣ ଉପରେ ମାଲିକ ହେଇ ପଡିଛନ୍ତି, ସେମାନେ ଆସ୍ତେ ଆସ୍ତେ ଜାଣୁଛନ୍ତି । ମାସକୁ ମାସ ନିଜର ହିସାବଫର୍ଦ୍ଦ ପାଇ ଏତେ ପେସୋ ରହିଛି ବୋଲି ଜାଣିଗଲା ପରେ ଅନେକ ଶ୍ରମିକ ନିଜ ଆଖିକୁ ବିଶ୍ୱାସ କରୁନାହାନ୍ତି । ଆୟ ବଢିବା ସଙ୍ଗେ ସଙ୍ଗେ ଆସ୍ତେ ଆସ୍ତେ ସେମାନଙ୍କ ସଂସ୍କୃତି ଓ ଅଭ୍ୟାସ ମଧ୍ୟ ବଦଳିବାରେ ଲାଗିଛି । ଚାରିଆଡେ ସମୃଦ୍ଧିର ତରଙ୍ଗ : ସିଙ୍ଗାପୁର ଭଳି ହେବାକୁ ବେଶି ଡେରି ନାହିଁ । କେବଳ ଚାକିରି ଦେଲେ ସମୃଦ୍ଧି ଆସେ ନାହିଁ, ଆତ୍ମନିଯୁକ୍ତି ବା ଖଟିଖିଆ

ଲୋକଙ୍କ ସଞ୍ଚୟ ଧନ ବଢ଼ିଲେ ହିଁ ସାଧାରଣ ସ୍ୱଚ୍ଛଳତା ଆସିଯାଏ, ଗରୀବି ହଟିଯାଏ ।

ଆମ ଦେଶ ଏଥିରୁ କିଛି ଶିଖିଲେ ଅର୍ଥାତ୍ ଶ୍ରମିକମାନଙ୍କ ଅଂଶଧନ ସରକାରୀ ନିୟନ୍ତ୍ରଣରେ ଘରୋଇ ପୁଞ୍ଜି ଭାବରେ ଖଟାଗଲେ, ଏବଂ ସିଙ୍ଗାପୁର ଭଳି କମ୍ପାନୀମାନଙ୍କ ପୁଞ୍ଜି ଲଗାଣର କିଛି ଶତାଂଶ ଗରିବ ଓ ନିମ୍ନମଧ୍ୟବିତ୍ତ ଲୋକଙ୍କ ମଧ୍ୟରେ ବଣ୍ଟାଗଲେ ଆମ ଦେଶରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସ୍ୱଚ୍ଛଳତା ବୃଦ୍ଧିକରଣ କାର୍ଯ୍ୟକ୍ରମରେ ପରିଣତ ହୁଅନ୍ତା : ଗରିବ ଓ ଧନୀ ମଧ୍ୟରେ ଥିବା ବ୍ୟବଧାନ ନ ବଢ଼ି କମନ୍ତା ।

# ପ୍ରାକୃତିକ ସମ୍ପଦ ସତ୍ତ୍ୱେ ଦାରିଦ୍ର୍ୟ କାହିଁକି ?

ଆମେ ସବୁବେଳେ କହୁ ଓଡିଶା ପ୍ରାକୃତିକ ସମ୍ପଦରେ ଧନୀ କିନ୍ତୁ ଓଡିଶାର ଲୋକେ ଗରିବ । ଓଡିଶାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି ବଡ ବଡ କମ୍ପାନୀ ଗଢି ଉଠିଛି, କିନ୍ତୁ ଓଡିଶାର ଲୋକେ ଯେଉଁ ଗରିବକୁ ସେହି ଗରିବ । ଆନ୍ତର୍ଜାତୀୟ ଦୃଶ୍ୟାବଳୀ ମଧ୍ୟ ଏହିଭଳି: ପ୍ରାକୃତିକ ସମ୍ପଦରେ ଭରପୂର ଦେଶ ବି ଗରିବ । ପ୍ରାକୃତିକ ସମ୍ପଦ ନିଃଶେଷ ହେଲା ପରେ ସିନା ଦେଶ ଗରିବ ହୋଇଯାଏ, କିନ୍ତୁ ପ୍ରାକୃତିକ ସମ୍ପଦ ପ୍ରଚୁର ଥାଉଁ ଥାଉଁ ଆମେ ଗରିବ । ପକ୍ଷାନ୍ତରେ ଅନେକ ପ୍ରକାର ପ୍ରାକୃତିକ ସମ୍ପଦ ନ ଥାଇ ମଧ୍ୟ କେତେକ ଦେଶ ଅନ୍ୟ ଦେଶ ତୁଳନାରେ ଅଧିକ ଧନୀ । ମେକ୍ସିକୋ, ନାଇଜେରିଆ, ଆର୍ଜେଣ୍ଟିନା ଭଳି ଦେଶ ପ୍ରାକୃତିକ ସମ୍ପଦରେ ସମୃଦ୍ଧ କିନ୍ତୁ ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ପ୍ରାକୃତିକ ସମ୍ପଦ ନଥିବା ଦେଶଠାରୁ ଗରିବ । ଦକ୍ଷିଣ କୋରିଆ, ତାଇୱାନ୍ ଓ ଜାପାନରେ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ନଥାଇ ମଧ୍ୟ ସେମାନେ ଧନୀ ରାଷ୍ଟ୍ର । ଏ ପ୍ରକାର ଅସଙ୍ଗତିର କାରଣ ଅନୁଧ୍ୟାନ କରି ବିଶ୍ୱବ୍ୟାଙ୍କ ୧୯୯୫ ସେପ୍ଟେମ୍ବର ମାସରେ ଯେଉଁ ରିପୋର୍ଟ ପ୍ରକାଶ କଲେ ତହିଁରେ ପରିବେଶକୁ ସୁହାଇବା ଭଳି ସମୃଦ୍ଧି ଉପରେ ଜୋର ଦିଆଯାଇଛି । *ପରିବେଶକୁ ସୁହାଉଥିବା ଭଳି ସମୃଦ୍ଧିକୁ ଇଂରାଜୀରେ ସଷ୍ଟେନେବ୍ଲ ଡେଭଲପ୍‌ମେଣ୍ଟ କୁହାଯାଉଛି* । ଆର୍ଥିକ ପୁଞ୍ଜି ଯେତେ ଖଟାଇଲେ ବି ଯଦି ମାନବିକ ସମ୍ବଳର ଉପଯୋଗ ନ ହେଲା ଦେଶର ସର୍ବାଙ୍ଗୀନ ବିକାଶ ଅସମ୍ଭବ; ଅନ୍ୟଥା କେବଳ ସାମୟିକ ସମୃଦ୍ଧି ଆସିବ ସିନା, ଲୋକେ ଯୋଉ ଗରିବକୁ ସେହି ଗରିବ ରହିଯିବେ । ଏକ ହିସାବରୁ ଜଣାଯାଏ ଯେ ମୁଣ୍ଡପିଛା ସବୁଠାରୁ ବେଶି ସମ୍ପତ୍ତି ଥିବା ଦେଶ ହେଉଛି ଅଷ୍ଟ୍ରେଲିଆ, କାନାଡା, ଆଇସ୍‌ଲାଣ୍ଡ, କାତାର ଆଦି । ଏ ତାଲିକାରେ ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥାନ ୧୨ । ତଥାପି ଯୁକ୍ତରାଷ୍ଟ୍ର ଆମେରିକା ଏମାନଙ୍କଠାରୁ ସମୃଦ୍ଧ । ଆପାତତଃ ଏ ହିସାବ ଆମକୁ ଭୁଲ ମନେ ହୁଏ, ଭିତିରେଇ ଦେଖିଲେ ହିସାବ ଠିକ୍ ମାର୍ଗରେ ରହିଛି ମନେ ହେବ ।

୧୭ଶ ଶତାବ୍ଦୀଯାଏ କୃଷି ସମୃଦ୍ଧିର ସୂଚକ ଥିଲା; ସେତେବେଳେ ଦେଶମାନଙ୍କର

ପ୍ରାକୃତିକ ସମ୍ପଦ ଥିଲା ନଦୀ ଉପତ୍ୟକା । ଭାରତୀୟ ସଭ୍ୟତା ଗଙ୍ଗା-ଯମୁନାର ଉପତ୍ୟକା, ମିଶରୀୟ ସଭ୍ୟତା ନୀଳନଦୀ ଉପତ୍ୟକା ଏବଂ ଚୀନର ସଭ୍ୟତା ୟଲୋ (ପୀତ) ନଦୀ ଉପତ୍ୟକା ଉପରେ ଗଢି ଉଠିଥିଲା । ଶିଳ୍ପ ବିପ୍ଳବର ଆରମ୍ଭ କାଳରେ ମଧ୍ୟ କୃଷିଜାତ ସମ୍ପଦର ଗୁରୁତ୍ୱ ଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ଅଞ୍ଚଳର ଗୋରା ଚାଷୀମାନେ କପା ଚାଷ କରି ଧନୀ ହୋଇ ଯାଇଥିଲେ । ଆଖୁଚାଷ ଉପରେ ୟୁରୋପୀୟ ଉପନିବେଶମାନ ବଢିଥିଲା । କୃଷି ପରେ ଆସିଲା ଖଣିଜ ପଦାର୍ଥ । ଦେଶ ଭିତରେ ମିଳୁଥିବା ଲୌହପିଣ୍ଡ ଓ କୋଇଲା ଯୋଗୁ ବ୍ରିଟେନ୍, ବେଲଜିଅମ୍ ଓ ଜର୍ମାନୀ ଭଳି ଦେଶ ପ୍ରଥମେ ଶିଳ୍ପ ବିପ୍ଳବର ଫାଇଦା ଉଠାଇଲେ । ଏହାସତ୍ତ୍ୱେ କେବଳ କୃଷିକାମରୁ ଆୟରେ ନିଉଜିଲାଣ୍ଡ ଓ ଆର୍ଜେଣ୍ଟିନାରେ ମୁଣ୍ଡପିଛା ଆୟ ବିଶ୍ୱର ଅଧିକ ଥିଲା, ତେଣୁ ସେମାନେ ଧନୀ ରାଷ୍ଟ୍ର ଭିତରେ ଗଣା ହୋଇଥିଲେ । ଅନୁରୂପ ଅବସ୍ଥାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସେମାନଙ୍କ ଖଣିଜ ପଦାର୍ଥ ଯୋଗୁ ପୃଥିବୀର ଧନୀ ରାଷ୍ଟ୍ର ଭିତରେ ଗଣା ହେଲେ । ଏସବୁଥିରୁ ଆପାତତଃ ମନେହୁଏ, ପ୍ରାକୃତିକ ସମ୍ପଦ ହିଁ ଦେଶକୁ ଧନୀ କରିଥାଏ ।

କିନ୍ତୁ ଇତିହାସ ଓ ଅର୍ଥନୀତିକୁ ନିରିଖେଇ ଦେଖିଲେ ଏଥିରେ ସନ୍ଦେହ ଆସେ । ଅନ୍ୟ ପ୍ରକାର ପରିସ୍ଥିତି ସମାନ ଥିଲେ ହିଁ ପ୍ରାକୃତିକ ସମ୍ପଦ ରାଷ୍ଟ୍ରକୁ ଧନୀ କରାଏ; ପ୍ରକୃତରେ ସବୁ ପରିସ୍ଥିତି ସମାନ ନ ଥାଏ । ୧୮ଶ ଶତାବ୍ଦୀରେ ଉପନିବେଶମାନଙ୍କରୁ ବୋହି ଅଣାଯାଇଥିବା ସୁନା ସ୍ପେନ୍‌କୁ ଧନୀ କରିଦେଲା, ତା ସାଙ୍ଗେ ସାଙ୍ଗେ ଦେଶର ମୁଦ୍ରାସ୍ଫୀତି ବଢାଇଦେଲା, ଅର୍ଥନୈତିକ ଅବନତି, ମାନ୍ଦା ଅବସ୍ଥା ବା ଡିପ୍ରେସନ୍, ଆରମ୍ଭ ହେଲା । ପ୍ରାକୃତିକ ସମ୍ପଦ ନଥିବା ହଲାଣ୍ଡ ସ୍ପେନ୍‌ଠାରୁ ଆଗେଇ ଗଲା । ୧୮ଶ ଶତାବ୍ଦୀରେ ହାଇତି ଚିନି ରପ୍ତାନିରେ, ବିଶେଷତଃ ୟୁରୋପକୁ ଚିନି ରପ୍ତାନି କରି ଏତେ ଅର୍ଥ ଲାଭ କଲା ଯେ ୧୩ଟି ଯାକ ଆମେରିକୀୟ ଉପନିବେଶରୁ ମିଳୁଥିବା ଆୟଠାରୁ ତାର ଆୟ ବେଶି ହୋଇଗଲା । ଏବେ ହାଇତିର ଦୂରବସ୍ଥା ସମସ୍ତଙ୍କୁ ଜଣା । ଆମେରିକାର ଦକ୍ଷିଣାଞ୍ଚଳ ମାର୍କିନ୍ ଗୃହଯୁଦ୍ଧରେ ହାରିବାର ମୁଖ୍ୟ କାରଣ ଯେ ଆମେରିକାର ଉତ୍ତରାଞ୍ଚଳ ଶିଳ୍ପୋନ୍ନତିରେ ଖୁବ୍ ଆଗେଇ ଯାଇଥିଲା । ୧୯ଶ ଶତାବ୍ଦୀରେ ପ୍ରାକୃତିକ ସମ୍ପଦରେ ଧନୀ ରୁଷିଆକୁ ପଛରେ ପକାଇ ପ୍ରାକୃତିକ ସମ୍ପଦରେ ନ୍ୟୂନ ଜାପାନ ଆଗେଇ ଗଲା । ମୁଣ୍ଡପିଛା ପ୍ରାକୃତିକ ସମ୍ପଦ ଓ ମୁଣ୍ଡପିଛା ଆୟ ମଧ୍ୟରେ ସମ୍ପର୍କ ନାହିଁ । କାହିଁକି ?

ବିଂଶ ଶତାବ୍ଦୀର ଉଦାହରଣ ଜଳ ଜଳ ଦିଶୁଛି । ଜାପାନ, ସ୍ୱିଜରଲ୍ୟାଣ୍ଡ, ଡେନ୍‌ମାର୍କରେ ପ୍ରାକୃତିକ ସମ୍ପଦ ପ୍ରାୟ ନଥାଇ ମଧ୍ୟ ସେମାନେ ଖୁବ୍ ଧନୀ । ଖୁବ୍ ବେଶି ପ୍ରାକୃତିକ ସମ୍ପଦ ଥିବା ରୁଷିଆ, ବ୍ରାଜିଲ ଓ ଅଷ୍ଟ୍ରେଲିଆରେ ମୁଣ୍ଡପିଛା ଆୟ ବହୁତ କମ୍ । ଅଷ୍ଟ୍ରେଲିଆ ଭଳି ପ୍ରାକୃତିକ ସମ୍ପଦ ନ ଥିବା ଦକ୍ଷିଣ କୋରିଆ, ତାଇୱାନ୍, ହଂକଙ୍ଗ୍, ଏପରିକି ଥାଇଲ୍ୟାଣ୍ଡ

ଖୁବ୍ ଧନୀ ହୋଇ ଗଲେ । ମେକ୍ସିକୋ, ଭେନେଜୁଏଲା,ଘାନା, ନାଇଜେରିଆ ଆଦି ଦେଶରେ ପ୍ରାକୃତିକ ସମ୍ପଦ ଥାଇ ମଧ୍ୟ ସେମାନେ ଗରିବ । ତୈଳ ରପ୍ତାନୀକାରୀ ଦେଶଗୁଡ଼ିକ ଭିତରୁ କେତେକଙ୍କ ଆର୍ଥିକ ଅବସ୍ଥା ଖରାପ ହେଲାଣି । ଏପରିକି ସାଉଦି ଆରବ ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ଉପରେ ନିର୍ଭର କରୁଛି । ହାର୍ବାର୍ଡ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ୧୯୭୧-୭୯ ମଧ୍ୟରେ ୯୭ଟି ଦେଶର ପ୍ରାକୃତିକ ସମ୍ପଦ ସହିତ ଅର୍ଥନୈତିକ ବିକାଶର ତୁଳନା କରି କହିଛନ୍ତି ଯେ ପ୍ରାକୃତିକ ସମ୍ପଦରେ ଧନୀ ଦେଶମାନଙ୍କୁ ଏକ ପ୍ରକାରର ରୋଗ ଧରେ । ତାକୁ ସେ ଡଚ୍ ଡିଜିଜ୍ ବା ଓଲନ୍ଦାଜ୍ ରୋଗ କହିଛନ୍ତି । ୧୯୫୦ ଦଶକର ଶେଷ ଭାଗରେ ହଲାଣ୍ଡର ଲୋକେ ସେମାନଙ୍କର ପ୍ରଚୁର ପ୍ରାକୃତିକ ସମ୍ପଦର ସନ୍ଧାନ ପାଇଲେ ସେଗୁଡ଼ିକୁ ଉତ୍ତୋଳନ କରିବାରେ ଏତେ ଲାଗିଗଲେ ଯେ ବାଣିଜ୍ୟ କାରବାରରେ ବଢୁଥିବା ଆୟ କମିବାରେ ଲାଗିଲା । ଉତ୍ତୋଳନ ଓ ଉତ୍ପାଦନ କାର୍ଯ୍ୟରେ ସେମାନେ ଲାଗିଗଲେ । ବହିର୍ବାଣିଜ୍ୟ କମିଯିବାରୁ ହଲାଣ୍ଡ ଗରିବ ହୋଇ ଆସିଲା । ଏହା ହିଁ ଓଲନ୍ଦାଜ୍ ରୋଗ । ଏହାର ଦୁଇ ତିନୋଟି କାରଣ ଅଛି । ପ୍ରାକୃତିକ ସମ୍ପଦ ନିଜ ଦେଶରେ ଅଛି ବୋଲି ତ ମାଗଣାରେ ମିଳେ ନାହିଁ ! ସେଗୁଡ଼ିକୁ କାର୍ଯ୍ୟକାରୀ ବା ଉପଯୋଗ କରିବା ପାଇଁ ପୁଞ୍ଜି ଓ ମାନବ ଶକ୍ତି ଦରକାର । ବ୍ୟବସାୟ ବାଣିଜ୍ୟରେ ଲାଗୁଥିବା ପୁଞ୍ଜି ଓ ତହିଁରେ ଲାଗିଥିବା ଶ୍ରମିକ ଓ ପୁଞ୍ଜି କମାଇଲେ ସିନା ଅଧିକ ଲୋକଙ୍କୁ ଖଣିଜ ଉତ୍ତୋଳନ ଓ ଶିଳ୍ପ ଉତ୍ପାଦନ କାର୍ଯ୍ୟରେ ଲଗାଇ ହେବ; ନଚେତ୍ ଆବଶ୍ୟକ ଶ୍ରମିକ ଓ ପୁଞ୍ଜି ମିଳିବେ କେଉଁଠୁ ! ଆଉ ଗୋଟିଏ କାରଣ ହେଲା: ସେ ଦେଶର ଖଣିଜ ଓ ଉତ୍ପାଦିତ ଦ୍ରବ୍ୟ କିଣିବାରେ ବିଦେଶୀ ରାଷ୍ଟ୍ରମାନେ ବେଶି ଅର୍ଥ ଖର୍ଚ୍ଚ କରୁଥିବାରୁ ବିଦେଶୀ ବିନିମୟ ହାରରେ ନିଜ ମୁଦ୍ରାର ଦର ବଢ଼ିଯାଏ, ତେଣୁ ରପ୍ତାନୀ କମିଯାଏ,ଆଭ୍ୟନ୍ତରୀଣ ଉତ୍ପାଦନ କମାଇବାକୁ ଦେଶ ବାଧ୍ୟ ହୁଏ, ବେକାରୀ ବଢ଼େ । ବିଲାତରେ ୧୯୭୦ ଦଶକରେ 'ନର୍ଥ ସି' ତେଲ ଖଣିର ଆବିଷ୍କାର ହେବା ପରେ ପରେ ଏଭଳି ଓଲନ୍ଦାଜ ରୋଗ ଦେଖା ଯାଇଥିଲା । ତେଲ ଉତ୍ପାଦନ ସାଙ୍ଗରେ ରପ୍ତାନି ବଢ଼ିବାରୁ ବ୍ରିଟିଶ୍ ଷ୍ଟର୍ଲିଙ୍ଗ୍ ପାଉଣ୍ଡର ଦର ବଢ଼ିଗଲା । ଦରବୃଦ୍ଧି ଯୋଗୁ ଅଣତେଲ କାରବାରରେ ରପ୍ତାନୀ କମିଗଲା । ତେଣୁ ଘରୋଇ ଶିଳ୍ପ ଉତ୍ପାଦନ ଓ କାରବାର ମାନ୍ଦା ହୋଇଗଲା । ଶ୍ରମିକ ଛଟେଇ ଓ ଅଶାନ୍ତି ବଢ଼ିଲା ।

ଅବଶ୍ୟ ଓଲନ୍ଦାଜ ରୋଗର ଚିକିତ୍ସା ଅଛି । ଦେଶର ଅର୍ଥନୀତିର ଢାଞ୍ଚା ବଦଳାଇ, ବିଭିନ୍ନ ଶୁଳ୍କ ଓ କର ହାରକୁ ଆବଶ୍ୟକତା ଅନୁଯାୟୀ କମ୍ ବେଶି କରି ଏ ରୋଗର ଚିକିତ୍ସା କରି ହେବ । ନିଜ ଦେଶରେ ଉତ୍ପାଦିତ ଜିନିଷ-ପତ୍ରର ଦାମ୍ ବିଦେଶୀ ମୁଦ୍ରାରେ ଶସ୍ତା କରାଯାଇପାରେ । ଏଥିରେ ରପ୍ତାନୀ ବଢ଼େ, କିନ୍ତୁ ବାସ୍ତବରେ ବିନିମୟ ହାର ବଢ଼େ ନାହିଁ । କେତେକ କହନ୍ତି ଏଭଳି ହେରଫେର ଯୋଗୁଁ ଓଲନ୍ଦାଜ ରୋଗ ଭଲ ହେବା ପରିବର୍ତ୍ତେ ଦେଶର

ଅଧିକ କ୍ଷତି କରିପାରେ; କାରଣ ଦେଶୀ ଉତ୍ପାଦନକାରୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଆବହାୱା ରହେ ନାହିଁ ଏବଂ ଏ ଅବସ୍ଥା ଦୀର୍ଘକାଳ ରହିଲେ ଦେଶର ଆଭ୍ୟନ୍ତରୀଣ ଶିଳ୍ପଗୁଡିକ ଆନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଯୋଗିତା କରି ନ ପାରି ରୁଗ୍ଣରୁ ରୁଗ୍ଣତର, ପରେ ମୃତପ୍ରାୟ ହୁଅନ୍ତି । ବାଣିଜ୍ୟରେ ସାମଗ୍ରୀର ଦର କିମ୍ବା ସେବା କ୍ଷେତ୍ରରେ ମଜୁରୀ ବା ଦରମାଦିର ହାର ବଢି ବଢି ଚାଲେ । କିନ୍ତୁ ବିକ୍ରି ବଢାଇବା ଲାଗି ପ୍ରାକୃତିକ ସମ୍ପଦ ଅର୍ଥାତ୍ କଞ୍ଚାମାଲର ମୂଲ୍ୟ କମାଇବାକୁ ପଡିଥାଏ । ତେଣୁ ଯେଉଁ ଦେଶର ଅର୍ଥନୀତି ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳ, କଞ୍ଚାମାଲ ବା ସମ୍ପଦ ସରି ଆସିଲେ ବା ଦର କମିଗଲେ ସେ ଦେଶ ଗରିବ ହୋଇଯାଏ । କଞ୍ଚାମାଲର ମୂଲ୍ୟରେ ଏଭଳି ଉଡନ୍ତା ବୃଦ୍ଧି ବା ହ୍ରାସ ଦ୍ୱାରା ବେଳେ ବେଳେ ଖୁବ୍ ବେଶି ଆୟ ଆସିଥାଏ ତ ବେଳେ ବେଳେ ଖୁବ୍ କ୍ଷତି କରାଏ ।

୧୯୭୦ ଦଶକରେ କଫିର ଦାମ ଯେପରି ବଢି ଯାଇଥିଲା ୧୯୭୯ରୁ ୧୯୮୨ ମଧ୍ୟରେ ପେଟ୍ରୋଲର ଦର ସେଭଳି ବଢି ଯାଇଥିଲା । ପରବର୍ତ୍ତୀ କାଳରେ ଦୁଇଟିର ଦର ଖୁବ୍ କମିଯାଇଛି । ପ୍ରଥମ ଅବସ୍ଥାରେ କୋଷ୍ଟାରିକା ଓ ଆଇଭରୀ କୋଷ୍ଟ ଭଳି ଦେଶ କଫି ରପ୍ତାନୀରୁ ବେଶି ଲାଭବାନ ହୋଇଥିବେ ବୋଲି ଭାବିବା କଥା । ସେହିଭଳି ମେକ୍ସିକୋ, ଭେନେଜୁଏଲା ଭଳି ତୈଳ ଉତ୍ପାଦନକାରୀ ଦେଶ ତେଲ ଦରବୃଦ୍ଧିରୁ ଲାଭବାନ ହୋଇଥିବା କଥା । କିନ୍ତୁ ପ୍ରକୃତରେ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଗୁଡିଏ ପଇସା ରପ୍ତାନୀରୁ ମିଳିଗଲା ପରେ ଦେଶର ବିଦେଶୀ ମୁଦ୍ରା ଦେଣନେଣରେ ଭାରସାମ୍ୟ ଖରାପ ହୋଇଗଲା । ଓଲନ୍ଦାଜ ରୋଗ ଧରିଲା । ବିଦେଶୀମାନେ କେବଳ କଫି ବା କେବଳ ତୈଳ କିଣିଲେ । ଅନ୍ୟସାମଗ୍ରୀମାନ କିଣିଲେ ନାହିଁ; କାରଣ ବିଦେଶୀ ମୁଦ୍ରାରେ ବେଶି ଦାମ୍ ହେଲା । ଫଳରେ ଦେଶର ଅଭିବୃଦ୍ଧି ହାର ପୂର୍ବଠାରୁ ହ୍ରାସ ପାଇଲା । ଲଟେରୀ ଜିତିଥିବା ଲୋକ ଯେଭଳି ବେପରୁଆ ଖର୍ଚ୍ଚ କରେ, କିପରି ଖର୍ଚ୍ଚ କଲେ ନିଜର ଦୀର୍ଘମିଆଦୀ ଲାଭ ହେବ ଭାବେ ନାହିଁ, ପଇସାକୁ ଲୋକଦେଖାଣିଆ କାମରେ ବା ଖାଇବା ପିଇବାରେ ଖର୍ଚ୍ଚ କରିଦିଏ, ସେହିଭଳି ଏ ଦେଶମାନେ କରିଥିଲେ । ଏତେ ପଇସାକୁ କି ଭଳି ଖଟାଇଲେ ଲାଭ ହେବ ଭାବି ପାରିଲେ ନାହିଁ । ଯଥାର୍ଥ ପ୍ରକଳ୍ପର ଅଭାବ ଯୋଗୁଁ ଆଭ୍ୟନ୍ତରୀଣ ବଜାରରେ ଏତେ ପଇସା ଖଟାଇବାର ସୁବିଧା ନଥିଲା । ବିଦେଶରେ ପୁଞ୍ଜି ଖଟାଇବା ଧାରଣା ନଥିଲା । ତେଣୁ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ସେମାନଙ୍କୁ ବେଶି ସାହାଯ୍ୟ କଲା ନାହିଁ ।

ଏହାପରେ ତୃତୀୟ ସମସ୍ୟା ଦେଖାଗଲା । ପ୍ରାକୃତିକ ସମ୍ପଦର ଆବିଷ୍କାର ହେବା ପରେ ସରକାରୀ ଟିକସ ଓ ଅଣ-ଟିକସ ବାବଦରେ ବହୁତ ରୋଜଗାର ହେଲା । ରାଷ୍ଟ୍ରାୟାତ୍ତ ବ୍ୟବସାୟ ଓ ଶିଳ୍ପର ପ୍ରସାରଣ ହେଲା, ଲୋକହିତକର କାର୍ଯ୍ୟରେ ଖର୍ଚ୍ଚ କରିବା ପାଇଁ ଶାସକଦଳର ନେତାମାନେ ଲାଗିପଡିଲେ । ଗଣତନ୍ତ୍ରରେ ଭୋଟ ସାଉଣ୍ଟିବା ଭଳି

ଲୋକଦେଖାଣିଆ କାମରେ ପଇସା ଲଗାଗଲା, ଯେପରି ହଲାଣ୍ଡ, ନରଓ୍ୱେରେ ବେକାରମାନଙ୍କୁ ଭତ୍ତା ଦିଆଗଲା, ଟ୍ରିନିଦାଦ୍‌ରେ ବଡ଼ ଧରଣର ସରକାରୀ ପରିବହନ ବ୍ୟବସ୍ଥା ଚାଲୁ କରାଗଲା, ନାଇଜେରିଆ ଏକ ନୂଆ ରାଜଧାନୀ ତିଆରି କଲା । ସବୁ ଦେଶ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ବେଶି ପଇସା ଖଟାଇଲେ । ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଖର୍ଚ୍ଚ କରିବା ଖରାପ ନୁହେଁ । ବସ୍ତୁତଃ ଆର୍ଥିକ ଅଭିବୃଦ୍ଧି ପାଇଁ ଏହା ଏକ ଇଞ୍ଜିନ୍ ଭଳି କାମ କରେ । କିନ୍ତୁ ସବୁ ଦେଶ କଣ ଏହିଭଳି ପୁଞ୍ଜିଲଗାଣ କରନ୍ତି । ଅଧିକାଂଶ କ୍ଷେତ୍ରରେ ରାଷ୍ଟ୍ରାୟାତ୍ତ ଅନୁଷ୍ଠାନଗୁଡ଼ିକର ସଂଖ୍ୟା ବଢ଼େ; ତହିଁରେ ଲାଗିଥିବା ପୁଞ୍ଜିରୁ ନେତାମାନଙ୍କ ହସ୍ତକ୍ଷେପ ଯୋଗୁ ଲାଭ ତ ମିଳେ ନାହିଁ, ବରଂ କ୍ଷତିର ଭରଣା କରିବାକୁ ପ୍ରତିବର୍ଷ ଖର୍ଚ୍ଚ କରିବାକୁ ପଡ଼େ । ଆଉ ଗୋଟିଏ କଥା, ଲୋକହିତକର କାର୍ଯ୍ୟରେ ବା ଲୋକଦେଖାଣିଆ ପ୍ରକଳ୍ପରେ ଥରେ କାର୍ଯ୍ୟ ଆରମ୍ଭ କଲେ ତାକୁ ଆଉ ଅଟକାଇ ହୁଏ ନାହିଁ । ବର୍ଷକୁ ବର୍ଷ ବଜେଟର ନିଅଣ୍ଟିଆ ହାର ବଢ଼ିଚାଲେ । ଏହାକୁ ରୋକିବାର ଚେଷ୍ଟା କଲେ ଆଭ୍ୟନ୍ତରୀଣ ଅଶାନ୍ତି ବଢ଼େ, ଥରେ ସବ୍‌ସିଡି ବା ରିହାତି ଦିଆଯାଇଛି ମାନେ ସେହିଭଳି ସବ୍‌ସିଡି ଦିଆହେବା ବଢ଼ି ବଢ଼ି ଚାଲିବ । ଆମ ଦେଶରେ ପେଟ୍ରୋଲ, ଡିଜେଲର ଦର ବଢ଼ାଇଲାବେଳେ ସରକାର ଏକ ହିସାବ ଦେଖାଇଥିଲେ, କିଭଳି ତେଲରେ ସବ୍‌ସିଡି ଯୋଗୁ ୪୦୦୦ କୋଟି ଟଙ୍କା ଅଏଲ୍ ଆକାଉଣ୍ଟରେ ନଅଣ୍ଟ ହେଲାଣି । ଅବଶ୍ୟ ସରକାରୀ ପଦକ୍ଷେପଦ୍ୱାରା ଅବସ୍ଥା ସୁଧୁରିପାରେ । କେତେକ ଦେଶ ଦୀର୍ଘମିଆଦୀ ଲାଭରେ, ଅର୍ଥକାରୀ ପ୍ରକଳ୍ପରେ ପୁଞ୍ଜି ଲଗାଉଛନ୍ତି । ଇଣ୍ଡୋନେସିଆ ତା'ର ତେଲ ଆୟକୁ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଲଗାଇଛି । ମାଲେସିଆରେ ଉତ୍ପାଦନକାରୀ ଶିଳ୍ପରେ ବେଶି ପଇସା ଲଗାଯାଇଛି । ବତ୍‌ସୁଆନା, କୁଏତ୍ ଭଳି ଦେଶ ସେମାନଙ୍କ ବିଦେଶୀ ମୁଦ୍ରାକୁ ବିଦେଶରେ ଖଟାଇ ଆୟ ପାଉଛନ୍ତି ।

ଏ ସବୁ ଉଦାହରଣରୁ ଗୋଟିଏ କଥା ଜଣାପଡ଼େ : ହଠାତ୍ କିଛି ପୁଞ୍ଜି ବା ସମ୍ପତ୍ତି ମିଳିଗଲେ, ତାକୁ ସବୁଦିନିଆ ଆୟ ବୋଲି ଧରନାହିଁ । ଏହା ଏକ ସାଧାରଣ ନିୟମ ହେବା ଉଚିତ । ପ୍ରାକୃତିକ ସମ୍ପଦ ଆବିଷ୍କାର ହୋଇ ଯଦି ଆୟ ମିଳେ, ତାକୁ ସତର୍କତାର ସହିତ ଉତ୍ପାଦନଶୀଳ କାର୍ଯ୍ୟରେ ଲଗାଅ । ଦୀର୍ଘକାଳ ଧରି ଆୟ ବଢ଼ିବାର ଗୋଟିଏ ବଡ଼ ଉପାୟ ହେଉଛି ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠାରେ ପୁଞ୍ଜି ଲଗାଇବା । ଦ୍ୱିତୀୟ ଉପାୟ ହେଉଛି ଦେଶର ଅର୍ଥନୀତିକୁ ବିଦେଶୀ ପ୍ରତିଯୋଗିତାର ସମ୍ମୁଖୀନ କରିବା ଯେପରି ବିଦେଶରୁ ପୁଞ୍ଜି ଅବାଧରେ ଆସେ ।

ପ୍ରତ୍ୟେକ ଦ୍ରବ୍ୟର ବା ଉତ୍ପାଦନର ଦୁଇଟି ମୂଲ୍ୟ ଥାଏ । ଅତି କମ୍‌ରେ ଯାହା ଖର୍ଚ୍ଚ ନ କଲେ ଜିନିଷଟିର ଉତ୍ପାଦନ ହେବ ନାହିଁ, ତା ହେଉଛି ସର୍ବନିମ୍ନ ମୂଲ୍ୟ । ଅନ୍ୟଟି ହେଉଛି ଯେଉଁ ମୂଲ୍ୟ ନ ପାଇଲା ଯାଏ ଉତ୍ପାଦକ ତାର ଜିନିଷ ବିକିବ ନାହିଁ । ଦ୍ୱିତୀୟଟି ହେଉଛି

ବଜାର ମୂଲ୍ୟ । ଉତ୍ପାଦନ ମୂଲ୍ୟ ଓ ବଜାର ମୂଲ୍ୟ ଭିତରେ ଥିବା ବ୍ୟବଧାନଟି ହେଉଛି ଲାଭ, ଅର୍ଥନୀତିଜ୍ଞମାନେ ତାକୁ କହନ୍ତି ରେଣ୍ଟ । ମଣିଷର ପ୍ରବଳ ଇଚ୍ଛା ଏହି ରେଣ୍ଟ ବା ଲାଭଟିକୁ ବଢାଇବା । ପ୍ରାକୃତିକ ସମ୍ପଦରୁ ମିଳୁଥିବା ଲାଭ ବଡ ଲୋଭନୀୟ । ତେଣୁ ଅନ୍ୟ ମାର୍ଗରୁ ମିଳୁଥିବା ଲାଭକୁ ଛାଡି ଦେଇ ପ୍ରାକୃତିକ ସମ୍ପଦରେ ଭରା ଦେଶଗୁଡିକ ପ୍ରାକୃତିକ ସମ୍ପଦର ବ୍ୟବସାୟରୁ ମିଳୁଥିବା ଲାଭ ପଛରେ ଦୌଡନ୍ତି । ମେକ୍ସିକୋରେ ୧୯୭୦ ଦଶକରେ ରାଜନୈତିକ ନେତା ଓ କମ୍ପାନୀମାନେ ଦେଶର ତେଲ ଆୟରୁ ଭାଗ ପାଇବା ଲାଗି ଝଗଡା କରୁଥିଲେ । ଭେନେଜୁଏଲା, ନାଇଜେରିଆ ଭଳି ଅନ୍ୟ ତୈଳ ରପ୍ତାନିକାରୀ ଦେଶ ମଧ୍ୟ ସେହିଭଳି କରୁଥିଲେ । ଲୌହ ଓ ଅନ୍ୟ କେତେକ ଖଣିଜ ଦ୍ରବ୍ୟରେ ଅଷ୍ଟ୍ରେଲିଆ ଓ ବ୍ରାଜିଲ ମଧ୍ୟ ସେହିଭଳି କରୁଛନ୍ତି । ଆମ ଓଡିଶାରେ ଯେଭଳି ଆମେ ପ୍ରଥମେ କେନ୍ଦୁପତ୍ର ଓ ଶାଳପତ୍ର ଆଦି ବିକିବାରେ ବ୍ୟଗ୍ର ଥିଲୁ, ଏବେ କ୍ରୋମାଇଟ୍, ମାଙ୍ଗାନିଜ ଭଳି ଖଣିଜ ଦ୍ରବ୍ୟ ବିକିବାରେ ବ୍ୟଗ୍ର । ବର୍ତ୍ତମାନ ସ୍ତରର ବ୍ୟବହାର ପରିମାଣ ଉପରେ ନିର୍ଭର କରି ହିସାବ କରାଯାଇଛି ଯେ ଆମ ଦେଶର କ୍ରୋମାଇଟ୍ ଆଉ ୫୧ ବର୍ଷରେ ସରିଯିବ; ଅଣକୋକିଙ୍ଗ କୋଇଲା ୨୧୯, କୋକିଙ୍ଗ କୋଇଲା ୨୧୩, ଲୌହ ପିଣ୍ଡ ୧୩୫, ବକ୍ସାଇଟ୍ ୨୮୧, ଲାଇମ୍‌ଷ୍ଟୋନ୍ ୬୭୮ ବର୍ଷରେ ସରିଯିବ । ତାପଜ ବିଦ୍ୟୁତ୍ କେନ୍ଦ୍ର ବଢିବାରେ ଲାଗିଛି, ଇସ୍ପାତ୍ କାରଖାନା ସଂଖ୍ୟା ଓ ଉତ୍ପାଦନ ପରିମାଣ ବି ବେଶ୍ ବଢୁଛି : ଉଭୟ କୋକିଙ୍ଗ ଓ ନନ୍‌କୋକିଙ୍ଗ କୋଇଲା ଖର୍ଚ୍ଚ ପରିମାଣ ଚାରିଗୁଣ ହୋଇଯିବ; ଆଉ ୫୦ ବର୍ଷରେ ଆମ ଦେଶର କୋଇଲା ସରିଯିବ । ଓଡିଶାର କୋଇଲା ସେହି ଅନୁପାତରେ ଆଗରୁ ସରିବ କାରଣ ଆମେ ଉଭୟ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଇସ୍ପାତ୍ କାରଖାନା ବସାଇବାରେ ଅନ୍ୟମାନଙ୍କଠାରୁ ବେଶ୍ ଜୋରରେ ଦଉଡୁଛୁ । ଅର୍ଥନୀତିର ଗୋଟିଏ ଗୋଟିଏ ଅଙ୍ଗରେ ଏଭଳି ଲାଭ ପାଇବାର ମନୋଭାବ ଅର୍ଥନୀତିର ଅନ୍ୟ ଅଙ୍ଗଗୁଡିକୁ ବିକଳାଙ୍ଗ ବା ନଷ୍ଟ କରିଦିଏ । ଆମେରିକାର ଲୁଇସିନିଆ ରାଜ୍ୟ ରାସ୍ତା ଓ ହସ୍ପିଟାଲ ଉପରେ ଗୁଡିଏ ଖର୍ଚ୍ଚ କରିଦେଲା; ଆଲାସ୍କା ଦେଶର ଲୋକେ ତୈଳ ଆୟରୁ ମିଳୁଥିବା ବାର୍ଷିକ ଡିଭିଡେଣ୍ଡ ଉପରେ ନଜର ରଖିଲେ । ସେମାନେ ଭାବିଲେ ନାହିଁ ଯେ ଅଧିକ ପରିଶ୍ରମ କରି ଆୟ କରିବାର ପନ୍ଥା ଧରିବା ବା ଉଚ୍ଚ ଶିକ୍ଷା ପାଇବା ସେମାନଙ୍କ ମୌଳିକ ଆବଶ୍ୟକତା । ପ୍ରାକୃତିକ ସମ୍ପଦରୁ ମିଳୁଥିବା ଆୟ ଉପରେ ସହଜରେ ଜୀବିକା ଚଳାଉଥିବା ଲୋକ ଏକଥା ଚିନ୍ତା କରେ ନାହିଁ । ତେଣୁ ଅଳସୁଆମି ଓ ଅଶିକ୍ଷା ବଢେ । ଏହି କାରଣରୁ ଭୋଟରମାନେ ମଧ୍ୟ ଅଣ-ଅର୍ଥନୈତିକ ଖର୍ଚ୍ଚ ସପକ୍ଷରେ ଥିବା ଦଳକୁ ଭୋଟ ଦିଅନ୍ତି । ଅର୍ଥନୀତିର ମୌଳିକ ଅଙ୍ଗଗୁଡିକୁ ଭୁଲି ଇସ୍ପାତ୍ କାରଖାନା ବସାଇବା ଉପରେ ନିର୍ବାଚନ ଇସ୍ତାହାରରେ ଜୋର ଦେବା – ଏହିଭଳି ଏକ ଅବିମୃଶ୍ୟକାରିତା : ଅଶିକ୍ଷିତ ଭୋଟରମାନେ ବି ଏଥିରେ ଭାସି ଯାଆନ୍ତି ।

ପ୍ରାକୃତିକ ସମ୍ପଦକୁ କାର୍ଯ୍ୟକାରୀ ବା ଉପଯୋଗ କରିବାରେ ବ୍ୟଭିଚାର ବଢେ । ବ୍ୟୟ ଅଟକଳରେ କମିଶନି ଲୁଚି ରହେ, ଲାଞ୍ଚ ପରିମାଣ ବଢେ ଓ ତାହା ଆସ୍ତେ ଆସ୍ତେ ସରକାରର ପ୍ରତି ସ୍ତରକୁ ବ୍ୟାପେ; ଗଣତନ୍ତ୍ରରେ ଲୋକପ୍ରତିନିଧି ଜିଓାବିକା ହୁଅନ୍ତି, ଫଳରେ ଦେଶରେ ଅସ୍ଥିରତା ବଢେ । ଆମେ କାହିଁକି କହୁ ଯେ ଅସ୍ଥିର ଦେଶମାନଙ୍କରେ ତୈଳ ସମ୍ପଦ ମିଳେ ? ପ୍ରକୃତରେ ତେଲ ମିଳୁଥିବା ଦେଶରେ ସରକାର ଅସ୍ଥିର ହୋଇପଡେ । (କିଛିଦିନ ତଳେ କେନ୍ଦୁପତ୍ର କାରବାର ମଧ୍ୟପ୍ରଦେଶ ଓ ଓଡିଶାର ରାଜନୀତିକୁ ଅସ୍ଥିର କରି ନଥିଲା କି ?)

ଆଙ୍ଗୋଲା, ଜାଇରେ ଭଳି ପ୍ରାକୃତିକ ସମ୍ପଦ ବା ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଦେଶରେ ଗୃହଯୁଦ୍ଧ ଲାଗି ରହିଛି । ସିରାଲିଅନ୍‌ରେ ସରକାର ହୀରା ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ । ଆଇଭୋରି କୋଷ୍ଟ, ଘାନା, କାମେରୁନ୍ ଓ ଗାବନ ଦେଶର ସରକାରମାନେ ସେ ଦେଶର ପ୍ରାକୃତିକ ସମ୍ପଦ ଉପରେ ଝଗଡା କରୁଥିବା ଶକ୍ତିଶାଳୀ ଗୋଷ୍ଠୀମାନଙ୍କଦ୍ୱାରା ନିୟନ୍ତ୍ରିତ । ତୈଳସମ୍ପଦରେ ଭରପୂର ନାଇଜେରିଆ ରାଷ୍ଟ୍ର ଧନୀ ହୋଇ ପାରୁ ନାହିଁ । ସ୍ୱାଧୀନତା ପାଇବା ପରଠାରୁ ଗୃହଯୁଦ୍ଧର ସମ୍ମୁଖୀନ ହୋଇ ଆସୁଛି, ବାରମ୍ବାର ସାମରିକ ବିଦ୍ରୋହ ଦେଖାଦେଇଛି ଏବଂ ଭ୍ରଷ୍ଟାଚାର ପ୍ରତ୍ୟେକ ସ୍ତରକୁ ବ୍ୟାପିଛି । ଲାଞ୍ଚ-ଖଚ ଆଦି ସହ କଳା ପଇସା ତେଲରୁ ଆସୁଛି । ସମ୍ପ୍ରତି ସାମରିକ ଶାସନ ବିରୁଦ୍ଧରେ ଓ ଗୋନା ରାଜ୍ୟରେ ଗଢି ଉଠିଥିବା ଆନ୍ଦୋଳନର ମୁଖ୍ୟ କାନ୍ ସୁରୋନିଆଙ୍କୁ ଫାଶି ଦିଆ ଯିବାର ମୂଳ କାରଣ ତେଲ ରାଜନୀତି । ସେ ଅଞ୍ଚଳରେ ମିଳୁଥିବା ତେଲକୁ ବିକ୍ରି କରି ଅନ୍ୟ ଅଞ୍ଚଳର ରାଜନୈତିକ ନେତାମାନେ ଶାସନ କରିବା ଉଚିତ ନୁହେଁ ବୋଲି ଆନ୍ଦୋଳନ ଆରମ୍ଭ ହେଲା । କିନ୍ତୁ ସେହି ଦେଶରେ ଗୋଟିଏ ହିସାବରୁ ଜଣାଯାଏ ଯେ ବଡ ବଡ ରାଷ୍ଟ୍ରାୟାତ୍ତ ସଂସ୍ଥାମାନଙ୍କରେ ୧୯୭୦-୭୫ ଭିତରେ ଯାହାକିଛି ପୁଞ୍ଜି ଲଗାଯାଇଛି ତହିଁର ୭୫% ସରକାରୀ ଅଧିକାରୀମାନଙ୍କର ପକେଟକୁ ଯାଇଛି, ବିଭିନ୍ନ ନିର୍ମାଣ କାର୍ଯ୍ୟର ଠକାମିରେ ମିଶିଛି ଏବଂ ଶେଷତକ ଅଧିକାଂଶ ନେତା ଓ ଅଧିକାରୀଙ୍କ ବିଦେଶୀ ଜମା ଖାତାରେ ରହିଛି । ସମ୍ପ୍ରତିରେ ସବୁଠାରୁ ଭ୍ରଷ୍ଟାଚାରଗ୍ରସ୍ତ, ସବୁଠାରୁ ବେଶି ଋଣଗ୍ରସ୍ତ ଏବଂ ସବୁଠାରୁ କମ୍ ଅଭିବୃଦ୍ଧି ଥିବା ଆଫ୍ରିକୀୟ ଦେଶ ହେଉଛି ନାଇଜେରିଆ ।

ଏ ସବୁଥିରୁ ଗୋଟିଏ ଶିକ୍ଷା ମିଳେ । ଯଦି କେବେ ଗୋଟିଏ ଗରିବ ରାଜ୍ୟ, ହଠାତ୍ ତେଲ ବା ହୀରା ଭଳି କିଛି ନୂଆ ସମ୍ପତ୍ତି ଆବିଷ୍କାର କରେ, ତେବେ ଭାବନ୍ତୁ ନାହିଁ ଯେ ଏହାର ଭବିଷ୍ୟତ ଉଜ୍ଜ୍ୱଳ ଆଉ ନିଶ୍ଚିତ । ବରଂ ଡରନ୍ତୁ ଯେ ତାହାର ଗରିବ ଲୋକମାନେ ଆହୁରି ଗରିବ ହୋଇଯିବେ ।

# ବିଶ୍ୱ ବ୍ୟାଙ୍କର ଋଣ ନୀତିରେ ଭ୍ରଷ୍ଟାଚାର ବିରୋଧି ସର୍ତ୍ତ ରହିବ !

୧୯୯୬ ଅକ୍ଟୋବର ପହିଲାରେ ୱାସିଂଗଟନ୍‌ଠାରେ ବସିଥିବା ତିନିଦିନିଆ ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ମିଳିତ ମିଟିଂରେ ହଠାତ୍ ନୂଆ ନିଷ୍ପତ୍ତିଟିଏ ନିଆଗଲା । ସତେ ଯେପରି ସେମାନେ କିଛି ନୂଆ ଜିନିଷ ଆବିଷ୍କାର କରି ପକାଇଲେ । ୧୮୦ ସଦସ୍ୟ ବିଶିଷ୍ଟ ଏହି ଦୁଇ ଆର୍ଥିକ ସଂସ୍ଥାର ସମ୍ମିଳନୀରେ ବିଶ୍ୱର ବିକାଶ ପ୍ରକ୍ରିୟାର ପ୍ରଗତି ସମ୍ପର୍କରେ ସାଧାରଣ ଆଲୋଚନା ହୋଇଥାଏ । ବିଶ୍ୱ ବ୍ୟାଙ୍କର ସମ୍ମିଳନୀରେ ବହ୍ୱାଡମ୍ବରପୂର୍ଣ୍ଣ ବ୍ୟବସ୍ଥା ଦେଖିଲେ ଏବଂ ତହିଁରେ ଯୋଗଦେଉଥିବା ପ୍ରାୟ ୧୦,୦୦୦ ଯାଏଁ ପ୍ରତିନିଧିଙ୍କ ବିଳାସବ୍ୟସନପୂର୍ଣ୍ଣ ହୋଟେଲରେ ରହିବା ଏବଂ ଲିମୋସିନ୍ ଭଳି ଦାମିକା ଗାଡ଼ି ଚଢ଼ି ୱାସିଂଗଟନ୍‌ର ରାସ୍ତାଗୁଡ଼ିକରେ ଗହଳି କରିବା ଯେଉଁମାନେ ଦେଖିଛନ୍ତି ସେମାନେ ସନ୍ଦେହ କରିବେ, ଏଭଳି ଲୋକେ ବିଶ୍ୱର ସାଧାରଣଜନତା ପାଇଁ ଆର୍ଥିକ ନୀତି ନିର୍ଦ୍ଧାରଣ କରୁଥିବେ ! ପୁଣି ଲେସୋଥୋ ଭଳି ଦରିଦ୍ରତମ ରାଷ୍ଟ୍ରରୁ ଦାରିଦ୍ର୍ୟ ଦୂରୀକରଣ କରିବାର ଯୋଜନା ଚିନ୍ତା କରିପାରୁଥିବେ ! ଏଭଳି ଲୋକଙ୍କ ମୁଣ୍ଡରେ ଆଗରୁ କାହିଁକି ଧନୀ ଓ ନେତାମାନଙ୍କର ବ୍ୟଭିଚାର କଥା ପଶୁ ନଥିଲା, ତାହା ବି ବୁଝିପାରିବେ । ଏ ଥରର ସମ୍ମିଳନୀରେ ବ୍ୟାଙ୍କ ଓ ପାଣ୍ଠିର ପଦାଧିକାରୀଙ୍କ ଚିନ୍ତାର ବିଷୟ ଥିଲା : ସଭ୍ୟ ରାଷ୍ଟ୍ରମାନଙ୍କରେ ବ୍ୟଭିଚାର ଓ ଭ୍ରଷ୍ଟାଚାରକୁ କିଭଳି ରୋକାଯିବ ।

ଏବର ନିଷ୍ପତ୍ତି ଯେ ଗୋଟିଏ ବଡ଼ ଧରଣର ରାଜନୈତିକ ବିସ୍ଫୋରକ ଭଳି କାମ କରିବ ତହିଁରେ ସନ୍ଦେହ ନାହିଁ । କିନ୍ତୁ ନୀତି ଗ୍ରହଣ କରିବା ଗୋଟିଏ କଥା, ତାକୁ କାମରେ ଲଗାଇବା ଆଉ ଗୋଟିଏ କଥା । ଏକଥା ସତ ଯେ ସଦସ୍ୟ ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ବିଶ୍ୱ ବ୍ୟାଙ୍କର ଅଧିକାରୀମାନେ ସିଧାସଳଖ ହସ୍ତକ୍ଷେପ କରି ପାରିବେ ନାହିଁ । କିନ୍ତୁ ଯେଉଁମାନେ ବ୍ୟଭିଚାର ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଗ୍ରାମ ଚଳାଇଛନ୍ତି ସେମାନଙ୍କୁ ତ ସମର୍ଥନ ଓ ଉତ୍ସାହ ଦେଇ ପାରିବେ ! ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ (ପ୍ରେସିଡେଣ୍ଟ) ଜେମ୍‌ସ ଡି ଓଲ୍‌ଫେନ୍‌ସୋହନ୍ ତାଙ୍କ ଉଦ୍‌ଘାଟନୀ ଭାଷଣରେ କହିଲେ, 'ମୁଁ ଏଠି ଜୋର ଦେଇ କହିବାକୁ

ଚାହେଁ ଯେ ଆମେ ସମର୍ଥନ କରୁଥିବା କାର୍ଯ୍ୟକ୍ରମରେ କୌଣସି ଭ୍ରଷ୍ଟାଚାର ବରଦାସ୍ତ କରାଯିବ ନାହିଁ ଏବଂ ଆମ୍ଭମାନଙ୍କର କାର୍ଯ୍ୟକଳାପରେ ଯେପରି ନୈତିକତା ଓ ନିଷ୍ଠାର ସର୍ବୋଚ୍ଚ ମାନ ରକ୍ଷା କରାଯାଏ, ତାହା ଦେଖିବାକୁ ପଡିବ' । ବାହାରର ହସ୍ତକ୍ଷେପ ଏ ପ୍ରକାର ସମସ୍ୟାର ସମାଧାନ କରିପାରିବ ନାହିଁ । ଦେଶଭିତରୁ, ନିଜ ମାଟିରୁ ଜନ୍ମିଥିବା ଜାତୀୟ ନେତାମାନଙ୍କର ଚାରିତ୍ରିକ ପରିବର୍ତ୍ତନ ତଥା ସୁସ୍ଥ ଆଭିମୁଖ୍ୟ ହିଁ ସମାଧାନ ଆଣିପାରେ । ପ୍ରେସିଡେଣ୍ଟ ଆହୁରି କହିଛନ୍ତି ଯେ ଯେଉଁ ସରକାରମାନେ ଭ୍ରଷ୍ଟାଚାରର ଆତଙ୍କରୁ ଦେଶ ଓ ଅର୍ଥନୀତିକୁ ରକ୍ଷା କରିବା ପାଇଁ ଯେତେ କଡା ବ୍ୟବସ୍ଥା ଗ୍ରହଣ କରିବେ,ସେମାନଙ୍କୁ 'କାଳକ୍ରମେ ଅଧିକରୁ ଅଧିକ ପୁଞ୍ଜି ଯୋଗାଇ ଦିଆଯିବ' ।

ଭ୍ରଷ୍ଟାଚାର ନିୟନ୍ତ୍ରଣ ପାଇଁ ବିଶ୍ୱ ବ୍ୟାଙ୍କ ଚାରୋଟି ଦିଗରୁ ଆକ୍ରମଣ କରିବ ବୋଲି ଦର୍ଶାଇଛି :

(୧) ଅର୍ଥନୈତିକ ନୀତିର ସଂସ୍କାର : ଯଥା ଟିକସ ସଂସ୍କାର, ନିୟନ୍ତ୍ରକ ଆଇନ ଗୁଡିକର ସଂସ୍କାର, ଘରୋଇକରଣର ପ୍ରସାର, ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାରର ପୁନର୍ବିନ୍ୟାସ ।

(୨) ସାଂଗଠନିକ ସଂସ୍କାର : ସରକାରୀ ଆର୍ଥିକ ପରିଚାଳନାରେ ସୁଧାର, ବେସାମରିକ ସରକାରୀ ଚାକିରୀ ସର୍ତ୍ତାବଳୀର ସଂସ୍କାର, ଖୋଲା ବଜାରରୁ କିଣାକିଣି ଓ ଖୋଲା ଶାସନର ବ୍ୟବସ୍ଥା ।

(୩) ବିଶ୍ୱାସ-ବୃଦ୍ଧିକାରୀ ନିୟନ୍ତ୍ରଣ ପ୍ରଚଳନ : ବ୍ୟାଙ୍କ ଋଣ ଓ ମଞ୍ଜୁରୀ କ୍ଷେତ୍ରରେ କିଛି ଲୁଚାଣିଆ ରହିବ ନାହିଁ । ଋଣ ଦେବାରେ ଓ ପରିଶୋଧରେ ସ୍ୱଚ୍ଛତାର ସର୍ବୋଚ୍ଚ ମାନ ପ୍ରଦର୍ଶନ କରିବାର ଏବଂ ବ୍ୟାଙ୍କ କର୍ମଚାରୀମାନଙ୍କ ମଧ୍ୟରେ ଉଚ୍ଚତର ନୈତିକତା ପ୍ରଦର୍ଶନର ଚେଷ୍ଟା ।

(୪) ଅଧିକ ଶାସ୍ତିମୂଳକ ବ୍ୟବସ୍ଥା : ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ବୋର୍ଡ କେତେଗୁଡିଏ ଅତିରିକ୍ତ ନିୟନ୍ତ୍ରଣ ଜାରି କରିବାର ନିଷ୍ପତ୍ତି ନେଇଛନ୍ତି । ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ତଥା ଅନ୍ୟ ବ୍ୟାଙ୍କ ମଧ୍ୟରେ ବହୁ-ପାକ୍ଷିକ ସହଯୋଗରେ ଏହାକୁ ବଳବତ୍ତର କରାଯିବ ।

ବ୍ୟାଙ୍କର ଋଣ କାଗଜପତ୍ରରେ ଏବେ ସର୍ତ୍ତ ରଖାଯିବ ଯେ ଯଦି କୌଣସି ଠିକାରେ ବ୍ୟାଙ୍କ ଋଣର କିଛି ଅଂଶ ଭ୍ରଷ୍ଟାଚାର ବା ଠକାମିରେ ବ୍ୟବହାର ହୋଇଛି ବୋଲି ସୁରାକ ମିଳେ, ତେବେ ଋଣରୁ ଆନୁପାତିକ ପରିମାଣ କାଟି ଦିଆଯିବ । ସପ୍ଲାୟର ଓ କଣ୍ଟ୍ରାକ୍ଟର (ଯୋଗାଣକାରୀ ଓ ଠିକାଦାର) ମାନଙ୍କ କାଗଜ ପତ୍ର ଓ ହିସାବ ବ୍ୟାଙ୍କ କର୍ମଚାରୀମାନେ ତନଖି କରି ପାରିବେ ଏବଂ ଯଦି ସେମାନଙ୍କ ଭିତରୁ କେହି ବ୍ୟଭିଚାର ଅଥବା ଠକାମି କାରବାର କରିଥିବାର ପ୍ରମାଣ ମିଳେ, ସମ୍ପୃକ୍ତ କମ୍ପାନୀ ବା ଯୋଗାଣକାରୀକୁ ବ୍ୟାଙ୍କର କଳା ତାଲିକାରେ

ରଖାଯିବ, ଭବିଷ୍ୟତରେ କାମ ଦିଆଯିବ ନାହିଁ ।

ୱାସିଙ୍ଗଟନ୍ ଭଳି ନଗରର ରାସ୍ତାଘାଟରେ ଗାଡି ଘୋଡାର ଭିଡ ଜମାଇବା ଭଳି ଏତେ ଲୋକ କାହିଁକି ବିଶ୍ୱ ବ୍ୟାଙ୍କର ବାର୍ଷିକ ମିଟିଂରେ ଯୋଗ ଦିଅନ୍ତି ? ବୁରୁଣ୍ଡିର ନାସ୍‌ନାଲ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କର ଅଧ୍ୟକ୍ଷ ଗସ୍ପାର୍ଡ ସିଣ୍ଡାୟିଗୟା ଏ ଭଳି ମିଟିଂରେ ଯୋଗଦେବାକୁ ଭୁଲନ୍ତି ନାହିଁ କାହିଁକି ? ବିଳାସୀ ହୋଟେଲରେ ଭୂରିଭୋଜନ ଏହାର କାରଣ ନୁହେଁ, ବିଭିନ୍ନ ବ୍ୟାଙ୍କର କରିତ୍‌କର୍ମା ଅଧିକାରୀମାନଙ୍କ ସହ ମୁହାଁମୁହିଁ ପରିଚିତ ହେବା ବଡ କଥା; ଋଣ ପାଇବା ଲାଗି ଏହା ଏକ ବଡ ଯୋଗ୍ୟତା (ମେରିଟ୍ ବା ଏଲିଜିବିଲିଟି । ଟେଲିଫୋନ୍ ବା ଫାକ୍ସରେ ଏତେ କରି ହେବ ନାହିଁ ।

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ବର୍ତ୍ତମାନର ଏକ ଘରୋଇ ବ୍ୟାଙ୍କର ମୁଖ୍ୟ ହେ ଲମନ୍ ରାଜ କହନ୍ତି, ଏଭଳି ମିଟିଂରେ ବିଭିନ୍ନ ପ୍ରକାର ଋଣ ବ୍ୟବସାୟରେ ବିଭିନ୍ନ ଅସୁବିଧା ଓ ପ୍ରତିବନ୍ଧକର ଆଲୋଚନା ହୋଇଥାଏ, ସମାଧାନର ସୂତ୍ର ବି ବାହାର କରାଯାଏ । ଯେତେବେଳେ ପ୍ରଥମେ ଡଃ ମନମୋହନ ସିଂହ ଭାରତ ପାଇଁ ବିଶ୍ୱ ବ୍ୟାଙ୍କରୁ ଋଣ ଆଣିଲେ, କେଉଁ କେଉଁ ସର୍ତ୍ତରେ ସେ ରାଜି ହୋଇଛନ୍ତି, ଭାରତର ସାର୍ବଭୌମ ଅଧିକାରକୁ କିଭଳି ବଳି ଦେଇଛନ୍ତି, ସେ କଥା ସେ ଖୋଲି କହି ନ ଥିଲେ । କାଳେ ଲୋକେ ଓ ବିରୋଧି ଦଳ ତାର ବିରୋଧ କରିବେ । ଯେଉଁ ବ୍ୟାଙ୍କର ନିଜ କାମରେ ସ୍ୱଚ୍ଛତା ନାହିଁ, ବ୍ୟାଙ୍କ କି କି କାରଣରୁ କେଉଁ ଋଣ ମଞ୍ଜୁର କରୁଛି ବା ନ କରୁଛି ବାହାର ଲୋକଙ୍କୁ ଜଣାଉନାହିଁ, ଏପରିକି ଶାସକ ଦଳର ଲୋକେ ବି ଜାଣୁ ନାହାଁନ୍ତି, ଅନ୍ତତଃ ଏ ଭଳି ଅବସ୍ଥା ହେଉଛି ବୋଲି ଧାରଣା ଜନ୍ମ ନେଉଛି, ସେମାନେ କିଭଳି ଭ୍ରଷ୍ଟାଚାର ବିରୋଧି ଭୂମିକା ନିଭାଇବେ ? ଏ କଥା କେବଳ ୧୭୦ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥାର ସମନ୍ୱୟକାରୀ ଶ୍ରୀମତୀ ଲିସା ମାକ୍‌ଗୋୱାନ୍ କହୁନାହାନ୍ତି, ଆମେ ତୁମେ ବି କହିବା । ବ୍ୟାଙ୍କର କାରବାରକୁ ରହସ୍ୟାବୃତ୍ତ କରି ରଖୁଥିବା ଅଧିକାରୀମାନେ ଋଣୀ-ସଦସ୍ୟ ଦେଶମାନଙ୍କରେ ବ୍ୟବହାରରେ ସ୍ୱଚ୍ଛତା ରହୁ ବୋଲି ଭାଷଣ ଦେଉଛନ୍ତି । 'ବ୍ୟାଙ୍କର ବାର୍ଷିକ ସମ୍ମିଳନୀ ପୃଥିବୀର ବିକାଶ ସମ୍ପର୍କରେ ଏକ ବେସରକାରୀ ବିଶ୍ୱ ସମ୍ମିଳନୀ ହୋଇ ପଡିଛି, ସେହିକାରଣରୁ ଆଜିର ଘରୋଇକରଣ ହାୱାରେ ଭାସୁଥିବା ଦରିଦ୍ର ଦେଶରେ ପୁଞ୍ଜି ଖଟାଇବା ଲାଗି ଦଉଡି ଆସୁଥିବା ଘରୋଇ କମ୍ପାନୀମାନଙ୍କ ପ୍ରତିନିଧିମାନେ ବ୍ୟାଙ୍କରୁ ଋଣ ଉଠାଇବାର ସୁଯୋଗ ସୃଷ୍ଟି କରିବା ଲାଗି ଏ ସମ୍ମିଳନୀରେ ଭାଗ ନେବାକୁ ଆସୁଛନ୍ତି' : ବିଶ୍ୱ ବ୍ୟାଙ୍କର ଉପାଧ୍ୟକ୍ଷ ମାର୍କ ମାଲୋକ୍ ବ୍ରାଉନ୍ ଏ ଭଳି କହିବା ମୂଳରେ ସ୍ୱଚ୍ଛତା କେତେ, କାଦୁଅ କେତେ, ଲୋକେ ଅନୁମାନ କରିବେ । ବ୍ୟାଙ୍କର ଋଣରେ ବିଦେଶୀ କର୍ମଚାରୀ ଓ କମ୍ପାନୀମାନେ ପ୍ରତ୍ୟକ୍ଷରେ କେତେ ଲାଭବାନ୍ ହେଉଛନ୍ତି ତାହାର କଳନା କେହି କରୁନାହିଁ ।

୧୯୯୩ ମସିହାରୁ ସ୍ଥାପିତ 'ଟ୍ରାନ୍ସପାରେନ୍ସି ଇଣ୍ଟରନାସ୍‌ନାଲ୍' ନାମକ ଏକ ଆନ୍ତର୍ଜାତୀୟ ବେସରକାରୀ ସଂସ୍ଥା, ୟୁ ଏସ୍ ଏଜେନ୍ସି ଫର୍ ଇଣ୍ଟର୍‌ନାସନାଲ୍ ଡେଭଲେପ୍‌ମେଣ୍ଟ, ଫୋର୍ଡ ଫାଉଣ୍ଡେସନ୍, ଜେନେରାଲ୍ ଇଲେକ୍ଟ୍ରିକ୍ ଏବଂ ୟୁନାଇଟେଡ୍ ନେସନ୍‌ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍ ଆଦି ଦ୍ୱାରା ଆର୍ଥିକ ସହାୟତା ପାଇ ପୃଥିବୀର ବିଭିନ୍ନ ଦେଶରେ ଭ୍ରଷ୍ଟାଚାର ସମ୍ପର୍କରେ ଖବର ରଖୁଛି ଏବଂ ତା ବିରୁଦ୍ଧରେ ଆନ୍ଦୋଳନ ଚଳାଉଛି । ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏହି ସଂସ୍ଥାର ରିପୋର୍ଟ ଉପରେ କାର୍ଯ୍ୟ କରୁଛନ୍ତି । ୫୪ଟି ରାଷ୍ଟ୍ରରେ ବ୍ୟବସାୟୀମାନଙ୍କ ଉପରେ ଆନ୍ତର୍ଜାତୀୟ ସର୍ଭେ କରି କହିଛନ୍ତି ଯେ ପୃଥିବୀର ଭ୍ରଷ୍ଟାଚାରଗ୍ରସ୍ତ ଦେଶମାନଙ୍କ ଭିତରେ ଭାରତର ସ୍ଥାନ ୯ମ, ଋଷିଆର ଟିକିଏ ଉପରକୁ । ବହୁରାଷ୍ଟ୍ରୀୟ କମ୍ପାନୀ ବା ସଂସ୍ଥାମାନଙ୍କର କର୍ମଚାରୀମାନେ ଭ୍ରଷ୍ଟାଚାରକୁ କିପରି ଦେଖନ୍ତି, ତାହା ଉପରେ ନିର୍ଭର କରି ଟ୍ରାନ୍ସପାରେନ୍ସି ଇଣ୍ଟରନୋସ୍‌ନାଲ୍ ୦ ରୁ ୧୦ ପର୍ଯ୍ୟନ୍ତ ସୂଚ୍ୟାଙ୍କ କରି (୧୦ ମାର୍କ ପାଇବା ଦେଶ ପୂରା ସାଧୁ, ୦ ପାଇବା ଦେଶ ପୂରା ଭ୍ରଷ୍ଟ) ଏକ 'ଭ୍ରଷ୍ଟାଚାର ଧାରଣା ସୂଚୀ' (କରପ୍‌ସନ୍ ପରସେପ୍‌ସନ୍ ଇଣ୍ଡେକ୍‌ସ) ପ୍ରକାଶ କରିଛନ୍ତି । ତହିଁରେ ଭାରତକୁ ୨.୬୩ ଦିଆ ଯାଇଛି । ଋଷିଆ ୨.୫୮, ଚୀନ ୨.୪୩, ବାଙ୍ଗଲାଦେଶ ୨.୨୯, କେନିଆ ୨.୨୧, ପାକିସ୍ଥାନ ୧, ନାଇଜେରିଆ ୦.୬୯ ମାର୍କ ପାଇ ନିମ୍ନତର ସ୍ଥାନରେ ତ ସାଧୁତାରେ ନିଉଜିଲାଣ୍ଡ (୯.୪୩) ସବା ଉପରେ । ସାଧୁ ଦେଶ ଭିତରେ ନିଉଜିଲାଣ୍ଡ ତଳକୁ ସ୍କାଣ୍ଡିନେଭିଆର ଡେନ୍‌ମାର୍କ, ସ୍ୱିଡେନ୍ ଓ ଫିନ୍‌ଲାଣ୍ଡ, ୪ର୍ଥ କାନାଡା, ୭ମ ସିଙ୍ଗାପୁର, ୧୦ମ ଅଷ୍ଟ୍ରେଲିଆ, ୧୨ଶ ବିଲାତ, ୧୩ଶ ଜର୍ମାନୀ, ୧୫ଶ ଯୁକ୍ତରାଷ୍ଟ୍ର ଆମେରିକା, ୧୭ଶ ଜାପାନ ଓ ୧୮ଶ ହଂକଂ । ଭ୍ରଷ୍ଟାଚାର ସବୁ ଦେଶରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଉନ୍ନତିର ପ୍ରଧାନ ଅନ୍ତରାୟ ବୋଲି ଏବେ ସରକାରମାନେ ହୃଦୟଙ୍ଗମ କଲେଣି ଓ ତାହାର ଗଠନମୂଳକ ସମାଧାନର ପନ୍ଥା ଖୋଜୁଛନ୍ତି ବୋଲି ଟ୍ରାନ୍ସପାରେନ୍ସି ଇଣ୍ଟରନୋସ୍‌ନାଲ୍‌ର ଚେଆର୍‌ମାନ୍ ପିଟର ଆଇଜେନ୍ କହନ୍ତି ।

ଦକ୍ଷିଣ କୋରିଆରେ ଦୁଇ ଜଣ ପୂର୍ବତନ ରାଷ୍ଟ୍ରମୁଖ୍ୟ ଭ୍ରଷ୍ଟାଚାର ଲାଗି କଡା ଦଣ୍ଡ ପାଇଥିବା ବେଳେ ଭାରତରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କାବିନେଟ୍ ପାହ୍ୟାର କେତେକ ପୂର୍ବତନ ମନ୍ତ୍ରୀମାନେ ଗୁରୁତର ଭ୍ରଷ୍ଟାଚାର ଅଭିଯୋଗରେ ଅଦାଲତର ସମ୍ମୁଖିନ ହୋଇଥିବାର ଦେଖି ସମ୍ଭବତଃ ବିଶ୍ୱ ବ୍ୟାଙ୍କ ଏ ନୂଆ ନୀତି ବୟାନ କରିଛି । ସରକାରକୁ ସ୍ୱଚ୍ଛ କରିବାରେ ନୂଆ ନୂଆ କଟକଣା ଲାଗୁ କରିବା ଭଲ କଥା, କିନ୍ତୁ ନିଜେ ସ୍ୱଚ୍ଛ ହେଲେ ତ !

# ବିଶ୍ୱ ବ୍ୟାଙ୍କର ନାଲିଫିତା : କୋଉ କମ ଅମଲାତାନ୍ତ୍ରିକ କି ?

ମଞ୍ଜୁର ହୋଇଥିବା ଋଣରୁ ପ୍ରାୟ ୯୦୦ କୋଟି ଡଲାର ଋଣ ଭାରତ ଏ ପର୍ଯ୍ୟନ୍ତ ଆଣିପାରିନାହିଁ ବୋଲି ତିନି ବର୍ଷ ତଳେ ଭାରତ ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କର ପ୍ରେସିଡେଣ୍ଟ ଶ୍ରୀ ଉଲ୍‌ଫେନ୍‌ସନ୍ କହିଥିଲେ । ଆମ ଦେଶର (ସବୁ ବିକାଶଶୀଳ ଦେଶର) ସରକାର କୁଆଡେ ଅମଲାତାନ୍ତ୍ରିକ ବିଳମ୍ବରେ ନିଦ୍ରାଗ୍ରସ୍ତ, ତେଣୁ ଯଥାସମୟରେ ଋଣ ଉଠାଇ ପାରୁନାହିଁ । ଗୋଦରୀ ଅନ୍ୟକୁ ତୋ ଗୋଡ ଫୁଲିଛି କହିବା ପୂର୍ବରୁ ନିଜ ଗୋଡର ଦୋଷ ଦେଖେନାହିଁ । କୌଣସି ଋଣଟିଏ ମଞ୍ଜୁର କରିବା ପାଇଁ ବିଶ୍ୱ ବ୍ୟାଙ୍କ ଯେଉଁ ପଦ୍ଧତି ଅନୁସରଣ କରେ ତାହା କଣ କମ ଅମଲାତାନ୍ତ୍ରିକ ? ବିଶ୍ୱ ବ୍ୟାଙ୍କରୁ ଋଣ ପାଇବା ଲାଗି ଦରଖାସ୍ତଟିଏ ପ୍ରାୟ ୮ଟି ସ୍ତର ଦେଇ ଯାଇଥାଏ । ପ୍ରସ୍ତାବର ସରଜମିନ୍ ତନଖି ଲାଗି ବିଶ୍ୱବ୍ୟାଙ୍କର ଗୋଟିଏ ଗୋଟିଏ ମିସନ୍ ଆସି ବୁଲିଯାନ୍ତି, କ୍ଷେତ୍ର ପରିଦର୍ଶନ କରି ନିଜର ମତାମତ ଜଣାନ୍ତି । କ୍ୟାମ୍ପ ବ୍ୟବସ୍ଥା କରିବାର ଖର୍ଚ୍ଚ ତଥା ଝଞ୍ଜଟ ତ ଅଛି; ବିଳମ୍ବ କରିବାର ଏହା ଏକ ଆନୁଷ୍ଠାନିକ ବ୍ୟବସ୍ଥା ନୁହେଁ କି ? ଆଠୋଟି ସ୍ତର ହେଲା : (୧) ଚିହ୍ନଟ ମିସନ, (୨) ପ୍ରସ୍ତୁତି ମିସନ, (୩) ପ୍ରାକ୍‌ମୂଲ୍ୟାୟନ (ପ୍ରିଆପ୍ରେଜାଲ୍) ମିସନ, (୪) ମୂଲ୍ୟାୟନ ମିସନ, (୫) ଆପୋଷ ଆଲୋଚନା (୬) ବୋର୍ଡ ମଞ୍ଜୁରୀ, (୭) ଋଣ ଦସ୍ତଖତ ଓ (୮) ଋଣ ସାର୍ଥକତା (ଏଫେକ୍ଟିଭ୍‌ନେସ୍) । ଆମ ରାଜ୍ୟରେ କୌଣସି ଏକ ବିଭାଗ ତାର ପ୍ରସ୍ତାବର ମଞ୍ଜୁରୀ ଲାଗି ଅର୍ଥ ବିଭାଗର ସମ୍ମତି ମାଗିଲା ବେଳେ ସେ ବିଭାଗ କେତେ ପ୍ରକାରର ପ୍ରଶ୍ନ ପଚାରେ, ତାହା ଅନୁଭବୀମାନେ ଜାଣନ୍ତି । ବିଶ୍ୱବ୍ୟାଙ୍କ ସେମିତି ବହୁତ ପ୍ରଶ୍ନ ଉଠାଇଥାଏ । ସେଗୁଡିକର ଉତ୍ତର ଦେବାରେ ରାଜ୍ୟ ବା କେନ୍ଦ୍ର ସରକାର ଯେ ବିଳମ୍ବ କରନ୍ତି ନାହିଁ, ତା ନୁହେଁ । କିନ୍ତୁ ପ୍ରଶ୍ନ ବା କ୍ୱେରୀ ଉଠାଇବାରେ ଯେଉଁ ଅହେତୁକ ଆନନ୍ଦ ବିଶ୍ୱବ୍ୟାଙ୍କ ବା ଅର୍ଥ ବିଭାଗ ପାଏ, ତାହା ତାଙ୍କୁ ବାରମ୍ବାର ପ୍ରଶ୍ନ ଉଠାଇବାକୁ ପ୍ରବର୍ତ୍ତାଏ । ଏକାବେଳକେ ସବୁ ପ୍ରଶ୍ନ ଉଠାଇଲେ ସତେ ଯେପରି ନିଜର ଅସ୍ତିତ୍ୱ ନାହିଁ ବୋଲି ଅର୍ଥପ୍ରାର୍ଥୀ ଲୋକେ ଭାବିବେ ! ଗୋଟିଏ ପ୍ରକଳ୍ପ ବିଶ୍ୱବ୍ୟାଙ୍କର ମଞ୍ଜୁରୀ ପାଇବାରେ ବେଳେ ବେଳେ ଏତେ ବର୍ଷ ନିଏ ଯେ ଆଉ ଆଗେଇବାକୁ

ଚିଡ ଲାଗେ । ପୁଣି ବୋଝ ଉପରେ ନଳିତା ବିଡା ପରି ବିଶ୍ୱବ୍ୟାଙ୍କ ନୂଆ ନୂଆ ସର୍ତ୍ତ ବାଢନ୍ତି । ନଈ ମଝିରେ ଏଭଳି ସର୍ତ୍ତକୁ ସେମାନେ କଣ୍ଡିସନାଲିଟି କହନ୍ତି । ମାର୍କିନ୍ ଇଂଲିଶ୍ ତ; କଣ୍ଡିସନ୍ ନୁହେଁ, କଣ୍ଡିସନାଲିଟି ।

ଆମ ଦେଶରେ କେନ୍ଦ୍ର ସରକାର ବାଟେ ଋଣ ଆସେ, ରାଜ୍ୟ ସରକାରମାନେ କାମ କରନ୍ତି, ଖର୍ଚ୍ଚ କରନ୍ତି, ଶୁଝନ୍ତି । ମହାଜନୀ କରି କେନ୍ଦ୍ର ସରକାର କିଛି କମିସନି ରଖିନିଏ । ସେହି ଅନୁପାତରେ ରାଜ୍ୟର ଋଣ ଭାର ବଢେ । ଏବେ ବିଶ୍ୱବ୍ୟାଙ୍କ ସିଧାସଳଖ ରାଜ୍ୟ ବା ଅନୁଷ୍ଠାନମାନଙ୍କ ସହିତ ଋଣ କାରବାର କରିବ । ତଥାପି ତ କେନ୍ଦ୍ରର ଗାରେଣ୍ଟି ଦରକାର ହେବ ! ଜାମି କିଏ ମାଗଣା ଦେଲାଣି ? ଯାହା ହେଉ ବେଳେ ବେଳେ ନିଜର ପୁଞ୍ଜି ବଢାଇବା ତଥା ନିଅଣ୍ଟିଆ ଅବସ୍ଥାକୁ ସୁଧାରିବା ଲାଗି ବାହାରୁ ପଇସା ଆଣିବା ଏତେ ଜରୁରୀ ମନେ ହୁଏ ଯେ କାବୁଲୀବାଲାର ସର୍ତ୍ତକୁ ମାନିବାକୁ ହୁଏ, ତର ତରରେ ଯୋଜନା ତିଆରି କରିବାକୁ ପଡେ; ବଡ ବଡ ପ୍ରକଳ୍ପ ପ୍ରସ୍ତୁତ କରିବା ଲାଗି ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ଉପରେ ପ୍ରବଳ ଚାପ ପଡେ । ବଡ ପ୍ରକଳ୍ପ ହେଲେ ବେଶି ପଇସା ମିଳିବ । ବେଶି ପଇସା ପଦାରୁ ପାଇବା ପାଇଁ ନିଜର ବଜେଟ୍‌କୁ ଫୁଲେଇବାକୁ ପଡିବ, ନିଜର ତ ପୁଣି ଭାଗ ଦେଖାଇବା ଦରକାର ! ଏହି କାରଣରୁ ବେଳେ ବେଳେ ବ୍ୟାଙ୍କର କଣ୍ଡିସନାଲିଟି ଅନୁଯାୟୀ ସମୟ ଓ ଅଟକଳର ସୀମା ରକ୍ଷା କରିହୁଏ ନାହିଁ । ପ୍ରକଳ୍ପ ବେଶି ସମୟ ନିଏ ଓ ବେଶି ପଇସା ଦରକାର କରେ । ଏଭଳି ଟାଇମ୍ ଓଭର୍ ରନ୍ ଓ କଷ୍ଟ ଓଭର୍ ରନ୍ ବିଶ୍ୱ ବ୍ୟାଙ୍କ ପସନ୍ଦ କରେ ନାହିଁ । ଫଳରେ ଋଣ ସମୟମୁତାବକ ଦିଏ ନାହିଁ । ମଞ୍ଜୁର ଋଣରୁ ୯୦୦ କୋଟି ଡଲାର୍ (ପ୍ରାୟ ୩୧୫୦୦କୋଟି ଟଙ୍କା) ଭାରତ ଆଣିପାରିନାହିଁ କହି ଶ୍ରୀ ଉଲ୍‌ଫେନ୍‌ସନ୍ ବାହାଦୂରୀ ନେଲେ, କିପରି ଶୀଘ୍ର ମିଳିବ ପରାମର୍ଶ ଦେଲେ ନାହିଁ । ତାଙ୍କରି ବଟସ୍କର ହୋଇ କାମ କରୁଥିବା କୌଣସି କନ୍‌ସଲ୍‌ଟାଣ୍ଟକୁ ଧରିଲେ ଋଣ ମିଳିଯିବ, ଏ କଥା କିଏ ନ ଜାଣେ ? ପୁଣି ତ ଛ ମାସରେ ଥରେ ବିଶ୍ୱବ୍ୟାଙ୍କର କର୍ମକର୍ତ୍ତାଗଣ ଭାରତ ଆସି ପର୍ଯ୍ୟାଲୋଚନା କରିବେ । ସର୍ତ୍ତ ଠିକ୍ ଭାବେ ପାଳୁ ନାହିଁ କହି ଇନ୍ଦିରା-ଆବାସ-ଯୋଜନାର ହିତାଧିକାରୀକୁ ପଇସା ଦେବାରେ ଡେରି କଲେ ଯେପରି ଗ୍ରାମ୍ୟ ଉନ୍ନୟନ ଯୋଜନାରେ ନିଯୁକ୍ତ ଅଧିକାରୀମାନଙ୍କ ଅମଲାତାନ୍ତ୍ରିକ ବିଳମ୍ବକୁ ଦାୟୀ କରାଯାଏ, କଣ୍ଡିସନାଲିଟି ପୂରଣ ହୋଇନାହିଁ କହି ନୂଆ କିସ୍ତୀ ଦେବାରେ ଟାଳଟୁଳ କରିବା ସେହିପରି ବିଶ୍ୱ ବ୍ୟାଙ୍କର ନାଲି ଫିତା ନୁହେଁ କି !

ଥରେ ବିଶ୍ୱବ୍ୟାଙ୍କ ଋଣ ମିଳିଗଲେ ରାଜ୍ୟ ସରକାରମାନେ ଅନ୍ୟ ଯୋଜନା ଭଳି ସାଧାରଣ ଭାବରେ କାମ ଆରମ୍ଭ କରନ୍ତି, କିନ୍ତୁ ବ୍ୟାଙ୍କ ଚାହେଁ ତା ପାଇଁ ସରକାର ଅନ୍ୟ ସବୁ ଯୋଜନା କଥା ଭୁଲିଯାଉ, କେବଳ ବିଶ୍ୱବ୍ୟାଙ୍କ ପ୍ରକଳ୍ପକୁ ଅଗ୍ରାଧିକାର ଦେଇ ସବୁ

ଲୋକଙ୍କୁ ସେହିଥିରେ ଲଗାଉ । ଅବଶ୍ୟ ଅନେକ ରାଜ୍ୟ ବିଶ୍ୱବ୍ୟାଙ୍କ ଋଣରେ ହେଉଥିବା କାମ ଲାଗି ସ୍ୱତନ୍ତ୍ର ବିଭାଗ ଖୋଲୁଛନ୍ତି ବା ସ୍ୱତନ୍ତ୍ର ଅଧିକାରୀ ମାନଙ୍କୁ ନିୟୋଜିତ କରୁଛନ୍ତି । ଉତ୍ତର ପ୍ରଦେଶ ତ ଗୋଟିଏ ଗୋଟିଏ ପଞ୍ଜିକୃତ ସୋସାଇଟି ଦ୍ୱାରା ବିଶ୍ୱବ୍ୟାଙ୍କ ପ୍ରକଳ୍ପ କରାଉଛି । ଏଥିରେ ସରକାରୀ ନିୟନ୍ତ୍ରଣରୁ କିଛି କିଛି ମୁକ୍ତି ମିଳୁଛି, ଏ ଯାବତ୍ କାମ କୁଆଡେ ସୁରୁଖୁରୁରେ ଚାଲିଛି । ସମ୍ପ୍ରତି ବିଶ୍ୱ ବ୍ୟାଙ୍କ ସାମାଜିକ କ୍ଷେତ୍ରରେ କେତେ ଗୁଡିଏ ପ୍ରକଳ୍ପ ହାତକୁ ନେଇଛି, ଯଥା ପ୍ରାଥମିକ ଶିକ୍ଷା, ଗାଁଗହଳିରେ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ପରିମଳ, ତଥା ଦାରିଦ୍ର୍ୟ ବିମୋଚନର କେତୋଟି ଦିଗ । ଏଥିରେ ବ୍ୟବସାୟିକ ଦିଗ ପ୍ରାୟ ନ ଥିବା ବେଳେ ବ୍ୟାଙ୍କ ଲାଭ କ୍ଷତିର ହିସାବ ମାଗୁଛି । ପ୍ରାୟ ସବୁ ଋଣ ମଞ୍ଜୁରୀରେ ବିଶ୍ୱବ୍ୟାଙ୍କର କର୍ମକର୍ତ୍ତାମାନେ ନିଜର ସ୍ୱାର୍ଥକୁ ବେଶ୍ ଜଗୁଛନ୍ତି । କିଏ ପ୍ରକଳ୍ପ ପ୍ରସ୍ତୁତି କରିବ, କିଏ ପରାମର୍ଶ ଦେବ, ତାହା ସେମାନେ ବାଛୁଛନ୍ତି; ଏଥିରେ କି ସ୍ୱାର୍ଥ (ନେଣଦେଣ) ଅଛି ସେମାନେ ଜାଣନ୍ତି । ସ୍ୱଚ୍ଛତା ବା ଟ୍ରାନ୍ସପାରେନ୍ସି କାହିଁ ? ଆଉ ଗୋଟିଏ ସର୍ତ୍ତ ଯେ ଏକ ନିର୍ଦ୍ଦିଷ୍ଟ ସ୍ୱଚ୍ଛଳତା ଥିବା (ସ୍ୱଚ୍ଛତା ନୁହେଁ) ଠିକାଦାର ହିଁ କାମ କରିବ । ଏମାନେ ସାଧାରଣତଃ ବଡ ବଡ ଠିକାଦାର । ବଡ ବଡ ଠିକାଦାରମାନଙ୍କ ମଧ୍ୟରେ ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦିତା ନ ଥାଏ । ସେମାନେନିଜ ନିଜ ଭିତରେ ଇଲାକା ବା କାମ ବାଣ୍ଟି ନେବାର ନଜିର ବହୁତ ଅଛି, ତୁ କିଛି ପା, ମୁଁ ବି କିଛି ପାଏ, ଦୁହେଁ ସୁବିଧାରେ ଚଳିବା : ଏହି ନ୍ୟାୟ ବଡଲୋକମାନଙ୍କ ଭିତରେ ଜଳ ଜଳ ଦିଶେ । ଏଥିରେ ଲାଭ ବଢେ । ଏ ପ୍ରକାର କାର୍ଟେଲ୍ (ବ୍ୟବସାୟିକ ଷଡଯନ୍ତ୍ର) ବିଶ୍ୱବ୍ୟାଙ୍କର ପ୍ରକଳ୍ପ ଖର୍ଚ୍ଚକୁ ବଢାଇ ଦିଏ ।

ଏହା ଉପରେ ଅଛି ପୁଣି ବିଶ୍ୱ ବ୍ୟାଙ୍କର ଅମଲାତାନ୍ତ୍ର ! ତନଖି କରିବା ଉଦ୍ଦେଶ୍ୟରେ ବାରମ୍ବାର ଆସୁଥିବା କର୍ମକର୍ତ୍ତାଙ୍କୁ ଲାଟସାହେବ ଭଳି ଆତିଥ୍ୟ ନ ଯୋଗାଇଲେ ପ୍ରକଳ୍ପ ବାଟରେ ଅଟକି ଯାଇପାରେ । ଠିକ୍ ଯେପରି କେନ୍ଦ୍ରରୁ ରିଲିଫ୍ ଟଙ୍କା ପାଇବା ଲାଗି ରାଜ୍ୟମାନେ କେନ୍ଦ୍ରର ତଦନ୍ତକାରୀ ଦଳକୁ ଖୁସି କରାନ୍ତି । ବିଶ୍ୱ ବ୍ୟାଙ୍କର ତତ୍ତ୍ୱାବଧାନକାରୀ ଦଳ ଯାଞ୍ଚ କରିବା (ମନିଟରିଙ୍ଗ) ଭଲ କଥା, ତାହା କାମକୁ ଭଲ ବାଟରେ ନିଏ । କିନ୍ତୁ ତହିଁରେ ଅନ୍ତର୍ନିହିତ ଅମଲାତାନ୍ତ୍ରିକ ବିଳମ୍ବକୁ ସୁଧାରିବାର କୌଣସି ଆଖିଦୃଶିଆ କାମ ଏ ପର୍ଯ୍ୟନ୍ତ ହୋଇ ନାହିଁ । ଯେଉଁ ବିଶ୍ୱ ବ୍ୟାଙ୍କ ଖର୍ଚ୍ଚକାଟ ପାଇଁ ଏ ବିଭାଗ ଉଠାଇଦିଅ, ସେ ବିଭାଗର ପୁନର୍ଗଠନ କର, ବୋଲି ପରାମର୍ଶ ଦେଉଛି ସେ କୋଉ କମ୍ ଅମଲାତାନ୍ତ୍ରିକ କି ? ବିଶ୍ୱ ବ୍ୟାଙ୍କର ବାର୍ଷିକ ଅଧିବେଶନରେ ଯେତିକି ଖର୍ଚ୍ଚ ହୁଏ (ବିଭିନ୍ନ ଦେଶମାନେ ଲବି କରିବା ଲାଗି ଯେମିତି ନିଉୟର୍କରେ ଡେରା ପକାନ୍ତି), ତହିଁରେ ତ ଗୋଟିଏ ଗୋଟିଏ ବଡ ଜଳସେଚନ ଯୋଜନା ହୋଇପାରନ୍ତା ! କିଏ ନିଜ ଆଖିରେ ଆଙ୍ଗୁଠି ଗେଞ୍ଜେ କି ?

# ପରିବେଶ ଶୁଦ୍ଧିକରଣ : ଆବର୍ଜନାର ଓ ରାଜନୀତିର

ମ୍ୟୁନିସିପାଲିଟି ଅଞ୍ଚଳରେ ରାସ୍ତା ଘାଟ ସଫା କରିବା ନଗରପାଳିକାର କାମ, ଲୋକେ କିଛି କରିବେ ନାହିଁ, ଟିକସ ଦେଉଛନ୍ତି ବୋଲି ଯେତେ ଇଚ୍ଛା ସେତେ ମଇଳା ଗଦା କରିବେ, ଏ ଧାରଣାକୁ ଦୂର କରିବା ଲାଗି ଚୀନ ସରକାର ଆବର୍ଜନା ଟିକସ ଚାଲୁ କରି ଦେଇଛନ୍ତି । ୧୯୯୬ ଅକ୍ଟୋବର ପହିଲାରୁ ଚୀନର ସହରମାନଙ୍କରେ ଏହି ନୂଆ ଟିକସ ଚାଲୁ ହେବା ଫଳରେ ଯେଉଁମାନେ ଘର ଆଗରେ ବା ରାସ୍ତାରେ କିମ୍ବା ସରକାରୀ ଜାଗାରେ ଆବର୍ଜନା ଫୋପାଡିବେ, ଆବର୍ଜନାର ପରିମାଣ ଅନୁପାତରେ ସେମାନଙ୍କୁ ମାସକୁ ଦେଢ଼ ୟୁଆନ୍(yuan) ରୁ ୨୫ ୟୁଆନ୍ ଯାଏ ଅର୍ଥାତ୍ ୬ ଟଙ୍କାରୁ ୧୦୮ ଟଙ୍କା ଯାଏ ଟିକସ ଦେବାକୁ ପଡିବ । ଦକ୍ଷିଣ ଚୀନର ବେଇହାଇ, ଉହାନ ଓ ସେନ୍‌ଜେନ୍ ଭଳି ସହରମାନଙ୍କରେ ଏହି ଟିକସ ପ୍ରଥା ଆଗରୁ ପ୍ରବର୍ତ୍ତନ କରାଯାଇଛି ଏବଂ ତା ଏବେ ଅନ୍ୟ ସହରମାନଙ୍କୁ ଲାଗୁ ହେବ ବୋଲି ଚୀନର ପୂର୍ତ୍ତ ବିଭାଗର ଜଣେ ଅଧିକାରୀ ଟାଓ ହୁଆ କହିଛନ୍ତି । ଲୋକେ ଏହାର ବିରୋଧ କରୁଛନ୍ତି, ତଥାପି ଚୀନା ସରକାର ପରିବେଶ ସୁରକ୍ଷା ପାଇଁ ଏହି ନୀତିରେ ଅଟଳ । ଲୋକେ ଯେଭଳି ନିଜର ଆବର୍ଜନାକୁ ନିଜେ ଖତ କରି ଦିଅନ୍ତି ବା ଅନ୍ୟ ଉପାୟରେ ଉପଯୋଗ କରନ୍ତି ସେ ଦିଗରେ ଏହି ଟିକସ ବ୍ୟବସ୍ଥା ଚେତନା ସୃଷ୍ଟି କରିବ। ସେ କହନ୍ତି, ଚୀନର ସହରୀ ଲୋକେ ଏବେ ଅଧିକରୁ ଅଧିକ ଆବର୍ଜନା ଛାଡୁଛନ୍ତି । ମଣିଷ ଜାତିର ଭବିଷ୍ୟତ ମଙ୍ଗଳ ଦୃଷ୍ଟିରୁ ଏହି ଟିକସ ପ୍ରଚଳନ ଜରୁରୀ ହୋଇପଡିଛି । ବଡ ବଡ ସହରରେ, ଯଥା ବେଜିଙ୍ଗ୍‌ରେ, ରାସ୍ତାକଡଗୁଡିକରେ ଏତେ ଆବର୍ଜନା ଜମା ହେଉଛି ଯେ ତାର ଦୁର୍ଗନ୍ଧରେ ଯା-ଆସ କରି ହେଉନି, ପୁଣି ତହିଁରୁ ବିଭିନ୍ନ ରୋଗର ଜୀବାଣୁ ଜନ୍ମ ନେଉଛନ୍ତି । ୧୯୯୫ରେ ଚୀନର ବିଭିନ୍ନ ସହରରେ ୧୧ କୋଟି ଟନ୍ ଆବର୍ଜନା ଜମା ହୋଇଥିଲା, ତାହାର ୪୩.୭% ମାତ୍ର ବିଶୋଧିତ ହୋଇଥିଲା । ବାକିତକ ବିଶୋଧିତ ନ ହୋଇ ପାରିବାର କାରଣ ଯଥେଷ୍ଟ ସଂଖ୍ୟକ କର୍ମଚାରୀ ଓ ସୁବିଧାର ଅଭାବ । ଆବର୍ଜନା ଟିକସ ଲୋକଙ୍କୁ ଆବର୍ଜନା ସଫା କରିବା ବା ବିଶୋଧିକରଣରେ ବାଧ୍ୟ କରିବ ଏବଂ ତହିଁରୁ

ମିଳୁଥିବା ଆୟ ଆବର୍ଜନା ସଫା କରିବାରେ ସରକାରଙ୍କୁ ସକ୍ଷମ କରିବ ।

ଯୁକ୍ତରାଷ୍ଟ୍ର ଆମେରିକାର ନିଉୟର୍କ ସହର ଆବର୍ଜନା ସଫା କରିବାରେ ମାତ୍ର ସାଢେ ୫ ବର୍ଷ ତଳେ ୧୫୦ କୋଟି ଡଲାର ଖର୍ଚ୍ଚ କରୁଥିଲା । ଆମ ଦେଶରେ ଗଣତନ୍ତ୍ରରେ ଯେପରି ଦାଦାଗିରି ଜାହିର କରୁଥିବା ଠିକାଦାରମାନେ ସବୁ ସରକାରୀ କାମର ଠିକା ନିଅନ୍ତି, ଲୋକଙ୍କ ଟିକସ ପଇସାକୁ ପକେଟସ୍ଥ କରନ୍ତି, ଯୁକ୍ତରାଷ୍ଟ୍ରରେ ସେହିପରି । ସେଠାରେ ଗଣତନ୍ତ୍ର ପୁରୁଣା ହୋଇଥିବାରୁ ସେଠାକାର ଦାଦାଗିରି ବେଶି ପୁରୁଣା ଓ ତଦନୁପାତରେ ପରାକ୍ରମୀ । ୧୯୫୬ରୁ ନିଉୟର୍କ ସହରର କର୍ତ୍ତୃପକ୍ଷ ଆବର୍ଜନା ଦୂରୀକରଣ କାମକୁ ଘରୋଇ ଠିକା ଦେଲେ । ତା ପରେ ପରେ ପ୍ରତି ମାସ କୌଣସି ନା କୌଣସି ଖବରକାଗଜରେ 'ଡାକୁମାନେ ଆବର୍ଜନା ଦୂରୀକରଣରୁ ଫାଇଦା ଉଠାଉଛନ୍ତି' ଶିରୋନାମାରେ ସମ୍ବାଦ ବାହାରେ । ମାଫିଆ ଗୋଷ୍ଠୀର ଲୋକେ ବା ଦାଦାମାନେ ନିଜ ନିଜ ଭିତରେ ଅଳିଆ କୁଢ ହୋଉଥିବା ଜାଗାକୁ ବାଣ୍ଟି ନିଅନ୍ତି, ତାଙ୍କ ଛଡା ଯିଏ କୁଢ ନେବା ଲାଗି ଡାକ ଦେଲା କି ଡାକକୁ ବଢାଇଲା ତାକୁ ଧମକ ଦିଆଯାଏ, ଗୁଳି କରିବା ଛୁରା ଭୁଷିବା ଭଳି ହିଂସାର ସେ ଶିକାର ହୁଏ । ବିଭିନ୍ନ ମାଫିଆ ଦଳ ନିଜ ଭିତରେ ବୁଝାମଣା କରି, ହାତମିଳା ବ୍ୟବସାୟ (ଇଂରାଜୀରେ ଯାହାକୁ କାର୍ଟେଲ୍ କହନ୍ତି) ଚଳାଇଲେ । ବାହାର ଲୋକ ପଶି ପାରିଲେ ନାହିଁ, ପ୍ରତିଯୋଗିତା ଅଭାବରୁ ଆବର୍ଜନା ସଫା କରିବାର ଠିକା ଅର୍ଥାତ୍ ଖର୍ଚ୍ଚ ବଢି ବଢି ଚାଲିଲା । ଠିକାଦାରମାନେ ଆବର୍ଜନା ପରିମାଣକୁ ମିଛରେ ବଢାଇ ଅଧିକ ପାଉଣା ନେଲେ । ପୁଣି ତା ଉପରେ ସେମାନେ ଘର ମାଲିକମାନଙ୍କଠାରୁ ଘର ଆଗର ଆବର୍ଜନା ସଫା କରୁଛନ୍ତି ବୋଲି ଦ୍ୱାହି ଦେଇ ମାସୁଲ ଆଦାୟ କଲେ, ଯିଏ ନ ଦେଲା ତା ଘରପାଖରୁ ମଇଳା ଉଠାଇବାରେ ହେଳା କଲେ ବା ମାସ ମାସ ଧରି ସଫା କଲେ ନାହିଁ । ପରିମାଣ ଉପରେ ଯୁକ୍ତି କଲେ ଘରବାଲା ଆଗରେ ରାତି ଦୁଇଟାରେ ଦୁର୍ଗନ୍ଧ କରୁଥିବା ଟ୍ରକ୍‌ଟିଏ ଘଣ୍ଟା ଘଣ୍ଟା ଠିଆ କରାଇ ଦିଆଯିବ; ଜଣେ ଦି ଜଣ ବଦମାସ (ମାଫିଆ) ଘର ଦ୍ୱାରକୁ ଆସି ବାକ୍‌ବିତଣ୍ଡା କରିବେ । ଯଦି କର୍ତ୍ତୃପକ୍ଷକୁ କହି ବର୍ତ୍ତମାନର ଲୋକଟାକୁ ବଦଳାଇଲ, ନୂଆ କେହି ଆସିବେ ନାହିଁ । ଏ ପ୍ରକାରର ଅମାନିଆ ଠକମାନଙ୍କୁ ତ କେହି କଣ୍ଟ୍ରୋଲ୍ କରିବ ! କଣ୍ଟାରେ କଣ୍ଟା କଢାଯିବ । ଏ ଭୂମିକା ଗାମ୍ବିନୋ ଓ ଜେନୋଭିଜ ନାମକ ଡାକୁ ପରିବାରର ଲୋକଙ୍କୁ ଦିଆଗଲା । ସାରା ଯୁକ୍ତରାଷ୍ଟ୍ରରେ ବିଭିନ୍ନ ବ୍ୟବସାୟୀ ତଥା ଅନ୍ୟ ସଂସ୍ଥାମାନେ ଯେତେ ଆବର୍ଜନା ଜମାନ୍ତି କେବଳ ନିଉୟର୍କରେ ତାହାର ୫% ବାହାରେ । ବାର୍ଷିକ ୧୫୦ କୋଟି ଡଲାର ବ୍ୟୟର ପ୍ରାୟ ଏକତୃତୀୟାଂଶ, ଅର୍ଥାତ୍ ୫୦ କୋଟି ଡଲାର୍, ମିଛରେ ମାଫିଆମାନେ ନେଉଥିଲେ । ନଉୟର୍କର ଖର୍ଚ୍ଚ ଲସ୍ ଆଞ୍ଜେଲେସ୍ ନଗରପାଳିକାର ତିନିଗୁଣ ତ ଚିକାଗୋ ନଗରପାଳିକାର ଦୁଇଗୁଣ ହେଉଥିବାରୁ ସେହି ଅନୁପାତରେ ଲୋକଙ୍କ ଉପରେ ଟିକସ ବଢୁଥିଲା । ପୁଣି ଟିକସ ବାବଦ

ଆୟର ବେଶି ଭାଗ ଆବର୍ଜନା ସଫା କରିବାରେ ଖର୍ଚ୍ଚ ହେଉଥିବାରୁ ବିକାଶମୂଳକ କାମ ପାଇଁ କମ ପଇସା ମିଳିଲା । କେହି ନାମଯାଦା କମ୍ପାନୀ ଆବର୍ଜନା ସଫା କରିବାର ଠିକା ନେଉ ନ ଥିଲେ; ସହଜେ ତ ନିଉୟର୍କ ସବୁଠୁ ମଇଳା ସହର ଥିଲା, ପୁଣି ମାଫିଆର ହିଂସାକାଣ୍ଡରେ କେତେବେଳେ କାହର ମୁଣ୍ଡ କଟିଯିବାର ଭୟ ବି ଥିଲା । ବ୍ୟବସାୟିକ-ଆନୁଷ୍ଠାନିକ ଆବର୍ଜନାକୁ ପୁନଃବ୍ୟବହାର (ରିସାଇକ୍ଲିଙ୍ଗ) କରି ଜାଳେଣୀ ବା ଶକ୍ତି ଉତ୍ପାଦନ କରି ତହିଁରୁ ରୋଜଗାର ହେବ ଏ ଧାରଣା ନେଇ ବଡ ବଡ କମ୍ପାନୀ ଆବର୍ଜନା ସଫା କରିବାର ଠିକା ନେବାକୁ ଆଗେଇ ଆସିଲେ । କଲମ୍ବିଆ-ପ୍ରେସ୍‌ବାଇଟେରିଆନ୍ ମେଡିକାଲ୍ ସେଣ୍ଟର ମଇଳା ସଫା କରିବାର ଏକ ଅଟକଳ ଟେକ୍ସାସ୍ ପ୍ରଦେଶସ୍ଥ ହୁଷ୍ଟନ୍ ସହରର ବ୍ରାଉନିଙ୍ଗ-ଫେରିସ୍ ଇଣ୍ଡଷ୍ଟ୍ରିଜ୍ ନାମକ କମ୍ପାନୀକୁ ମାଗିଲେ । ୧୯୯୨ର କଥା । ହସ୍ପିଟାଲ୍ ମାସକୁ ଲକ୍ଷେ ଡଲାର ଖର୍ଚ୍ଚ କରୁଥିଲା, ବ୍ରାଉନିଙ୍ଗ-ଫେରିସ୍ ଇଣ୍ଡଷ୍ଟ୍ରିଜ୍ ୪୦,୦୦୦ ଡଲାର ନେବେ କହିଲେ । ସେହି ବ୍ରାଉନିଙ୍ଗ-ଫେରିସ୍ ଇଣ୍ଡଷ୍ଟ୍ରିଜ୍ ନିଉୟର୍କର ମଇଳା ସଫା ଠିକା ନେଲେ । କାମ ଆରମ୍ଭ କରିଛନ୍ତି କି ନାହିଁ ୧୯୯୩ ଫେବ୍ରୁଆରୀ ୧୯ରେ ଲା କୋସା ନୋଷ୍ଟ୍ରା ନାମରେ ଗୋଟିଏ ଲେଖା ସହିତ ଗୋଟିଏ କୁକୁରର କଟା ମୁଣ୍ଡ କମ୍ପାନୀର ଜଣେ ଅଧିକାରୀଙ୍କ ଡାକବାକ୍ସରେ ପଡିଲା । ବ୍ରାଉନିଙ୍ଗ-ଫେରିସ୍ ଇଣ୍ଡଷ୍ଟ୍ରିଜ୍ ଏଥିରେ ଡରିଲା ନାହିଁ; ନିଉୟର୍କର ମାଫିଆର ନେତା ଜଣକ ପରେ ଜଣେ ଗିରଫ ହେଲେ : ଗାମ୍ବିନୋ ମୁଖ୍ୟ ଗୋଟ୍ଟି ମଧ୍ୟ । ଟ୍ରକ୍ ଚାଳକମାନଙ୍କୁ ଗୋଷ୍ଠୀ ଜରିଆରେ ନିୟନ୍ତ୍ରଣ କରୁଥିବା ସ୍ଥାନୀୟ ନେତାମାନଙ୍କୁ ମଧ୍ୟ ସରକାର ଧରିନେଲେ । ତେଣୁ ଟ୍ରକ୍ ଭଡା ଅଯଥାରେ ବଢ଼ିଲା ନାହିଁ । ଇତି ମଧ୍ୟରେ ରିସାଇକ୍ଲ (ପୁନଃବ୍ୟବହାର) ହୋଇ ଆବର୍ଜନାରୁ ଜାଳ ଓ ଭଲ ଗୁଣର କାଗଜ ତିଆରି ହେବାରୁ ଆବର୍ଜନା ଉଠାଇବା ଲାଭଜନକ ହୋଇଗଲା । ଅବଶ୍ୟ ବ୍ରାଉନିଙ୍ଗ-ଫେରିସ୍ ଇଣ୍ଡଷ୍ଟ୍ରିଜ୍‌ର ବି କେତେକ ଖରାପ ଗୁଣ ଅଛି, ଯେପରି ସବୁ ଏକଚାଟିଆ କାରବାରର ଥାଏ । ଯେ ପର୍ଯ୍ୟନ୍ତ ପ୍ରତିଯୋଗୀ ନ ବାହାରିଛନ୍ତି ଆଗର କାର୍ଟେଲ୍ ଭଳି ମନୋମୁଖି ଦର କଷାକଷି ଚାଲିଥିବ ।

କାର୍ଟେଲ୍ କିଭଳି ତାଳଚେରର କୋଇଲା ପରିବହନରେ, ନାଲ୍‌କୋ କାରଖାନରୁ ଗେଟ୍ ପର୍ଯ୍ୟନ୍ତ ଆଲୁମିନିଅମ୍ ମାଲମତା ବୁହାବୋହିରେ କାମ କରେ ସେ କମ୍ପାନୀମାନଙ୍କୁ ପଚାରି ବୁଝନ୍ତୁ । ରାଜନୈତିକ ନେତାମାନଙ୍କ ସମର୍ଥନ ଯୋଗୁ ମନମୁଖି ପଇସା ଦେବାକୁ ପଡେ, ଚୋରି ସମ୍ଭାଳିବାକୁ ପଡେ ଏବଂ ଶିଳ୍ପ ଓ ସେବା କ୍ଷେତ୍ରରେ ବିଶୃଙ୍ଖଳା ତଥା ସେହି କାରଣରୁ କ୍ଷତି ସହିବାକୁ ପଡେ । ନିଉୟର୍କ ମ୍ୟୁନିସିପାଲିଟିର ଉଦାହରଣରୁ ଆମ ଦେଶ ନେତାମାନେ କିଛି କିଛି ଶିକ୍ଷା କରନ୍ତୁ ।

## ବିଦେଶୀ କମ୍ପାନୀଙ୍କ ଆଖିରେ ଆମ ଲୋକେ ଦ୍ୱିତୀୟ ଶ୍ରେଣୀ ନାଗରିକ

କିଛି ଦିନ ତଳେ ଖବର ପ୍ରକାଶ ପାଇଲା ଯେ ବୋହରିଙ୍ଗର ମାନ୍ନହିମ୍ (ଇଣ୍ଡିଆ)ର ପରିଚାଳନା ନିର୍ଦ୍ଦେଶକ ପଲ୍ ଷ୍ଟିନ୍‌ସନ୍ ଭାରତ ଛାଡି ପଳାଇଛନ୍ତି । କମ୍ପାନୀର ଥାନେ କାରଖାନାରେ ତିଆରି ହୋଇଥିବା କମ୍‌ସାଟ୍ ଫର୍ଟି ବଟିକାରେ ମିଶାମିଶି ଜିନିଷ ମିଳିବାରୁ ତାଙ୍କ ନାଁରେ ମକଦମା ରୁଜୁ କରାଯାଇଛି, ଏଥିରୁ ବର୍ଞ୍ଚଯିବା ପାଇଁ ସେ ଦେଶ ଛାଡି ଚାଲିଯାଆନ୍ତୁ ବୋଲି କମ୍ପାନୀର ଓକିଲ କୁଆଡେ ତାଙ୍କୁ ପରାମର୍ଶ ଦେଇଥିଲେ ।

ବୋହରିଙ୍ଗର ମାନ୍ନହିମ୍ (Boehringer Mannheim) କମ୍ପାନୀ ଯେଉଁ ଆଣ୍ଟିବାଓଟିକ୍ କମ୍‌ସାଟ୍ ଫର୍ଟି ବଟିକା ତିଆରି କରନ୍ତି ତହିଁରେ ଆଣ୍ଟିଡାଏବେଟିକ୍ (ବହୁମୂତ୍ର ବିରୋଧି) ଉପାଦାନ ମିଶି ଯାଇଥିବାରୁ ତାକୁ ଖାଇ ୧୯୯୬ ଅଗଷ୍ଟରେ ଅହମଦନଗରର ୬୨ ରୋଗୀଙ୍କର ଅବସ୍ଥା ସଂକଟାପନ୍ନ ହୋଇଯାଇଥିଲା । ସେପ୍ଟେମ୍ବରରେ କୋଲାରରେ ଏ ବଟିକା ଖାଇ ୨ ରୋଗୀ ମରିଛନ୍ତି । ଅକ୍ଟୋବର ପ୍ରଥମ ସପ୍ତାହରେ ମହାରାଷ୍ଟ୍ରର ଖାଦ୍ୟ ଓ ଔଷଧ ପ୍ରଶାସନ (ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍, ସଂକ୍ଷେପରେ ଏଫ୍ ଡି ଏ) ବୋହରିଙ୍ଗର ମାନ୍ନହିମ୍ କମ୍ପାନୀର ଶ୍ରୀ ଷ୍ଟିନ୍‌ସନ୍‌ଙ୍କ ସହିତ ୧୨ ଜଣ କର୍ମଚାରୀଙ୍କ ବିରୁଦ୍ଧରେ 'ଗର୍ହିତ ଖିଲାପି' (କ୍ରିମିନାଲ୍ ନେଗ୍ଲିଜେନ୍ସ) ପାଇଁ ଏତାଲା ଦେଇଥିଲେ । ଏଭଳି ଏକ ଏତାଲା ଦିଆଯିବା ଆଠ ଦଶ ଦିନ ଆଗରୁ ସେ କମ୍ପାନୀର ଚେଆର୍‌ମାନ୍ ଶ୍ରୀ ପଲ୍ ଆରାଗୋନ୍‌ସଙ୍କୁ ନ ଜଣାଇ ଷ୍ଟିନ୍‌ସନ୍ କାନାଡା ପଳାଇଛନ୍ତି, କୁଆଡେ ତାଙ୍କ କମ୍ପାନୀର ଓକିଲର ପରାମର୍ଶକ୍ରମେ ସେ ପଳାୟନ କରିଛନ୍ତି । ତାଙ୍କ କାର୍ଯ୍ୟକାଳ ନଭେମ୍ବରରେ ସରୁଛି ବୋଲି ମଧ୍ୟ ସେ ଏଫ୍ ଡି ଏଙ୍କୁ ଜଣାଇ ବି ନ ଥିଲେ; ବହୁରାଷ୍ଟ୍ରୀୟ କମ୍ପାନୀର ବିଦେଶୀ କର୍ମଚାରୀମାନଙ୍କର ଚଳାଚଳ ପୋଲିସ୍‌କୁ ଜଣାହେବା କଥା ।

ବହୁରାଷ୍ଟ୍ରୀୟ କମ୍ପାନୀମାନେ ଉତ୍ପାଦନକ୍ଷେତ୍ରରେ ଉତ୍ତମ ଆଚରଣ ଦେଖାଇଥାନ୍ତି ବୋଲି ଯେଉଁ ପ୍ରଚାରରେ ଆମେ ଭାସିଯାଉଁ, ବିଦେଶୀ ଜିନିଷ ଦେଶୀ ଜିନିଷଠାରୁ ଭଲ ବୋଲି ଯେଉଁ ଧାରଣା ଆମେ ରଖୁଛୁଁ, ସେସବୁ ମିଛ । ଖାଉଟୀ ଅଧିକାର ସୁରକ୍ଷା ଲାଗି

କାମ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥାମାନେ ଅନୁଭୂତିରୁ କହନ୍ତି ଯେ ଷ୍ଟିନ୍‌ସନ୍‌ଙ୍କ ଉଭାନ ହେବା ଆଶ୍ଚର୍ଯ୍ୟ କଥା ନୁହେଁ, ଏ ତ ସବୁ ବହୁରାଷ୍ଟ୍ରୀୟ (ମଲ୍ଟିନାସନାଲ୍) କମ୍ପାନୀଙ୍କ ଦାୟିତ୍ୱହୀନତାର ଏକ ନିଦର୍ଶନ ମାତ୍ର । ଭୋପାଳ ବାଷ୍ପ ଦୁର୍ଘଟଣାରେ ଅଭିଯୁକ୍ତ ୟୁନିଅନ୍ କାର୍ବାଇଡ୍ (ଇଣ୍ଡିଆ) ବିରୋଧରେ ଭାରତ ସରକାର କଡା ପଦକ୍ଷେପ ନେଇ ନ ଥିବା ଅଭିଯୋଗ ଆଣୁଥିବା ଦିଲ୍ଲୀର ଓକିଲ ଶ୍ରୀ ଏମ୍ ସି ମେହେଟା କହନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀମାନେ ଉନ୍ନତ ରାଷ୍ଟ୍ରମାନଙ୍କରେ ଆଇନ ମାନୁଛନ୍ତି, ନ ମାନିଲେ କଡା ଦଣ୍ଡ ପାଉଛନ୍ତି । ଅଥଚ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କରେ କୋହଲପଣିଆର ସୁବିଧା ନେଇ ପଳାତକ ହୋଇଯାଉଛନ୍ତି । କମ୍ପାନୀର ମୁଖ୍ୟପରିଚାଳକ ନୈତିକ ତଥା ଆଇନଗତ ଦାୟିତ୍ୱ ନିଏ; ପଳାଇଯାଏ ନାହିଁ ।

ଶ୍ରୀ ମେହେଟା ଆଉ ଗୋଟିଏ କଥା ଲକ୍ଷ୍ୟ କରିନାହାନ୍ତି । ମଲ୍ଟିନାସନାଲ୍ କମ୍ପାନୀମାନେ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କରେ କାରଖାନା ସ୍ଥାପନ କରି କେବଳ ଉତ୍ପାଦିତ ଜିନିଷର ଗୁଣରେ ଉତ୍କର୍ଷ ରକ୍ଷା କରନ୍ତି ନାହିଁ ତାହା ନୁହେଁ; ନିଯୁକ୍ତି କ୍ଷେତ୍ରରେ ବି ପାନ୍ତର ଅନ୍ତର କରନ୍ତି । ଆମ ଦେଶ କଥା ଦେଖନ୍ତୁ । ବିଦେଶରୁ ଆଣିଥିବା କର୍ମଚାରୀମାନଙ୍କୁ ବେଶି ଦରମା ଦିଅନ୍ତି, ଭାରତୀୟ କର୍ମଚାରୀମାନଙ୍କୁ କମ ଦିଅନ୍ତି । ବସ୍ତୁତଃ ସମାନ କାମ ପାଇଁ ବିଦେଶୀ କର୍ମଚାରୀର ଦରମା ତୁଳନାରେ ଭାରତୀୟ କର୍ମଚାରୀର ଦରମା ତୁଚ୍ଛ ମନେହୁଏ । ସେମାନେ ନିମ୍ନ ମାନର ବା ଭେଜାଲ ଜିନିଷ ତିଆରି କରି ପାର ହୋଇଯାଉଥିବା ବେଳେ ତୃତୀୟ ବିଶ୍ୱର ଲୋକଙ୍କୁ ଚାକିରୀ କ୍ଷେତ୍ରରେ ନିମ୍ନମାନର ଭାବୁଛନ୍ତି । ଦରିଦ୍ର, ବିକାଶଶୀଳ ରାଷ୍ଟ୍ରର ଲୋକଙ୍କୁ ଏଭଳି ହେୟ ଜ୍ଞାନ କରୁଥିବା ବିଦେଶୀ କମ୍ପାନୀମାନଙ୍କୁ ଆମେ ଯୋଡହସ୍ତ ହୋଇ ଡାକି ଆଣୁଛୁ ।

ଆମେ କହିଲେ ନୁହେଁ ଗାଁ କନ୍ୟା ସିଙ୍ଘାଣୀନାକୀ, ବିଦେଶୀ ମୁହଁରୁ ସେହି କଥା ବାହାରିଲେ ଆମ ଲୋକଙ୍କୁ ଜ୍ଞାନଗର୍ଭକ ଲାଗେ । ଯାନବାହନ କ୍ଷେତ୍ରରେ ସେଇଆ । ରିକ୍ସା, ସାଇକେଲ୍ ଓ ଶଗଡ ଆଦି ଆମ ଦେଶରୁ ଉଭେଇ ଯିବା ବେଳକୁ ପାଶ୍ଚାତ୍ୟ ଦେଶମାନଙ୍କରେ ସେଗୁଡିକର ପୁନଃପ୍ରଚଳନ ହେଉଛି : ଆମେ ପୁଣି ସେମାନଙ୍କ ପଦାଙ୍କ ଅନୁସରଣ କରିବା । ପାଶ୍ଚାତ୍ୟ ଦେଶମାନଙ୍କରେ ବିଶେଷତଃ ଆମେରିକା ଯୁକ୍ତରାଷ୍ଟ୍ରରେ ଯାହା କିଛି ଘଟେ ତାହା ବନ୍ଦ ହୋଇ ଆସିଲାବେଳକୁ ଆମେ ତାହରା ଅନୁକରଣ କରିଥାଉଁ । ଅର୍ଥାତ୍ ସେ ଦେଶରେ ଯାହା ଭୂତ ତାହା ହିଁ ଆମର ବର୍ତ୍ତମାନ । ଡିଡିଟି ବ୍ୟବହାର ଆମେରିକାରେ ବଢିଲା; ସେମାନଙ୍କ ଫସଲର ଉତ୍ପାଦିକତା ବଢିଲା । ସେ କଥା ଜାଣି ଆମେ ଆମ ଦେଶରେ ତାହାର ବ୍ୟବହାର ଆରମ୍ଭ କଲାବେଳକୁ ଆମେରିକାରେ ଡିଡିଟିର ବଦଗୁଣ ଯୋଗୁ ଡିଡିଟି ବ୍ୟବହାର ନିଷିଦ୍ଧ ହୋଇସାରିଲାଣି । ଏବେ ଆମେ ଭାବୁଛୁ ଡିଡିଟି ବନ୍ଦ କରିଦେବା, ତାହା ସ୍ୱାସ୍ଥ୍ୟ ହାନି କରୁଛି । ସେ ଦେଶରେ ପେଟ୍ରୋଲ୍ ଚାଳିତ ଗାଡି ସଂଖ୍ୟା ବଢି ବଢି ଚାଲିଛି : ଏବେ ତ

ପ୍ରତି ପରିବାରରେ ୩ରୁ ୪ କାର୍ । ଟ୍ରକ୍ ସଂଖ୍ୟା ତ ଅପରିମେୟ । ଆମେ ଅନୁକରଣ କରି ଚାଲିଛୁ, ଏ ପର୍ଯ୍ୟନ୍ତ ଜାଣିନାହୁଁ ଯେ ସେଆଡେ ଜୀବାଶ୍ମ ଜାଳେଣୀ ବ୍ୟବହାର କାରୀ ଗାଡି ଉପରେ କଟକଣା ଜାରି ହେଲାଣି ଏବଂ ସାଇକେଲ୍ ରିକ୍ସା ଉପରେ ଜୋର ଦିଆଗଲାଣି ।

ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରାନ୍ସପୋର୍ଟ ଡେଭଲପ୍‌ମେଣ୍ଟ ଏବେ ଅଣମଟର ପରିବହନ ଉପରେ ଏକ ରିପୋର୍ଟ ତିଆରି କରିଛନ୍ତି । ବିଷୟ ହେଉଛି, ନନ୍‌ମଟରାଇଜ୍‌ଡ୍ ଟ୍ରାନ୍ସପୋର୍ଟ ଇନ୍ ଇଣ୍ଡିଆ : କରେଣ୍ଟ ଷ୍ଟାଟସ୍ ଆଣ୍ଡ ପଲିସି ଇସୁଜ୍ । ଡାଇରେକ୍ଟର ଶ୍ରୀ କେ. ଥାପର୍ କହନ୍ତି 'ବାଇସାଇକ୍ଲ ଓ ସାଇକ୍ଲ ରିକ୍ସା ଭାରସାମ୍ୟ ରକ୍ଷା କରେ । ପ୍ରଦୂଷଣ ଓ ଗାଡିଭିଡ (ଟ୍ରାଫିକ୍ ସ୍ପାର୍ଲସ୍) ଭଳି ସାମାଜିକ ବ୍ୟୟଭାର କମାଇଥାଏ, ଏକ ନିରାପଦ, ଅପେକ୍ଷାକୃତ ଦ୍ରୁତତର, ପହଞ୍ଚିବାର ଉପାୟ ଯୋଗାଏ ।' ଆହୁରି ଭଲ ନକ୍ସାର ଓ ବେଶି ଭଲ ଭିତ୍ତିଭୂମି ବ୍ୟବସ୍ଥା କଲେ ଏ ଅଣମଟର ଯାନଗୁଡିକ ଭାରତ ଲାଗି ଏକ ଲାଭଜନକ ଓ ଦକ୍ଷ ତଥା ସଫଳ ବିକଳ୍ପ ହେବ । ବେଶି ବେଗର ଗାଡିମାନେ ବେଶି ଜାଗା (ଏଲ୍‌ବୋ ରୁମ୍) ଦରକାର କରନ୍ତି, ପଦଚାରୀମାନେ ଧିର କିନ୍ତୁ ସବୁଠାରୁ କମ ଜାଗା ଦରକାର କରନ୍ତି । ଧୀର ଅଣମଟର ଯାନଗୁଡିକ ବଢିଗଲେ ଦ୍ରୁତଗାମୀ, ଦକ୍ଷ ଯାନଗୁଡିକୁ, ଯଥା କାର୍, ଟ୍ରକ୍ ଓ ବସ୍‌କୁ, ବାଟ ମିଳିବ ନାହିଁ, କେତେକ ଜାଗାରେ ସେମାନେ ଦ୍ରୁତତର ଗାଡିକୁ ବାଟ ଛାଡନ୍ତି ନାହିଁ, ଏ କଥା ଆପାତତଃ ସତ । ପ୍ରକୃତରେ କଣ ଦ୍ରୁତଗାମୀ ଯାନଗୁଡିକ ବେଶି ଦକ୍ଷ ? ପ୍ରଦୂଷଣ ଓ ରାସ୍ତାଭିଡ ଭଳି ସାମାଜିକ ବ୍ୟୟଭାର ହିସାବକୁ ନେଲେ ମଟର ଯାନଗୁଡିକ ସମାଜ ଉପରେ ଗୋଟିଏ ବଡ ବୋଝ ହେଲେଣି ବୋଲି ମନେ ହେଉଛି ।

ପୃଥିବୀର ବୃହତ୍ତମ ସାଇକ୍ଲ ଉତ୍ପାଦନକାରୀମାନଙ୍କ ଭିତରେ ଭାରତ ଅନ୍ୟତମ; କିନ୍ତୁ ସାଇକେଲ୍ ବ୍ୟବହାରକାରୀଙ୍କ ସଂଖ୍ୟା ବେଶି ନୁହେଁ । ପ୍ରତି ଶହେ ଲୋକରେ ସାଇକେଲ୍ ଚଢାଳୀ ସଂଖ୍ୟା ଭାରତରେ ୬ ତ ଚୀନରେ ୨୭, କିନ୍ତୁ ହଲାଣ୍ଡରେ ୭୯ । ଉନ୍ନତ ଦେଶମାନଙ୍କରେ ସାଇକେଲ୍ ବ୍ୟବହାର ଅପେକ୍ଷାକୃତ ବେଶି । ଆଶ୍ଚର୍ଯ୍ୟ ଲାଗୁଛି । ନୁହେଁ ? ୮ରୁ ୧୨ କିଲୋମିଟର ଯିବାକୁ ଥିଲେ ବାଇସାଇକେଲ୍ ଲାଭଜନକ : ଉତ୍ତର ଆମେରିକାରେ ୮-୧୨ କିଲୋମିଟର ଭିତରେ ଯିବାଆସିବା ମୋଟ ଯିବାଆସିବାର ୨୦% । ଏହି ରିପୋର୍ଟ ଅନୁଯାୟୀ ୟୁରୋପରେ ମୋଟ ଯାତାୟତର ୧୨% ବାଇସାଇକେଲ୍‌ରେ ହୁଏ ତ ଚୀନରେ ୧୦ କି.ମି. ପର୍ଯ୍ୟନ୍ତ ଯେତେ ଆତଯାତ ତାହାର ୫୦% ବାଇସାଇକେଲ୍‌ରେ ହୁଏ । ବିଶ୍ୱ ବ୍ୟାଙ୍କ ଓ ତାକୁ ସମର୍ଥନ କରୁଥିବା ଆମେରିକା ଯୁକ୍ତରାଷ୍ଟ୍ର ସରକାରଙ୍କ ଚାପରେ ପଶ୍ଚିମବଙ୍ଗ ସରକାର କଲିକତାର ରାସ୍ତାରେ ରିକ୍ସା ଓ ହାତଟଣା ଗାଡିର ବ୍ୟବହାର ନିଷିଦ୍ଧ କରୁଛନ୍ତି ବୋଲି ଜର୍ଜ ଫର୍ଣ୍ଣାଣ୍ଡିଜ୍ ଦୋଷାରୋପ କରିଛନ୍ତି ।

କାଲିଫର୍ଣ୍ଣିଆ ରାଜ୍ୟରେ ଆଇନ ହୋଇଛି ଯେ ଯଦି ଗାଡିଟି କିଣାହେଲାବର୍ଷର ୩୦

ଦିନ ମରାମତି ଦୋକାନରେ କଟାଇଲା କିମ୍ବା ଗାଡିର କୌଣସି ଗୋଟିଏ ତ୍ରୁଟି ତିନି ଥରର ରିପେୟାର୍‌ରେ ସଜାଡି ହେଲା ନାହିଁ, ତେବେ କମ୍ପାନୀ ଗାଡିଟିକୁ ଫେରାଇ ନେଇ ନୂଆ ଗାଡି ଦେବାକୁ ବାଧ୍ୟ । ଏହାକୁ ଲେମନ୍ ଲ (ଲେମ୍ବୁ ଆଇନ) କହନ୍ତି । ଗତ ମେ ମାସରେ କାଲିଫର୍ଣ୍ଣିଆ ରାଜ୍ୟର ଏକ ପ୍ରଶାସନିକ ଆଇନ ଅଦାଲତର ବିଚାରପତି କିଥ୍ ଲେଭି କ୍ରାଇସ୍‌ଲର୍ କର୍ପୋରେସନ୍‌କୁ ରାଜ୍ୟର 'ଲେମନ୍ ଲ'କୁ ୧୧୬ ଥର ଅମାନ୍ୟ କରିଥିବା ଦୋଷରେ ଦଣ୍ଡିତ କରିଛନ୍ତି : ଗ୍ରାହକମାନେ ବିଭିନ୍ନ ଦୋଷରେ ଫେରାଇଦେଇଥିବା କାର୍‌ଗୁଡିକୁ ମରାମତି କରି ତାକୁ କାର୍ ବୋଲି ନ ଜଣାଇ ନୂଆ ଗ୍ରାହକଙ୍କୁ ପୁଣି ବିକି ଦେଇଥିବା ଅପରାଧରେ ଅକ୍ଟୋବର ୧୭ରେ ସେ ରାୟ ଦେଇ କହିଥିଲେ ଯେ ୬୦ ଦିନ ଯାଏ କମ୍ପାନୀ କାଲିଫର୍ଣ୍ଣିଆ ରାଜ୍ୟକୁ ନୂଆ ଗାଡି ଆଣି ପାରିବେ ନାହିଁ । ଯୁକ୍ତରାଷ୍ଟ୍ରର କାଲିଫର୍ଣ୍ଣିଆ ରାଜ୍ୟରେ ସବୁଠାରୁ ବେଶି କାର୍ ଓ ଟ୍ରକ୍ ବିକ୍ରି ହୋଇଥାଏ । କମ୍ପାନୀର ଅପିଲ୍ ଫଳରେ ମଟର ଭେହିକ୍ଲ ଡାଇରେକ୍ଟର ଦଣ୍ଡ ପରିମାଣ ୬୦ରୁ ୪୫ ଦିନକୁ କମାଇ ଦେଇଛନ୍ତି । ଯୁକ୍ତରାଷ୍ଟ୍ରର ୩ୟ ବୃହତ୍ ଅଟୋମୋବାଇଲ୍ କମ୍ପାନୀର ପ୍ରାୟ ୨୪୦ ଦୋକାନୀ (ଡିଲର୍) ୧୯୯୬ ନଭେମ୍ବର ୨୫ରୁ ଲାଗୁ ହୋଇଥିବା ଏ ଆଦେଶ ବଳରେ ଦୋକାନ ବନ୍ଦ କରି ବସିବାକୁ ବାଧ୍ୟ ହେଲେ । ଫଳରେ କମ୍ପାନୀର ୭.୮% କାର୍ ଓ ଟ୍ରକ୍ ବିକ୍ରି କମିଗଲା (୧୯୯୫ରେ କାଲିଫର୍ଣ୍ଣିଆରେ ୧୬୯,୮୦୦ ଗାଡି ବିକ୍ରି ହୋଇଥିଲା) ବୋଲି ଆର୍. ଏଲ୍. ପୋଲ୍କ କମ୍ପାନୀ ହିସାବ କରିଛନ୍ତି । ଏ ପ୍ରକାର ବେଆଇନ୍ କାମ ପାଇଁ ଆଗରୁ କେତେ ଥର କ୍ରାଇସ୍‌ଲର୍ କମ୍ପାନୀକୁ ଜୋରିମାନା କରାଯାଇଛି; ସେମାନେ ତାକୁ ବ୍ୟବସାୟିକ ଖର୍ଚ୍ଚ ହିସାବରେ ନେଇଛନ୍ତି । ଦ୍ୱିତୀୟ ବାର ଧରା ପଡିବାରୁ କଡା ଦଣ୍ଡ ସ୍ୱରୂପ ବାସନ୍ଦ ବ୍ୟବସ୍ଥା ଆଦେଶ ହୋଇଥିଲା ।

# ଘରୋଇକରଣ ଧିମେଇ ଯାଉଛି କି ?

ଫ୍ରାନ୍ସର ପେଚିନି ନାମକ ଏକ ଲାଭଜନକ କମ୍ପାନୀର ଅଂଶଧନକୁ କିଛି ଦିନ ତଳେ ଫରାସୀ ସରକାର ଜନସାଧାରଣଙ୍କୁ ବିକ୍ରି କଲେ । କମ୍ପାନୀଟି ଆଲୁମିନିଅମ୍ ବାକ୍ସ, ପେଟି ଆଦି ତିଆରି କରେ । ଫ୍ରାନ୍ସର ଆଗ ସରକାର ଏହାର ଅଂଶଧନକୁ ଯେଉଁ ମୂଲ୍ୟରେ ବିକିବେ ବୋଲି ଠିକ୍ କରିଥିଲେ, ନୂଆ ଦକ୍ଷିଣ ପନ୍ଥୀ ସରକାର ସେତେ ଦରରେ ବିକି ପାରିଲେ ନାହିଁ । ଦର କମିଗଲା । ଆଗରୁ ୪୦୦ କୋଟି ଫ୍ରେଞ୍ଚ୍ ଫ୍ରାଙ୍କ୍ ଖୋଲା ବଜାରରୁ ପେଚିନି କମ୍ପାନୀ ଉଠାଇବ ବୋଲି ସରକାର ଅନୁମତି ଦେଇଥିଲେ, କିନ୍ତୁ ମାସକ ପରେ ତାକୁ କମାଇ ୨୪୦ କୋଟି (ପ୍ରାୟ ୪୮ କୋଟି ଡଲାର) ଉଠାଇବାର ଅନୁମତି ଦିଆଗଲା ।

ଫ୍ରାନ୍ସରେ ଶ୍ରମିକ ୟୁନିଅନମାନଙ୍କର ଚାପ ଯୋଗୁ ମଜୁରୀ ବା ଦରମା ଏମିତି ବଢ଼ି ବଢ଼ି ଚାଲିଛି ଯେ କାରଖାନାମାନ ଅଚଳ ହୋଇ ପଡୁଛି । ତା ଉପରେ ପୁଣି ବିଶ୍ୱ ବଜାରରେ ଆଲୁମିନିଅମ୍ ଦର ଏବେ ଖସୁଛି । ଆଲୁମିନିଅମ୍ ଦର ଏଭଳି ମଝିରେ ମଝିରେ ବଢ଼େ ଓ କମେ । ସେ ଯାହା ହେଉ ନା କାହିଁକି, ଫରାସୀ ଘରୋଇକରଣ ପଦକ୍ଷେପରେ ବେଶି ପଇସା ପାଇବାର ଆଶା ପେଚିନିର ସେଆର୍ ବିକିବାରୁ ମିଳିବ ବୋଲି ସରକାର ଆଶା କରିଥିଲେ । ପେଚିନି ଫ୍ରାନ୍ସର ସର୍ବୋତ୍ତମ କମ୍ପାନୀ । ଅଥଚ ତାର ସେଆର୍ ଦର କମିଯିବା ଏକ ସମସ୍ୟା ରୂପେ ଦେଖାଦେଲା । ଯେଉଁ ପୁଞ୍ଜିଲଗାଣକାରୀମାନେ ଆଗରୁ ରାଷ୍ଟ୍ରାୟାତ୍ତ କମ୍ପାନୀମାନଙ୍କର ସେଆର କିଣିଥିଲେ ସେମାନେ ଏବେ ସରକାରୀ କମ୍ପାନୀର ସେଆର କିଣିବାକୁ ଆଉ ଆଗ୍ରହ ଦେଖାଉ ନାହାନ୍ତି । ଘରୋଇ କମ୍ପାନୀମାନେ ମଧ୍ୟ ପୁଞ୍ଜିଅଂଶ କିଣିବା ପାଇଁ ଆଗେଇ ଆସୁ ନାହାନ୍ତି, ସେମାନଙ୍କ ଡର ଯେ ତାଙ୍କଠୁ ଆଉ କେହି କିଣିବେ ନାହିଁ ।

ଏପର୍ଯ୍ୟନ୍ତ ଫ୍ରାନ୍ସର ଘରୋଇକରଣ ଯୋଜନା ବେଶ ସୁରୁଖୁରୁରେ ଚାଲିଥିଲା । ଦକ୍ଷିଣପନ୍ଥୀ ସରକାରଙ୍କ ଅମଳରେ ୧୯୮୬ ରୁ ୧୯୮୮ରେ ଏବଂ ଏବେ ୧୯୯୩ରୁ ଆସିଥିବା ସରକାର ଫ୍ରାନ୍ସର ଅଧିକାଂଶ ଶିଳ୍ପ ଓ ଆର୍ଥିକ ଉଦ୍ୟୋଗକୁ ବିକ୍ରି କରି ସାରିଥିଲେ ।

ଏହିସବୁ କମ୍ପାନୀକୁ ଫ୍ରାନ୍ସ ସରକାର ଜାତୀୟକରଣ କରିନେଇଥିଲେ । ଜାତୀୟକରଣ ହାୱା ଦୁଇଥର ଆସିଥିଲା । ପ୍ରଥମଟି ୨ୟ ବିଶ୍ୱଯୁଦ୍ଧ ପରେ ପରେ ଓ ଦ୍ୱିତୀୟଟି ୧୯୮୧-୮୨ରେ । ସରକାର ଜାତୀୟକରଣ ଆନ୍ଦୋଳନ ସମୟରେ କିଣି ନେଇଥିଲେ । ୧୯୯୩-୯୪ରେ ସରକାର ୧୧,୦୦୦ କୋଟି ଫ୍ରାଙ୍କ୍ ମୂଲ୍ୟର ଭଲ ଭଲ କମ୍ପାନୀର ସେଆର ବିକିଥିଲେ । ଏହି କମ୍ପାନୀଗୁଡ଼ିକୁ ମଝିରେ ଫରାସୀ ଜାତୀୟ ବ୍ୟାଙ୍କ ଓ ଫରାସୀ ୟୁନିଅନ ବୀମା କମ୍ପାନୀ ତଥା ଏଲ୍‌ଫ ଆକ୍ୱାଣ୍ଟାଇନ୍ ଗୋଷ୍ଠୀର ଶିଳ୍ପ-କାରଖାନା ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାଛଡ଼ା ରେନୋଲ୍ଟ କାର୍ କମ୍ପାନୀର ୨୯% ସେଆର୍ ମଧ୍ୟ ଏହି କିଣାର ଅନ୍ତର୍ଭୁକ୍ତ । ଗତ ଡିସେମ୍ବରରେ ଆରଏମ୍‌ସି ନାମକ ରେଡିଓ ଷ୍ଟେସନର ଅଂଶଧନ ମଧ୍ୟ ବିକ୍ରିହୋଇଗଲା । ଗତବର୍ଷ ମେ ମାସରେ ଫ୍ରାନ୍ସର ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସରକାର ଘରୋଇକରଣର ଦିଗକୁ କୋହଳ କରିବେ ବୋଲି କହିଥିଲେ । କିନ୍ତୁ ତାଙ୍କର ଗଲିଷ୍ଟ ଦଳର ଆଲେନ୍ ଜୁପେ ଘରୋଇକରଣ ପ୍ରକ୍ରିୟାକୁ ଧିମେଇ ଦେଲେ ।

ଦେଶରେ ବାକି ରାଷ୍ଟ୍ରାୟାତ୍ତ କମ୍ପାନୀଗୁଡ଼ିକୁ ଘରୋଇକରଣ କରିବାରେ ଦୁଇଟି ସମସ୍ୟା ଦେଖାଦେଇଛି । ଉପସ୍ଥିତ ସଂଗଠନର ଢାଞ୍ଚା ବଦଳାଇବାକୁ ପଡୁଛି, ଦ୍ୱିତୀୟତଃ ଟ୍ରେଡ୍ ୟୁନିଅନଗୁଡ଼ିକ ସହିତ ମୁହାଁମୁହିଁ ମୁକାବିଲା କରିବାକୁ ପଡୁଛି । ନିଅଣ୍ଟିଆ ବଜେଟ ପରିମାଣକୁ ସୁଧାରିବା ପାଇଁ ସରକାର ଯେଉଁ ସବୁ ପଦକ୍ଷେପ ନେଉଛନ୍ତି ତାକୁ ଟ୍ରେଡ୍ ୟୁନିଅନମାନେ ବିରୋଧ କରୁଛନ୍ତି । ଗୋଟିଏ ବଡ଼ କଥା ହେଉଛି ଯେ ଫ୍ରାନ୍ସର ବ୍ୟାଙ୍କ୍ ବା ବୀମାକମ୍ପାନୀମାନେ ଏଭଳି ଅଂଶଧନ ବିକ୍ରିରେ ଯଥେଷ୍ଟ ଭାଗ ନେଇପାରୁ ନାହାନ୍ତି, କାରଣ ସେମାନଙ୍କ ପାଖରେ ପୁଞ୍ଜି ନାହିଁ । ଫଳରେ ଅଧିକାଂଶ ଫରାସୀ କମ୍ପାନୀ ବିଦେଶୀ ନିୟନ୍ତ୍ରଣକୁ ଚାଲି ଯାଉଛି ଓ ଆହୁରି ଚାଲିଯିବାର ଡର ଅଛି । ପଡ଼ୋଶୀ ରାଜ୍ୟ ଇଟାଲୀ ଓ ଜର୍ମାନୀ ଯେତେ ଜୋରରେ ଘରୋଇକରଣ କରୁଛନ୍ତି, ଫ୍ରାନ୍ସରେ ଉପରୋକ୍ତ କାରଣ ଯୋଗୁ ସେତେ ଜୋରରେ ଘରୋଇକରଣ ହୋଇ ପାରୁ ନାହିଁ ।

ଆଉ କେତେକ କ୍ଷେତ୍ରରେ ଦେଖାଯାଉଛି ଯେ ଘରୋଇକରଣ ଯେତେ ଡେରି ହେବ କମ୍ପାନୀଗୁଡ଼ିକରେ କ୍ଷତିର ଆଶଙ୍କା ସେତେ ବଢ଼ିବ । ବର୍ତ୍ତମାନ ଫ୍ରାନ୍ସ ଟେଲିକମ୍ କମ୍ପାନୀ ବେଶି ଲାଭରେ ଚାଲିଛି । କିନ୍ତୁ କାଳକ୍ରମେ ଚାରିଆଡୁ ପ୍ରତିଯୋଗିତା ବଢ଼ିଯିବ । ୧୯୯୮ ଆରମ୍ଭରେ ୟୁରୋପୀଆନ୍ ୟୁନିଅନ ଟେଲିକମ୍ ଶିଳ୍ପକୁ ନିୟନ୍ତ୍ରଣରୁ ମୁକ୍ତ କରିଦେବ ବୋଲି ନିଷ୍ପତ୍ତି ନେବାରୁ ୧୯୯୭ରୁ ଫ୍ରାନ୍ସ ଟେଲିକମର ପ୍ରାୟ ୩୯% ସେଆର ସରକାର ବିକିଦେଲେ । ଏହାର ମୂଲ୍ୟ ୧୫,୦୦୦ କୋଟି ଫ୍ରେଞ୍ଚ୍ ଫ୍ରାଙ୍କ୍ । ଏହି କମ୍ପାନୀର କର୍ମଚାରୀମାନେ ଫ୍ରାନ୍ସର ଅନ୍ୟାନ୍ୟ ସରକାରୀ କର୍ମଚାରୀମାନଙ୍କଠାରୁ ବେଶ୍ ସ୍ୱାଚ୍ଛନ୍ଦ୍ୟରେ ଅଛନ୍ତି । ତେଣୁ ସେମାନେ ପାଉଥିବା ସୁବିଧା ଗୁଡ଼ିକୁ ବଜାୟ ରଖିବା ପାଇଁ ଲଢ଼େଇ କଲେ ।

୧୯୮୦ ଦଶକର ହାୱାରେ ଯେତେ ସବୁ କମ୍ପାନୀକୁ ସରକାର ଜାତୀୟକରଣ କରିଦେଲେ, ସେଗୁଡିକ କ୍ରମେକ୍ରମେ କ୍ଷତିରେ ଚାଲିଲାଣି । ଅସୁବିଧାରେ ପଡିଥିବା କେତେଗୁଡିଏ କମ୍ପାନୀ ଯଥା: ରେନୋଲ୍ଟ, ଓସିନର ସାସିନ, ଆଦି ସେମାନଙ୍କ ସଂଗଠନର ଢାଞ୍ଚା ଏବେ ବଦଳାଇଲେଣି । କିନ୍ତୁ ଫ୍ରାନ୍ସର ସବୁଦିନିଆ କ୍ଷତିରେ ଚାଲିଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ କ୍ରେଡିଟ୍ ଲୋଏନିଜ୍ ବେଖାତିର ପୁଞ୍ଜି ଲଗାଣ କରି ବଦନାମ ହୋଇଗଲାଣି । ଏ ସବୁ କାରଣରୁ ଫ୍ରାନ୍ସରେ ଘରୋଇକରଣର ବେଗ ଧିମେଇ ଯାଇଛି । ଇଉରୋପୀଆନ୍ ୟୁନିଅନର ଆକାଉଣ୍ଟିଙ୍ଗ୍ ନିୟମ ଅନୁଯାୟୀ କ୍ଷତିରେ ଚାଲୁଥିବା କମ୍ପାନୀଗୁଡିକୁ ଉଦ୍ଧାର କରିବା ପାଇଁ ଯେଉଁ ଶହ ଶହ କୋଟି ଫ୍ରାଙ୍କ୍ ବିଞ୍ଚାଯାଇଛି, ସେଥିଯୋଗୁ ଯେଉଁଲି ସରକାରଙ୍କ ବଜେଟ୍ ବେଶି ନିଅଣ୍ଟିଆ ହେଉଛି, ତାହା କଣ ଏସବୁ କମ୍ପାନୀର ସେଆର୍‌ଗୁଡିକୁ ବିକି ଦେଲେ ସୁଧୁରି ଯିବ ? ୟୁରୋପୀଆନ୍ କମ୍ୟୁନିଟି ଏକ ସ୍ୱତନ୍ତ୍ର ସାଧାରଣ ପ୍ରଶାସନ ହେବ ବୋଲି ଯେଉଁ ଘୋଷଣା କରାଯାଇଛି, ତହିଁରେ ଅଂଶୀଦାର ହେବାର ଯୋଗ୍ୟତା ହେଉଛି : ସରକାରୀ ଉଦ୍ୟୋଗଗୁଡିକୁ ଘରୋଇ କରିଦେବା ଅର୍ଥାତ୍ ବିକିଦେବା । ଫ୍ରାନ୍ସ ଏ ପର୍ଯ୍ୟନ୍ତ ତା କରିପାରି ନ ଥିବାରୁ ଚିନ୍ତିତ ।

ଫ୍ରାନ୍‌ସର ଷ୍ଟକ ମାର୍କେଟ୍ ଖସି ଖସି ଯାଉଛି । ଫରାସୀ ଇକ୍ୱିଟି ୧୯୯୪ ଡିସେମ୍ବର ତୁଳନାରେ ୧୯୯୭ରେ ୭.୫% କମିଗଲା । ଏବେ ଯେଉଁ ସବୁ କମ୍ପାନୀର ଅଂଶ ବିକ୍ରି ହେଉଛି, ସିଇଟା ନାମକ ସିଗାରେଟ୍ କମ୍ପାନୀକୁ ଛାଡିଦେଲେ ବାକି ସବୁ କମ୍ପାନୀ, ଆହୁରି କମ୍ କମ୍ ପାଉଛନ୍ତି । ପ୍ରଥମେ ପ୍ରଥମେ ଯେତେ ଜୋରରେ ସେଆର ବିକ୍ରି ହେଉଥିଲା, ଏବେ ତାହା କମି ଯାଇଛି; ବିଶେଷତଃ ରେନୋଲ୍ଟ କମ୍ପାନୀ କ୍ଷେତ୍ରରେ, ସରକାର ବହୁତ ଶସ୍ତାରେ ଅଂଶଧନ ବିକିଛନ୍ତି । କିଛିଦିନ ତଳେ ବରଖାସ୍ତ ହୋଇଥିବା ଅର୍ଥମନ୍ତ୍ରୀ ଆଲେନ ମାଡେଲିନ୍ କହିଥିଲେ ଯେ ପେନ୍‌ସନ୍ ପାଣ୍ଠିକୁ ଘରୋଇକରଣ କରାଯାଉ । ଫରାସୀ ସରକାରରେ ଯେଉଁମାନେ ବିଦେଶୀ ପୁଞ୍ଜିକୁ ବିରୋଧ କରୁଛନ୍ତି, ସେମାନେ ଘରୋଇକରଣର ବିରୋଧରେ ଯାଉଛନ୍ତି । ସରକାରଙ୍କ ପ୍ରତିପତ୍ତି ବଜାୟ ରଖିବା ଫରାସୀ ଲୋକଙ୍କର ଅଭ୍ୟାସ । ଠିକ୍ ଭାରତ ଭଳି । ତେଣୁ ସେମାନେ କେବଳ ଲାଭ କରୁଥିବା କମ୍ପାନୀକୁ ବିକିବାକୁ ଇଚ୍ଛା କରନ୍ତି; ମୂଲ୍ୟ କମ ମିଳୁଥିବାରୁ ତା ବର୍ତ୍ତମାନ ସମ୍ଭବ ନୁହେଁ । ଏହି କାରଣରୁ ବର୍ତ୍ତମାନ ଫ୍ରାନ୍‌ସରେ ଅର୍ଥନୈତିକ ଉଦାରୀକରଣ ଅର୍ଥାତ୍ ସରକାରୀ କମ୍ପାନୀଗୁଡିକୁ ଘରୋଇ ମାଲିକାନାକୁ ଛାଡି ଦେବାର ପ୍ରକ୍ରିୟା ଖୁବ୍ ଧିମେଇ ଯାଇଛି ।

# ସବୁ ଉପହାର ଯଦି ପ୍ରଦର୍ଶିତ ହୁଅନ୍ତା

ରାଷ୍ଟ୍ରର ମୁଖ୍ୟ ହିସାବରେ ରାଷ୍ଟ୍ରପତି ଓ ସରକାରର ମୁଖ୍ୟ ହିସାବରେ ପ୍ରଧାନ ମନ୍ତ୍ରୀମାନେ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନ ତଥା ଅନ୍ୟ ଦେଶରୁ ଉପହାର ପାଇଥାଆନ୍ତି । କାଳକ୍ରମେ ସେମାନଙ୍କ ବାସସ୍ଥଳୀ ଉପହାରରେ ଭର୍ତ୍ତି ହୋଇଯାଏ । ତହିଁରୁ ବେଶ୍ କିଛି ଉଭେଇଯାଏ : ସେ ନିଜେ ନିଅନ୍ତୁ ବା ତାଙ୍କର ପରିବାରବର୍ଗ ନିଅନ୍ତୁ ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କୁ ତାଙ୍କ ଦେଶର ଲୋକେ ଯେତେ ଉପହାର ଦିଅନ୍ତି ଯଦି ସେଗୁଡିକ ମଧ୍ୟରେ କିଛି ତାଙ୍କ ପରିବାର ନେଇ ନଯାଆନ୍ତି ବା ଅନ୍ୟ ଉପାୟରେ ଉଭେଇ ନଯାଆନ୍ତା, ତାହେଲେ ଅବସ୍ଥା କଣ ହୁଅନ୍ତା ଭାବି ପାରୁଛନ୍ତି ? ଜାଗା ଅଣ୍ଟନ୍ତା ନାହିଁ । ତା ବୋଲି କଣ ସେଗୁଡିକୁ ବ୍ୟକ୍ତିଗତ ସମ୍ପତ୍ତି ଭଳି ସେ ନେଇଯିବେ ? ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଓଭାଲ ଅଫିସ୍ କୁହାଯାଏ । ସାକ୍ସଫୋନ୍ ବାଦ୍ୟଯନ୍ତ୍ର ଭଳି ଦେଖାଯାଉଥିବା ଚୌକିଟିଏ, ମାଠିଆ ଭଳି ଦେଖାଯାଉଥିବା ରେଫ୍ରିଜେରେଟରରେ ଲାଖିରହୁଥିବା ଚୁମ୍ବକଟିଏ, ଚିନାବାଦାମ ଆକାରର ବାୟୁଗତି ଦିଗ ନିର୍ଦ୍ଦେଶକ (ୱେଦରଭେନ୍), - ଏଭଳି କେତେ ଉପହାର ଦାତା ଓ ଗ୍ରହୀତା ଚରିତ୍ରର କିଛି କିଛି ସୂଚନା ଦିଏ । ଅବଶ୍ୟ କେତେଗୁଡିଏ ଉପହାର ଐତିହାସିକ ସ୍ମୃତି ବହନ କରେ । ୨ୟ ମହାଯୁଦ୍ଧରେ ଜଣେ ଇହୁଦି ମହିଳା ଶ୍ରୀମତୀ ବେଞ୍ଜାମିନ୍ ବି ବ୍ରାଉନ୍ ନାଜୀମାନଙ୍କ ଭୟରେ ହଙ୍ଗେରୀରେ ଲୁଚିଥିବା ବେଳେ ନିଜର ସଞ୍ଚିତ ଧନରେ ପିଆନୋ ଆକାରର ରୂପା ବାକ୍ସଟିଏ କରାଇଥିଲେ । ଅନ୍ୟ ଇହୁଦି ପରିବାର ସହିତ ଲୁଚି ରହିଥିବାବେଳେ ସେ ଏହାକୁ ସାଇତି ରଖିଥିଲେ । ଆମେରିକାର ଉଦ୍ୟମ ଯୋଗୁ ଇହୁଦି ବିରୋଧି ହିଟଲର ପରାସ୍ତ ହୋଇଥିବାରୁ ସେମାନେ ଟ୍ରୁମାନ୍‌ଙ୍କୁ କୃତଜ୍ଞତା ଜଣାଇବା ଲାଗି ପିଆନୋ ଆକାରର ବାକ୍ସଟି ଉପହାର ଦେଇଥିଲେ । ୧୯୨୦ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକାରେ 'ଗ୍ରେଟ୍ ଡିପ୍ରେସନ୍' ବା 'ଅର୍ଥନୀତିରେ ପ୍ରବଳ ମାନ୍ଦା ଅବସ୍ଥା' ଦେଖା ଦେଇଥିଲା; ସେ କାଳରେ ମିନୋସୋଟା ରାଜ୍ୟର ଟୋମାସ୍ ଜର୍ଜ ପାଲମାର ଅଳିଆଗଦାରୁ ରଦ୍ଦି ସଂଗ୍ରହ କରି ଜୀବିକାନିର୍ବାହ କରୁଥିଲେ । ଅଳିଆଗଦାରେ ଯୁକ୍ତରାଷ୍ଟ୍ର ଆମେରିକାର ସନ୍ତକ ଇଗଲର ଛବିଟିଏ ଦେଖି ତାଙ୍କର ମନର ପରିବର୍ତ୍ତନ ଆସିଲା । ଲୁହା

ଟୁକୁରାରେ ଲଣ୍ଠନଟିଏ ତିଆରି କରିଥିଲେ । ତାକୁ ସେ ଫ୍ରାଙ୍କଲିନ୍ ଡି ରୁଜ୍‌ଭେଲ୍ଟଙ୍କୁ ଉପହାର ଦେଇଥିଲେ । ସେତେବେଳେ ୩ ପାଉଣ୍ଡ ଓଜନର ରଦ୍ଦି ଲୁହା ବିକି ପ୍ରାୟ ୧୫ ସେଣ୍ଟ ମୂଲ୍ୟର ଖାଦ୍ୟ ପାଇପାରିଥାନ୍ତେ । କିନ୍ତୁ ସେ ଗୋଟିଏ ଲଣ୍ଠନ ତିଆରି କରି ରାଷ୍ଟ୍ରପତିଙ୍କୁ ପ୍ରଦାନ କଲେ । ଆଜିକାଲି ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ବର୍ଷକୁ ପ୍ରାୟ ୧୫,୦୦୦ ରୁ ଅଧିକ ଉପହାର ପାଆନ୍ତି । ଦିନକୁ ହାରାହାରି ୪୦ ରୁ ଅଧିକ । ଅଧିକାଂଶ ଉପହାର ହ୍ୱାଇଟ୍ ହାଉସ୍‌ର ବା ରାଷ୍ଟ୍ରପତିଙ୍କ ବାସଗୃହର ସାଜସଜ୍ଜାରେ ଲାଗିଯାଏ । ସବୁ ଉପହାରକୁ ରଖିବା ପାଇଁ ସ୍ଥାନର ଅଭାବ । ସେଗୁଡିକୁ ରଖିବା ଲାଗି ଗୋଦାମ ଦରକାର । କେତେକ ବିଭିନ୍ନ ରାଷ୍ଟ୍ରୀୟ ସଂଗ୍ରହାଳୟ (ଲାଇବ୍ରେରୀ) ରଖାଯାଇଛି; କେତେକ ଜାତୀୟ ଅଭିଲେଖାଗାର ବା ନେସ୍‌ନାଲ ଆର୍କାଇଭ୍‌ସରେ ମଧ୍ୟ ରହୁଛି । ଦର୍ଶନ ବା ପଠନଯୋଗ୍ୟ ହୋଇଥିଲେ ରାଷ୍ଟ୍ରପତିଙ୍କ ପାଠାଗାରକୁ ଗଲା । ଯଦି କାହାର ଆଖିରେ ନ ପଡିଲା ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଘରକୁ ଗଲା । ଆମେରିକାର ବିଭିନ୍ନ ସଂଗ୍ରହାଳୟରେ ରାଷ୍ଟ୍ରପତିଙ୍କୁ ମିଳିଥିବା ଉପହାର ମଧ୍ୟରେ ବହୁତ ଅଜବ ଜିନିଷ ଥାଏ । ମୂଲ୍ୟବାନ ଜିନିଷ ବି ଥାଏ । ହୁଭରଙ୍କଠାରୁ ଆରମ୍ଭ କରି କ୍ଲିଣ୍ଟନଙ୍କ ପର୍ଯ୍ୟନ୍ତ ୧୨ଟି ରାଷ୍ଟ୍ରପତିଙ୍କୁ ମିଳିଥିବା ଉପହାର ମଧ୍ୟରୁ ପ୍ରାୟ ୨୦୦ରୁ ଅଧିକ ଜାତୀୟ ଅଭିଲେଖାଗାରରେ ଅଛି । ବିଦେଶୀର ରାଷ୍ଟ୍ରମୁଖ୍ୟ ତଥା ମର୍ଯ୍ୟାଦାସମ୍ପର୍ଣ୍ଣ ବ୍ୟକ୍ତିମାନେ ଆଭିଜାତ୍ୟ-ପୂର୍ଣ୍ଣ ଉପହାର ଦେଇଥାଆନ୍ତି, ଯଥା : ଖଣ୍ଡା, ରତ୍ନଖଚିତ ଘଡି, ପ୍ରାଚୀନ ପାତ୍ର । ସାଧାରଣ ଲୋକେ ବିଭିନ୍ନ ପ୍ରକାରର ପୋଷାକ, ଚିତ୍ର ବା ଖୋଦେଇ ଜିନିଷ ଦେଇଥାଆନ୍ତି । ଏ ପ୍ରକାର ଉପହାର ଲାଗି ହ୍ୱାଇଟ୍ ହାଉସ୍‌ରେ ସ୍ଥାନର ଅଭାବ । କିନ୍ତୁ ସେଗୁଡିକୁ ତ ରଖିବାକୁ ପଡିବ । ହ୍ୱାଇଟ୍ ହାଉସ୍‌ର କ୍ୟୁରେଟର ବା ତତ୍ତ୍ୱାବଧାରକ ଲେସାଓ୍ୱେଲ୍ ରାଷ୍ଟ୍ରପତିଙ୍କ ପାଠାଗାରରେ ପ୍ରାୟ ଅଢେଇ ଲକ୍ଷ ବିଭିନ୍ନ କିସମର ଜିନିଷ ରଖିଛନ୍ତି । ତା ଭିତରେ ଟି-ସାର୍ଟ, ଟୋପି ଓ ନେକ୍‌ଟାଏ ବି ଅଛି । କେଉଁ ଜିନିଷଟି ଏକାନ୍ତ ବ୍ୟକ୍ତିଗତ ଓ କେଉଁ ଜିନିଷଟି ରାଜନୈତିକ ତାକୁ ସେ କ୍ୟୁରେଟର ହିସାବରେ ବାଛନ୍ତି ।

ଉପହାରଗୁଡିକ ପ୍ରତ୍ୟେକ ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ କରିଥାଏ : ସାଧାରଣ ଜନତା ତାଙ୍କୁ କି ରୂପରେ ଦେଖନ୍ତି ଏବଂ ତାଙ୍କ ସମୟର ସମସ୍ୟା ଓ ସଂସ୍କୃତି କି ପ୍ରକାର ଥିଲା, ତାହା ସୂଚାଇଥାଏ । ଶାମ୍ବଦଶମୀରେ ଯେଉଁ ପିଲା ପାଇଁ ଯେ ପ୍ରକାର ପିଠା ମନାସିଥିବ, ମା ଯେପରି ସେଭଳି ପିଠା କରେ, ରାଷ୍ଟ୍ରପତି କାହାକୁ ପସନ୍ଦ କରନ୍ତି, ସେଭଳି ଜିନିଷ ଉପହାର ଆକାରରେ ଆସେ । କ୍ଲିଣ୍ଟନ୍ ସାକ୍‌ସଫୋନ୍ ସମ୍ପର୍କୀୟ ଜିନିଷଗୁଡିକ ପାଆନ୍ତି ତ, ହାରି ଟ୍ରୁମାନ୍ ପିଆନୋ ସମ୍ପର୍କୀୟ ଲୁଗାପଟା ପାଆନ୍ତି, ତଥା ଜିମି କାର୍ଟର ଚୀନାବାଦାମ ପ୍ରତିଫଳନ କରୁଥିବା କମର ପଟି, ଆଶାବାଡି ବା ଚାରିଗୋଡିଆ ଓ୍ୱେଦରଭେନ୍ (ବାୟୁର ଦିଗଦର୍ଶକ ଯନ୍ତ୍ର) ପାଆନ୍ତି । ରୋନାଲ୍ଡ ରେଗାନ୍ ଘୋଡାର ଜିନ୍ ଓ ଜେଲିବିନ୍ ଆକାରର

ଜିନିଷ ପାଉଥିଲେ । ଉପହାର ବି ଯୁଦ୍ଧ ଓ ଶାନ୍ତିର ସନ୍ତକ ହୋଇଥାଏ । ବେଲଜିଅମ୍‌ର ବାଷ୍ଟୋଗା ଯୁଦ୍ଧ କ୍ଷେତ୍ରରୁ ସଂଗୃହୀତ ରକ୍ତାକ୍ତ ମୃତ୍ତିକାପୂର୍ଣ୍ଣ ହାଣ୍ଡିଟିଏ ତ, ଉତ୍ତର କୋରିଆର ଯୁଦ୍ଧକ୍ଷେତ୍ରରୁ ଜବତ୍ କରାହୋଇଥିବା ପତାକାଟିଏ, ସୋଭିଏତ୍ ୟୁନିଅନର ଚୀନା ମାଟିର କପୋତଟିଏ - ଭଳି ବିପରୀତଧର୍ମୀ ଉପହାର ମଧ୍ୟ ଅଛି ।

ସବୁ ଉପହାରଗୁଡିକ ଯେ ରାଷ୍ଟ୍ରପତିଙ୍କୁ ତୋଷାମଦ ବା ପ୍ରଶଂସା କରିବା ପାଇଁ ଦିଆଯାଏ ତାହାନୁହେଁ, କେତେକ ମଧ୍ୟ ଘୃଣାସୂଚକ । ଯେତେବଳେ ଜେରାଲ୍‌ଡ ଫୋର୍ଡ ଭିଏତ୍‌ନାମ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିଥିବା ସୈନ୍ୟମାନଙ୍କୁ କ୍ଷମାଦେଲେ, ଭିଏତନାମ୍‌ରେ ନିଷ୍ଠା ସହକାରେ କାମ କରିଥିବା ଶହଶହ ସୈନ୍ୟମାନେ ସେମାନଙ୍କ ପତାକାଗୁଡିକୁ ରାଷ୍ଟ୍ରପତିଙ୍କୁ ଉପହାର ରୂପେ ଫେରାଇ ଦେଇଥିଲେ । ଆର୍କାନ୍‌ସସନ୍ ରାଜ୍ୟର ନିଲ୍ କ୍ଲାର୍କ ନିଜ କାମ ପାଇଁ ଦୋକାନରୁ ଫାଉଡାଟିଏ କିଣିଥିଲେ । ଭିଏତ୍‌ନାମ୍ ଯୁଦ୍ଧ ସମୟରେ ଲିଣ୍ଡନ ଜନ୍‌ସନ୍‌ଙ୍କୁ ସେ ଉପହାର ଦେଇଥିଲେ । ଫାଉଡା ସହିତ ଚିଠିରେ ସେ ଲେଖିଥିଲେ, 'ମୁଁ ଆଶା କରେ, ଗତ ସପ୍ତାହରେ ଭିଏତ୍‌ନାମରେ ଅବିଚାରିତ ଭାବରେ ନିହତ ହେଉଥିବା ଆମେରିକାନ ଯୁବକମାନଙ୍କୁ ସମାଧି ଦେବାରେ ଏହି ଫାଉଡାଟି ଆପଣ କାମରେ ଲଗାଇବେ । ଆପଣ ପ୍ରତ୍ୟେକଙ୍କ ପାଇଁ ଗାତ ଖୋଳି ସେମାନଙ୍କୁ ପୋତୁଥିବାର ଦୃଶ୍ୟ ଦେଖିବା ମୋର ବ୍ୟକ୍ତିଗତ ଇଚ୍ଛା ।'

ବିଦେଶରୁ ମିଳିଥିବା ୨୫୦ ଡଲାରରୁ ବେଶି ମୂଲ୍ୟର ଉପହାର ରଖିବା ମନା । ତାଠୁ କମ୍ ଦାମର ହେଲେ, ରାଷ୍ଟ୍ରପତି ରଖିପାରିବେ । ରାଷ୍ଟ୍ରପତି ପାଇଥିବା ଅଧିକାଂଶ ଉପହାରର ମୂଲ୍ୟ ଏହାଠାରୁ ବେଶୀ । ତେଣୁ ହଜାର ହଜାର ଉପହାର ଭିତରୁ ସେ ୮/୧୦ଟି ନେଇ ପାରନ୍ତି ।

ରୁଜଭେଲ୍ଟଙ୍କ ସମୟରେ ହିଁ ଅଧିକ ଉପହାର ମିଳିଥିଲା । ୧୨ ବର୍ଷ କାଳ ରାଷ୍ଟ୍ରପତି ଥିଲାବେଳେ ଏତେ ପରିମାଣରେ ଉପହାର ପାଇଥିଲେ ଯେ ଉପହାର ଗୁଡିକର ରକ୍ଷଣାବେକ୍ଷଣ ପାଇଁ ରାଷ୍ଟ୍ରପତିଙ୍କ ପ୍ରାସାଦରେ ଗୋଟିଏ ସଂଗ୍ରହାଳୟ ସେ ପ୍ରଥମେ ତିଆରି କରିଥିଲେ । ତହିଁରେ ତାଙ୍କର ସମସ୍ତ କାଗଜ ପତ୍ର ଆଦି ସହ ଉପହାରଗୁଡିକ ରହିଛି । ଏହା ବର୍ତ୍ତମାନ ପ୍ରେସିଡେନ୍‌ସିଆଲ ଲାଇବ୍ରେରୀ । ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ପାଉଥିବା ସବୁ ଉପହାରଗୁଡିକ ପ୍ରଦର୍ଶନଯୋଗ୍ୟ ନ ହେଲେ ମଧ୍ୟ, ରାଷ୍ଟ୍ରପତି ହିସାବରେ ପାଉଥିବାରୁ ସେଗୁଡିକ ରାଷ୍ଟ୍ରର ସମ୍ପତ୍ତି । ମାର୍କିନ୍ ରାଷ୍ଟ୍ରପତିମାନେ ପୂର୍ବକାଳରେ ଏହା ଅନୁଭବ କରୁ ନ ଥିଲେ । ଏବେ ଜନସାଧାରଣଙ୍କ ଚାପରେ ସବୁ ଉପହାରର ହିସାବ ଦେବାକୁ ବାଧ୍ୟ ହେଉଛନ୍ତି ।

ଆମ ଦେଶରେ ସିନା ରାଷ୍ଟ୍ରପତିଙ୍କର ଗୋଟିଏ ସଂଗ୍ରହାଳୟ ଅଛି, କିନ୍ତୁ ପ୍ରଧାନମନ୍ତ୍ରୀଙ୍କର ଏପରି ସଂଗ୍ରହାଳୟ ନାହିଁ । ସେହିଭଳି ମୁଖ୍ୟ ମନ୍ତ୍ରୀମାନଙ୍କର ମଧ୍ୟ ନାହିଁ । ସେମାନଙ୍କ ପଦବୀ ଅନୁସାରେ ମିଳୁଥିବା ଉପହାରଗୁଡିକ ଦେଶର ସମ୍ପତ୍ତି ହେବା ଉଚିତ୍ : ଘରୋଇ ସମ୍ପତ୍ତି ନୁହେଁ ।

## ବାଙ୍ଗଲାଦେଶର କାମ ବି ଅନୁକରଣୀୟ

ଆମ ଦେଶର ଜରୁରୀ ପରିସ୍ଥିତିର ପୂର୍ବ ୧୯୭୦ ଦଶକର ପ୍ରଥମ ଅର୍ଦ୍ଧରେ, ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ ସମୟର ଘଟଣା ମନେ ପକାନ୍ତୁ । ବାଙ୍ଗ୍ଲାଦେଶରେ କିଛିଦିନ ତଳେ ଏହିପରି କିଛି ଘଟିଗଲା । ସାଧାରଣ ନିର୍ବାଚନରେ 'ବାଙ୍ଗଲାଦେଶ ନେସ୍‌ନାଲ ପାର୍ଟି' ସଂଖ୍ୟାଗରିଷ୍ଠ ଆସନ ପାଇ ବାଙ୍ଗଲଦେଶରେ ବେଗମ ଖାଲିଦା ଜିଆ ସରକାର ଗଠନ କଲେ । ତାଙ୍କର ପ୍ରତିଦ୍ୱନ୍ଦୀ ଆୱାମୀ ଲିଗ୍‌ର ନେତ୍ରୀ ଶେଖ୍ ହାସିନା ସେହିଦିନଠାରୁ ତାଙ୍କର ଶତ୍ରୁ ହୋଇଗଲେ । ବେଗମ ଜିଆଙ୍କ ସରକାର ବିରୁଦ୍ଧରେ ଆନ୍ଦୋଳନ ତୀବ୍ରରୁ ତୀବ୍ରତର କଲେ । ଶେଷରେ ନୂଆ କରି ଲୋକମତ ନେବା ଲାଗି ବେଗମ ଜିଆ ସଂସଦ ଭାଙ୍ଗି, ପୁନି ନିର୍ବାଚନ କରିବାକୁ ବାଧ୍ୟ ହେଲେ । ଆମ ଦେଶରେ ଏଭଳି ଦାବି ବିରୁଦ୍ଧରେ ଜରୁରୀ ପରିସ୍ଥିତି ଜାରି ହୋଇଥିଲା । ବେଗମ ଜିଆ ସାଧାରଣ ଗଣତାନ୍ତ୍ରିକ ପରମ୍ପରାରେ ଯାହା କରାଯାଏ, ତାହାହିଁ କଲେ । ତ୍ୟାଗପତ୍ର ଦେଇ ମଧ୍ୟ ରାଷ୍ଟ୍ରପତିଙ୍କ ଅନୁରୋଧକ୍ରମେ କାମଚଳା ସରକାରର ନେତୃତ୍ୱ ନେଲେ । ସାଧାରଣ ନିର୍ବାଚନ ଘୋଷଣା କଲେ । ଏହି ନିର୍ବାଚନକୁ ମଧ୍ୟ ଶେଖ୍ ହସିନାଙ୍କ ନେତୃତ୍ୱରେ ବିରୋଧି ଦଳମାନେ ଏକଜୁଟ ହୋଇ ବୟକଟ୍ କଲେ । ସେମାନଙ୍କ ବାଧା ଯୋଗୁ ବେଶି ଲୋକେ ଭୋଟ ଦେବାକୁ ଆସିଲେ ନାହିଁ । ଧର୍ମଘଟ ଡାକରା ଦିଆଗଲେ ଲୋକେ ଯେଉଁ କାରଣରୁ ଦୋକାନ-ବଜାର ବନ୍ଦ କରି ଦିଅନ୍ତି, ଠିକ୍ ସେହି କାରଣରୁ ଭୋଟରମାନେ କମ୍ ଆସିଥିବେ । ବିରୋଧି ଦଳର ଡାକରାରେ ଲୋକେ ଭୋଟ ଦେବାକୁ ଆସିଲେ ନାହିଁ । ଭୋଟ ଦେବାକୁ ଯିବା କାହିଁକି, ମାରଧର ବା ଗଣ୍ଡଗୋଳରେ ପଶିବା କାହିଁକି ? ଚକାବନ୍ଦ ବା ସାଧାରଣ ହରତାଳ ଡାକରାରେ ଦୋକାନୀମାନେ ଭାବନ୍ତି, ଦୋକାନ ଖୋଲିବା କାହିଁକି, ପ୍ରତିବାଦୀମାନଙ୍କର ଶରବ୍ୟ ହେବା କାହିଁକି ? ସବୁ କାଳେ, ସବୁ ସ୍ଥାନରେ ଏହିଭଳି ଘଟେ । ଥୋଡ଼ାଏ ଲୋକ ଗଣ୍ଡଗୋଳର ନେତୃତ୍ୱ ନିଅନ୍ତି । ଅଧିକାଂଶ ଲୋକ ଝଗଡାରେ ପଶିବାକୁ ଚାହାଁନ୍ତି ନାହିଁ "ମୌନମ୍ ସମ୍ମତି ଲକ୍ଷଣମ୍" ନ୍ୟାୟରେ ଚୁପ୍ ରହି ପରୋକ୍ଷରେ ଧର୍ମଘଟର ସହାୟକ ହୁଅନ୍ତି । ଭୋଟଦାନରୁ ବିରତ ହୋଇଥିବା

ଭୋଟରମାନେ ବାଙ୍ଗଲାଦେଶର ବିରୋଧି ଦଳମାନଙ୍କ ସହାୟକ ହୋଇଗଲେ ।

ସେ ଯାହାହେଉ, ନୂଆ ନିର୍ବାଚନରେ ବେଗମ ଜିଆଙ୍କ ଦଳ ଜିତିଲା । କିନ୍ତୁ ବିରୋଧି ଦଳମାନଙ୍କ ବିରୋଧ ଆସ୍ତେ ଆସ୍ତେ ବଢ଼ିଲା, ପ୍ରାୟ ୩ ମାସ ଧରି ବାଙ୍ଗଲାଦେଶର ଜନ-ଜୀବନ ଅସ୍ତବ୍ୟସ୍ତ ହୋଇଗଲା । ଶେଷକୁ ସରକାରୀ କର୍ମଚାରୀ, ବିଶେଷତଃ ସଚିବାଳୟର କର୍ମଚାରୀମାନେ ଜିଆଙ୍କ ସରକାର ଲାଗି କାମ କରିବେ ନାହିଁ ବୋଲି ଧମକ ଦେଲେ । ଅମଲାତନ୍ତ୍ର ସରକାରଙ୍କର ବିରୁଦ୍ଧରେ ଗଲା । ଅଳ୍ପ ସଂଖ୍ୟକ ଭୋଟର ଭୋଟ ଦେଇଥିବା ଯୋଗୁଁ ବେଗମ ଜିଆ ନିଜକୁ ଆଇନସମ୍ମତ ପ୍ରଧାନମନ୍ତ୍ରୀ ବୋଲି ଭାବି ପାରିଲେ ନାହିଁ । ଏକ ନିରପେକ୍ଷ ସରକାରଙ୍କ ଦାୟିତ୍ୱରେ ନିର୍ବାଚନ କରିବାର ଦ୍ୱନ୍ଦ୍ୱରୁ ରକ୍ଷା ପାଇବା ଲାଗି ସେ ଗୋଟିଏ ଉପାୟ କଲେ, ନିଜ କର୍ତ୍ତୃତ୍ୱରେ ଥିବା ବାଙ୍ଗଲାଦେଶର ସଂସଦରେ ଆଇନ ପାଶ୍ କରାଇ ନେଲେ ଯେ ଏଣିକି ଯେତେ ନିର୍ବାଚନ ହେବ, ନିର୍ବାଚନ ଘୋଷଣା ହେବା ପୂର୍ବରୁ ସରକାର ଇସ୍ତଫା ଦେବେ ଓ ଏକ ନିରପେକ୍ଷ ସରକାର ନିର୍ବାଚନ ପରିଚାଳନା କରିବେ । ସେହି ଆଇନ ଅନୁଯାୟୀ ବାଙ୍ଗଲାଦେଶର ରାଷ୍ଟ୍ରପତି ଅବସରପ୍ରାପ୍ତ ମୁଖ୍ୟ ନ୍ୟାୟାଧିଶ ମହମ୍ମଦ ହବିବୁର ରହେମାନଙ୍କୁ ନିମନ୍ତ୍ରଣ କରି ସରକାର ଚଳାଇବାର ଦାୟିତ୍ୱ ଦେଲେ । ସେ ରାଷ୍ଟ୍ରପତିଙ୍କ ପରାମର୍ଶଦାତାଭାବେ ପ୍ରଧାନ ମନ୍ତ୍ରୀଙ୍କ କାମ କଲେ । ବାଙ୍ଗଲାଦେଶର ସାମରିକ ମୁଖ୍ୟମାନେ ମଧ୍ୟ ରହେମାନଙ୍କ ୨୪ ମାର୍ଚ୍ଚର ନିର୍ଦଳୀୟ ସରକାରଙ୍କୁ ସମର୍ଥନ ଜଣାଇଲେ ।

୯୦ ଦିନ ଭିତରେ ନିର୍ବାଚନ କରିବା ପାଇଁ ନୂତନ ସରକାର ଘୋଷଣା କଲେ । ଜାନୁଆରୀ ମାସରୁ ଆଜିଯାଏ ଚାଲି ଆସିଥିବା ଆନ୍ଦୋଳନରେ ବାଙ୍ଗଲାଦେଶରେ ପ୍ରାୟ ୧୨୦ ରୁ ଅଧିକ ମୃତ ଓ ହଜାର ହଜାର ଲୋକ ଆହତ ହୋଇଥିଲେ । କାମଚଳା ସରକାରଙ୍କର ମୁଖ୍ୟ ହିସାବରେ ମହମ୍ମଦ ହବିବୁର ରହମାନ ଘୋଷଣା କଲେ ଯେ ଯେକୌଣସିମତେ ସେ ଶାନ୍ତି-ଶୃଙ୍ଖଳା ରକ୍ଷା କରିବେ ଏବଂ ମୁକ୍ତ, ଅବାଧ ଓ ନ୍ୟାୟୋଚିତ ସାଧାରଣ ନିର୍ବାଚନ କରାଇବେ । ଶାନ୍ତି-ଶୃଙ୍ଖଳା ନ ରହିଲେ ଅବାଧ ଓ ନ୍ୟାୟୋଚିତ ନିର୍ବାଚନ କରି ହେବ ନାହିଁ । ଜୁନ ୩୦ ସୁଦ୍ଧା ନିର୍ବାଚନ ସରିବ ଓ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବେ, ନିର୍ବାଚନ କମିସନ ଯେପରି କୌଣସି ପ୍ରକାରର ବାଧାବିଘ୍ନର ସମ୍ମୁଖୀନ ନ ହୁଅନ୍ତି, ସେ ତାହାର ବନ୍ଦୋବସ୍ତ କରିବେ । ହବିବୁର ରହେମାନ ଏ ଦିଗରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ କାମ କଲେ ।

ଯଦି ବିଚାରାଳୟ ବା ପ୍ରଶାସନ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଆସେ ତହିଁର ଉଚିତ ତଦନ୍ତ କରିବେ ବୋଲି ସେ ଘୋଷଣା କରିଥିଲେ । ଭୂତପୂର୍ବ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ବିଭିନ୍ନ ଅତ୍ୟାଚାର ଓ ନରହତ୍ୟା କରିଥିବା କାରଣରୁ ସେମାନଙ୍କୁ

ବିଚାରାଳୟକୁ ନିଆଯାଉ ବୋଲି ବାଙ୍ଗ୍ଲାଦେଶର ବିରୋଧି ଦଳର ନେତ୍ରୀ ତଥା ଆୱାମୀ ଲିଗ୍‌ର ସଭାନେତ୍ରୀ ଶେଖ୍ ହସିନା ଦାବି କରୁଥିଲେ । ଏହା ପ୍ରାକ୍ ନିର୍ବାଚନ ପ୍ରଚାର ଭଳି ଜଣାଯାଉଥିଲେ ମଧ୍ୟ ରାଜନୈତିକ ଶତ୍ରୁତା କେତେଦୂର ଯାଇପାରେ ତାହାର ସୂଚନା ଦେଉଥିଲା । ତାଙ୍କର ଆନ୍ଦୋଳନ ଫଳରେ ଖାଲିଦା ଜିଆଙ୍କ ସରକାରର ପତନ ଘଟିଛି ବୋଲି ସେ ନିଜକୁ ବାହା-ବାହା ନେଉଥାନ୍ତି । ଦୁଇ ବର୍ଷ ଧରି ବେଗମ ଜିଆଙ୍କ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯେଉଁ ଆନ୍ଦୋଳନ କରି ଆସୁଥିଲେ ଏବଂ ଏକ ନିର୍ଦ୍ଦଳୀୟ କାମଚଳା ସରକାରଙ୍କ ଅଧିନରେ ନିର୍ବାଚନ ହେଉ ବୋଲି ସେ ଯେଉଁ ଦାବି କରୁଥିଲେ, ତା ସଫଳ ହୋଇଥିବାରୁ ସେ ଭାବୁଥିଲେ ଯେ ବାଙ୍ଗଲାଦେଶର ଲୋକେ ତାଙ୍କୁ ନିର୍ବାଚନରେ ଜୟଯୁକ୍ତ କରିବେ । ତାହା ହିଁ ହେଲା । ନିର୍ବାଚନର ଫଳ ହେଲା ଶେଖ୍ ହସିନାଙ୍କ ବିଜୟ । ଭବିଷ୍ୟତରେ ନିର୍ଦ୍ଦଳୀୟ ସରକାରଙ୍କ ପରିଚାଳନାରେ ନିର୍ବାଚନ ହେବ କି ନାହିଁ ତା ଏପର୍ଯ୍ୟନ୍ତ ଶେଖ୍ ହସିନା କହୁନାହାନ୍ତି ।

ଛୋଟ ଓ ଆନ୍ଦୋଳନପ୍ରବଣ ତଥା ସମସ୍ୟାବହୁଳ ଦେଶ ହେଲେ ମଧ୍ୟ ବାଙ୍ଗଲାଦେଶ ପ୍ରଥମ ଥର ପାଇଁ ଏକ ଆଦର୍ଶ ଦେଖାଇଛି ଯେ ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ଏକ ନିର୍ଦ୍ଦଳୀୟ ସରକାର ଗଠନ କରାଯାଇ ପାରେ ଏବଂ ଏଥିଲାଗି ପ୍ରାକ୍ତନ ମୁଖ୍ୟ ବିଚାରପତିଙ୍କ ଭଳି ନିରପେକ୍ଷ ବ୍ୟକ୍ତିଙ୍କୁ ଅସ୍ଥାୟୀ ଭାବେ ପ୍ରଧାନ ମନ୍ତ୍ରୀ କରାଯାଇପାରେ । ଏଭଳି ସରକାରଙ୍କୁ ଦେଶର ସାମରିକ ବାହିନୀ ଅନୁମୋଦନ ଓ ସମର୍ଥନ ଦେବ; ଏହା ମଧ୍ୟ ବାଙ୍ଗଲାଦେଶ ପ୍ରମାଣ କରିଛି । ଏଭଳି ପରିସ୍ଥିତିରେ ଶାସକ ଦଳ ଲୋକେ ଗାଦିଜନିତ ଯେଉଁ ଲାଭ ଉଠାନ୍ତି (ଯଥା ମନ୍ତ୍ରୀ ଓ ନିଗମ ଅଧ୍ୟକ୍ଷମାନଙ୍କ ସରକାରୀ ଗାଡି, କେନ୍ଦ୍ର ମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବିମାନ ଓ ପ୍ରଧାନମନ୍ତ୍ରୀଙ୍କ ସାମରିକ ବିମାନ ବ୍ୟବହାର ଆଦି) ଏବଂ ଭୋଟରମାନଙ୍କୁ ପ୍ରଭାବିତ କରିବା ଭଳି ସରକାରୀ କାର୍ଯ୍ୟକ୍ରମ ବା ପଦକ୍ଷେପ ନେବାର ଯେଉଁ ସୁଯୋଗ ପାଆନ୍ତି ତାହା ଆଉ ମିଳନ୍ତା ନାହିଁ । ନିର୍ବାଚନରେ ବିରୋଧି ଦଳ ଓ ଶାସକ ଦଳ ସମାନ ପ୍ରକାର ପରିସ୍ଥିତିରେ ନିର୍ବାଚନ ଲଢିଲେ, ମୁକ୍ତ ଓ ଅବାଧ ନିର୍ବାଚନର ଭିତ୍ତିଭୂମି ଦୃଢ ହୁଅନ୍ତା ।

## ମାର୍କିନ୍ ନ୍ୟାୟ : ଗୋଟିଏ ଅପରାଧର ଦୁଇଥର ବିଚାର

୩୪ ବର୍ଷୀୟା ପତ୍ନୀ ନିକୋଲି ବ୍ରାଟ ସିମ୍ପସନ୍ ଓ ୨୪ ବର୍ଷୀୟ ପତ୍ନୀବନ୍ଧୁ ରନ୍‌ଗୋଲ୍ଡମାନ୍‌ଙ୍କୁ ୧୯୯୪ ଜୁନ୍ ୧୨ରେ ନୃଶଂସ ଭାବରେ ହତ୍ୟା କରିଥିବା ଅଭିଯୋଗରେ ଫୌଜଦାରୀ ମକଦ୍ଦମାରୁ ଲସ୍ ଆଞ୍ଜେଲେସ୍‌ର ସୁପିରିୟର୍ କୋର୍ଟରୁ ୧୯୯୫ ଅକ୍ଟୋବର ୩ରେ ଖଲାସ ପାଇଥିବା ଆମେରିକୀୟ ଫୁଟବଲ୍ ଜଗତର ପୂର୍ବତନ ତାରକା, ଟେଲିଭିଜନରେ କ୍ରୀଡା ଭାଷ୍ୟକାର, ପରେ ହଲିଉଡ୍‌ର ତରକା ଶ୍ରୀ ଓ.ଜେ.ସିମ୍ପସନ୍ ଦ୍ୱିତୀୟ ଥର ପାଇଁ ଦେୱାନୀ ମକଦମାର ସମ୍ମୁଖିନ ହୋଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏଥରକ ପ୍ରଥମ ଥରର ବିଚାର ସମୟର ହୈ ଚୈ ନ ଥିଲା । ହତ୍ୟାକାଣ୍ଡର ଅଢ଼େଇ ବର୍ଷ ପରେ ଗତ ଫେବୃୟାରୀ ୪ ସନ୍ଧ୍ୟାବେଳେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ତାଙ୍କ ଉଦ୍‌ଘାଟନୀ 'ଷ୍ଟେଟ ଅଫ୍ ଦି ୟୁନିୟନ' ଭାଷଣ ପଢ଼ି ସାରିବାର ଅଳ୍ପ କେଇ ସେକେଣ୍ଡ ପରେ ଜୁରୀ ତାଙ୍କର ରାୟ ପ୍ରଦାନ କରିଥିଲେ । ଯୁକ୍ତରାଷ୍ଟ୍ରର ଟେଲିଭିଜନ ଦର୍ଶକମାନଙ୍କ ମଧ୍ୟରୁ ଅଧିକାଂଶ କ୍ଲିଣ୍ଟନ୍‌ଙ୍କ ଭାଷଣ ନ ଶୁଣି ସିମ୍ପସନ ମକଦ୍ଦମାର ଜୁରୀଙ୍କ ଶୁଣାଣୀ ଓ ବିଚାରବିମର୍ଷର ବିବରଣୀ ଦେଖୁଥିଲେ । ବିଚାରପତି ହିରୋଷି ଫୁଜିସାକି ଅଦାଲତ ଭିତରକୁ କାହାରିକୁ ଛାଡି ନ ଥିଲେ; ସମ୍ବାଦଦାତାମାନଙ୍କ ଲାଗି କୋର୍ଟରୁମ୍ ପାଖରେ କୁଡିଆଟିଏ କରାହୋଇଥିଲା, ସେଠାରେ ସାମ୍ବାଦିକମାନଙ୍କୁ କୋର୍ଟର ବିବରଣୀ ଜଣାଇଦିଆଯାଉଥିଲା । 'ଲସ୍ ଆଞ୍ଜେଲେସ୍ ଟାଇମସ୍' ଖବରକାଗଜ ୧୯୯୭ ଜାନୁୟାରୀ ୨୯ ରୁ ଫେବୃୟାରୀ ୨ ଭିତରେ ଯେଉଁ ଜନମତ ସଂଗ୍ରହ କରିଥିଲା, ସିମ୍ପସନ୍‌ଙ୍କୁ ଦୋଷୀ ବୋଲି ତହିଁରେ ୭୧% ଗୋରା ଭାବୁଥିଲାବେଳେ ମାତ୍ର ୧୦% କଳା ଭାବୁଥିଲେ । ସଂଖ୍ୟାଗରିଷ୍ଠ ଶ୍ୱେତକାୟ ଜୁରୀ ଦେଇଥିବା ଏହି ରାୟରେ ଯେତେ ନ୍ୟାୟ ଅଛି ତାହାଠାରୁ ବେଶି ଅଛି ପ୍ରତିହିଁସା ଓ ପ୍ରତିଶୋଧ ବୋଲି ଅନେକ କହୁଛନ୍ତି । ଅନେକ ସମାଲୋଚକ ବି ପ୍ରଥମ ଫୌଜଦାରୀ ମକଦ୍ଦମାର ଫଳକୁ ନ୍ୟାୟପାଳିକାର ପ୍ରହସନ, 'ଏ ଫାର୍ସ', ବୋଲି କହିଥିଲେ । କାରଣ, ଜଜ୍ ତାଙ୍କ ଅଦାଲତକୁ ଅକ୍ତିଆରରେ ରଖିପାରି ନ ଥିବା ଭଳି ଜଣାପଡୁଥିଲା, ସାକ୍ଷୀମାନଙ୍କ ଜମାନବନ୍ଦି ନେବାରେ ଓ ଜେରା କରିବାରେ

ବହୁତ ଦିନ ବିତି ଗଲା, ସାକ୍ଷୀମାନେ ବିଚାରପତିଙ୍କୁ ଚାହିଁ କହିବା ଅପେକ୍ଷା ଟେଲିଭିଜନ କାମେରାକୁ ଚାହିଁ କହିବାରେ ବେଶି ସଚେତନ ଥିଲେ, ବେଶି ସମୟ କଟାଇଥିଲେ । ଟି ଭିରେ ଲୋକେ ସେମାନଙ୍କୁ କିପରି ଦେଖୁଥିବେ ସେଥିପାଇଁ ବ୍ୟସ୍ତ ରହି ସାକ୍ଷୀ ତଥା ଜେରାକାରୀମାନେ ମୋକଦ୍ଦମାର ମୂଳ ତଥ୍ୟ, ଯଥା ହତ୍ୟା ପରେ କାର୍ ପଳାଇଯିବା ଭଳି ପ୍ରାମାଣିକ ଘଟଣା, ଉପରେ ଜୋର ଦେବା କଥା ଭୁଲିଯାଉଥିଲେ । ମୁଦାଲା ଗୋଟିଏ ଘଟଣାରୁ ଆଉ ଗୋଟିଏ ଘଟଣାକୁ ଡେଇଁ ପଡୁଥିଲା; ଜମାନବନ୍ଦି ଛଳରେ ହତ୍ୟାକାଣ୍ଡକୁ ପୁଲିସର ଏକ ବର୍ଣ୍ଣ ବିଦ୍ୱେଷୀ ଷଡଯନ୍ତ୍ର ବୋଲି ଯୁକ୍ତି କଲା । ସଂଖ୍ୟାଗରିଷ୍ଠ କଳା ସଦସ୍ୟଙ୍କୁ ନେଇ ଗଠିତ ପ୍ରଥମ ଜୁରୀ ଶ୍ୱେତକାୟ ମହିଳାଙ୍କୁ ବିବାହ କରିଥିବା ସିମ୍ପସନ୍‌ଙ୍କୁ ନିର୍ଦୋଷ କରିଥିଲେ, ମୃତବ୍ୟକ୍ତିଙ୍କ ପରିବାର ଏ ରାୟରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସତ, କିନ୍ତୁ ସମ୍ଭାଳି ଯାଇଥିଲେ ।

ଫୌଜଦାରୀ ମୋକଦ୍ଦମାରେ ଦୋମୁହାଁ କଥା ଗ୍ରାହ୍ୟ ହୁଏ ନାହିଁ । ପ୍ରମାଣରେ ତିଳେ ମାତ୍ର ସନ୍ଦେହ (ରିଜନେବ୍‌ଲ୍ ଡାଉଟ୍) ଥିବାଯାଏ ଦୋଷ ସାବ୍ୟସ୍ତ ହୁଏନାହିଁ । ତେଣୁ କଳାଗରିଷ୍ଠ ଜୁରୀର ରାୟକୁ ଅନେକ ଗ୍ରହଣ କରିନେଲେ । କେବଳ ସନ୍ଦେହ ଥିଲା ଯେ ମୋକଦ୍ଦମାଟିର ରାୟ ଖୁବ୍ ଜଲଦି ଅଳ୍ପ କେଇ ପୃଷ୍ଠାରେ ପ୍ରକାଶ କରିହେଲା କିପରି ? ଆମେରିକାରେ ଓ.ଜେ. ସିମ୍ପସନ ମକଦ୍ଦମାର ରାୟ ୧୦ ଅକ୍ଟୋବରରେ ବାହାରିଲା । ୧୬ ମାସ ଧରି ଚାଲିଥିବା ମକଦମା, ୧୨୬ ସାକ୍ଷୀଙ୍କ ୧୩୩ ଦିନ ଧରି ଚାଲିଥିବା ଜେରା, ୧୦ ଜଣ ମହିଳା ଓ ଦୁଇ ଜଣ ପୁରୁଷଙ୍କ ଜୁରି ମାସ ମାସ ଧରି ସାକ୍ଷ୍ୟ ପ୍ରମାଣ ଗ୍ରହଣ କରୁଥିବା, ମୋକଦ୍ଦମାଟିର ରାୟ ଖୁବ୍ ଜଲଦି ଅଳ୍ପ କେଇ ପୃଷ୍ଠାରେ ପ୍ରକାଶ କରିଦେଲେ କିପରି ? ନ୍ୟାୟ ଅପେକ୍ଷା ବର୍ଣ୍ଣ ବିଦ୍ୱେଷ ଏହି ରାୟର କାରଣ ବୋଲି ଅନେକେ ସେତେବେଳେ କହିଥିଲେ ।

କିନ୍ତୁ ଦ୍ୱିତୀୟ ମକଦ୍ଦମାଟି କୋଉ କମ ବର୍ଣ୍ଣବିଦ୍ୱେଷୀ ହେଲା କି ? ପ୍ରଥମଟି ଫୌଜଦାରୀ, ଦ୍ୱିତୀୟଟି ଦେୱାନୀ । ହତ୍ୟାପାଇଁ କିଏ ଦାୟୀ ନିର୍ଦ୍ଦିଷ୍ଟ କରିବା ଓ ସେଥିପାଇଁ କ୍ଷତିପୂରଣ ଧାର୍ଯ୍ୟ କରିବା ଦେୱାନୀ ମକଦମାର ଉଦ୍ଦେଶ୍ୟ । ହିରୋଷି ଫୁଜିସାକି ଏହି ବିଚାରର ନିୟନ୍ତା ଥିଲେ । ଅଦାଲତ ଭିତରେ କାମେରା ମନା କରିଦେଲେ । ବର୍ଣ୍ଣ ବିଦ୍ୱେଷ ଷଡଯନ୍ତ୍ର ସମ୍ପର୍କରେ ସାକ୍ଷ୍ୟ ପ୍ରମାଣ ମନାକରିଦେଲେ, ରକ୍ତ ନମୁନା ଭଳି ପ୍ରାମାଣିକ ତଥ୍ୟ ଭଳି ଖଣ୍ଡିଏ ଖଣ୍ଡିଏ ପ୍ରମାଣ ଉପରେ ବେଶି ଗୁରୁତ୍ୱ ଦେଲେ । ଏ ଜୁରୀରେ ଜଣେ ମାତ୍ର କଳା ଲୋକ ଥିଲେ । ତେଣୁ ଲୋକ ଭାବି ନେଇ ଥିଲେ ଯେ ଏଥର (ଦେୱାନୀରେ) ସିମ୍ପସନ୍ ଦୋଷୀ ସାବ୍ୟସ୍ତ ହେବେ । ତାହା ହିଁ ହେଲା : କ୍ଷତିପୂରଣ ବାବଦରେ ସିମ୍ପସନ ଗୋଲ୍ଡମାନ୍ ପରିବାରକୁ ୮୫ ଲକ୍ଷ ଡଲାର ଦେବେ । ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ : ଯାହାକୁ ହତ୍ୟାରେ

ଦାୟୀ କରାଯାଉଛି, ସିଏ କଏଦୀ ନୁହେଁ, ସେ ଏକ ମୁକ୍ତ ପକ୍ଷୀ । ହତ୍ୟାକାରୀ ଦୋଷୀ ସାବ୍ୟସ୍ତ, ଅଥଚ ଜେଲ ଯାଇନି ।

ଆମ ସମ୍ବିଧାନ ଭଳି ଆମେରିକାରେ କୌଣସି ଗୋଟିଏ ଅପରାଧ ପାଇଁ ଦୁଇଥର ବିଚାର କରାଯିବା ମନା : ଏ ନୀତିକୁ ଡବଲ୍ ଜିଓପାର୍ଡି (ଦୋହରା ଦଣ୍ଡ) ନିଷିଦ୍ଧ ନୀତି କୁହାଯାଏ । କିନ୍ତୁ ସିମ୍ପସନଙ୍କ କ୍ଷେତ୍ରରେ ଏ ଭୁଲ୍ ହୋଇଛି ବୋଲି ଆଡଭୋକେଟମାନେ ମାନୁ ନାହାଁନ୍ତି । ସେମାନଙ୍କ ଯୁକ୍ତି : ପ୍ରଥମ ବିଚାର ଥିଲା ଫୌଜଦାରୀ, ଅଭିଯୋଗ ଥିଲା ହତ୍ୟାକାଣ୍ଡ । ପରିଣାମରେ ସିମ୍ପସନ୍ ବ୍ୟକ୍ତି-ସ୍ୱାଧିନତା, ସମ୍ଭବତଃ ଜୀବନ, ହରାଇଥାନ୍ତେ । ଦ୍ୱିତୀୟଟି ହେଲା ଦେୱାନୀ, ଅଭିଯୋଗ ହେଲା କ୍ଷତିପାଇଁ ଦାୟୀ କିଏ ନିର୍ଦ୍ଦିଷ୍ଟ କରିବା, ପରିଣାମ କ୍ଷତି ପୂରଣର ପରିମାଣ । ଗୋଟିକରେ ସ୍ୱାଧିନତାରେ ଆଞ୍ଚ, ଅନ୍ୟଟିରେ ପଇସାରେ ଆଞ୍ଚ । ପ୍ରଭେଦ ଆକାଶ ପାତାଳ । ଆଡଭୋକେଟମାନଙ୍କ ପାଇଁ ରୋଜଗାରର କାରଣ : ଯେତେ ମୋକଦ୍ଦମା ହେବ ସେତେ ପଇସା ପାଇବେ ।

କିନ୍ତୁ ସାଧାରଣ ଲୋକ ପଚାରୁଛି ବ୍ୟବଧାନ କେଉଁଠି ରହିଲା ? ଅପରାଧ ତ ଗୋଟିଏ; କେବଳ ଶବ୍ଦ ଚାତୁରୀ ବା ବ୍ୟବହାରରେ ଫରକ । ପ୍ରଥମ ଓ ଦ୍ୱିତୀୟ ମୋକଦ୍ଦମାରେ ଆଲୋଚନା ସମାନ ଥିଲା । ଛୁରୀ ଭୁଷା, ମୁଣ୍ଡ କଟା, ତା ବିରୁଦ୍ଧରେ ସାକ୍ଷୀ ମଧ୍ୟ ସମାନ, ଲୁଗାପଟା ଓ ରକ୍ତ ଚିହ୍ନ, ଇତ୍ୟାଦି । ଫରକ ରହିଲା କେଉଁଠି ? କେବଳ ନାଁ ଦେବାରେ ଆଉ ଦଣ୍ଡରେ ! ଆମେରିକାରେ ଗୋଟିଏ ଅପରାଧରେ ଦୋହରା ବିଚାର ବା ଦ୍ୱିତୀୟ ଥର ମୋକଦ୍ଦମା ହେବାର ଏ ପ୍ରଥମ ଉଦାହରଣ ନୁହେଁ । ମନପସନ୍ଦ ନ୍ୟାୟ, ରାୟ, ନ ମିଳିବା ପର୍ଯ୍ୟନ୍ତ ମୋକଦ୍ଦମା ଲଢ଼ିଲେ ଏକାଧିକବାର ବିଚାର ହେବ ହିଁ ହେବ । ରଡ୍ନି କିଙ୍ଗ୍ ନାମକ ଜଣେ ନିଗ୍ରୋ ଗାଡି ଚାଳକ ଲସ୍ ଆଞ୍ଜେଲେସ୍ ପୋଲିସ୍‌ର ହାତରେ ମାଡ ଖାଇଲା । ଗୋରା ପୋଲିସଙ୍କ ଉପରେ ଦୁଇଟି ମୋକଦ୍ଦମା ହେଲା, ପ୍ରଥମ ଥର ପିଟିଥିବାରୁ, ଦ୍ୱିତୀୟ ଥର କିଙ୍ଗ୍‌ର ନାଗରିକ ଅଧିକାର ଛଡାଇ ନେଇଥିବାରୁ । ଦ୍ୱିତୀୟ ମୋକଦ୍ଦମାରେ ପୋଲିସମାନଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା, ପ୍ରଥମଟିରେ ନୁହେଁ । ଆମେରିକାରେ ମୋକଦ୍ଦମା ବିବଦମାନ ହେଲେ, ବର୍ଣ୍ଣ ବିଦ୍ୱେଷ ନିଶ୍ଚୟ ଗୋଟିଏ କାରଣ ହୋଇଥିବ । ଏଭଳି କ୍ଷେତ୍ରରେ ଡବ୍‌ଲ୍ ଜିଓପାର୍ଡି ଆମେରିକୀୟମାନଙ୍କ ଅଭ୍ୟାସରେ ପଡିଲାଣି । ଲୋକ ଦେଖାଣିଆ ହିସାବରେ ଦ୍ୱିତୀୟ ବିଚାର ପ୍ରଥମ ବିଚାରଠାରୁ ଭଲ ଦିଶେ । କାରଣ ସେତେବେଳେକୁ ଜାତି ବା ବର୍ଣ୍ଣଗତ ଝଡ ଥମିଯାଇଥାଏ । ଏଥିରେ କଣ ଆମ ମନ ବୁଝୁଛି ଯେ ଆଉ ଗୋଟିଏ ଜାଗାରେ ଭିନ୍ନ ରକମର ଜୁରୀ ଦ୍ୱିତୀୟବାର ବିଚାର କଲେ ନ୍ୟାୟ ମିଳିଥାଏ ? ଅସଲ ଉଦ୍ଦେଶ୍ୟ ପ୍ରଥମ ଥର ଯେଉଁ ଭୁଲ ବା ଗୋଳମାଳ ହୋଇଗଲା ତାକୁ ସଂଶୋଧନ କରିବାକୁ ଦ୍ୱିତୀୟ ଥର ବିଚାର କରିବା । କିନ୍ତୁ ଏଭଳି ପ୍ରକ୍ରିୟା ବେଆଇନ୍ ।

ଗଣ୍ଡଗୋଳ ଏଡାଇବା ପାଇଁ ଥରେ ମାତ୍ର ବିଚାର ହିଁ ଉତ୍ତମ ଓ ଅଧିକ ନ୍ୟାୟ ପୂର୍ଣ୍ଣ । ଯୁକ୍ତରାଷ୍ଟ୍ର ଆମେରିକା ଭଳି ସଭ୍ୟ ଦେଶରେ ତ ଏ ଅଘଟଣ ଘଟୁଛି, ଆମେ ତ ତାକୁ ଅନ୍ଧାନୁକରଣ କରୁଛୁଁ ।

ସିଭିଲ୍ କୋର୍ଟ ମାନେ ଅଭିଯୋଗକାରୀମାନଙ୍କୁ ଦ୍ୱିତୀୟବାର ଆକ୍ରମଣ କରିବାର ସୁବିଧା ଦିଅନ୍ତି । ଅବଶ୍ୟ ଦୋଷାରୋପକୁ ନୂଆଭାବରେ ସଜାଇବାକୁ ପଡେ । କ୍ରିମିନାଲ୍ କୋର୍ଟର ନିୟମଠାରୁ ସିଭିଲ କୋର୍ଟ ଅଭିଯୋଗକାରୀର ବେଶି ସପକ୍ଷରେ; ଏଥିରେ ମକଦ୍ଦମା-ଚାଳକ ମକଦ୍ଦମାରେ ମିଳୁଥିବା ସାକ୍ଷ୍ୟ ପ୍ରମାଣର ଭାରସାମ୍ୟ ଉପରେ (on the balance of the evidence) ଜିତିପାରେ ଏବଂ ଏଥିଲାଗି ଜୁରୀର ଦୁଇତୃତୀୟାଂଶ ସମ୍ମତ ହେଲେ ଯଥେଷ୍ଟ । କିନ୍ତୁ ଫୌଜଦାରୀ ମକଦ୍ଦମାରେ ଯୁକ୍ତିଯୁକ୍ତ ସନ୍ଦେହର ଅବକାଶ ନଥିଲେ ( beyond reasonable doubt)ହିଁ ଏବଂ ଜୁରୀର ସର୍ବସମ୍ମତ ରାୟ ହେଲେ ହିଁ ଦଣ୍ଡ ଦିଆଯାଇପାରିବ । ଆଉ ଦୁଇଟି କଥା ସିମ୍ପସନ୍‌ଙ୍କ ବିରୁଦ୍ଧରେ ଗଲା । ଅଦାଲତ ସାଣ୍ଟା ମୋନିକାଠାରେ ବସିଥିଲା । ପୂରାପୂରୀ ଗୋରା ଲୋକଙ୍କ ଅଞ୍ଚଳରେ ସାଣ୍ଟା ମୋନିକା ଏବଂ ହତ୍ୟାକାଣ୍ଡ ଘଟଣାର ଅତି ନିକଟ । ଦ୍ୱିତୀୟ କଥା ହେଲା ସିମ୍ପସନ୍ ଏଥରକ ସାକ୍ଷୀର କାଠଗଡାରେ ଠିଆ ହେବାକୁ ବାଧ୍ୟ ହେଲେ । ଫୌଜଦାରୀ ମକଦ୍ଦମାରେ ନିଜ ବିରୁଦ୍ଧରେ ସାକ୍ଷୀ ଦେବାକୁ ଜଣେ ମନା କରି ପାରେ, କିନ୍ତୁ ଦେଓ୍ୱାନୀରେ ନୁହେଁ । ବ୍ରାଉନ୍ ପରିବାର କ୍ଷତି ପୂରଣ ମାଗିନାହାଁନ୍ତି । କାରଣ ସେମାନଙ୍କ ମତରେ ଏହା କରିଥିଲେ ସମ୍ପସନ୍‌ଙ୍କ ପିଲାମାନେ ବାପା ବିରୁଦ୍ଧରେ ସାକ୍ଷୀ ଦେବାପାଇଁ ବାଧ୍ୟ ହୋଇଥାନ୍ତେ । ଏ ରାୟ ବିରୁଦ୍ଧରେ ସିମ୍ପସନ୍ ଅପିଲ କରିପାରନ୍ତି । ଅପିଲ୍ କଲେ ସେ କହି ପାରନ୍ତି ଏହି ବର୍ଣ୍ଣ ବିଦ୍ୱେଷ କଳୁଷିତ ବିଚାରରେ ଜଣେ ହେଲେ ଆଫ୍ରିକୀୟ-ଆମେରିକୀୟ ନଥିଲେ ଏବଂ ଏତେ ଜଲ୍‌ଦି ଜୁରୀ ତାଙ୍କ ରାୟ ଦେଲେ ଯେ ମନେ ହୁଏ ସତେ ଯେପରି ଦଣ୍ଡ ଦେବାପାଇଁ ସେମାନେ ଆଗରୁ ଠିକ କରିସାରିଥିଲେ ।

ଅନ୍ୟ ଯାହା କିଛି ହେଉନା କାହିଁକି ସିମ୍ପସନଙ୍କ ଦ୍ୱିତୀୟ ବାର ବିଚାର ଆମେରିକାରେ ବର୍ଣ୍ଣଗତ ସହନଶୀଳତା ଓ ନ୍ୟାୟାଳୟର ବିଚାର ଉପରେ ସନ୍ଦେହ ଉଠାଉଛି । ସିମ୍ପସନ ଜଣେ କଳା ଲୋକ ହେଲେ ବି ଜଣେ କିମ୍ବଦନ୍ତୀ ପୁରୁଷ, ଆମେରିକୀୟ ଫୁଟ୍‌ବଲ୍ ଖେଳରେ ହିରୋ । କଳାପ୍ରଧାନ ଜୁରୀଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ନ ହୋଇଥିଲା ବେଳେ ଗୋରାପ୍ରଧାନ ଜୁରୀ ଦ୍ୱାରା ଦାୟୀ ସାବ୍ୟସ୍ତ ହୋଇଛନ୍ତି । ନୃଶଂସ ଭାବରେ ଦୁଇଜଣଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦାୟୀ ହୋଇଥିବା ମଣିଷଟି ନିରପରାଧ ମଣିଷ ଭଳି ବୁଲୁଛି, ତା ସମ୍ପତ୍ତି ଉପରେ ଆଞ୍ଚ ଆସିପାରେ କିନ୍ତୁ ଶରୀର ଉପରେ ନୁହେଁ; ଏ ତ ନ୍ୟାୟ ନୁହେଁ ସିମ୍ପସନ ପାଇଁ ହେଉ କି ଅନ୍ୟ କାହା ପାଇଁ ହେଉ ।

# ଆମେରିକାରେ ନ୍ୟାୟାଳୟର ପ୍ରଭୁତ୍ୱ (ଜୁଡିସିଆଲ ଆକ୍ଟିଭିଜିମ୍)

ଆମ ଦେଶର ଶାସନ ବ୍ୟବସ୍ଥାରେ ସଂସଦ ବା ପାର୍ଲାମେଣ୍ଟ ସର୍ବୋଚ୍ଚ, କାର୍ଯ୍ୟ ପାଳିକା (ଏଗଜିକ୍ୟୁଟିଭ୍) ଓ ନ୍ୟାୟ ପାଳିକା (ଜୁଡିସିଆରୀ) ସଂସଦକୁ ମାନିବେ, ସଂସଦଠାରୁ ନୀଚ ସ୍ତରର । ଏ ଦୁହେଁ ସଂସଦର, ତେଣୁ ସାଂସଦମାନଙ୍କର କ୍ରିୟାକଳାପକୁ ସମାଲୋଚନା କରିପାରିବେ ନାହିଁ ବା ତା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିପାରିବେ ନାହିଁ । ଏବେ ସୁପ୍ରିମ କୋର୍ଟ ଓ କେତେକ ରାଜ୍ୟର ହାଇକୋର୍ଟ ସାଂସଦମାନଙ୍କ କାର୍ଯ୍ୟାକଳାପକୁ ତଥା ସରକାର ବା କାର୍ଯ୍ୟପାଳିକାର କେତେକ ଅଧିକାରୀଙ୍କ (ମନ୍ତ୍ରୀମାନେ ଏପରି ଏକ ଏକ ଅଧିକାରୀ ବୋଲି କୋର୍ଟ କହନ୍ତି) କାର୍ଯ୍ୟକଳାପକୁ ଦୋଷାବହ ଧରି ଦଣ୍ଡ ବିଧାନ କରିଛନ୍ତି । ଆଇନ ପ୍ରଣୟନକାରୀ ବିଧାନ ସଭା ବା ସଂସଦର ଏପରି ଉଦ୍ଦେଶ୍ୟ ନ ଥିଲା, ତେଣୁ ବିଧାୟକମାନଙ୍କ କ୍ଷମତା ପରିସର ଭିତରକୁ ବିଚାରାଳୟ ପଶି ଆସୁଛି ବୋଲି ଏବେ ତର୍କ ବିତର୍କ ଚାଲିଛି, ଆଇନର ଏ ପ୍ରକାର ତର୍ଜମା କରିବାକୁ ନ୍ୟାୟପାଳିକାର ସକ୍ରିୟତା ବା ତତ୍ପରତା, ଇଂରାଜୀରେ ଜୁଡିସିଆଲ ଆକ୍ଟିଭିଜିମ୍, କୁହାଯାଉଛି । ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ବର୍ତ୍ତମାନ ଏହା ଏକ ଆଲୋଚ୍ୟ ବିଷୟ ହୋଇପଡିଛି ।

ଆମେରିକାରେ କାର୍ଯ୍ୟପାଳିକା ତଥା ନ୍ୟାୟପାଳିକାର କର୍ମଚାରୀମାନଙ୍କୁ ରାଷ୍ଟ୍ରପତି (ଏଗଜିକ୍ୟୁଟିଭ୍ ହେଡ୍ ହିସାବରେ) ନିଯୁକ୍ତି ଦିଅନ୍ତି । ସଂସଦର ଉପର ଗୃହ ସିନେଟ୍ ଦ୍ୱାରା ଅନୁମୋଦିତ ନ ହେଲେ ନିଯୁକ୍ତି ବାତିଲ୍ ହୋଇଯାଏ । ବିଭିନ୍ନ ବିଭାଗର ନିଯୁକ୍ତିର ତନଖି ଲାଗି ସିନେଟ୍‌ର ବିଭିନ୍ନ କମିଟି ଅଛି, କମିଟିର ସୁପାରିଶ୍ ଉପରେ ସିନେଟ୍ ଅନୁମୋଦନ କରନ୍ତି । ବର୍ତ୍ତମାନ ଆମେରିକାର ସିନେଟର ଜୁଡିସିଆରି କମିଟିର ଚେୟାରମ୍ୟାନ୍ ଉଟା ରାଜ୍ୟର ସିନେଟର୍ ଓରିନ୍ ହାଚ୍ (Orrin Hatch) ଅଛନ୍ତି । ରାଷ୍ଟ୍ରପତି କ୍ଲିଣ୍ଟନ୍ ବିଚାରପତି ମନୋନୟନରେ ଉଚିତ୍ ତନଖି କରୁ ନ ଥିବାରୁ ଜୁଡିସିଆଲ୍ ଆକ୍ଟିଭିଜିମ୍ ବଢୁଛି ବୋଲି ସେ ଯୁକ୍ତି କରୁଛନ୍ତି । ପ୍ରତ୍ୟେକ ନିଯୁକ୍ତିର ପୁରୁଣା ନଥି ପତ୍ର ଖୋଲି ସେ ବିଚାରପତିମାନଙ୍କର ନିଯୁକ୍ତି ଠିକ୍ ହୋଇଛି କି ନାହିଁ ଦେଖିବେ ବୋଲି କହୁଛନ୍ତି । ରିପବ୍ଲିକାନମାନେ ଅଭିଯୋଗ

କରୁଛନ୍ତି ଯେ ଜଜ୍‌ମାନେ ବିଚାର କରିବା ପରିବର୍ତ୍ତେ ଆଇନ ତିଆରି କଲେଣି । ଆଇନ ତିଆରି କରିବା ଲେଜିସ୍‌ଲେଟର ବା ବିଧାୟକମାନଙ୍କର କ୍ଷମତା । ବିଚାରପତିମାନେ ଆଇନର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ରାୟ ଦେବେ, ଏମିତି ବ୍ୟାଖ୍ୟା କରିବେ ନାହିଁ ଯେ ଆଇନଟା ଯେପରି ତାର ପ୍ରଣୟନର ଉଦ୍ଦେଶ୍ୟ ବିରୁଦ୍ଧରେ ନ ଯାଏ । ସେପରି କଲେ ସେମାନେ ବିଧାୟକମାନଙ୍କ ବିଧେୟକ ପ୍ରଣୟନ କ୍ଷମତା ଛଡେଇ ନେଉଛନ୍ତି, ବିଧାୟକମାନଙ୍କ ଗାଦିକୁ ଆସିଯାଉଛନ୍ତି ।

ବର୍ତ୍ତମାନ ଜଜ୍ ବାଛିବା ପ୍ରକ୍ରିୟାରେ ସିନେଟ୍‌ର ପ୍ୟାନେଲ ବେଶି ମୁଣ୍ଡ ପୂରାଏ ନାହିଁ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ (ହ୍ୱାଇଟ୍ ହାଉସ୍) ସହିତ ପରାମର୍ଶ କରି ପାନେଲ୍‌ର ସଦସ୍ୟମାନେ ଅଧିକାଂଶ ମନୋନୟନକୁ ଗ୍ରହଣ କରିନିଅନ୍ତି, ସବୁ ଗୁଡିକ ଯାଞ୍ଚ ହୋଇଛି ବୋଲି ଧରି ନେଇ ପ୍ୟାନେଲ୍‌ର ସୁପାରିସ୍‌କୁ ପୂରା ସିନେଟର ସୁପାରିସ୍ ହିସାବରେ ଧରି ନିଆଯାଉଛି । ସିନେଟର୍ ଓରିନ ହାଚ୍ କହନ୍ତି, କ୍ଲିଣ୍ଟନ ତାଙ୍କ ଶାସନ କାଳରେ ସବୁ ଫେଡେରାଲ ଆପିଲ କୋର୍ଟର ୬୦% ଜଜ୍ ଓ ଡିଷ୍ଟ୍ରିକ୍ଟ କୋର୍ଟର ୫୦% ଜଜ୍ ନିଯୁକ୍ତ କରିସାରିଥିବେ । ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ସୁପ୍ରିମକୋର୍ଟର ଜଣେ ବା ଦୁଇଜଣ ଜଜ୍ ବି ନିଯୁକ୍ତ କରିଥିବେ । ଏବକାର ପ୍ରାୟ ୪୨୫ ଫେଡେରାଲ୍ ଜଜ୍‌ଙ୍କ ଭିତରୁ ଆଜିଯାଏ କ୍ଲିଣ୍ଟନ ୨୦୨ଙ୍କୁ ନିଯୁକ୍ତ କରିଛନ୍ତି । ହାଚ୍‌ଙ୍କ କମିଟି ବର୍ତ୍ତମାନ ନିର୍ଣ୍ଣୟ କରିବେ ଦେଶ କିପରି କେଉଁଠାରେ ଓ କେବେ ଭଲ ଜଜ୍ ପାଇବ । ରାଷ୍ଟ୍ରପତିଙ୍କ ମନୋନୀତ ବ୍ୟକ୍ତିର ଜଜ୍ ହେବାର ମାନ, ପ୍ରବୃତ୍ତି ଓ ବୃତ୍ତିଗତ ସାମର୍ଥ୍ୟ ଅଛି କି ନାହିଁ ତାହାର ବିଚାର କରାଯିବ । ନୂଆ କଂଗ୍ରେସ୍ (ଆମେରିକାର ସଂସଦର ନାମ କଂଗ୍ରେସ୍) ମାତ୍ର ଦୁଇ ମାସ କାମ କରିଛି କି ନାହିଁ ଏଭଳି ରକ୍ଷଣଶୀଳ ରିପବ୍ଲିକାନ୍‌ମାନେ ଏ ବିଷୟରେ ତୁମ୍ବୀ ତୋଫାନ ଆରମ୍ଭ କରି ଦେଲେ । ଜଜ୍ ମନୋନୟନ ପ୍ରଣାଳୀ ସଂପର୍କରେ ଗବେଷଣା କରୁଥିବା ମାସାଚ୍ୟୁସେଟସ୍ ବିଦ୍ୟାଳୟର ଅଧ୍ୟାପକ ସେଲଡନ୍ ଗୋଲ୍ଡମାନ କହନ୍ତି, ହାଚ୍ କମିଟି ଏ ଦିଗରେ ଏକ ପ୍ରବଳ ଆହ୍ୱାନର ସମ୍ମୁଖିନ ହେବେ । ନିଜେ କ୍ଲିଣ୍ଟନ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଡଜନ ଡଜନ ଜୁଡିସିଆଲ୍ ଆକ୍ଟିଭିଜ୍‌ମ୍‌ର ଶରବ୍ୟ ହେଲେଣି; ବିଚାରାଳୟର ନିଷ୍ପତ୍ତି ବିରୁଦ୍ଧରେ ସଂଗ୍ରାମ କରୁଛନ୍ତି । ଆଇନ ଯେଭଳି ତିଆରି ହୋଇଥିଲା ସେଭଳି ପ୍ରୟୋଗ ନକରି, ଯେଉଁ ଜଜ୍ ନିଜର ମତ ଅନୁଯାୟୀ ଆଇନର ମାନେ କରିଥାନ୍ତି, ତାଙ୍କୁ ଆକ୍ଟିଭିଷ୍ଟ ବା ସକ୍ରିୟ (ତତ୍ପର ?) ଜଜ୍ ବୋଲି ଅଭିହିତ କରି, ସେପ୍ରକାର ଜଜ୍ ରାଷ୍ଟ୍ରପତି କ୍ଲିଣ୍ଟନ ମନୋନୟନ କଲେ, ମୁଁ ବିରୋଧ କରିବି ବୋଲି ରକ୍ଷଣଶୀଳ ଆଇନଜୀବୀମାନଙ୍କ ଏକ ଗୋଷ୍ଠି 'ଫେଡେରାଲିଷ୍ଟ ସୋସାଇଟି'ରେ ଗତ ନଭେମ୍ବରରେ ହାଚ୍ କହିଥିଲେ । କିନ୍ତୁ ସେ ଏ ପର୍ଯ୍ୟନ୍ତ କୌଣସି ବିରୋଧ କରିପାରିନାହାନ୍ତି । ଡେମୋକ୍ରାଟ ହେଉ ବା ରିପବ୍ଲକାନ୍ ହେଉ ସିନେଟ୍‌ର ଜୁଡିସିଆରି କମିଟିର ସଭ୍ୟମାନେ ହ୍ୱାଇଟ ହାଉସ୍‌ର

ପ୍ରସ୍ତାବ ସହିତ ପ୍ରାୟ ଏକ ମତ ହେଉଛନ୍ତି । କମିଟିର ସଭ୍ୟମାନେ କଡା ପ୍ରଶ୍ନ କରିବା ପରିବର୍ତ୍ତେ ପ୍ରାର୍ଥୀମାନଙ୍କ ସହିତ ହାତ ମିଳାଉଛନ୍ତି । କେବଳ ଜଣଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟିଛି : ୧୯୯୬ରେ କ୍ଲିଣ୍ଟନଙ୍କ ମନୋନିତ ଲସ୍ ଆଞ୍ଜେଲେସ୍‌ର ଓକିଲ ମାର୍ଗାରେଟ ମେରୀ ମରୋଙ୍କ ପ୍ରାର୍ଥିତ୍ୱକୁ ସିନେଟ୍ ମଞ୍ଜୁର କରିଥିଲେ । ତାଙ୍କ ନିଯୁକ୍ତି ପ୍ରଶ୍ନାବଳୀ ପୂରଣ କଲା ବେଳେ ନ୍ୟାୟପାଳିକାର ସକ୍ରିୟ ଭୂମିକା ଉପରେ ସେ କିଛି ଲେଖି ନାହାନ୍ତି ବୋଲି ଜଣାଇଥିଲେ, ପରେ ଏହା ମିଛ ବୋଲି ଜଣା ପଡିଛି । ଏ କଥା ଆବିଷ୍କାର ହେବାରୁ ସିନେଟର ରିପବ୍ଲିକାନ୍‌ମାନେ ଉକ୍ତ ମହିଳାଙ୍କ ସ୍ୱୀକୃତି ପ୍ରତ୍ୟାହାର କରିବା ଲାଗି ବିଚାର ଚଳାଇଛନ୍ତି ।

୧୯୯୭ରେ ଆପିଲ୍ କୋର୍ଟର ଜଜ୍‌ପାଇଁ ମନୋନୀତ ଦୁଇ ଜଣ ପ୍ରାର୍ଥୀଙ୍କ ଉପରେ ଆଖି ପଡିଲା : ଉଇଲିଅମ୍ ଫ୍ଲେଚର ଓ ମାରୀ ମାର୍ଗାରେଟ ମାକ୍‌କିଓନ । ରିପବ୍ଲିକାନ୍ ସିନେଟର୍ ଜନ୍ ଆସକ୍ରଫ୍ଟ କହନ୍ତି ଯେ ଏମାନଙ୍କ ଭଳି ଉଚ୍ଚବର୍ଗର ପ୍ରାର୍ଥୀଙ୍କୁ ମନୋନୟନ କରିବା ଅର୍ଥ ସେମାନଙ୍କ ବିକାରଗ୍ରସ୍ତ ମତ ଅନୁଯାୟୀ ଆଇନ ତିଆର କରିବାକୁ ଲାଇସେନ୍ସ ଦେବା । ହାଚ୍ ମଧ୍ୟ ଦୁଇଟି ଉଦାହରଣ ଦିଅନ୍ତି : କ୍ଲିଣ୍ଟନ ନିଯୁକ୍ତ ନିୟୁର୍କର ଜଜ୍ ଗୁଇଡୋ କାଲାବ୍ରେସି ଏକ ରାୟରେ କହିଛନ୍ତି ଯେ ବନ୍ଦୀମାନେ ଡାକରେ ଯୌନ ଉଦ୍ଦୀପକ ଛବି ପଠାଇଲେ କୌଣସି ଅସମ୍ବିଧାନିକ କାର୍ଯ୍ୟ କରୁନାହାନ୍ତି । ୱାସିଙ୍ଗଟନ୍ ଡିସିର ଜଜ୍ ଜୁଡିଥ ରୋଜର୍ସ ଓ ଡାଭିଡ ଟାଟେଲ୍ ଏକ ରାୟ ଦେଇଛନ୍ତ ଯେ ଟେଲିଭିଜନରେ ଅଶ୍ଳୀଳତା ପ୍ରଦର୍ଶନ ସମ୍ବିଧାନସମ୍ମତ । ଏମାନଙ୍କ ରାୟ ଆଇନର ଉଦ୍ଦେଶ୍ୟକୁ ପଣ୍ଡ କରିଦେଉଛି ବୋଲି ଜୁଡିସିଆଲ୍ ଆକ୍ଟିଭିଜ୍‌ମ୍‌ର ବିରୋଧିମାନେ କହୁଛନ୍ତି ।

ଜୁଡିସିଆଲ ଆକ୍ଟିଭିଜିମ୍ ବା ବିଚାରବିଭାଗୀୟ ତତ୍ପରତା କଣ, ଏ ବିଷୟରେ ସର୍ବସମ୍ମତ ସଂଜ୍ଞା ନାହିଁ । ବାମପନ୍ଥୀମାନେ ସେମାନଙ୍କ ବିଚାରଧାରାର ବିପରୀତ ରାୟକୁ ଜୁଡିସିଆଲ ଆକ୍ଟିଭିଜିମ୍ କହୁଥିଲାବେଳେ ଦକ୍ଷିଣପନ୍ଥୀମାନେ ସେମାନଙ୍କ ଓ ମୌଳବାଦୀମାନେ ସେମାନଙ୍କ ରକ୍ଷଣଶୀଳ ବିଚାରଧାରାର ବିରୋଧି ରାୟକୁ ଜୁଡିସିଆଲ ଆକ୍ଟିଭିଜିମ୍ କହୁଛନ୍ତି । କେତେକ ନେତା ହତ୍ୟା ବା ସନ୍ତ୍ରାସବାଦକୁ ସାହାଯ୍ୟ କରିଥିବା ବା ଲାଞ୍ଚ କାରବାରରେ ଲିପ୍ତ ଥିବା ଦୋଷରେ ଦୋଷୀ ବୋଲି ସାବ୍ୟସ୍ତ ହେଲାବେଳେ ସେ ରାୟକୁ ବି ଜୁଡିସିଆଲ ଆକ୍ଟିଭିଜିମ୍ କହୁଛନ୍ତି, ଏ ଜୁଡିସିଆଲ ଆକ୍ଟିଭିଜିମ୍‌ର ସୀମା ସରହଦ୍ କଣ ସେ ବିଷୟରେ ସବୁ ସମାଲୋଚକ ଏକମତ ହୋଇନାହାନ୍ତି । ବିଚାରପତି ତାହାର ସାମ୍ବିଧାନିକ କ୍ଷମତା ସଂପର୍କରେ ନିଜେ ଅବହିତ ନ ଥିଲେ ଆକ୍ଟିଭିଷ୍ଟ ହୁଏ, ଅର୍ଥାତ ତା କୋର୍ଟଟି ଆଇନ ତିଆରିର ଗୋଟିଏ ଜାଗା ବୋଲି ମନେ କରେ । ସଂକ୍ଷେପରେ କହିଲେ ଆମେ ଯେଉଁ ରାୟକୁ ପସନ୍ଦ କରୁନା ତାକୁ ଜୁଡିସିଆଲ ଆକ୍ଟିଭିଜିମ୍ କହୁ । ଜୁଡିସିଆରି କମିଟିରେ ଥିବା ଡେମୋକ୍ରାଟ୍‌ମାନେ କ୍ଲିଣ୍ଟନ ନିଯୁକ୍ତ କରିଥିବା କେତେକ ପ୍ରାର୍ଥୀଙ୍କ ଇତିହାସ ଖୋଲିବା ପାଇଁ ରିପବ୍ଲିକାନ୍‌ମାନଙ୍କ

ଉଦ୍ୟମକୁ ବିରୋଧ କରନ୍ତି । ଏ ସବୁର ମୂଳରେ ଗୋଟିଏ କଥା : କେମିତି ସୁହାଇବା ଭଳି ଜଜ୍ ମିଳିବେ। ଏ କଣ ସହଜ କଥା ? ଆଜି ଆପଣ ଯାହାକୁ ମୋର ଲୋକ ବୋଲି କହୁଛନ୍ତି, କାଲି ସୁରକ୍ଷିତ ନିଯୁକ୍ତିଟିଏ ପାଇଗଲେ ସେ ବି ଆପଣଙ୍କର ଦୋଷ ଧରିବ । ଏପରି ନ ହେଉଥିଲେ ବାପାର ଦୋଷ ପୁଅ ଧରନ୍ତା ନାହିଁ କି ଆର୍ଷ ପ୍ରୟୋଗ ନାଁରେ ପୂର୍ବପୁରୁଷଙ୍କ ବିଶ୍ୱାସକୁ ଅନ୍ଧବିଶ୍ୱାସ କହିବାକୁ କେହି ସାହସ କରନ୍ତେ ନାହିଁ । କଂଗ୍ରେସ୍ ନେତା ଶ୍ରୀ ରାଜୀବ ଗାନ୍ଧୀଙ୍କ ଅନୁରକ୍ତ ଶ୍ରୀ ଟି ଏନ୍ ଶେଷାନ୍ ତ ନିର୍ବାଚନ କମିସନର ପଦବୀର ଛତ୍ରଛାୟା ତଳେ ଶ୍ରୀ ପି ଭି ଏନ୍ ରାଓଙ୍କ କଂଗ୍ରେସୀ ସରକାରକୁ ନଚାଇ ପାରୁଥିଲେ, ରାଜନୈତିକ ବ୍ୟଭିଚାର ବିରୁଦ୍ଧରେ ଜୋରରେ ସ୍ୱର ଉଠାଇ ପାରୁଥିଲେ । ଆମ ପ୍ରତ୍ୟେକଙ୍କ ଭିତରେ ବିଚାରଗତ ସକ୍ରିୟତା (ଜୁଡିସିଆଲ ଆକ୍ଟିଭିଜିମ୍) ଲୁଚି ରହିଛି, ଉପଯୁକ୍ତ ଆବହାୱା ପାଇଲେ ପ୍ରତ୍ୟେକେ ତାର ବିଚାରଧାରାକୁ ଜାହିର କରିବେ ।



ଶ୍ରୀ ସହଦେବ ସାହୁଙ୍କ ଜନ୍ମ ଅପ୍ରେଲ ୯, ୧୯୪୧, ଯାଜପୁର ଜିଲ୍ଲାର ରେକାବିବଜାର ଗ୍ରାମରେ ।

ଇଣ୍ଟର ସାଇନ୍ସ ପରେ ହ୍ୟୁମାନିଟିଜ୍‌ରେ ଉଚ୍ଚ ଶିକ୍ଷା । ୧୯୬୩ରେ ଏମ୍.ଏ. ପରେ ଛ ମାସ ବାରଣାସୀ ଓ ବିଶ୍ୱ ଭାରତୀରେ ଅଧ୍ୟାପନା । ୧୯୬୪ ରେ ଭାରତୀୟ ପ୍ରଶାସନ ସେବାରେ ଯୋଗଦାନ : ବିଭିନ୍ନ ପଦପଦବୀରେ କାର୍ଯ୍ୟ ।

୧୯୮୬ରୁ ଅନବରତ ରବିବାର ସମାଜ ଓ ପ୍ରଜାତନ୍ତ୍ର ସାପ୍ତାହିକୀ, ୧୯୫୭ରୁ ମାସିକ ସଂସାର, ୧୯୯୩ରୁ ମାସିକ ପ୍ରଜାତନ୍ତ୍ର ପ୍ରତିଭା, ୧୯୯୫ରୁ ଦୈନିକ ଧରିତ୍ରୀ ଓ ଦୈନିକ ସମୟ ଆଦିରେ ସାମ୍ପ୍ରତିକୀ ରାଜନୈତିକ ବ୍ୟାପାର ଉପରେ ପାକ୍ଷିକ ଲେଖା ।

ପୁସ୍ତକ ମଧ୍ୟରେ ଏ ଦିଗ ସେ ଦିଗ, ଆକାଶ କଇଁଆ, ଆକାଶ କୁସୁମ (ହିନ୍ଦୀ), ଖଜୁରୀ ଗଛର ଶେଷ ପାହାଚ, କଣ୍ଟାବାଡ ଭଳି ଗଳ୍ପ; ସମସ୍ୟା ଆଜି ଓ କାଲିର, ତାରକା ଯୁଦ୍ଧ ଓ ଅନ୍ୟାନ୍ୟ ପ୍ରବନ୍ଧ, ସୃଷ୍ଟିର ଜାତକ ଓ ଜୀବନଘଡି, ସୃଷ୍ଟି କୀ ଜନ୍ମପତ୍ରୀ (ହିନ୍ଦୀ), ଭଳି ପ୍ରବନ୍ଧ, ଭିନ୍ନ ଦେଶ ଭିନ୍ନ ଦୃଷ୍ଟି ଭ୍ରମଣ କାହାଣୀ, ସରଗର ଚାନ୍ଦ, ଦଇବୀ ପକ୍ଷୀ, ବୁଦ୍ଧି ହିଁ ବଳ, ଭଳି ପିଲାଙ୍କ ଗଳ୍ପ; ଯେତେ ଦୂର ସେତେ ପାଖ, ଆଖିର ଲୁଚକାଳି, ଅଦ୍ଭୁତ ପ୍ରାଣୀ ଜଗତ, ବିଜ୍ଞାନ ରହସ୍ୟ, ବିଜ୍ଞାନ ବୋଧ, ବୁଦ୍ଧି ପରୀକ୍ଷା, ଆମେ ଅକାଳକୁ ଡାକି ଆଣିଛୁ । ପାଗଳା ଆମ୍ବ, କମ୍ପ୍ୟୁଟର ପରିଚୟ ଓ ଆମେ ଆଉ ଗଣତନ୍ତ୍ର ଭଳି ଜ୍ଞାନ ବିଜ୍ଞାନ ରଚନା; ଜନପ୍ରିୟ ବିଜ୍ଞାନରେ ୫୦୦ରୁ ଅଧିକ ଓ ରାଜନୈତିକ ବ୍ୟାପାର ଉପରେ ୨୦୦ ରୁ ଅଧିକ ପ୍ରବନ୍ଧ ପ୍ରକାଶିତ । ଇଂରାଜୀରେ ପୁସ୍ତକ ଏ ଗାଇଡ୍ ଟୁ ଷ୍ଟାମ୍ପ କଲେକ୍ଟିଂ, ପୋଷ୍ଟାଲ୍ ହିଷ୍ଟରି, ରେସ୍‌ପନ୍‌ସିଭ୍ ଆଡମିନିଷ୍ଟ୍ରେସନ୍ ।

ଭାରତୀୟ ଫିଲାଟେଲିକ କଂଗ୍ରେସର ପ୍ରେସିଡେଣ୍ଟ, ନାସ୍‌ନାଲ କମିଶନର ରୂପେ ଆର୍ଜେଣ୍ଟିନା ଓ କାନାଡାରେ ବିଶ୍ୱ ପ୍ରଦର୍ଶନୀରେ ଭାରତର ପ୍ରତିନିଧିତ୍ୱ । ବିଶ୍ୱ ଫିଲାଟେଲିକ ପ୍ରଦର୍ଶନୀରେ ସ୍ୱର୍ଣ୍ଣାଭ (ଭର୍ମେଲ) ପଦକ । ଡାକଟିକଟ ସଂଗ୍ରହ ସମ୍ବନ୍ଧୀୟ ପତ୍ରିକାର ସମ୍ପାଦନା : ଷ୍ଟାମ୍ପସ ଏଣ୍ଡ ଷ୍ଟାମ୍ପସ, ସିଗ୍‌ନେଟ୍, (ଏବଂ ସମ୍ପ୍ରତି ବନ୍ଦ ଥିବା ସାଧାରଣଜ୍ଞାନ) ।

ସାମାଜିକ ସେବାରେ : ରାଉରକେଲାସ୍ଥ ଡଲ୍ ହାଉସ୍ ଓ ହୋପ୍ ଆଣ୍ଡ ହୋମ୍‌ର ପ୍ରତିଷ୍ଠାରେ ଭାଗ । ସାହିତ୍ୟ ଓ ସାଂସ୍କୃତିକ ବ୍ୟାପାରରେ ବହୁତ ସଂସ୍ଥା ସହ ଜଡିତ ।

ସାହିତ୍ୟିକ ସ୍ୱୀକୃତି : ଶ୍ରେଷ୍ଠ ଗାଳ୍ପିକ, ସର୍ବଭାରତୀୟ କ୍ଷୁଦ୍ରଗଳ୍ପ ପୁରସ୍କାର, 'ସଂସାର'ର ସମ୍ମାନ, ନୀଳଶୈଳ ସମ୍ମାନ, ପଠାଣୀ ସାମନ୍ତ ବିଜ୍ଞାନ ପ୍ରତିଭା ପୁରସ୍କାର, ଡକ୍ଟର ଗୋପାଳ ଚନ୍ଦ୍ର ପଟ୍ଟନାୟକ ପୁରସ୍କାର, ଡକ୍ଟର୍ସ ଇଣ୍ଟରନ୍ୟାସ୍‌ନାଲ ଦ୍ୱାରା ସମ୍ମାନିତ, ଡକ୍ଟର ପ୍ରାଣକୃଷ୍ଣ ବିଜ୍ଞାନ ପୁରସ୍କାର, ସାହିତ୍ୟ ସାଧନା ସମ୍ମାନ, ବିଷୁବ ସମ୍ମାନ, ଆଦିକବି ସାହିତ୍ୟ ସମ୍ମାନ, ଆଦି ।

ସାଧାରଣ ସ୍ୱୀକୃତି : ସଜ୍ଜନ, ସମ୍ମାନ, ବିଦ୍ୟାରତ୍ନ ଉପାଧି ।

ISBN 81-7400-254-5